# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୧୦/୨୦୨୨ (୧୪ ପୃଷ୍ଠା) | Bhubaneswar, Monday, October 10/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୩୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 314 | ମୂଲ୍ୟ ₹୭/-





**ମାଳଦ୍ୱୀପରେ ରଶ୍ମିକା**

ବଲିଉଡ୍ ଅଭିନେତ୍ରୀ ରଶ୍ମିକା ମନ୍ଦାନା ନାୟକ ବିଜୟ ଦେବରକୋଣ୍ଡାଙ୍କ ସହ ମାଳଦ୍ୱୀପରେ ଛୁଟି କାଟୁଛନ୍ତି। **୧୦**

**୧୪** **ଜାପାନିଜ ଗ୍ରାଁପ୍ରି ଜିତିଲେ ଭର୍ଷ୍ଟାପେନ୍**

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ସୁଜୁକାଠାରେ ଜାପାନିଜ ଫର୍ମୁଲା ୱାନ ଗ୍ରାଁପ୍ରିରେ ବିଜୟ ହାସଲ କରିଛନ୍ତି।




# ଭାରତରେ ୪୬୨ ବିଷାକ୍ତ ଔଷଧ

**୨୦୧୯-୨୦ରେ ଭାରତରେ ମୋଟ ୮୧,୩୨୯ ଔଷଧର ନମୁନା ଯାଞ୍ଚ କରାଯାଇଥିଲା। ସେଥିରୁ ୨,୪୯୭ ନମୁନା ଉପଯୁକ୍ତ ମାନର ହୋଇ ନ ଥିବା ଜଣାପଡ଼ିଥିଲା। ୧୯୯ ଔଷଧର ନମୁନାରେ ବିଷାକ୍ତ ପଦାର୍ଥ ଥିବା ସ୍ପଷ୍ଟ ହୋଇଥିଲା। ସେହିପରି ୨୦୨୦-୨୧ରେ ଯାଞ୍ଚ କରାଯାଇଥିବା ୮୪,୮୭୪ ନମୁନାରୁ ୨,୬୫୨ ଉପଯୁକ୍ତ ମାନର ହୋଇ ନ ଥିବାବେଳେ ୨୬୩ ବିଷାକ୍ତ ହୋଇଥିବା କୁହାଯାଇଛି। ଭେଜାଲ ମେଡିସିନ କାରବାର ଅଭିଯୋଗରେ ୨୦୧୯-୨୦ରେ ୨୨୦ ଓ ୨୦୨୦-୨୧ରେ ୧୬୪ ଜଣଙ୍କୁ ଗିରଫ କରାଯାଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି।**



ନୂଆଦିଲ୍ଲୀ,୯।୧୦

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ)ର ଏକ ଗବେଷଣା ଅନୁସାରେ ନିମ୍ନ ଓ ମଧ୍ୟମ ଆୟକାରୀ ରାଷ୍ଟ୍ରଗୁଡ଼ିକରେ ପ୍ରତି ୧୦ଟି ମେଡିସିନରୁ ଗୋଟିଏ ନିମ୍ନମାନର କିମ୍ବା ଅନୁପଯୁକ୍ତ। ଅର୍ଥାତ୍ ରୋଗ ଉପଶମ କିମ୍ବା ନିରାକରଣ କରୁ ନ ଥିବା ଔଷଧକୁ ଲୋକେ ସେବନ କରୁଛନ୍ତି। ଏଥିଯୋଗୁ ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷକରି ଦୁର୍ବଳ ଶ୍ରେଣୀର ଲୋକେ ଏହି ନକଲି ଔଷଧ କିଣି ତଳିତଳାନ୍ତ ହେଉଛନ୍ତି। ବିଶ୍ୱର ତୃତୀୟ ଔଷଧ ପ୍ରସ୍ତୁତକାରୀ ରାଷ୍ଟ୍ର ଭାରତରେ ବାର୍ଷିକ ୫୫ ବିଲିୟନ ଡଲାର ମୂଲ୍ୟର ମେଡିସିନ ବ୍ୟବସାୟ ହେଉଥିବାବେଳେ ନକଲି ଓ ନିମ୍ନମାନର ଔଷଧ ଜନସ୍ୱାସ୍ଥ୍ୟ ଓ ଦେଶର ଅର୍ଥନୀତି ପାଇଁ ଚିନ୍ତାବୃଦ୍ଧିର କାରଣ ପାଲଟିଛି। ଗତବର୍ଷ ଆସୋଚାମ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଭାରତରେ ଉତ୍ପାଦିତ ୨୫% ଔଷଧ ନକଲି କିମ୍ବା ନିମ୍ନମାନର, ଯାହାକି ବିଶ୍ୱର ମୋଟ ଜାଲ୍ ମେଡିସିନର ୩୫ ପ୍ରତିଶତ। ନିକଟରେ ହରିୟାଣାର ଏକ ଫାର୍ମା କମ୍ପାନୀ ଦ୍ୱାରା ପ୍ରସ୍ତୁତ କଫ୍ ସିରପ୍ ସେବନ କରି ଆଫ୍ରିକୀୟ ରାଷ୍ଟ୍ର ଗାମ୍ବିଆରେ ୬୬ ଶିଶୁଙ୍କ ମୃତ୍ୟୁ ଘଟିଥିବା ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ପକ୍ଷରୁ ସ୍ପଷ୍ଟ କରାଯିବା ପରେ ଦେଶରେ ଧରପଗଡ଼ ଆରମ୍ଭ ହୋଇଛି। ଏଭଳି ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଶୁକ୍ରବାର ଏକ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ଉକ୍ତ ତଥ୍ୟ ଅନୁଯାୟୀ ୨୦୧୯-୨୧ ମଧ୍ୟରେ ଦେଶର ୪୬୨ ଔଷଧ ନମୁନାରେ ବିଷାକ୍ତ ପଦାର୍ଥ ଠାବ କରାଯାଇଥିଲା। ଏହି ଭେଜାଲ ଓ ଅପମିଶ୍ରିତ ଔଷଧ କାରବାର କରିବା ଅଭିଯୋଗରେ ୩୮୪ ଜଣଙ୍କୁ ଗିରଫ କରାଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ କେନ୍ଦ୍ର ସରକାର ଔଷଧ ବ୍ୟବସାୟର ଆଇନଗତ ନିୟମଗୁଡ଼ିକୁ ଶକ୍ତ କରିବା ସମେତ ଅନେକ ପଦକ୍ଷେପ ନେଇଛନ୍ତି। ଔଷଧ ଉତ୍ପାଦନକାରୀ କମ୍ପାନୀ ଓ ନିୟନ୍ତ୍ରକ ଅଧିକାରୀମାନଙ୍କ ଉଦ୍ଦେଶ୍ୟରେ କର୍ମଶାଳା, ତାଲିମ କାର୍ଯ୍ୟକ୍ରମଗୁଡ଼ିକ ଆୟୋଜନ କରାଯାଉଛି।

ନିକଟରେ ପାର୍ଲାମେଣ୍ଟରେ ସରକାରଙ୍କ ପକ୍ଷରୁ ଉପସ୍ଥାପିତ ତଥ୍ୟ ଅନୁଯାୟୀ ୨୦୧୯ ପରଠାରୁ ଦେଶରେ ଔଷଧର ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ଅନେକ ନିୟାମକ ପଦକ୍ଷେପ ଗ୍ରହଣ କରାଯାଇଛି। ଭାରତରେ ଉତ୍ପାଦିତ କିମ୍ବା ଏଠାରୁ ଅନ୍ୟ ଦେଶକୁ ରପ୍ତାନି ହେଉଥିବା ପ୍ରତ୍ୟେକ ଆକ୍ଟିଭ୍ ଫାର୍ମାସ୍ୟୁଟିକାଲ୍ ଇନ୍‌ଗ୍ରେଡିଏଣ୍ଟ(ବଲ୍କ ଡ୍ରଗ୍)ର ବେବେଲ୍‌ରେ କୁଇକ୍ ରେସ୍‌ପନ୍ସ କୋଡ୍ ରଖିବା ପାଇଁ ଡ୍ରଗ୍ସ ରୁଲ୍ସ, ୧୯୪୯ରେ ସଂଶୋଧନ ଅଣାଯାଇଛି। ମେଡିସିନ୍‌ରେ ପ୍ରଦତ୍ତ ତଥ୍ୟରେ ୟୁନିକ୍ ପ୍ରଡକ୍ଟ ଆଇଡେଣ୍ଟିଫିକେଶନ୍ କୋଡ୍, ବ୍ୟାଚ୍ ନମ୍ବର, ମାନୁଫାକ୍ଚରିଂ ଡେଟ୍, ଏକ୍ସପାଏରି ଡେଟ୍ ଆଦି ରହିବା ବାଧ୍ୟତାମୂଳକ କରାଯାଇଛି। କୌଣସି ଔଷଧର ଗୁଣବତ୍ତା ପାଇଁ ତାକୁ ବିକ୍ରି ବା ବିତରଣ କରୁଥିବା ବ୍ୟକ୍ତି ☞ପୃଷ୍ଠା-୪

## ଖେଳପଡ଼ିଆରେ ବଜ୍ରପାତ, ୨ ମୃତ

ସୁନ୍ଦରଗଡ଼/ନୂଆଗାଁ, ୯।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ କନ୍ଦରକେଲା ପଞ୍ଚାୟତର ବନେଇଲତା ଗ୍ରାମରେ ରବିବାର ଅପରାହ୍ନରେ ଫୁଟ୍‌ବଲ ଟୁର୍ନାମେଣ୍ଟ ଚାଲିଥିବାବେଳେ ବଜ୍ରପାତ ଘଟି ୨ ଖେଳାଳିଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ନାବାଳକ ଓ ଜଣେ ଯୁବକ ରହିଛନ୍ତି। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଖେଳାଳି ଓ ଦର୍ଶକ ରହିଛନ୍ତି। ସେମାନଙ୍କୁ ରାଉରକେଲାସ୍ଥିତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି। ମୃତକ ହେଲେ ମାଇକେଲ ସୂରିନ (୧୫) ଓ ଅଜୟ ଲାଖୁଆ(୨୪)। ଉଭୟଙ୍କ ଘର ନିକଟସ୍ଥ କୁଆଁରମୁଣ୍ଡା ବ୍ଲକ ପୁଟରିଖମଣ ପଞ୍ଚାୟତର ବାରତାଗୁଟୁ ଗ୍ରାମରେ। ବନେଇଲତା ଗ୍ରାମ ଖେଳପଡ଼ିଆରେ ପ୍ରତି ରବିବାର ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ଟୁର୍ନାମେଣ୍ଟ ହୋଇଥାଏ। ଅପରାହ୍ନରେ ଖେଳ ଚାଲିଥିବାବେଳେ ହଠାତ୍ ବର୍ଷା ସହ ବଜ୍ରପାତ ☞ପୃଷ୍ଠା-୪

**୨୦ରୁ ଊର୍ଦ୍ଧ୍ୱ ଆହତ**

**ଆଜିର ସମ୍ପାଦକୀୟ**

**ତେଲଙ୍ଗାନାରୁ ଭାରତ**

## ଓଡ଼ିଶାରେ ନକଲି ଟେଲ୍‌ମା-୪୦

କଟକ ଅଫିସ,୯।୧୦

ଉଚ୍ଚ ରକ୍ତଚାପ ଓ ହୃଦ୍‌ରୋଗ ପାଇଁ ବ୍ୟବହୃତ ହେଉଥିବା ଟେଲ୍‌ମା-୪୦ ଓ ଟେଲ୍‌ମା- ଏଲ୍ଏମ୍ ଟାବ୍‌ଲେଟକୁ ନକଲି କରି ଓଡ଼ିଶାରେ ବିକ୍ରି କରାଯାଉଥିବା ଗତ ମାସରେ ଜଣାପଡ଼ିଥିଲା। ଜନୈକ ବ୍ୟକ୍ତିଙ୍କ ଅଭିଯୋଗକୁ ଭିତ୍ତିକରି ସେପ୍ଟେମ୍ବର ୭ ତାରିଖରେ କଟକ ପୁରୀଘାଟ ଥାନା ଅନ୍ତର୍ଗତ ମାଣିକ ଘୋଷ ବଜାରସ୍ଥିତ ୨ମେଡିସିନ୍ ଷ୍ଟକିଷ୍ଟଙ୍କ ଗୋଦାମରେ ଡ୍ରଗ୍ସ କଣ୍ଟ୍ରୋଲ ଅଧିକାରୀ ଚଢ଼ାଉ କରିଥିଲେ। କ୍ୟୁଆର୍ କୋଡ୍ ଯାଞ୍ଚ ସମୟରେ ଗୋଟିଏ ନାମୀ ମେଡିସିନ କମ୍ପାନୀର ଲୋଗୋକୁ ପୂରା ନକଲି କରାଯାଇଥିବା ଜଣାପଡ଼ିଥିଲା। ପରେ ଉକ୍ତ ୨ ଟାବ୍‌ଲେଟର ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ଏଥିସହ ସମ୍ପୃକ୍ତ ନାମୀ ମେଡିସିନ୍ କମ୍ପାନୀକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିଠି କରାଯାଇଥିଲା। ଚିଠିର ଉତ୍ତରରେ ଉକ୍ତ କମ୍ପାନୀ ☞ପୃଷ୍ଠା-୪

## ମୁଲାୟମଙ୍କ ସ୍ୱାସ୍ଥ୍ୟାବସ୍ଥା ଗମ୍ଭୀର



ନୂଆଦିଲ୍ଲୀ,୯।୧୦

ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବା ରବିବାର ଗୁରୁଗ୍ରାମର ମେଦାନ୍ତା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଇଣ୍ଟେନ୍‌ସିଭ କେୟାର ୟୁନିଟ୍ (ଆଇସିୟୁ)ରେ ଥିବା ମୁଲାୟମଙ୍କୁ ଜୀବନ ରକ୍ଷାକାରୀ ଔଷଧ ଦିଆଯାଉଛି। ☞ପୃଷ୍ଠା-୪






# ଅର୍ଚ୍ଚନା ଏବଂ ଅଧିକାରୀ

ଭୁବନେଶ୍ୱର,୯।୧୦(ବ୍ୟୁରୋ)

ରାଜ୍ୟର ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗ ଗିରଫ ଘଟଣାକୁ ନେଇ ବର୍ତ୍ତମାନ ଗୋଟିଏ ପରେ ଗୋଟିଏ କଥା ସାମ୍ନାକୁ ଆସିବାରେ ଲାଗିଛି। ବଡ଼ବଡ଼ିଆଙ୍କୁ ପ୍ରେମ ଜାଲରେ ପକାଇ ସେମାନଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତ ସମୟର ଭିଡିଓ କରିବା ପରେ ତାକୁ ଧରି ଅର୍ଚ୍ଚନା ବ୍ଲାକ୍‌ମେଲ୍ କରୁଥିବା କୁହାଯାଉଛି। ଏହାରି ଭିତରେ ବିଜେଡି ନେତା ସୂର୍ଯ୍ୟନାରାୟଣ ପାତ୍ର, ଏମ୍‌ପି ଜୁଏଲ ଓରାମଙ୍କ ସହ ତାଙ୍କର ଫଟୋକୁ ନେଇ କେତେକ ଗଣମାଧ୍ୟମ ଖବର ପ୍ରସାରଣ କରୁଛନ୍ତି। ଏବେ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ସହ ଅର୍ଚ୍ଚନାଙ୍କ ସ୍ୱାମୀ ଉଠାଇଥିବା ଏକ ଫଟୋ ମଧ୍ୟ ଭାଇରାଲ ହେଉଥିବାବେଳେ ପୂର୍ବତନ ବିଧାୟକ କନକବର୍ଦ୍ଧନ ସିଂ ଦେଓ ମଧ୍ୟ ଅର୍ଚ୍ଚନାଙ୍କ ବ୍ଲାକମେଲିଂର ଶିକାର ହୋଇଥିବା ନେଇ ନିର୍ଦ୍ଦିଷ୍ଟ କେତେକ ଗଣମାଧ୍ୟମ ଖବର ପ୍ରସାରଣ କରିସାରିଲେଣି। ଏବେ ଦେଖାଯାଉଛି କେବଳ କେତେଜଣ ରାଜନୈତିକ ବ୍ୟକ୍ତି ଏବଂ ଏକ ବୃହତ୍ ଗହଣା ଦୋକାନୀଙ୍କ ପୁଅଙ୍କ ସମ୍ପର୍କରେ ଖବର ପ୍ରକାଶ କରାଯାଉଛି। ତେବେ ତାଲିକା ସେଇଠି


ଅର୍ଚ୍ଚନା ନାଗ

ସରୁନାହିଁ। ଅର୍ଚ୍ଚନା ଅନେକ ଝିଅଙ୍କୁ ହାତେଇ ବିଭିନ୍ନ ଲୋକଙ୍କ ସେବା କରାଉଥିଲେ। ଅର୍ଚ୍ଚନାଙ୍କ ଜାଲରେ ପ୍ରଶାସନିକ ଅଧିକାରୀ ମଧ୍ୟ ପଡ଼ିଥିଲେ ବୋଲି କୁହାଯାଉଛି। ନେତାଙ୍କ ସହ ଅର୍ଚ୍ଚନାଙ୍କ ସମ୍ପର୍କ ଥିଲା ବୋଲି ଦର୍ଶାଯାଇ ସେମାନଙ୍କ ଫଟୋ ବାହାରକୁ ଆସୁଥିବାବେଳେ ପ୍ରଶାସନିକ ଅଧିକାରୀଙ୍କ ସମ୍ପର୍କରେ ପଦୁଟିଏ କଥା ବାହାରକୁ ଛଡ଼ାଯାଉ ନ ଥିବା ଏବେ ପରିଲକ୍ଷିତ ହେଉଛି। ଯେଉଁ କେତୋଟି ଓଡିଆ ଗଣମାଧ୍ୟମ ଜନତାଙ୍କ ଦୃଷ୍ଟିକୁ ଭିନ୍ନବାଟରେ ନେବା ପାଇଁ ଲାଗିପଡିଛନ୍ତି ସେମାନଙ୍କ ମାଲିକମାନେ ରାଜନୈତିକ ଦୃଷ୍ଟିକୋଣରୁ ଏକଘରିଆ ହୋଇପଡିଥିବାରୁ କ୍ଷମତାର ନିକଟତର ହେବା ପାଇଁ ପ୍ରାଣପଣେ ଚେଷ୍ଟା କରୁଛନ୍ତି। ଜାଣିଶୁଣି ପ୍ରଶାସନିକ ଅଧିକାରୀଙ୍କୁ ସୁରକ୍ଷା ଦେବାକୁ ଯାଇ ନେତାଙ୍କ ସମ୍ପର୍କରେ କେତେକ ଗଣମାଧ୍ୟମ ଜରିଆରେ ଖବର ପ୍ରସାରଣ କରାଯାଉଛି ବୋଲି ଚର୍ଚ୍ଚା ହେଉଛି। ଏହାରି ଭିତରେ ରବିବାର ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ କହିଛନ୍ତି, ଏହି ଘଟଣାରେ କେଉଁ ଆଇପିଏସ୍ ଓ ଆଇଏଏସ୍ ଅଧିକାରୀ ସମ୍ପୃକ୍ତ ଅଛନ୍ତି ତା'ର ତଦନ୍ତ ହେବା ଦରକାର।

ଅନ୍ୟପଟେ ଯଦି ଏହି ଘଟଣାରେ ପ୍ରଶାସନିକ ଅଧିକାରୀ କିମ୍ବା ଆଇପିଏସ୍ ଅଧିକାରୀଙ୍କ ସମ୍ପୃକ୍ତି ନାହିଁ ତେବେ କାହିଁକି ଏ କଥାରେ ପୋଲିସ ପାଟି ☞ପୃଷ୍ଠା-୪

# ଆଖିରୁ ଜଣାପଡ଼ିବ ହୃଦ୍‌ଘାତ ଆଶଙ୍କା

## ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ଆଖି ଟେଷ୍ଟ କରିବ 'କ୍ୱାର୍ଜ'

ଲଣ୍ଡନ, ୯।୧୦

ବିଶ୍ୱରେ ହୃଦ୍‌ଘାତଜନିତ ମୃତ୍ୟୁସଂଖ୍ୟା ଉଦ୍‌ବେଗଜନକ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ଅନୁସାରେ ପ୍ରତିବର୍ଷ ବିଶ୍ୱବ୍ୟାପୀ ପ୍ରାୟ ୧ କୋଟି ୮୦ ଲକ୍ଷ ଲୋକଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟୁଛି। ଭାରତରେ ଯୁବବର୍ଗଙ୍କଠାରେ ଏଭଳି ସ୍ୱାସ୍ଥ୍ୟସଙ୍କଟ ଚିନ୍ତାର କାରଣ ପାଲଟିଥିବାବେଳେ ସମୟ ଆଗରୁ ଲୋକଙ୍କ ହୃଦ୍‌ରୋଗ ଆଶଙ୍କା କିମ୍ବା ଏଥିରେ କେହି ପୀଡ଼ିତ ଅଛନ୍ତି କି ନାହିଁ ତାହା ଜାଣିବା ପାଇଁ ବୈଜ୍ଞାନିକମାନେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)ର ବ୍ୟବହାର କରିଛନ୍ତି। ଏଆଇ ସକ୍ଷମ ଏକ ଉପକରଣ ଦ୍ୱାରା କେବଳ ଆଖି ପରୀକ୍ଷାରୁ ଜଣଙ୍କଠାରେ ହୃଦ୍‌ରୋଗ ଆଶଙ୍କା କେତେ ତାହା ଜଣାପଡ଼ିବ। ଏହାଦ୍ୱାରା ସମୟ ପୂର୍ବରୁ ଜଣେ ଆବଶ୍ୟକ ଚିକିତ୍ସା ଏବଂ ଜୀବନଶୈଳୀ ଆପଣାଇପାରିବ ବୋଲି କୁହାଯାଇଛି। ଏ ସଂକ୍ରାନ୍ତୀୟ ଏକ ଗବେଷଣା ରିପୋର୍ଟ ବ୍ରିଟିଶ ଜର୍ନାଲ ଅଫ୍ ଅପ୍‌ଥାଲ୍‌ମୋଲୋଜିରେ ପ୍ରକାଶ ପାଇଛି।





ଏଆଇ ଟେକ୍ନୋଲୋଜି ସକ୍ଷମ ଏକ ଉପକରଣ 'କ୍ୱାର୍ଜ' ରେଟିନା ସ୍କାନ୍ କରି ୧ ମିନିଟ୍‌ରୁ ବି କମ୍ ସମୟରେ ହୃଦ୍‌ରୋଗ ବିଷୟରେ କହିପାରିବ ବୋଲି ଗବେଷଣାରୁ ଜଣାପଡ଼ିଛି। କୌଣସି ରକ୍ତ ପରୀକ୍ଷା କିମ୍ବା ରକ୍ତଚାପ ଟେଷ୍ଟ ବିନା ମଧ୍ୟ ଏହି ସ୍କାନିଂ ରିପୋର୍ଟ ହୃଦ୍‌ରୋଗ ସମ୍ବନ୍ଧୀୟ ଠିକ୍ ତଥ୍ୟ ଦେଇପାରିବ। ରେଟିନା ସ୍କାନ୍‌ରେ ଆଖିରେ ରକ୍ତ ସଞ୍ଚାଳନର ମାତ୍ରାରୁ ଜଣଙ୍କ ହୃଦ୍‌ଘାତ ହେବା ଆଶଙ୍କା କେତେ ରହିଛି ତାହା ଜଣାପଡ଼ିବ ବୋଲି ଗବେଷକମାନେ କହିଛନ୍ତି। ବ୍ରିଟେନ ବାୟୋବ୍ୟାଙ୍କରେ ଭାଗ ନେଇଥିବା ୮୮,୦୫୨ ଜଣଙ୍କ ଉପରେ ଏହି ଉପକରଣ ଦ୍ୱାରା ପରୀକ୍ଷଣ କରାଯାଇଥିଲା। ୪୦ରୁ ୬୯ ବର୍ଷୀୟ ଏହି ଅଂଶଗ୍ରହଣକାରୀଙ୍କ ଆଖି ସ୍କାନ୍ କରାଯାଇଥିଲା। ରେଟିନାରେ ରକ୍ତ ସଞ୍ଚାଳନ, ଶିରା ଧମନୀର ଆକାର ତଥା ଏଥିରେ ରକ୍ତ ପ୍ରବାହ ବେଳେ ଏହାର ଚଉଡ଼ା କେତେ ରହୁଛି ତାହା ନିରୀକ୍ଷଣ ☞ପୃଷ୍ଠା-୪




**ପାଉଁଜି ପାଇଁ ବୃଦ୍ଧାଙ୍କ ପାଦ କାଟିଦେଲେ**

ରାଜସ୍ଥାନ ଜୟପୁରର ମିନା କଲୋନୀରେ ରହୁଥିବା ୧୦୦ ବର୍ଷୀୟା ଯମୁନା ଦେବୀଙ୍କ ପାଦ ହାଣି ଦେଇଛନ୍ତି କେତେଜଣ ଦୁର୍ବୃତ୍ତ। ରବିବାର ସକାଳେ ଯମୁନା ରକ୍ତାକ୍ତ ଅବସ୍ଥାରେ ଘର ବାହାରେ ପଡ଼ିଥିବାର ସେ ରହୁଥିବା ଘରର ମାଲିକ ଦେଖିଥିଲେ। ପରେ ବୃଦ୍ଧାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଯମୁନା ଦେବୀ କୌଣସି କାମରେ ଘର ବାହାରେ ଥିବାବେଳେ କେତେଜଣ ଦୁର୍ବୃତ୍ତ ତାଙ୍କ ପାଉଁଜି ନେବା ପାଇଁ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ପାଦ କାଟି ଦେଇଥିବା ସ୍ଥାନୀୟ ପୋଲିସ କହିଛି। ସିସିଟିଭି ଫୁଟେଜ୍ ଆଧାରରେ ଘଟଣାର ତଦନ୍ତ ଜାରି ରହିଛି।



ନ୍ୟୁୟର୍କ ସିଟିର ଫୋଲେ ସ୍କୋୟାରରେ ମହିଳାଙ୍କ ଗର୍ଭପାତ ଅଧିକାର ସପକ୍ଷରେ ବିଶାଳ ଶୋଭାଯାତ୍ରା।

# ଗର୍ଭପାତ ଅଧିକାର ଫେରାଇଦିଅ

ନ୍ୟୁୟର୍କ,୯।୧୦

ନଭେମ୍ବର ୮ରେ ଆମେରିକାରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ବିକ୍ଷୋଭକାରୀମାନେ ନିଜ ଶରୀର ସମ୍ପର୍କିତ ନିଷ୍ପତ୍ତି ନିଜେ ନେବା ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି। କଂଗ୍ରେସ ଉପରେ ଶାସକ ଡେମୋକ୍ରାଟମାନେ ନିଜ ନିୟନ୍ତ୍ରଣକୁ ମଜଭୁତ କରିବା ପାଇଁ ସଂଘର୍ଷ ଜାରି ରଖିଥିବାବେଳେ ଏହି ନିର୍ବାଚନ ଏପରି ଅଧିକାରର ଭବିଷ୍ୟତ ଉପରେ ନିର୍ଣ୍ଣାୟକ ପ୍ରଭାବ ପକାଇପାରେ। ଏହି ପରିପ୍ରେକ୍ଷୀରେ ଅଣଲାଭକାରୀ ସଙ୍ଗଠନ ଓମେନ୍ସ ମାର୍ଚ୍ଚ ଅର୍ଗାନାଇଜେଶନ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ରଚେଲ ଓ'ଲେଆରି କାର୍‌ମୋନା ଟୁଇଟ୍ କରିଛନ୍ତି, ପ୍ରତ୍ୟେକ ଗର୍ଭପାତ ବିରୋଧୀ ରାଜନେତାଙ୍କ ପାଇଁ ମହିଳାମାନଙ୍କ ହ୍ୱାଓ୍ୱା ବହିବାକୁ ଆସୁଛି। ପ୍ରକାଶ ଯେ, ମହିଳାଙ୍କ ଗର୍ଭପାତ ଅଧିକାର ନେଇ ରହିଆସିଥିବା ଅର୍ଦ୍ଧଶତାବ୍ଦୀ ପୁରୁଣା ସାମ୍ବିଧାନିକ ଅଧିକାରକୁ ଗତ ଜୁନ୍‌ରେ ଆମେରିକା ସୁପ୍ରିମକୋର୍ଟ ଉଚ୍ଛେଦ କରିଥିଲେ। ଏହା ଉପରେ ରାଜ୍ୟଗୁଡ଼ିକର ନିଜସ୍ୱ ନିୟମ ଅନୁସାରେ ମହିଳାମାନେ ପରିଚାଳିତ ହେବେ ବୋଲି ଅଦାଲତ ରୋ ବନାମ ୱେଡ୍ ମାମଲାର ରାୟରେ ସ୍ପଷ୍ଟ କରିବା ପରଠୁ ଦେଶରେ ଗର୍ଭପାତ ସପକ୍ଷବାଦୀଙ୍କ ଆନ୍ଦୋଳନ ମୁଣ୍ଡ ଟେକିଛି। ଏକ ସଦ୍ୟ ଘଟଣାକ୍ରମରେ ଶୁକ୍ରବାର ଆରିଜୋନାସ୍ଥିତ ଏକ ଅପିଲ କୋର୍ଟ ଏହି ଦକ୍ଷିଣପଶ୍ଚିମ ରାଜ୍ୟରେ ଗର୍ଭପାତ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିଛନ୍ତି।

# 'ମୋ ସ୍ତ୍ରୀଙ୍କୁ ମାରନାହିଁ, ସେ ଗର୍ଭବତୀ'

ତେହରାନ,୯।୧୦

ଇରାନର ରଫସାନଜାନ୍ ସହରରେ ଜଣେ ବ୍ୟକ୍ତି ପୋଲିସ ବର୍ବରତାରୁ ନିଜ ସ୍ତ୍ରୀଙ୍କୁ ରକ୍ଷା କରିବାକୁ ଯାଇ ଚିତ୍କାର କରୁଛନ୍ତି, ମୋ ସ୍ତ୍ରୀଙ୍କୁ ମାରନାହିଁ, ସେ ଗର୍ଭବତୀ ଅଛନ୍ତି। ରାଜଧାନୀ ତେହରାନସ୍ଥିତ ଏକ ହାଇସ୍କୁଲରେ ସୁରକ୍ଷା ବଳ ଛାତ୍ରୀମାନଙ୍କ ଉପରେ ଦମନଲୀଳା ଚଳାଇଥିବା ଅନେକ ଭିଡିଓ ଟୁଇଟରରେ ବହୁଳ ପ୍ରସାରିତ ହୋଇଛି। ନରୱେର ଇରାନ ହ୍ୟୁମାନ୍ ରାଇଟ୍ସ ପକ୍ଷରୁ କୁହାଯାଇଛି ଯେ, ଦେଶବ୍ୟାପୀ ସରକାର ବିରୋଧୀ ଆନ୍ଦୋଳନ ବେଳେ ଅନ୍ୟୂନ ୧୯ ଶିଶୁଙ୍କ ସମେତ ୧୮୫ ଜଣଙ୍କ ମୃତ୍ୟୁ ଘଟିଲାଣି, ଯାହାଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ମହିଳା। ଅନ୍ୟପକ୍ଷେ ଇରାନର ଇବ୍ରାହିମ୍ ରଇସି ସରକାର ଏହି ବିକ୍ଷୋଭକୁ ଆମେରିକା ସମେତ ଅନ୍ୟ ଶତ୍ରୁରାଷ୍ଟ୍ରଗୁଡ଼ିକର ଷଡ଼ଯନ୍ତ୍ର ବୋଲି ଅଭିହିତ କରିଛନ୍ତି। ପ୍ରକାଶ ଯେ, ଉଚିତ ଢଙ୍ଗରେ ହିଜାବ ପିନ୍ଧି ନ ଥିବା ଦର୍ଶାଇ ଇରାନର ଧର୍ମୀୟ ବ୍ୟାପାର ପୋଲିସ ୨୨ ବର୍ଷୀୟା ମହସା ଅମିନୀଙ୍କୁ ପିଟି ହତ୍ୟା କରିବା ପରଠାରୁ ମୁଣ୍ଡ ଟେକିଥିବା ଆନ୍ଦୋଳନ ଏବେ ବିଭିନ୍ନ ଦେଶକୁ ବ୍ୟାପିସାରିଲାଣି। ବିକ୍ଷୋଭକାରୀମାନେ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇଙ୍କ ଇସ୍ତଫା ଦାବିରେ ଅଡ଼ିବସିଥିବାବେଳେ ପୋଲିସ ସେମାନଙ୍କୁ ଖୋଜି ଖୋଜି ଗୁଳି କରୁଛି। ଏହି ପରିପ୍ରେକ୍ଷୀରେ ଆମେରିକା ଓ କାନାଡା ଇରାନୀୟ କର୍ତ୍ତୃପକ୍ଷଙ୍କ ବିରୋଧରେ କଟକଣା ଜାରି କରିଥିବାବେଳେ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତି ସହ ଯାତ୍ରା ଉପରେ କଟକଣା ଲଗାଇବାକୁ ୟୁରୋପୀୟ ସଂଘ (ଇୟୁ) ବିଚାର କରୁଛି। ଯେଉଁମାନେ ମହିଳା ଓ ଝିଅଙ୍କୁ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ପିଟୁଛନ୍ତି, ଅପହରଣ କରି ମନମୁଖି ଜେଲରେ ଭରୁଛନ୍ତି ସେମାନେ ଇତିହାସର ଭୁଲ୍ ପାର୍ଶ୍ୱରେ ଛିଡ଼ା ହୋଇଛନ୍ତି ବୋଲି ଜର୍ମାନ ବହିର୍ବ୍ୟାପାର ମନ୍ତ୍ରୀ ଆନ୍ନାଲେନା ବେରବୋକ୍ ନିନ୍ଦା କରିଛନ୍ତି।

## ଇରାନ ଉପରେ କଟକଣା ଲଗାଇବ ଜର୍ମାନୀ


ଜର୍ମାନ ବହିର୍ବ୍ୟାପାର ମନ୍ତ୍ରୀ ଆନ୍ନାଲେନା ବେରବୋକ୍

# ଗର୍ଭବତୀ ପୀଡ଼ିତାଙ୍କୁ ଜାଳିଦେଲେ

## ୟୁପିରେ ଅମୁନି ବର୍ବରତା



- ଚଳନ୍ତା କାର୍‌ରେ ଛାତ୍ରୀଙ୍କୁ ବଳାତ୍କାର କଲେ ଡ୍ରାଇଭର
- ୨ ବର୍ଷ ପରେ ପ୍ରେମିକ ଘରୁ ଯୁବତୀଙ୍କ କଙ୍କାଳ ଜବତ
- ରାଜସ୍ଥାନରେ ଦଳିତ ମହିଳାଙ୍କୁ ନିଶା ଦେଇ ଗଣବଳାତ୍କାର

ଲକ୍ଷ୍ନୌ/ଜୟପୁର,୯।୧୦

ଉତ୍ତରପ୍ରଦେଶର ମୈନପୁରୀ ଜିଲାରେ ଜଣେ ଗର୍ଭବତୀ ଝିଅଙ୍କୁ ପୋଡ଼ି ମାରିଦିଆଯାଇଛି। ସେ ୩ ମାସ ପୂର୍ବରୁ ବଳାତ୍କାରର ଶିକାର ହୋଇ ଗର୍ଭବତୀ ହୋଇଥିଲେ। ପୋଲିସ ୩ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୀଡ଼ିତାଙ୍କ ମା'ଙ୍କ କହିବା ଅନୁଯାୟୀ ୩ ମାସ ତଳେ ତାଙ୍କ ଝିଅଙ୍କୁ ଅଭିଷେକ ନାମକ ଯୁବକ ବଳାତ୍କାର କରିଥିଲେ। ଝିଅ ଏନେଇ ଘରେ ଜଣାଇ ନ ଥିଲେ। ପେଟରେ ଯନ୍ତ୍ରଣା ହେବାରୁ ସେ ଗର୍ଭବତୀ ଥିବା ଜଣାପଡ଼ିଥିଲା। ଗତ ୬ ତାରିଖରେ ପଞ୍ଚାୟତ ବସି ପୀଡ଼ିତାଙ୍କୁ ବିବାହ କରିବା ପାଇଁ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ ଅଭିଯୁକ୍ତଙ୍କ ମା' ପୀଡ଼ିତାଙ୍କୁ ନିଜ ଘରକୁ ନେଇ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ହସ୍ପିଟାଲ ଓ ପରେ ସଇଫାଇ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଆଇପିସିର ଦଫା ୩୦୭, ୩୭୬ ଏବଂ ପୋକ୍ସୋ ଆଇନରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଖୋଜୁଛି। ସେହିପରି ସୁଲତାନପୁର ଅନ୍ତର୍ଗତ ଜୟସିଂପୁର ଅଞ୍ଚଳରେ ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଚଳନ୍ତା କାର୍‌ରେ ବଳାତ୍କାର କରାଯାଇଛି। ୨୩ ବର୍ଷୀୟା ବି.ଟେକ୍ ଛାତ୍ରୀ ଶୁକ୍ରବାର ସନ୍ଧ୍ୟାରେ ଘରକୁ ଫେରିବା ପାଇଁ ରାସ୍ତାରେ ଏକ ଏସ୍‌ୟୁଭିକୁ ଲିଫ୍ଟ ମାଗିଥିଲେ। ଡ୍ରାଇଭର ତାଙ୍କୁ କାର୍ ଭିତରେ ବଳାତ୍କାର କରି ଏକ କେନାଲକୁ ଫିଙ୍ଗିଦେଇଥିଲେ। ଅନ୍ୟ ଏକ ଘଟଣାରେ ଫିରୋଜାବାଦ ଜିଲା କିଥାଉତ୍ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ତାଙ୍କ ପ୍ରେମିକାଙ୍କ କଙ୍କାଳ ରବିବାର ଜବତ ହୋଇଛି। ୨୦୨୦ ନଭେମ୍ବର ୨୦ରେ ନିଜ ୨୨ ବର୍ଷୀୟା ଝିଅ ନିଖୋଜ ହୋଇଯାଇଥିବା ନେଇ ବିକ୍ରମ ସିଂ ଥାନାରେ ଏତଲା ଦେଇଥିଲେ। ସେବେଠୁ ଝିଅ ଓ ତାଙ୍କ ପ୍ରେମିକ ଗୌରବଙ୍କୁ ପୋଲିସ ଖୋଜୁଥିଲା। ଶନିବାର ଗୌରବ ଗିରଫ ହେବା ପରେ ନିଜ ଦୋଷ ମାନିଛନ୍ତି। ପ୍ରେମିକା ବିବାହ ପାଇଁ ତାଙ୍କ ଉପରେ ଚାପ ପକାଉଥିବାରୁ ସେ ତାଙ୍କୁ ଅପହରଣର ଦିନକ ପରେ ବିଷଦେଇ ହତ୍ୟା କରିଥିଲେ। ତାଙ୍କ ମୃତଦେହକୁ ନିଜ ଘର ଭିତରେ ପୋତିଦେଇ ଫେରାର ହୋଇଯାଇଥିବା ସ୍ୱୀକାର କରିଛନ୍ତି। ରାଜସ୍ଥାନରେ ମଧ୍ୟ ମହିଳା ବିରୋଧୀ ହିଂସା ବଢ଼ିବାରେ ଲାଗିଛି। ଆଜମେରରେ ଜଣେ ୨୫ ବର୍ଷୀୟା ଦଳିତ ମହିଳାଙ୍କୁ କିଛିଦିନ ଧରି ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ପୂଜକ ଅଛନ୍ତି। ମହିଳାଙ୍କୁ ଅନେକ ଦିନ ଧରି ଏକ ଘରେ ଅଟକ ରଖାଯାଇଥିଲା। ପୀଡ଼ିତାଙ୍କ ପରିବାରର ପୁରୋହିତ ସଞ୍ଜୟ ଶର୍ମା ଅପରାଧ ଘଟଣାର ଭିଡିଓ ରେକର୍ଡିଂ କରାଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ ମହିଳା ଜଣକ ଘରେ ଏକାକୀ ଥିବାବେଳେ ସଞ୍ଜୟ ପ୍ରଥମେ ବଳାତ୍କାର କରି ଏହାର ଭିଡିଓ ରେକର୍ଡିଂ କରାଇଥିଲେ। ପରେ ସେ ଉକ୍ତ ଭିଡିଓ ଦେଖାଇ ପୀଡ଼ିତାଙ୍କୁ ବ୍ଲାକ୍‌ମେଲିଂ କରିବା ସହ ଅର୍ଥ ଆଦାୟ କରୁଥିଲେ। ସେ ପୁଣିଥରେ କେତେଜଣଙ୍କ ସହ ମିଶି ପୀଡ଼ିତାଙ୍କୁ ନିଶା ଦେଇ ଗଣବଳାତ୍କାର କରିଥିବା ଆଜମେର ନର୍ଥର ଡିଏସ୍‌ପି ଛବି ଶର୍ମା କହିଛନ୍ତି।

## ଦେଶର ପ୍ରଥମ ୨୪ ଘଣ୍ଟିଆ ସୌର ଶକ୍ତିସମ୍ପନ୍ନ ଗ୍ରାମ ମୋଧେରା

**ଗାନ୍ଧୀନଗର,୯।୧୦:** ଗୁଜରାଟର ମୋଧେରା ଦେଶର ପ୍ରଥମ ସୌର ଶକ୍ତିସମ୍ପନ୍ନ ଗ୍ରାମ ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି। ରବିବାର ମୋଦି ଏକ ଦଳୀୟ ରାଲିକୁ ସମ୍ବୋଧନବେଳେ କହିଛନ୍ତି ଗୁଜରାଟର ମୋଧେରା ସୂର୍ଯ୍ୟମନ୍ଦିର ପାଇଁ ବେଶ୍ ପରିଚିତ କିନ୍ତୁ ବର୍ତ୍ତମାନ ଏହି ଗ୍ରାମ ସୌର ଶକ୍ତି ପାଇଁ ମଧ ଦେଶରେ ଜଣାଶୁଣା ହେବ। ସପ୍ତାହ ତମାମ ଦିନରାତି ୨୪ ଘଣ୍ଟା ଏଠାରେ ସୌର ଶକ୍ତି ଉତ୍ପନ୍ନ ହେବ। ଏ ନେଇ ଗ୍ରାମରେ ଏକ ଗ୍ରାଉଣ୍ଡ ମାଉଣ୍ଟେଡ୍ ସୋଲାର ପାୱାର ପ୍ଲାଣ୍ଟ ତିଆରି କରାଯାଇଥିବାବେଳେ ସରକାରୀ କାର୍ଯ୍ୟାଳୟ ଓ ଲୋକଙ୍କ ଘର ଛାତରେ ୧୩ ଶହ ସୋଲାର ସିଷ୍ଟମ ଖଞ୍ଜା ଯାଇଛି। ଚଳିତବର୍ଷ ଶେଷରେ ଭାଜପା ଶାସିତ ରାଜ୍ୟ ଗୁଜରାଟରେ ଆସେମ୍ବ୍ଲି ଇଲେକ୍ସନ କରାଯିବାର ସମ୍ଭାବନା ରହିଛି।

## ଛାତ ଭୁଶୁଡ଼ି ପରିବାରର ୯ ଜଣଙ୍କ ମୃତ୍ୟୁ

**ଇସ୍‌ଲାମାବାଦ,୯।୧୦:** ପାକିସ୍ତାନର ଗିଲ୍‌ଗିଟ ବାଲ୍ଟିସ୍ତାନ ଅନ୍ତର୍ଗତ ଚିଲାସ ସହରରେ ରବିବାର ସକାଳେ ଏକ ଘରର ଛାତ ଭୁଶୁଡ଼ି ପଡ଼ିବାରୁ ପରିବାରର ୯ ଜଣ ସଦସ୍ୟ ପ୍ରାଣ ହରାଇଛନ୍ତି। ମୃତକ ହେଲେ ଜଣେ ରେଷ୍ଟୁରାଣ୍ଟର ୱେଟରଙ୍କ ସ୍ତ୍ରୀ, ତାଙ୍କର ୪ ପୁଅ ଓ ୪ ଝିଅ। ଘର ଛାତ ଭୁଶୁଡ଼ିବା ସମୟରେ ୱେଟର ଜଣକ ରେଷ୍ଟୁରାଣ୍ଟରେ ଥିବାରୁ ବର୍ତ୍ତିଯାଇଛନ୍ତି। ଘର ଭୁଶୁଡ଼ିବା ଶବ୍ଦ ଶୁଣି ପଡୋଶୀମାନେ ଧାଇଁଯାଇଥିଲେ ହେଁ ପରିବାର ଲୋକଙ୍କୁ ଉଦ୍ଧାର କରିପାରି ନ ଥିଲେ।

## ଭିଏଚ୍‌ପି ରାଲିରେ ଘୃଣା ମନ୍ତବ୍ୟ

# 'ଆକ୍ରମଣକାରୀଙ୍କ ମୁଣ୍ଡ ହାତ କାଟିଦିଅ'

ନୂଆଦିଲ୍ଲୀ,୯।୧୦

ଦିଲ୍ଲୀରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି)ର ଏକ ରାଲି ଘୃଣା ଭାଷଣ ମଞ୍ଚରେ ପରିଣତ ହୋଇଛି। ଯେଉଁମାନେ ତୁମକୁ ଆକ୍ରମଣ କରୁଛନ୍ତି ସେମାନଙ୍କ ମୁଣ୍ଡ କାଟିବା ସହ ହାତ ହାଣିଦିଅ ବୋଲି ରାଲିରେ ଯୋଗଦେଇଥିବା ଜଗଦ୍‌ଗୁରୁ ଯୋଗେଶ୍ୱର ଆଚାର୍ଯ୍ୟ କହିଥିଲେ। କିଛିଦିନ ପୂର୍ବରୁ ଦିଲ୍ଲୀରେ ଜଣେ ୨୫ ବର୍ଷୀୟ ଯୁବକଙ୍କୁ ମୁସଲମାନ ସମ୍ପ୍ରଦାୟର କେତେଜଣ ହତ୍ୟା କରିଥିଲେ। ଏହାକୁ ଲକ୍ଷ୍ୟକରି ଜଗଦ୍‌ଗୁରୁ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଆକ୍ରମଣକାରୀଙ୍କୁ ଚିହ୍ନଟ କରି ମାର। ଆବଶ୍ୟକ ହେଲେ ସେମାନଙ୍କ ହାତ ଓ ମୁଣ୍ଡ କାଟିଦିଅ। ଏଥିପାଇଁ ଜେଲ ଯିବାକୁ ପଡ଼ିବ। କିନ୍ତୁ ଏହା ସେହି ତତ୍ତ୍ୱମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବ ବୋଲି ଯୋଗେଶ୍ୱର କହିଛନ୍ତି। ସେହିପରି ଅନ୍ୟତମ ବକ୍ତା ମହନ୍ତ ନୱାଲ କିଶୋର ଦାସ୍ ହିନ୍ଦୁମାନଙ୍କୁ ବନ୍ଧୁକ ରଖିବାକୁ କହିଛନ୍ତି। ଲାଇସେନ୍ସ ଥାଉ କି ନ ଥାଉ ବନ୍ଧୁକ ରଖିବାକୁ ସେ ପରାମର୍ଶ ଦେଇଛନ୍ତି। ଏହା ଏକ ଜନଆକ୍ରୋଶ ରାଲି। ଏଠାରେ କୌଣସି ସମ୍ପ୍ରଦାୟ ନୁହେଁ, ଜିହାଦି ତତ୍ତ୍ୱଙ୍କ ବିରୋଧରେ ବାର୍ତ୍ତା ଦିଆଯାଉଛି ବୋଲି ଭିଏଚ୍‌ପି ମୁଖପାତ୍ର ବିନୋଦ ବଂଶଲ କହିଛନ୍ତି। ଜିହାଦି ତତ୍ତ୍ୱଙ୍କଠାରୁ ରକ୍ଷା ପାଇବା ପାଇଁ ଆତ୍ମରକ୍ଷା କୌଶଳ ଆପଣାଇବା ଜରୁରୀ ବୋଲି ସେ ମତ ଦେଇଛନ୍ତି।

## ସ୍ପେସ୍‌ୱାକ୍ କରିବେ ଟମ୍ କ୍ରୁଶ୍



**ୱାଶିଂଟନ୍, ୯।୧୦:** ପୃଥିବୀରେ ଅନେକ ରିଅଲ୍ ଷ୍ଟଣ୍ଟ ଦେଖାଇସାରିଥିବା ହଲିଉଡ୍ ଷ୍ଟାର ଟମ୍ କ୍ରୁଶ୍ (୬୦) ଏବେ ତାଙ୍କ ପ୍ରଶଂସକଙ୍କୁ ଆହୁରି ଆଶ୍ଚର୍ଯ୍ୟ କରିବାକୁ ଯାଉଛନ୍ତି। ନିଜ ଆକ୍ସନ ପାଇଁ ପ୍ରସିଦ୍ଧ ଏହି ଅଭନେତା ନିଜ ଆଗାମୀ ଫିଲ୍ମ ପାଇଁ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନ ଯିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ସେଠାରେ ସେ ସ୍ପେସ୍ ୱାକ୍ କରିବେ। ଏପରି କରିବାରେ ଟମ୍ ପ୍ରଥମ ନାଗରିକ ତଥା ପ୍ରଥମ ଅଭିନେତା ହେବେ ବୋଲି କୁହାଯାଉଛି। ୟୁନିଭର୍ସାଲ ଷ୍ଟୁଡିଓର ଚେୟାରପର୍ସନ ଡାମେ ଡୋନା ଏକ ସାକ୍ଷାତ୍‌କାରରେ ଏହି ସୂଚନା ଦେଇଛନ୍ତି। ଟମ୍ ଫିଲ୍ମରେ ଜଣେ ସୁପରହିରୋ ଭୂମିକାରେ ନଜର ଆସିବେ ବୋଲି ଡୋନା କହିଛନ୍ତି।

## ୩୫ ବର୍ଷ ପରେ ବନ୍ଦ ଘରୁ ମୁକୁଳିଲେ ମହିଳା

ଲକ୍ଷ୍ନୌ,୯।୧୦

ଉତ୍ତର ପ୍ରଦେଶର ଫିରୋଜାବାଦ୍‌ରେ ଦୀର୍ଘ ୩୫ ବର୍ଷ ଧରି ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଏକ ଅଣସରକାରୀ ସଂଗଠନ (ଏନ୍‌ଜିଓ) ଉଦ୍ଧାର କରିଛି। ଚିକିତ୍ସା ପାଇଁ ମହିଳାଙ୍କୁ ଆଗ୍ରା ସ୍ଥିତ ମେଣ୍ଟାଲ ହସ୍ପିଟାଲରେ ଭର୍ତ୍ତିକରାଯାଇଛି। ସେବା ଭାରତୀ ଏନ୍‌ଜିଓକୁ ଭାଜପା ବିଧାୟିକା ଅଞ୍ଜୁଳା ମାହୋର ସାହାଯ୍ୟ କରିଥିବା କୁହାଯାଉଛି। ୧୭ ବର୍ଷ ବୟସରେ ମହିଳାଙ୍କ ରୋଗ ବିଷୟରେ ତାଙ୍କ ପରିବାର ଅବଗତ ହୋଇଥିଲେ। ସେମାନେ ତାଙ୍କୁ ଏକ ବନ୍ଦ କୋଠରିରେ ଶିକୁଳିରେ ବାନ୍ଧି ରଖିଥିଲେ। ଗାଧୋଇବା ପାଇଁ ଝରକା ବାଟେ ପାଣି ଏବଂ କବାଟ ଫାଙ୍କରେ ତାଙ୍କୁ ଖାଦ୍ୟ ଦିଆଯାଉଥିଲା।

# ବୈଷୟିକ ଶିକ୍ଷାରେ ଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ଭାରତର ପ୍ରଗତିକୁ ଗତିଶୀଳ କରାଇବ

ଚଣ୍ଡିଗଡ଼,୯।୧୦(ପି.ଟି.)



ଦେଶର ବିକାଶକୁ ତ୍ୱରାନ୍ୱିତ କରିବାକୁ ହେଲେ ଅଧିକରୁ ଅଧିକ ଛାତ୍ରୀ ବୈଷୟିକ ଶିକ୍ଷାନୁଷ୍ଠାନରେ ନାମଲେଖାଇବା ଆବଶ୍ୟକ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ରବିବାର ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ଇଞ୍ଜିନିୟରିଂ କଲେଜ୍ (ପିଇସି)ର ୫୨ତମ ସମାବର୍ତ୍ତନ ଉତ୍ସବ ଏବଂ ଶତବାର୍ଷିକୀର ଉଦ୍‌ଯାପନୀ ଉତ୍ସବରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଏଭଳି ପରାମର୍ଶ ଦେଇଛନ୍ତି। ଦେଶକୁ ବହୁସଂଖ୍ୟାରେ ମେଧାବୀ ଛାତ୍ରୀଛାତ୍ର ପ୍ରଦାନ କରିଥିବା ପିଇସିକୁ ରାଷ୍ଟ୍ରପତି ଉଚ୍ଚ ପ୍ରଶଂସା କରିଥିଲେ। ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ତଥା ଭାରତରେ ଫ୍ଲୁଇଡ୍ ଡାଇନାମିକ୍ସ ଗବେଷଣାର ଜନକ ପ୍ରଫେସର ସତୀଶ ଧାୱନ, ବିଶିଷ୍ଟ ଶିକ୍ଷାବିତ୍ ତଥା ଆଇଆଇଟି ଦିଲ୍ଲୀର ପ୍ରତିଷ୍ଠାତା ନିର୍ଦ୍ଦେଶକ ପ୍ରଫେସର ଆର୍.ଏନ. ଡୋଗ୍ରା ଏବଂ ମିସାଇଲ୍ ଟେକ୍ନୋଲୋଜି ଓ ଷ୍ଟ୍ରାଟେଜିକ୍ ସିଷ୍ଟମ୍ ବିଶେଷଜ୍ଞ ଡ. ସତୀଶ କୁମାର ପଞ୍ଜାବ ଇଞ୍ଜିନିୟରିଂ କଲେଜର ପୂର୍ବତନ ଛାତ୍ର। ମହାକାଶକୁ ଯାଇଥିବା ଭାରତୀୟ ବଂଶୋଦ୍ଭବ ପ୍ରଥମ ମହିଳା କଳ୍ପନା ଚାୱଲା ପିଇସି ଏରୋନଟିକାଲ ଇଞ୍ଜିନିୟରିଂର ପୂର୍ବତନ ଛାତ୍ରୀ। ତାଙ୍କ ନାମରେ ଉକ୍ତ କଲେଜରେ କଳ୍ପନା ଚାୱଲା ଚେୟାର ଅଫ୍ ଜିଓସ୍ପାଟିଆଲ୍ ଟେକ୍ନୋଲୋଜି ସ୍ଥାପନ କରାଯାଇଥିବା ମୁର୍ମୁ କହିଥିଲେ। ଛାତ୍ରୀଛାତ୍ରମାନେ ଆଗାମୀ ଭାରତର ନିର୍ମାତା। ସେମାନେ ଜୀବନରେ ଯାହା ହେବାକୁ ନିଷ୍ପତ୍ତି ନିଅନ୍ତୁ ନା କାହିଁକି ମାତୃଭୂମି ପ୍ରତି ସେମାନଙ୍କ କର୍ତ୍ତବ୍ୟ କଦାପି ଭୁଲିଯିବା ଉଚିତ ନୁହେଁ ବୋଲି ରାଷ୍ଟ୍ରପତି କହିଛନ୍ତି।

# ଜାପୋରିଝିଆରେ ରକେଟ୍ ମାଡ଼: ୧୭ ମୃତ

ଜାପୋରିଝିଆ, ୯।୧୦

ରୁଷିଆକୁ କ୍ରିମିଆ ଉପଦ୍ୱୀପ ସହ ଯୋଡୁଥିବା ୟୁରୋପର ଦୀର୍ଘତମ କେରଚ୍ ବ୍ରିଜ୍ ଶନିବାର ବିସ୍ଫୋରଣରେ କ୍ଷତିଗ୍ରସ୍ତ ହେବା ପରେ ମସ୍କୋ ୟୁକ୍ରେନ୍‌ର ଜାପୋରିଝିଆ ସହର ଉପରେ ରକେଟ ମାଡ଼ କରିଛି। ଏଥିରେ ୧୭ ଜଣଙ୍କ ମୃତ୍ୟୁ ଘଟିଛି। ଜାପୋରିଝିଆକୁ ରୁଷିଆରେ ସାମିଲ କରାଯାଇଥିବା ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଘୋଷଣା କରିଥିଲେ ହେଁ ସେଠାରେ ୟୁକ୍ରେନ୍ ରୁଷୀୟ ସୈନ୍ୟଙ୍କୁ ଘଉଡ଼ାଇବା ପାଇଁ ପ୍ରତିଆକ୍ରମଣ ଜାରି ରଖିଛି। ଶନିବାର ରାତିରେ ସେଠାରେ ରୁଷିଆ ରକେଟ ମାଡ଼ କରିବା ଯୋଗୁ ପ୍ରାୟ ୨୦ ଘର ଏବଂ ୫୦ ଆପାର୍ଟମେଣ୍ଟ ବିଲ୍ଡିଂ ଭାଙ୍ଗି ଯାଇଛି। ୪୦ ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ୟୁକ୍ରେନ୍ ପକ୍ଷରୁ କୁହାଯାଇଛି।


ରୁଷିଆର ରକେଟ ମାଡ଼ରେ ଜାପୋରିଝିଆରେ ଥିବା ଏକ ବିଲ୍ଡିଂ ଭାଙ୍ଗିଯାଇଛି।

## ଇତିହାସରୁ ଶିଖ: ପୋପ୍



ୟୁକ୍ରେନ୍ ଉପରେ ଆଣବିକ ଅସ୍ତ୍ର ପ୍ରୟୋଗ ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ବାରମ୍ବାର ଧମକ ଦେଉଥିବାବେଳେ କ୍ୟାଥୋଲିକ୍ ଚର୍ଚ୍ଚ ମୁଖ୍ୟ ପୋପ୍ ଫ୍ରାନ୍ସିସ୍ ଏ ନେଇ ସାରା ବିଶ୍ୱକୁ ବାର୍ତ୍ତା ଦେଇଛନ୍ତି। ଏହାକୁ ସେ 'ହିଂସା ପାଗଳାମି' କହିବା ସହ ଆଣବିକ ଯୁଦ୍ଧର ଭୟାବହତା ଉପରେ ଇତିହାସରୁ ଶିକ୍ଷା ଲାଭ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଆମେ ନ୍ୟୁକ୍ଲିୟର ଯୁଦ୍ଧକୁ ଭୁଲିଯିବା କଥା ନୁହେଁ। ବିବାଦ ଭିତରେ ବି ଆମକୁ ଶାନ୍ତିର ରାସ୍ତା ବାଛିବାକୁ ପଡ଼ିବ ବୋଲି ପୋପ୍ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୬୫,୬୨,୭୪୩ | ୬୫,୬୦,୮୭୦ | ୬୦,୬୧,୩୭,୯୨୮ |
| ଭାରତ | ୪,୪୬,୧୨,୦୧୩ | ୫,୨୮,୭୯୯ | ୪,୪୦,୫୪,୬୨୧ |
| ଓଡ଼ିଶା | ୧୩,୩୪,୮୭୬ | ୯୧୯୯(+୫୩) | ୧୩,୨୫,୧୧୧ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଦେଶୀ ଧାନ ସଂରକ୍ଷକ ରାଇମତି



ବିଭିନ୍ନ ପ୍ରକାର ଦେଶୀ ଧାନ ସହ ରାଇମତି ଘିଉରିଆ।

■ ୧୩୬ କିସମର ଧାନ ସାଇତି ରଖିଛନ୍ତି

■ ୭୦କିସମରୁ ଜୈବିକ ପଦ୍ଧତିରେ ହୋଇପାରୁଛି ଚାଷ

ସନ୍ତୋଷ ପ୍ରହରାଜ

କୁନ୍ଦୁରା,୯।୧୦ (ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଲିମା ପଞ୍ଚାୟତ ଅନ୍ତର୍ଗତ ନୂଆଁଗୁଡା ଗ୍ରାମର ଆଦିବାସୀ ମହିଳା ରାଇମତି ଘିଉରିଆ। ୧୩୬ କିସମର ଦେଶୀ ଧାନ ସଂଗ୍ରହ କରି ସେ ସଂରକ୍ଷିତ ରଖିଛନ୍ତି। ସେଥିମଧ୍ୟରୁ ୭୦ଟି କିସମର ଜୈବିକ ପଦ୍ଧତିରେ ଚାଷ କରିଛନ୍ତି। ୧୯୯୮ରେ ବିବାହ କରିବା ପରେ ସେ ଦେଶୀ ଧାନ ସଂଗ୍ରହ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଏକ୍ଷେତ୍ରରେ ବଡ଼ ମାଉସୀ ପଦ୍ମଶ୍ରୀ କମଳା ପୂଜାରୀ ତାଙ୍କୁ ପ୍ରେରଣା ଦେଇଥିଲେ। ତେବେ ଏହି କାର୍ଯ୍ୟ ପାଇଁ ତାଙ୍କୁ କୌଣସି ସରକାରୀ ସହାୟତା ମିଳୁ ନ ଥିଲେ ମଧ୍ୟ କେତେକ ବେସରକାରୀ ସଂସ୍ଥାର ସହଯୋଗ ତାଙ୍କ ଜୈବିକ ଗବେଷଣାକୁ ଜାରି ରଖିବାରେ ବେଶ୍ ସହାୟକ ହୋଇଛି। ଏମ୍‌ଏସ୍ ସ୍ୱାମୀନାଥନ ପକ୍ଷରୁ ନିର୍ମିତ ଫାର୍ମ ସ୍କୁଲରେ ଦେଶୀ ଧାନ ସଂରକ୍ଷିତ କରି ରଖି ଜୈବିକ ପଦ୍ଧତିରେ ଚାଷ କରୁଛନ୍ତି। ଏଥିସହ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କୁ ବିଭିନ୍ନ ପ୍ରଶିକ୍ଷଣ ମାଧ୍ୟମରେ ଦେଶୀ ଧାନ ଚାଷ ପ୍ରତି ସଚେତନ କରୁଛନ୍ତି। ପ୍ରଶାସନିକ ସହଯୋଗ ମିଳିଲେ, ଏହି ପ୍ରଚେଷ୍ଟା ଆଗକୁ ନେବା ସହଜ ଓ ସରଳ ହୋଇପାରିବ ବୋଲି ରାଇମତି କହିଛନ୍ତି। ୫୦ ବର୍ଷ ତଳେ ଚାଷ ହେଉଥିବା ଦେଶୀ ଧାନର ଦର ଏବେ ଆକାଶ ଛୁଆଁ ହେଲାଣି। ଚାଷୀ ଉନ୍ନତ କିସମର ଧାନ ଚାଷ କରିବାରେ ଆଗ୍ରହୀ ଥିବାବେଳେ ଦେଶୀ ଧାନ ପ୍ରତି ଅଣଦେଖା କରାଯାଉଛି। ମାତ୍ର ରାଇମତି ଅନେକ ଚାଷୀଙ୍କୁ ଜୈବିକ କୃଷି ପଦ୍ଧତିରେ ଧାନ ଚାଷ କରି ଅଧିକ ଅମଳ କରିବାକୁ ପ୍ରୋତ୍ସାହିତ କରୁଛନ୍ତି। ଏନେଇ ଫାର୍ମ ସ୍କୁଲରେ ତାଲିମ ମଧ୍ୟ ଦେଉଛନ୍ତି। ଉନ୍ନତ କିସମର ଧାନ ଅମଳ ହେବା ପାଇଁ ଅତି କମ୍‌ରେ ୮୦ରୁ ୯୦ ଦିନ ଲାଗୁଥିବାବେଳେ ଦେଶୀଧାନ ୧୨୦ରୁ ୧୩୦ ଦିନ ଲାଗିଥାଏ। ବିଶେଷ କରି କଳାଜିରା, ମାଛ କଣ୍ଟା, ପାଠାନଗଡ଼ା ଏବଂ କଳା ଧାନ ଅମଳ କରିବା ଲାଗି ଅଧିକ ସମୟ ଲାଗିଥାଏ। ଦୀର୍ଘ ସମୟ ବ୍ୟବଧାନରେ ଦେଶୀ ଧାନ ଅମଳ ହେଉଥିବାରୁ ଚାଷୀ ଉନ୍ନତ କିସମର ଧାନ ଚାଷ କରିବା ପାଇଁ କମ୍ ଆଗ୍ରହ ପ୍ରକାଶ କରୁଥିବା ରାଇମତି କହିଛନ୍ତି। ରାଇମତି ପ୍ରାୟ ୧୩୬ ପ୍ରକାରର ଧାନ ସଂଗ୍ରହ କରିଥିବାବେଳେ ଏଥିରୁ ୭୦ ପ୍ରକାରର ଧାନ ଜୈବିକ ପଦ୍ଧତିରେ ଚାଷ କରିବା ସମ୍ଭବ ହୋଇପାରୁଛି। ସେଗୁଡିକ ହେଲା ବାସୁମତି, ନବାବୀ, ସୁପୁରି, ଦେବରାଜ, ଆସାମ ଚୁଡ଼ି, ଗଡ଼ାକୁଟା, ପାଠାନଗଡ଼ା, ଲକଟି ମାଛି, କଳାଜିରା, ବଡ଼ିକାବରି, ଗଟିଆ, ଟିଂକି ଚୁଡ଼ି, ଉମୁରିଆ ଚୁଡ଼ି, ହଳଦୀ ଚୁଡ଼ି, ପକିଆ, ପାଣ୍ଡକାଗୁରା, ମେଏର, କନକଚୁଡ଼ି, ତୁଳସୀଗଣ୍ଠି, ଓଷାଗଣ୍ଠିଆଳି, ବାରମାସି, ସୁନା ଖଡ଼ିକା, ଝୁମ୍ପା ଚୁଡ଼ି, ଗଙ୍ଗାବଳି, ବାସନମୁଣ୍ଡି, ଟିପିଟି, କେରାଣ୍ଡି, ମୁକ୍ତାବାଲି, ମହୁଲକୁଞ୍ଚ, ବାଉଁଶଗଣ୍ଠି, ଭଙ୍ଗାଗୁଣ୍ଡା, ଦୁବରାଜ, ମେରୋଲୋ, ମସୁରି, ଡଙ୍ଗରଚୁଡ଼ି, ଲାସର, ଡକରାମେଛା, ସୁନାସେରି, ମାଲଗୋରଣ୍ଡ, ଗଡ଼ାବତୀ, ସୁରୁଡାକା, ଗୁରୁଜି, ଲେଡେର, ବୋଦେବରିଙ୍ଗ, ମାଣ୍ଡାଗଣ୍ଡେଇ। ଧୋବକୁଜି, କଷିକମଲ, ରସକଦମ, କନେଇ, କରକୋଳି, ଭୁଦେଇ, ମୁଗୁଡ଼ି, ଭୁଟକି ଚୁଡି, ରାଣୀଚେତେକା, ଯଯାତି, ବଡ଼ଲୋଚେଇ, ବାସୁଭୋଗ, ଭାତଚୁଡ଼ି, ବାୟାଗୁଣ୍ଡା, ଧୋବକାଳି କୁଜି, ବେଡ଼ାମାକେଡା, ଗୁଡ଼ିକାବରି, ବଡ଼ଧାନ, ମାଳି ମକଡ଼, ଜୋକସାରୁ, ବସ୍ତା, କିସିକେରି, ନଡ଼ିଆରସ, ଖୁଜି, ଟିକିଲାକୋଳି ଭଳି ଧାନ ଚଳିତ ବର୍ଷ ଚାଷ ହୋଇଛି। ଗୋଟିଏ କିଆରିରେ ପ୍ରାୟ ୭୦ ପ୍ରକାରର ଧାନ ଚାଷ କରି ସଫଳ ହୋଇଥିବା ରାଇମତି ଏବଂ ତାଙ୍କ ସ୍ୱାମୀ ଗୋବିନ୍ଦ କହିଛନ୍ତି। ଆର୍ଥିକ ସଙ୍କଟ ଯୋଗୁ ଏକ୍ଷେତ୍ରରେ ଅଧିକ ଅଗ୍ରଗତି ସହଜ ହୋଇ ପାରୁ ନ ଥିବା କହନ୍ତି ରାଇମତି। ରାଇମତିଙ୍କ ପାଖରେ ଏମିତି ଏକ କିସମର ଧାନ ରହିଛି, ଯାହାର ଆକାର ଲମ୍ବା ଓ ସରୁ ହୋଇଥିବା ବେଳେ ସେଥିରୁ କଳା ଚାଉଳ ବାହାରୁଛି। ନିଜର ନିଷ୍ଠା ଓ ପରିଶ୍ରମ ପାଇଁ ରାଇମତି ରାଜ୍ୟ ସମେତ ରାଜ୍ୟ ବାହାରେ ଚେନ୍ନାଇ, ଦିଲ୍ଲୀ, ଝାଡ଼ଖଣ୍ଡ, ଟାଟା ଭଳି ଅନେକ ସ୍ଥାନରେ ସମ୍ମାନିତ ହୋଇଛନ୍ତି। ହେଲେ ତାଙ୍କ କାର୍ଯ୍ୟକୁ ସରକାରୀ ପ୍ରୋତ୍ସାହନ ନ ମିଳିବା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏସମ୍ପର୍କରେ ଜିଲା କୃଷି ଅଧିକାରୀ ପ୍ରଭାତ କୁମାର ସାମଲଙ୍କୁ ପଚାରିବାରେ ସେ ଘଟଣାକୁ ସ୍ୱୀକାର କରିବା ସହ ଖୁବ୍‌ଶୀଘ୍ର ଏବିଷୟରେ ରାଜ୍ୟସ୍ତରରେ ଆଲୋଚନା କରିବା ସହ ପ୍ରଶାସନିକ ସାହାଯ୍ୟ ପାଇଁ ବ୍ୟବସ୍ଥା କରାଯିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି।

## ବଜ୍ରପାତରେ ଚାଷୀ ମୃତ

**ପୁରୁଷୋତ୍ତମପୁର,୯।୧୦(ଡି.ଏନ.ଏ.):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁରରେ ରବିବାର ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୋଷ୍ଟ ଅଫିସ ସାହିର କୈଳାସ ଚନ୍ଦ୍ର ନାୟକ (୫୮)। ସେ ଗ୍ରାମ ନିକଟସ୍ଥ ନାଳପାରି ଜମିକୁ ଚାଷ କାମ ଲାଗି ଯାଉଥିବାବେଳେ ବଜ୍ରପାତର ଶିକାର ହୋଇ ଘଟଣା ସ୍ଥଳରେ ଟଳି ପଡ଼ିଥିଲେ। ଘଟଣା ଜଣାପଡ଼ିବା ପରେ ପରିବାର ଲୋକେ ତାଙ୍କୁ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।






## ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

ଝାରସୁଗୁଡ଼ା ଅଫିସ୍,୯।୧୦

ଚକ୍ରଧରପୁର ରେଳ ଡିଭିଜନ ଅନ୍ତର୍ଗତ ଧୁରୁଆଡିହି ରେଳଷ୍ଟେଶନ ନିକଟରେ ଡାଉନ୍ ଲାଇନ୍‌ରେ ଶନିବାର ଏକ ମାଲ୍‌ବାହୀ ଟ୍ରେନ୍ ଲାଇନଚ୍ୟୁତ୍ ହୋଇଯାଇଛି। ଫଳରେ ଏହି ଡାଉନ୍ ଲାଇନ୍‌ରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଖବରପାଇ ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଦୁର୍ଘଟଣାଗ୍ରସ୍ତ ବଗିକୁ ଉଠାଯିବା ସହ ଲାଇନ୍ ମରାମତି କାର୍ଯ୍ୟ ଚାଲିଛି। ଉକ୍ତ ମାଲବାହୀ ଟ୍ରେନ୍‌ଟି ଝାରସୁଗୁଡାରୁ ରାଉରକେଲା ଅଭିମୁଖେ ଯାଉଥିଲା। ଧୁରୁଆଡିହି ରେଳଷ୍ଟେଶନ ନିକଟରେ ୪୦ ବଗି ଅତିକ୍ରମ କରିଥିବାବେଳେ ପଛରେ ଥିବା ୮ ବଗି ଲାଇନ୍‌ଚ୍ୟୁତ ହୋଇଯାଇଛି। ଏଥିମଧ୍ୟରୁ ୪ ବଗି ଓଲଟି ପଡ଼ିଛି। ଏନେଇ ଧୁରୁଆଡିହି ଷ୍ଟେଶନ ମାଷ୍ଟର ଶ୍ୟାମ ମାଝି କହିଛନ୍ତି, ଯୁଦ୍ଧକାଳୀନ ଭିତ୍ତିରେ ଝାରସୁଗୁଡ଼ା ଓ ରାଉରକେଲା ରେଳ ବିଭାଗର ବରିଷ୍ଠ ଯନ୍ତ୍ରୀମାନେ ପହଞ୍ଚି ଉଦ୍ଧାର ଓ ଲାଇନ୍ ମରାମତି କାର୍ଯ୍ୟ ଚଳାଇଛନ୍ତି।










## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସର୍ବଜିତ୍
ପରିବାରବର୍ଗ


ଅର୍ପିତା
ପରିବାରବର୍ଗ


ଆରାଧ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭଦ୍ରକ ସବ୍ ଜେଲରେ କ୍ଷମତାଠାରୁ ଅଧିକ କଏଦୀ

**ଜେଲ ଡିଜିଙ୍କୁ ଏନ୍‌ଏଚଆର୍‌ସିଙ୍କ ରିପୋର୍ଟ ତଲବ**

ଭୁବନେଶ୍ୱର, ୯।୧୦(ବ୍ୟୁରୋ): ଭଦ୍ରକ ସ୍ୱତନ୍ତ୍ର ଉପ କାରାଗାରରେ ଆବଶ୍ୟକତାଠୁ ଅଧିକ କଏଦୀ ରହୁଥିଲେ ମଧ୍ୟ ଏଦିଗରେ ଜେଲ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏନେଇ ମାନବାଧିକାର କର୍ମୀ ତଥା ସୁପ୍ରିମ କୋର୍ଟ ଓକିଲ ରାଧାକାନ୍ତ ତ୍ରିପାଠୀ ଗତ କିଛି ମାସତଳେ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଏକ ମାମଲା ରୁଜୁ କରିଥିଲେ। ଗତ ୨୭ତାରିଖରେ ଏନ୍‌ଏଚ୍‌ଆର୍‌ସି ଉକ୍ତ ମାମଲାର ଶୁଣାଣି କରି ଜେଲ ବିଭାଗ ଡିଜିଙ୍କୁ ରିପୋର୍ଟ ତଲବ କରିଛନ୍ତି। ଏସମ୍ପର୍କରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କ'ଣ ଗ୍ରହଣ କରାଯାଇଛି ୪ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଡିଜିଙ୍କୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏନେଇ ରିପୋର୍ଟ ନ ଦିଆଯାଏ ହ୍ୟୁମାନ ରାଇଟ୍ସ ଆକ୍ଟ ୧୯୯୩ ସେକ୍ସନ ୧୩ ଅନୁଯାୟୀ ଜେଲ ଡିଜିଙ୍କୁ ନଭେମ୍ବର ୯ରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣିରେ ବ୍ୟକ୍ତିଗତ ହାଜର ହେବାକୁ ନିର୍ଦ୍ଦେଶ ଦିଆଯିବ ବୋଲି କମିଶନ କହିଛନ୍ତି। ରାଧାକାନ୍ତ ତାଙ୍କ ଏତଲାରେ ଦର୍ଶାଇଥିଲେ ଯେ, ଭଦ୍ରକ ଉପ କାରାଗାରରେ ଥିବା ଗୋଟିଏ ମହିଳା ୱାର୍ଡରେ ୨ ଜଣ ଅନ୍ତେବାସୀ ରହିବାର କ୍ଷମତା ଥିବାବେଳେ ଏଠାରେ ୧୨ଜଣ ରହୁଛନ୍ତି। ୧୨ କୋଟି ୨୦ ଲକ୍ଷ ୫୭ ହଜାର ଟଙ୍କା ବ୍ୟୟ ଅଟକଳରେ ଭଦ୍ରକର ଅମରଗାଡ଼ିଆରେ ଏକ ଅତ୍ୟାଧୁନିକ ଜେଲ ନିର୍ମାଣ କରାଯିବ ବୋଲି ୨୦୧୨ରେ ଜେଲ ଆଇଜି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଯାବତ୍ ଏନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ୨୦୧୫ରେ ରାଜ୍ୟ ମାନବାଧିକାର କମିଶନ ଏ ଦିଗରେ ପଦକ୍ଷେପ ନେବାକୁ ମଧ୍ୟ କହିଥିଲେ। ସେତେବେଳେ ମଧ୍ୟ ଏହି ଜେଲକୁ ତୁରନ୍ତ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏଯାବତ୍ କୌଣସି ପଦକ୍ଷେପ ନିଆଯାଇନାହିଁ।

# ଗର୍ଭ ଯନ୍ତ୍ରଣାରେ ୨ କି.ମି. ଚାଲିଲେ


ଆଶାକର୍ମୀଙ୍କ ସହାୟତାରେ ତଅପୋଇ ଚାଲିଚାଲି ଆମ୍ବୁଲାନ୍ସ ନିକଟକୁ ଆସୁଛନ୍ତି।

**ଉପାନ୍ତ ଏକୁଲରେ ଅସୁରକ୍ଷିତ ମାତୃତ୍ୱ**

କାମାକ୍ଷାନଗର, ୯।୧୦(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପ୍ରଶାସନର ସମସ୍ତ ଉଦ୍ୟମ ସତ୍ତ୍ୱେ ଆଦିବାସୀ ଅଧ୍ୟୁଷିତ କଙ୍କଡ଼ାହାଡ଼ ବ୍ଲକର କାନ୍ତୋଲ ପଞ୍ଚାୟତର ଉପାନ୍ତ ଏକୁଲରେ ବଦଳୁନାହିଁ ଜନନୀ ଯନ୍ତ୍ରଣାର ଚିତ୍ର। ସ୍ୱାଧୀନତାର ଦୀର୍ଘବର୍ଷ ପରେ ବି ସମ୍ପୃକ୍ତ ଗାଁକୁ ସବୁଦିନିଆ ସଡ଼କ ନିର୍ମାଣ ହୋଇପାରିନାହିଁ। ଫଳରେ ଗର୍ଭଯନ୍ତ୍ରଣାରେ ଛଟପଟ ମହିଳା ଅସୁରକ୍ଷିତ ଭାବେ କେତେବେଳେ ଭାରରେ ତ ଆଉ କେତେବେଳେ ଖଟିଆରେ ବୁହାହୋଇ ଆସୁଛନ୍ତି ଡାକ୍ତରଖାନା। ରବିବାର ଏଭଳି ଏକ ଘଟଣାର ପୁନରାବୃତ୍ତି ହୋଇଛି। ଗ୍ରାମକୁ ଭଲ ରାସ୍ତା ନ ଥିବାରୁ ଅସହ୍ୟ ଗର୍ଭକଷ୍ଟରେ ଜଣେ ମହିଳାଙ୍କୁ ଦୀର୍ଘ ୨ କି.ମି. ଦୁର୍ଗମ ପଥ ଅତିକ୍ରମ କରିବାକୁ ପଡ଼ିଛି।

ଏକୁଲ ଗ୍ରାମର ଗଣେଶ ଦେହୁରୀଙ୍କ ସ୍ତ୍ରୀ ତଅପୋଇ (୨୧)ଙ୍କ ରବିବାର ସକାଳେ ଗର୍ଭଯନ୍ତ୍ରଣା ଆରମ୍ଭ ହୋଇଥିଲା। ତାଙ୍କୁ ଡାକ୍ତରଖାନା ନେବାକୁ ଆଶାକର୍ମୀ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ତେବେ ଗ୍ରାମକୁ ସବୁଦିନିଆ ରାସ୍ତା ନ ଥିବାରୁ ଗାଁଠାରୁ ୨ କିଲୋମିଟର ଦୂରରେ ଅଟକି ଯାଇଥିଲା ଆମ୍ବୁଲାନ୍ସ। ଅନ୍ୟ ବିକଳ୍ପ ନ ଥିବାରୁ ସମ୍ପର୍କୀୟଙ୍କ ସହ ତଅପୋଇ ଚାଲି ଚାଲି ଆମ୍ବୁଲାନ୍ସ ପାଖକୁ ଆସିଥିଲେ। ଏହାପରେ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି।

ସମ୍ପୃକ୍ତ ଅଞ୍ଚଳରେ ପ୍ରବାହିତ ବିପଦପୂର୍ଣ୍ଣ ନାଳ ଯାତାୟାତରେ ବାଧକ ସାଜିଛି। ନାଳ ଉପରେ ବ୍ରିଜ୍ କିମ୍ବା ଦୁର୍ଗମ ଅଞ୍ଚଳକୁ ରାସ୍ତା ନିର୍ମାଣ ହେଉ ନ ଥିବାରୁ ଏଭଳି ଘଟଣା ସମ୍ପୃକ୍ତ ଅଞ୍ଚଳବାସୀଙ୍କ ଦେହସୁହା ହୋଇଗଲାଣି। ପ୍ରଶାସନ ଏହାର ପ୍ରତିକାର କରୁ ନ ଥିବାରୁ ସେମାନଙ୍କ ମଧ୍ୟରେ ପୁଞ୍ଜୀଭୂତ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଜଣେ ବନ୍ଧୁ ପାରିବାରିକ ସମସ୍ୟା ସମାଧାନ ସକାଶେ ମାର୍ଗଦର୍ଶକ ସାଜିବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇ ନେବା ସକାଶେ ଚେଷ୍ଟା କରିପାରନ୍ତି। ପରିବହନ, ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ବନ୍ଧୁ ଗହଣରେ ସାଧାରଣ ଘଟଣାକୁ ନେଇ ମନସ୍ତାପ କରିବାକୁ ପଡ଼ିପାରେ।

**ବୃଷ**
କର୍ମକ୍ଷେତ୍ରରେ ମାପିଚୁପି ଚଳିବା ଭଲ ନଚେତ୍ ଆକସ୍ମିକ ଭାବରେ କଳହ ଲାଗିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପରିବାର ମଧ୍ୟରେ ସମସ୍ୟା ଭିତରେ ଗତି କଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ସହକର୍ମୀଙ୍କ କାର୍ଯ୍ୟରେ ସହଯୋଗ ପ୍ରଦାନ କରି ପ୍ରଶଂସିତ ହେବେ।

**ମିଥୁନ**
ପାରିବାରିକ ସମସ୍ୟା ଥିଲେ ମଧ୍ୟ କାମଗୁଡ଼ିକୁ ସଫଳତାର ସହ ସମ୍ପନ୍ନ କରିବେ। ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ବ୍ୟବସାୟରେ ସମସ୍ୟା ବଡ଼ ଆକାର ଧାରଣ କରିବାର ଆଶଙ୍କା ରହିଛି। ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସଂପନ୍ନ ହେବା କଷ୍ଟକର ହୋଇପାରେ।

**କର୍କଟ**
ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଭୁଲ୍ ବୁଝାମଣାରୁ ପାରିବାରିକ କଳହକୁ କେନ୍ଦ୍ରକରି ଭାବପ୍ରବଣ ହୋଇପାରନ୍ତି। ବ୍ୟବସାୟ କିମ୍ବା ପରିବହନରେ ଲାଭ ହେବା ବଦଳରେ କ୍ଷତିରେ ପଡ଼ିପାରନ୍ତି।

**ସିଂହ**
ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ନ ହେଲେ ପରେ ଅନୁତାପ କରିବାକୁ ପଡ଼ିବ। କୌଣସି ବ୍ୟକ୍ତିଙ୍କୁ ଦୀର୍ଘ ସମୟ ଅପେକ୍ଷା କରି ବ୍ୟସ୍ତତା ଅନୁଭବ କରିବେ। ପରିବାର ଓ କର୍ମକ୍ଷେତ୍ରରେ ରହିଥିବା ବ୍ୟତିକ୍ରମ ବିଷୟ ଚିନ୍ତାକରି ମନ ବିଚଳିତ ରହିପାରନ୍ତି। ଆତ୍ମୀୟଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। କଳା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ବନ୍ଧୁମାନଙ୍କ ସହ ଆଲୋଚନା କରିବାର ସୁଯୋଗ ଲାଭ କରି ଆଜିର ସନ୍ଧ୍ୟା ସମୟଟି ପ୍ରାୟତଃ ଭଲ ରହିବ। ଅଫିସରୁ ଆସିବା ବେଳକୁ ନିଜ ମନ ପସନ୍ଦର ଜିନିଷଟି କିଣିବାରେ ସମର୍ଥ ହେବେ।

**ତୁଳା**
ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ଚେଷ୍ଟା କଦାପି ବିଫଳ ହେବନି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ। ସାଧାରଣ କଥାରେ ତର୍କ କାରଣରୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ବନ୍ଧୁ ଆଗ ଭଳି ତାହାର ମନୋଭାବ ନ ଥିବା ଅନୁଭବ କରିପାରନ୍ତି।

**ବିଛା**
ଗତକାଲିଠାରୁ ଯେଉଁ ବିଷୟ ସକାଶେ ଚିନ୍ତିତ ରହିଛନ୍ତି, ସେଥିରେ କିଛି ଅସୁବିଧା ହେବନି। କର୍ମକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇ ପାରନ୍ତି। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତ୍‌ରୁ ଉପକୃତ ହେବେ।

**ଧନୁ**
ଅନ୍ୟମନସ୍କତା ଓ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ଅସମର୍ଥିତ ସୂତ୍ରରୁ ଶୁଣା କଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସି ଆପଣଙ୍କୁ ସାହାଯ୍ୟ କରିବେ। ବକେୟା ଅର୍ଥ ଆଦାୟ କରିବାରେ ଜଣେ ବନ୍ଧୁ ସାହାଯ୍ୟ କରିବାକୁ ଆଗେଇ ଆସିପାରନ୍ତି।

**ମକର**
ଆପଣ ଯେତେ ପ୍ରକାରର ଚେଷ୍ଟା କଲେ ମଧ୍ୟ ସବୁ କାମ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ବନ୍ଧୁ ଠିକ୍ ସମୟରେ ନ ଫେରିବା କାରଣରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ**
କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମ କରି ପ୍ରଶଂସିତ ହେବେ। ବନ୍ଧୁଙ୍କ ସାହାଯ୍ୟରୁ ଫେରନ୍ତା ବାଟରେ ହଠାତ୍ ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହୋଇପାରେ। ପାଖ ପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପରିବାର ଓ ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ।

**ମୀନ**
ବିଭିନ୍ନ ସମସ୍ୟାର ସାମ୍ନା କରି ନ ପାରି ବିବ୍ରତ ହେବେ। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସଂପନ୍ନ କରିବାରେ ଅସୁବିଧା ହେବ ନାହିଁ। ପାରସ୍ପରିକ ଭୁଲ୍ ବୁଝାମଣାରୁ ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କ ନିକଟରୁ ଅନାଦର ପାଇପାରନ୍ତି। ଦୋକାନ, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ଆଶ୍ୱସ୍ତି ଲାଭ କରିବେ।

ଆଜି ଅକ୍ଟୋବର ୧୦ ତାରିଖ, କାର୍ତ୍ତିକ କୃଷ୍ଣ ପ୍ରତିପଦା ସୋମବାର, ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ, ଚରଖା ଦିବସ, ରାଶିନକ୍ଷତ୍ର- ରେବତୀ/ମୀନ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା, ଘ.୦୫।୪୩ ଗତେ ଘ.୦୭।୧୦ ମଧ୍ୟେ, ଘ.୦୮।୫୦ ଗତେ ଘ.୧୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୧୦ ଗତେ ଘ.୦୮।୩୮ ମଧ୍ୟେ ରାହୁକାଳ।


**classifieds Everyday**
0674-2580101, 2549302







**SALE**

**Gated community society plot sale at Puri-Pipili Bypass just Rs.-7,80,000/-. 8114935847.** D-74133

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

ଭୁବନେଶ୍ୱର ନଖରା ଘରବାରି SC plot sqft.-130/- general-350/-. 9439660381. D-74124

ଘରବାରି **boundary plot** ନଖରା ତ୍ରିନାଥବଜାରରୁ ୨କିଲୋମିଟର ମେନ୍‌ରୋଡ୍‌ରୁ ୧୦୦ମିଟର **1300** ବର୍ଗ ଫୁଟକୁ **13,00,000/-. 9437306208.** D-74130

ବିକ୍ରି....ବିକ୍ରି....ବିକ୍ରି...୩.୫ ଏକା ସ୍ଥିତିବାନ୍ ଜମି ପିଠାଖାଇ ଜଙ୍ଗଲ ନିକଟସ୍ଥ ଭାପୁର ଖଣ୍ଡପଡ଼ା ରୋଡ଼ର ପାର୍ଶ୍ୱରେ ଭାପୁର ମଉଜାରେ ଅବସ୍ଥିତ। ୯୯୬୯୨୨୦୧୨୧ ଫୋନ୍ ନମ୍ବର। ଧ-୧୭୨୫

**2/3BHK residential flats available for sale within gated community and facilities like childrens play area, community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1679

**Gharabari Bank finance plot sale at Janla-Gangapada NH side, Bhubaneswar. 9437522339.** D-74132

N.H. side ORERA Approved project at Twincity, Telengapentha, Cuttack near Panda Cancer Hospital. 2BHK flats available Unit Price Rs.-61,00,000.00 onwards. Delivery Shortly. Contact Number-9238315816. D-73976

**Make your dream home with quality construction in affordable price as your choice. For plan approval, structure, Krishna Contech-8249485093, 9438315332.** D-73295

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1420




Shoproom (10'x10') 2Nos. infront of Bijupatnaik College mainroad Jayadevvihar, Bhubaneswar. Contact: 9938511622. D-1731




Herbal full body massage by smart/ expert therapist. Contact: 9040171280. D-73984

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73982

Newly opened full body massage center by expert therapist. 7381172169. D-73651

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟଙ୍କା,**
**ମୁହଁ କରିଦିଏ ବଙ୍କା ।**

ସାଧାରଣତଃ ଅର୍ଥ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ବୁଡି ରହିଥିବା ବ୍ୟକ୍ତି ଜଣକ ନିଜ ହିତାହିତ ଜ୍ଞାନ ଭୁଲି କାହାକୁ ଖାତିର କରୁ ନ ଥିବାର ଦେଖିବାକୁ ମିଳିଥାଏ। ଧନ କୁ ନେଇ ଏମାନଙ୍କ ମନରେ ଗର୍ବ ଆସିବା ସହ ଅନ୍ୟମାନଙ୍କ ପ୍ରତି ସେମାନେ ଇତର ଭଳି ବ୍ୟବହାର ଦେଖାଇଥାନ୍ତି। ଅର୍ଥ ବଳରେ ଏଭଳି ବ୍ୟକ୍ତି ନିଜକୁ ଶ୍ରେଷ୍ଠ ମଣିବା ସହ କାହାକୁ ଆଡ଼ ଆଖିରେ ମଧ୍ୟ ଚାହାନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଟୋପା ଟୋପା ବର୍ଷା ବାଟ ବିଗାଡ଼େ,**
**ଚୁପଚାପ କଥା ବିଗାଡ଼େ ଘର;**
**ଚୁପଚାପ କଥା ସଭା ବିଗାଡ଼େ,**
**ଟାକୁ ଟାକୁ ଖିଆ ବିଗାଡ଼େ ଜର ।**

ଟୋପା ଟୋପା ବର୍ଷାରେ ରାସ୍ତା କର୍ଦ୍ଦମାକ୍ତ ହୋଇଯିବାରୁ ବାଟ ଚାଲିବା କଷ୍ଟକର ହୋଇପଡ଼େ। ଚୁପ୍‌ଚାପ କଥାରେ ଘର ଭାଙ୍ଗିଯାଏ। ଚୁପ୍ ଚାପ କଥା ମଧ୍ୟ ସଭାକୁ ନଷ୍ଟ କରିବସେ। ସେହିପରି ଟାକୁ ଟାକୁ ଖିଆ ରୋଗଗ୍ରସ୍ତ କରିଦିଏ। ଉପରୋକ୍ତ ଅବସ୍ଥା ଭଲକୁ ବିଗାଡ଼ି ବସନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ଆଖିରୁ ଜଣାପଡ଼ିବ ...

(ପ୍ରଥମ ପୃଷ୍ଠାରୁ) କରାଯାଇଥିଲା। ଏହବ୍ୟତୀତ ୟୁରୋପିଆନ୍ ପ୍ରୋସ୍‌ପେକ୍ଟିଭ୍ ଇନ୍‌ଭେଷ୍ଟିଗେଶନ୍ ଇନ୍‌ଟୁ କ୍ୟାନ୍‌ସର (ଏପିକ୍-ନର୍‌ଫୋକ୍)ରେ ଅଂଶଗ୍ରହଣ କରିଥିବା ୪୮ରୁ ୯୨ ବର୍ଷ ବୟସ ବର୍ଗର ୭,୪୧୧ ଜଣଙ୍କ ଉପରେ ମଧ୍ୟ ଏହି ମଡେଲରେ ଆଖି ପରୀକ୍ଷା କରାଯାଇଥିଲା। ପ୍ରାୟ ୭ରୁ ୯ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖାଯାଇଥିଲା। ଏହି ସମୟ ମଧ୍ୟରେ ବାୟୋବ୍ୟାଙ୍କ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୩୨୭ ଜଣଙ୍କ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ କାରଣରୁ ମୃତ୍ୟୁ ଘଟିଥିବାବେଳେ ଏପିକ୍-ନର୍‌ଫୋକ୍‌ର ୨୦୧ ଜଣଙ୍କ ମୃତ୍ୟୁ ହୋଇଥିଲା। ମୋଟାମୋଟି ଭାବେ ବୟସ, ଧୂମପାନ, ମେଡିକାଲ ହିଷ୍ଟ୍ରି, ରେଟିନାଲ ଭାସ୍କୁଲେଚର୍ ଆଦି ମାନଦଣ୍ଡ ଆଧାରରେ ଏହି ଉପକରଣ ଜଣଙ୍କଠାରେ ହୃଦ୍‌ରୋଗର ଆଶଙ୍କାକୁ ଆକଳନ କରିବ ବୋଲି କୁହାଯାଇଛି। ରକ୍ତ ସଞ୍ଚାଳନ ସହିତ ଏହା ପ୍ରତ୍ୟକ୍ଷ ଭାବେ ଜଡ଼ିତ ଥିବାରୁ ଏଥିରେ ରେଟିନା ସ୍କାନିଂକୁ ଅନ୍ତର୍ଭୁକ୍ତ କରାଯାଇଛି। ଶରୀରରେ ରକ୍ତ ସଞ୍ଚାଳନ କମ୍ କିମ୍ବା ପର୍ଯ୍ୟାପ୍ତ ନ ଥିଲେ ଆଖିର ରେଟିନା କୋଷ ମଧ୍ୟ ପ୍ରଭାବିତ ହୁଏ। ତେଣୁ ଏଥିରୁ ଜଣଙ୍କ ହୃତ୍‌ପିଣ୍ଡ କେତେ ସୁସ୍ଥ ତାହା ଜଣାପଡ଼ିବ ବୋଲି ଗବେଷକମାନେ କହିଛନ୍ତି।

### ମୁଲାୟମଙ୍କ ସ୍ୱାସ୍ଥ୍ୟାବସ୍ଥା ...

ବିଶେଷଜ୍ଞ ଡାକ୍ତରମାନଙ୍କ ଏକ ଟିମ୍ ତାଙ୍କ ଚିକିତ୍ସା ଦାୟିତ୍ୱରେ ରହିଥିବା ବୁଲେଟିନ୍‌ରେ କୁହାଯାଇଛି। ୮୨ ବର୍ଷୀୟ ଏସ୍‌ପି ନେତା ଅଗଷ୍ଟ ୨୨ରେ ଉକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଅକ୍ଟୋବର ୨ରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ଗତ ଶୁକ୍ରବାର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ହସ୍ପିଟାଲ ଯାଇ ମୁଲାୟମଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

### ଖେଳପଡ଼ିଆରେ...

ହୋଇଥିଲା। ଫଳରେ ୨୨ ଜଣ ଆହତ ହୋଇଥିଲେ। ସମସ୍ତଙ୍କୁ ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଜଣେ ହାତୀବାରିଠାରେ ଚିକିତ୍ସାଧୀନ ଥିବାବେଳେ ୨୧ ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ରାଉରକେଲା ପଠାଯାଇଥିଲା। ରାଉରକେଲାରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୯ ଜଣ ସେଠାରେ ଚିକିତ୍ସାଧୀନ ଅଛନ୍ତି। ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ହାଲିମ କହିଛନ୍ତି, ଜଣେ ସାମାନ୍ୟ ଆହତ ହୋଇଥିବାରୁ ଏଠାରେ ଚିକିତ୍ସିତ ହେଉଛନ୍ତି। ଅନ୍ୟମାନଙ୍କ ଅବସ୍ଥା ଗୁରୁତର ଥିବାରୁ ରାଉରକେଲା ପଠାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଭାରତରେ ୪୬୨ ...

ଉତ୍ତରଦାୟୀ ରହିବେ ବୋଲି ଏଥିରେ ଦର୍ଶାଯାଇଛି। ଯେଉଁ କ୍ଷେତ୍ରରେ ଆବେଦନକାରୀ ଏକ ନିର୍ଦ୍ଦିଷ୍ଟ ବ୍ରାଣ୍ଡ୍ ଅଧୀନରେ ଏକ ଉତ୍ପାଦକୁ ବିକ୍ରି ପାଇଁ ଅନୁମତି ମାଗିବେ, ସେ ଲାଇସେନ୍ସ ପ୍ରଦାନକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ଫର୍ମ ୫୧ରେ ଅଣ୍ଡରଟେକିଂ ଦାଖଲ କରିବେ। ପୂର୍ବରୁ କୌଣସି ଟ୍ରେଡ୍‌ମାର୍କ ରେଜେଷ୍ଟ୍ରି, ସେଣ୍ଟ୍ରାଲ ଡାଟାବେସ୍‌ରେ ଗବେଷଣା ପାଇଁ କିମ୍ବା ବ୍ୟବସାୟ ସକାଶେ ସମ୍ପୃକ୍ତ ଟ୍ରେଡ୍ ନେମ୍ ବା ଔଷଧର ନାମ ବ୍ୟବହୃତ ହୋଇ ନ ଥିବା ସେ ନିଜ ଅଣ୍ଡରଟେକିଂରେ ଉଲ୍ଲେଖ କରିବେ। ଭାରତର ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ୍, କୌଣସି ଆଲେଖ୍ୟ ଓ ରେଫରେନ୍ସ ବୁକ୍‌ରେ ଡ୍ରଗ୍ସ ପ୍ରସ୍ତୁତିର ବିବରଣୀ ନ ଥିବା ନେଇ ତାଙ୍କୁ ଲିଖିତ ଭାବେ ଜଣାଇବାକୁ ପଡ଼ିବ। ଏହାଦ୍ୱାରା ବଜାରରେ ପୂର୍ବରୁ ଉପଲବ୍ଧ ଔଷଧକୁ ନେଇ କୌଣସି ପ୍ରକାର ଦ୍ୱନ୍ଦ୍ୱ ଉପୁଜିବ ନାହିଁ। ଏଥିସହ ଜାଲିଆତିକୁ ମଧ୍ୟ ରୋକାଯାଇପାରିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସଂସଦରେ ଦିଆଯାଇଥିବା ଉତ୍ତରରୁ ସ୍ପଷ୍ଟ ହୋଇଛି।

### ଓଡ଼ିଶାରେ ନକଲି ...

ତାଙ୍କଦ୍ୱାରା ଏହି ମେଡିସିନ ଦ୍ରବ୍ୟ ପ୍ରସ୍ତୁତ କରାଯାଇ ନ ଥିବା ସ୍ପଷ୍ଟ କରିବା ପରେ ବିଭାଗ ପକ୍ଷରୁ ସେପ୍ଟେମ୍ବର ୯ରେ ୨ଷ୍ଟକିଷ୍ଟ ଯଥା ଜାଉଁଳିଆପଟିର ପୂଜା ଏଣ୍ଟରପ୍ରାଇଜର୍ସ ଓ ମାଣିକଘୋଷ ବଜାରର ଭି. ଆର. ଡ୍ରଗ ଏଜେନ୍ସି ବିରୋଧରେ ପୁରୀଘାଟ ଥାନା ଏବଂ କଟକ ଏସ୍‌ଡିଜେଏମ୍ କୋର୍ଟରେ ୨ଟି ଲେଖାଏ ମାମଲା ରୁଜୁ ହୋଇଥିଲା। ଟେଲ୍‌ମା-୪୦ ଏବଂ ଟେଲ୍‌ମା-ଏଲ୍‌ଏମ୍ ଟାବ୍‌ଲେଟ ନକଲି ବୋଲି ସ୍ପଷ୍ଟ ହେବା ପରେ ଏହାକୁ ବ୍ୟବହାର ନ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଛି। ଉକ୍ତ ମାମଲାରେ ପ୍ରଥମେ ପୂଜା ଏଣ୍ଟରପ୍ରାଇଜର୍ସର ମାଲିକ ସଞ୍ଜୟ ଜଲାଲ ଏବଂ ଭି.ଆର୍. ଡ୍ରଗ ଏଜେନ୍ସିର ରାହୁଲ ସ୍ୟାଲଙ୍କୁ ଗିରଫ କରାଯାଇଥିଲା। ପରେ ସେପ୍ଟେମ୍ବର ୨୫ରେ ବିହାର ଗୟାରୁ କଟକର ୨ଷ୍ଟକିଷ୍ଟଙ୍କୁ ନକଲି ମେଡିସିନ୍ ଯୋଗାଉଥିବା ଅଶୋକ ମିଶ୍ର ଏବଂ ହରିଶ କୁମାରଙ୍କୁ ଗିରଫ କରାଯାଇ କଟକ ଅଣାଯାଇଥିଲା। ସୂଚନାଯୋଗ୍ୟ ଯେ, ଗତ ଜୁନ ମାସରୁ ଏହି ନକଲି ଔଷଧ କାରବାର ଚାଲିଥିବା ଯାଞ୍ଚ ସମୟରେ ଡ୍ରଗ୍ସ କଣ୍ଟ୍ରୋଲ ଟିମ୍ ଜାଣିବାକୁ ପାଇଥିଲେ। ଦୁଇଟିଯାକ ମେଡିସିନ ଷ୍ଟକିଷ୍ଟଙ୍କ ପାଖରୁ ଲକ୍ଷ ଲକ୍ଷ ଟଙ୍କା ନକଲି ଔଷଧ ବଜାରକୁ ଯାଇଥିଲା। ଏନେଇ ଖୋଳତାଡ଼ ହେବା ପରେ ଇତିମଧ୍ୟରେ କଟକ, ଭୁବନେଶ୍ୱର, ବାଲେଶ୍ୱର, ବରଗଡ଼ ଓ ଝାରସୁଗୁଡ଼ାରୁ ପ୍ରାୟ ୩୦ଲକ୍ଷ ଟଙ୍କାର ମେଡିସିନ ଫେରସ୍ତ ଆସିଥିବା ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଟେଲ୍‌ମା-୪୦ ଏବଂ ଟେଲ୍‌ମା-ଏଲ୍‌ଏମ୍‌କୁ ଛାଡ଼ି ମେଡିସିନ୍ ଷ୍ଟୋରରେ ମିଳୁଥିବା ଅନ୍ୟ ସବୁ ଔଷଧର ମାନକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। କାରଣ ମେଡିସିନ କିଣିବାବେଳେ ସାଧାରଣତଃ ଏକ୍ସପାଏରି ଡେଟ୍‌କୁ ଲୋକମାନେ ଦେଖିଥାନ୍ତି। ନକଲି ମେଡିସିନ୍ ସମ୍ପର୍କରେ ଜାଣିବା ସାଧାରଣ ଲୋକଙ୍କ ପକ୍ଷେ ସହଜ ହୋଇ ନ ଥାଏ। ତେଣୁ ମେଡିସିନ ରିଟେଲ କାଉଣ୍ଟରଗୁଡ଼ିକ ଷ୍ଟକିଷ୍ଟଙ୍କ ଠାରୁ ଔଷଧ ଆଣିବା ସମୟରେ ଏହାର ଲେବଲ୍ ଏବଂ ତାରିଖ ଯାଞ୍ଚ କରି ଆଣିବା ଜରୁରୀ ହୋଇପଡ଼ିଛି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି।

### ଅର୍ଚ୍ଚନା ଏବଂ ଅଧିକାରୀ...

ଖୋଲୁନାହିଁ, ଏହା ତଦନ୍ତ ସାପେକ୍ଷ ବୋଲି କେତେକ ଜାଣିବା ଶୁଣିବା ଲୋକଙ୍କଠାରୁ ଶୁଣିବାକୁ ମିଳୁଛି। ତେବେ ରବିବାର ଏହି ଘଟଣାରେ ଡିସିପି ପ୍ରତୀକ ସିଂ ଅଧିକ କିଛି ନ କହି ଅଳ୍ପ କିଛି ମାପିଚୁପି ନିଜର ମନ୍ତବ୍ୟ ରଖିଛନ୍ତି। ବଡ଼ବଡ଼ିଆଙ୍କ ସମ୍ପୃକ୍ତି କଥା ଆସିବା ପରେ ପୋଲିସ ପ୍ରଶାସନ ଯେମିତି ତତ୍ପରତା ଏହି ଘଟଣାରେ ଦେଖାଇବା କଥା ତାହା ମଧ୍ୟ ଦେଖା ଦେଉନାହିଁ। ତେବେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏହି ଘଟଣାକୁ ନେଇ ଏପର୍ଯ୍ୟନ୍ତ ମୁହଁ ଖୋଲି ନ ଥିବାବେଳେ ଡିସିପି ପ୍ରତୀକ ସିଂ କହିଛନ୍ତି, ଏତଲା ମିଳିବା ପରେ ଅର୍ଚ୍ଚନା ନାଗଙ୍କୁ ଗିରଫ କରାଯାଇଛି। ତାଙ୍କ ସ୍ୱାମୀଙ୍କୁ ହାଜର ଲାଗି ନୋଟିସ୍ ହୋଇଛି। ଅର୍ଚ୍ଚନାଙ୍କ ବ୍ୟାଙ୍କ କାରବାର ସମ୍ପର୍କିତ ତଥ୍ୟ ଆର୍‌ବିଆଇ ଏବଂ ଜମିଜମା ଦସ୍ତାବିଜ ତଥ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ମଗାଯାଇଛି। କେଉଁମାନେ ବ୍ଲାକମେଲର ଶିକାର ହୋଇଛନ୍ତି ତଦନ୍ତ ବେଳେ ଜଣାପଡ଼ିବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଅର୍ଚ୍ଚନାଙ୍କ ସ୍ୱାମୀ ଏବେ ଅସୁସ୍ଥ ଅଛନ୍ତି। ତାଙ୍କର ଅସ୍ତ୍ରୋପଚାର ହୋଇଥିବାରୁ ତାଙ୍କୁ ଜେରା କରିବା ସମ୍ଭବ ହୋଇନାହିଁ।

ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଅର୍ଚ୍ଚନାଙ୍କ ସାମାଜିକ ଗଣମାଧ୍ୟମରେ ଥିବା ସମସ୍ତ ଆଇଡି ବା ପେଜ୍‌କୁ ପୋଲିସ ଏବେ ବନ୍ଦ କରିଦେଇଛି। ତେଣୁ ତାଙ୍କର କେଉଁ ବଡ଼ବଡ଼ିଆଙ୍କ ସହ ସମ୍ପର୍କ ଥିଲା ସେନେଇ ସେ ଯେଉଁ ପୋଷ୍ଟ କରିଥିଲେ ତାକୁ ଦେଖିବା ସମ୍ଭବ ହେଉନାହିଁ। ଯଥା ତାଙ୍କ ଫେସ୍‌ବୁକ୍ ପେଜ ମଧ୍ୟ ଏବେ ଦେଖି ହେଉନାହିଁ। ଅର୍ଚ୍ଚନାଙ୍କ ଘଟଣାରେ ପୋଲିସ ଯେ କିଛି ଲୁଚାଇବାକୁ ଚାହୁଁଛି ସେକଥା ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି ବୋଲି ପ୍ରଶାସନର ଅନେକ ବ୍ୟକ୍ତି ହିଁ ଏବେ କହୁଛନ୍ତି। ତେବେ ଏତେବଡ଼ ଏକ ଅଭିଯୋଗ ଏବଂ ଅପରାଧ ବିଷୟରେ ଜାଣିବା ପରେ ଅର୍ଚ୍ଚନାଙ୍କ ସ୍ୱାମୀଙ୍କୁ ଗିରଫ କରା ନ ଯାଇ କେବଳ ହାଜର ହେବାକୁ ନୋଟିସ୍ ଦିଆଯିବା କଥା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅର୍ଚ୍ଚନା ୩ ଦିନରୁ ଅଧିକ ସମୟ ହେବ ଗିରଫ ହେବା ପରେ ତାଙ୍କ ସ୍ୱାମୀଙ୍କୁ ପୋଲିସ ଅଟକ ନ ରଖିବା ପୋଲିସ ଭୂମିକାକୁ ସନ୍ଦେହ ଭିତରକୁ ନେଉଥିବା ଜଣେ ପୋଲିସ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ ମତ ରଖିଛନ୍ତି। ସେ କହିଛନ୍ତି, ପୋଲିସ ଗୋଟିଏ ଦିନରେ ଅର୍ଚ୍ଚନା ଏବଂ ତାଙ୍କ ସ୍ୱାମୀଙ୍କୁ ଗୋଟିଏ ସ୍ଥାନରୁ ଠାବକରି ଅଟକ ରଖିଥିଲା। ହେଲେ ପରବର୍ତ୍ତୀ ସମୟରେ ପୋଲିସ ତାଙ୍କ ସ୍ୱାମୀଙ୍କୁ ଖସାଇ ଦେଇଛି। ଏହାଦ୍ୱାରା ଯେଉଁ ଅଧିକାରୀଙ୍କ ସମ୍ପର୍କରେ ତଥ୍ୟ ଅଛି ତାକୁ ହଟାଇବା ଲାଗି ଏହା ଏକ ବିଧିବଦ୍ଧ ଯୋଜନା। ଯଦି ଗୋଟିଏ ଦିନରେ ଚଢ଼ାଉ, ଗିରଫ ଏବଂ ତଦନ୍ତ ଆରମ୍ଭ କରି ଗଣମାଧ୍ୟମକୁ ପୋଲିସ ସ୍ପଷ୍ଟ ସୂଚନା ଦେବାକୁ ଚାହାନ୍ତା ତେବେ ପୋଲିସ ପ୍ରଶାସନ ପ୍ରତି ଲୋକମାନେ ସନ୍ଦେହ କରନ୍ତେ ନାହିଁ। ତେବେ ନେତାଙ୍କ କଥା ବାହାରକୁ ଆସୁଥିବା ବେଳେ କେଉଁ ଅଫିସରଙ୍କୁ ଘଣ୍ଟ ଘୋଡ଼ାଇବା ପାଇଁ ପୋଲିସ ଅର୍ଚ୍ଚନାଙ୍କ କ୍ଷେତ୍ରରେ ଭିତିରିଆ ତଦନ୍ତ କରିବାକୁ ବାଧ୍ୟ ହେଉଛି ତାକୁ ନେଇ ଜଣେ ଭାଜପା ନେତା ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ ଜଣେ ଅବସରପ୍ରାପ୍ତ ଆଇଜି ପାହ୍ୟା ପୋଲିସ ଅଫିସରଙ୍କ କହିବାନୁଯାୟୀ, ଅର୍ଚ୍ଚନାଙ୍କ ବିରୋଧରେ ବ୍ଲାକମେଲ୍‌ର କୌଣସି ଏତଲା ଦାଏର ହୋଇ ନ ଥିବାରୁ ପୋଲିସଙ୍କ କାର୍ଯ୍ୟ ନିଶ୍ଚିତ ଭାବେ କଷ୍ଟକର। ଏଥିସହିତ ସେ ଆହୁରି ମଧ୍ୟ ଯୋଡ଼ିଲେ ଯେ, ଏହି ମହିଳାଙ୍କ ସହିତ ଜଣେ ଦୁଇ ଜଣ ସଚିବ ପାହ୍ୟା ଅଫିସରଙ୍କ ସମ୍ପୃକ୍ତି ରହିଥିବା ହେତୁ କୌଣସି ବାସ୍ତବ ତଥ୍ୟ ପଦାକୁ ଆସିବା ଭଳି ମନେହେଉନାହିଁ। ଅପରପକ୍ଷରେ ସରକାରଙ୍କୁ ସମର୍ଥନ କରୁଥିବା କେତୋଟି ଗଣମାଧ୍ୟମ ଏହି ଚାଞ୍ଚଲ୍ୟକର ଘଟଣାରେ ନେତାଙ୍କ ସମ୍ପୃକ୍ତି ଅଛି ବୋଲି କହିଲେ ଜନସାଧାରଣଙ୍କ ଦୃଷ୍ଟି ଭିନ୍ନ ଆଡେ ଚାଲିଯିବାର ସମ୍ଭାବନା ରହିଛି। ଏବେ ପୋଲିସ ସେହି ଅନୁସାରେ କାମ କରୁଥାଇପାରେ ବୋଲି ଏହି ଗଣମାଧ୍ୟମ ଖବରରୁ ବୁଝିହେବ।

**ଗିରଫ ଭୟରେ ପୋଲରୁ ଡେଇଁ ହେଲପର ମୃତ**

ଜଳେଶ୍ୱର,(ଡି.ଏନ.ଏ.): ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଗୋଚାଲାଣ ବେଳେ ୬୦ନଂ ଜାତୀୟ ରାଜପଥର ଜଳେଶ୍ୱର ଥାନା ସୁବର୍ଣ୍ଣରେଖା ପୋଲ ନିକଟ ନାକା ପଏଣ୍ଟଠାରେ ୩ କଣ୍ଟେନର ଓ ଗୋଟିଏ ପିକ୍‌ଅପ୍ ଭ୍ୟାନକୁ ରବିବାର ସକାଳେ ପୋଲିସ ଜବତ କରିଛି। ଏହି ୪ଟି ଗାଡ଼ିରୁ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ଗୋରୁକୁ ଉଦ୍ଧାର କରି ପୋଲିସ ଗୋଶାଳା ପଠାଇଛି। ତେବେ ଗିରଫ ଭୟରେ ଗାଡ଼ିରେ ଥିବା ହେଲ୍‌ପର ପୋଲ ଉପରୁ ଡେଇଁ ପଡ଼ି ପ୍ରାଣ ହରାଇଛନ୍ତି। ଅନ୍ୟ ୭ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି।

# ନିଗମ ଅଧ୍ୟକ୍ଷ ତାଲିକା ଘୋଷଣା କଲେ ସରକାର

## ଚ୍ୟାଉପଟ୍ଟନାୟକ, ପାଟଶାଣୀଙ୍କୁ କ୍ୟାବିନେଟ ପାହ୍ୟା

- କଳିକେଶ ହାଉସିଂ ବୋର୍ଡ ଅଧ୍ୟକ୍ଷ, ପ୍ରଦୀପ ଏସ୍‌ଡିସି ପରାମର୍ଶଦାତା
- ଲେନିନ୍‌ଙ୍କୁ ଓଟିଡିସି ଅଧ୍ୟକ୍ଷ ଦାୟିତ୍ୱ
- ୨୦୨୪ ନିର୍ବାଚନକୁ ଦେଖି ନେତାଙ୍କୁ ଥଇଥାନ

ଭୁବନେଶ୍ୱର,୯।୧୦(ବ୍ୟୁରୋ)

ରାଜ୍ୟ ସରକାର ରବିବାର ବିଳମ୍ବିତ ସନ୍ଧ୍ୟାରେ ନିଗମ ଏବଂ ବୋର୍ଡ ପାଇଁ ଅଧ୍ୟକ୍ଷ ଓ ପରାମର୍ଶଦାତାଙ୍କୁ ନିଯୁକ୍ତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀରେ ବହୁ ନେତାଙ୍କୁ ଏହି ତାଲିକାରେ ଥଇଥାନ କରାଯାଇଛି। ରାଜନୈତିକ ଦୃଷ୍ଟିକୋଣରୁ ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ଶାସକ ଦଳ ଏହି ନିଯୁକ୍ତିମାନ ପ୍ରଦାନ କରିଥିବା ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ତଥାପି ସରକାରଙ୍କ ତରଫରୁ ଜାରି କରାଯାଇଥିବା ତାଲିକାରେ ବହୁ ବରିଷ୍ଠ ଏବଂ ଟାଣୁଆ ନେତାଙ୍କୁ ବାଦ୍ ଦିଆଯାଇଛି। ବହୁ ଯୁବ ନେତାଙ୍କୁ ତାଲିକାରେ ସ୍ଥାନ ମିଳିଥିବା ଦେଖିବାକୁ ମିଳିଛି। ଏହାସହ ନିଗମ ତାଲିକାରେ କେତେଜଣଙ୍କୁ ପରିବର୍ତ୍ତନ କରି କେତେଜଣଙ୍କୁ ନୂଆକରି ସାମିଲ କରାଯାଇଛି।

ତେବେ ସରକାର ଜାରି କରିଥିବା ନିଗମ ତାଲିକାରେ ରାଜ୍ୟ ସରକାରଙ୍କ ବିଭିନ୍ନ ନିଗମ ଓ ବୋର୍ଡରେ ଅଧ୍ୟକ୍ଷ, ଉପଦେଷ୍ଟା ଏବଂ ଉପାଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ନିଗମର ଅଧ୍ୟକ୍ଷ ଭାବେ କଳିକେଶ ନାରାୟଣ ସିଂହଦେଓଙ୍କୁ ନିଯୁକ୍ତ କରାଯାଇଥିବାବେଳେ ପ୍ରଭାତ ଆଦିତ୍ୟ ମିଶ୍ରଙ୍କୁ ଆପିକଲ ଅଧ୍ୟକ୍ଷ, ଡ. ବିଶ୍ୱନାଥଙ୍କୁ ଓଡ଼ିଶା ରୁରାଲ ହାଉସିଂ ଉନ୍ନୟନ ନିଗମ ଅଧ୍ୟକ୍ଷ, ଲେନିନ୍ ମହାନ୍ତିଙ୍କୁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ଅଧ୍ୟକ୍ଷ, ଅମରେଶ ପତ୍ରୀଙ୍କୁ ଓଡ଼ିଶା ଉଠାଜଳସେଚନ ନିଗମ ଅଧ୍ୟକ୍ଷ, ସୁବାସ ମହାରଣାଙ୍କୁ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ, ବିଜୟ ନାୟକଙ୍କୁ ଓଡ଼ିଶା ରାଜ୍ୟ ବିହନ ନିଗମ, ଦେବାଶିଷ ମହାନ୍ତିଙ୍କୁ ଓଡ଼ିଶା କୃଷି ଉଦ୍ୟୋଗ ନିଗମ ଅଧ୍ୟକ୍ଷ, ସତ୍ୟବ୍ରତ (କୁନା) ତ୍ରିପାଠୀଙ୍କୁ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଏଫଡିସି) ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ସେହିପରି ଶ୍ରୀମୟୀ ମିଶ୍ରଙ୍କୁ ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା, ଚିନ୍ମୟ ସାହୁଙ୍କୁ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଅଧ୍ୟକ୍ଷ, ମିନତି ବେହେରାଙ୍କୁ ଓଡ଼ିଶା ମହିଳା ଆୟୋଗ ଅଧ୍ୟକ୍ଷା, ସଂଗ୍ରାମ ପାଇକରାୟଙ୍କୁ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ଅଧ୍ୟକ୍ଷ, ସୁରେନ୍ଦ୍ର ପ୍ରଧାନଙ୍କୁ ଓଡ଼ିଶା ରାଜ୍ୟ କୃଷି ବିପଣନ ବୋର୍ଡ ଉପଦେଷ୍ଟା, କୁନ ବିହାରୀ ଦାସଙ୍କୁ ଓଡ଼ିଶା ରାଜ୍ୟ ଯୁବ କଲ୍ୟାଣ ପରିଷଦ ଅଧ୍ୟକ୍ଷ ଏବଂ ସନ୍ତୋଷ ବେଜଙ୍କୁ ଓଡ଼ିଶା କୃଷି ଉଦ୍ୟୋଗ ନିଗମର ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି।

ସେହିପରି ୮ ଜଣଙ୍କୁ ବିଭିନ୍ନ ବିଭାଗ/ଯୋଜନା ପାଇଁ ଉପଦେଷ୍ଟା ଭାବେ ନିଯୁକ୍ତ କରାଯାଇଛି। ରାମଚନ୍ଦ୍ର ପଣ୍ଡାଙ୍କୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଉପଦେଷ୍ଟା ଭାବେ ଦାୟିତ୍ୱ ଦିଆଯାଇଥିବାବେଳେ ଅନୁଭବ ପଟ୍ଟନାୟକଙ୍କୁ ବୈଦ୍ୟୁତିକ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ସୁଧୀର ଦାସ ଏବଂ ନିବେଦିତା ନାୟକଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଡ. ଲୋପାମୁଦ୍ରା ବକ୍ସିପାତ୍ର ଏବଂ ଗୀତା ବସ୍ତିଆଙ୍କୁ ମିଶନ ଶକ୍ତି, ସରୋଜିନୀ ହେମ୍ବ୍ରମଙ୍କୁ ଏସ୍‌ଟି/ଏସ୍‌ସି ବିଭାଗ ଏବଂ ସୁମିତ୍ରା ଜେନାଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ଉପଦେଷ୍ଟା ଭାବେ ନିଯୁକ୍ତି ମିଳିଛି।

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଭାବେ କାହାରିକୁ ନିଯୁକ୍ତ କରାଯାଇ ନ ଥିବାବେଳେ ପୂର୍ବତନ ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଏବଂ ପୂର୍ବତନ ସାଂସଦ ଡ. ପ୍ରସନ୍ନ ପାଟଶାଣୀଙ୍କୁ ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ଏଥିସହ ଉଭୟଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ମିଳିଛି। ସେହିପରି ସାଧୁ ନେପକଙ୍କୁ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସହ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପ୍ରଦାନ କରାଯାଇଛି। ଏହାବାଦ୍ ଗଞ୍ଜାମ ଜିଲା ଯୋଜନା ବୋର୍ଡରେ ବିଶେଷଜ୍ଞ ସଦସ୍ୟ ଭାବେ ରଘୁନାଥ ନାଇଡୁ ଏବଂ ଦ୍ୟୁମ୍ନନାଥ ପଣ୍ଡାଙ୍କୁ ନିଯୁକ୍ତି ମିଳିଥିବାବେଳେ ଜଗତସିଂହପୁର ଜିଲା ଯୋଜନା ବୋର୍ଡ ବିଶେଷଜ୍ଞ ସଦସ୍ୟ ଭାବେ ସାରଦା ଜେନା ଏବଂ ମୟୂରଭଞ୍ଜ ଜିଲା ଯୋଜନା ବୋର୍ଡ ବିଶେଷଜ୍ଞ ସଦସ୍ୟ ଭାବେ ଜିତେନ୍ଦ୍ର ମହାନ୍ତିଙ୍କୁ ନିଯୁକ୍ତ କରାଯାଇଛି। ସେହିପରି କଂଗ୍ରେସରୁ ଆସି ବିଜେଡିରେ ନିକଟରେ ଯୋଗ ଦେଇଥିବା ପୂର୍ବତନ ଏମ୍‌ପି ପ୍ରଦୀପ ମାଝିଙ୍କୁ ସ୍ପେଶାଲ ଡେଭଲପମେଣ୍ଟ କାଉନ୍‌ସିଲ୍‌ର ପରାମର୍ଶଦାତା ଭାବେ ନିଯୁକ୍ତି ମିଳିଛି। ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦକ ଭାବେ କସ୍ତୁରୀ ମହାପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ଅନ୍ୟପକ୍ଷରେ ଗଞ୍ଜାମ ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟର ଅଧ୍ୟକ୍ଷ ଭାବେ ପବିତ୍ର ପାଣିଗ୍ରାହୀ ଏବଂ ତାଳଚେର ଅନୁଗୋଳ ମେରାମଣ୍ଡଳି ଉନ୍ନୟନ କର୍ତ୍ତୃପକ୍ଷ (ଟିଏଏମ୍‌ଡିଏ)ର ଅଧ୍ୟକ୍ଷ ଭାବେ ଅବନୀକାନ୍ତ ସାହୁଙ୍କୁ ଦାୟିତ୍ୱ ମିଳିଛି।

# ଆଜି ୧୬ ଜିଲାକୁ ପ୍ରବଳ ବର୍ଷା

ଭୁବନେଶ୍ୱର, ୯।୧୦(ବ୍ୟୁରୋ)

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ା, ମୟୂରଭଞ୍ଜ, ଢେଙ୍କାନାଳ ଆଦି ୧୬ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଦକ୍ଷିଣାଞ୍ଚଳ ଜିଲାଗୁଡ଼ିକରେ ପ୍ରବଳ ବର୍ଷା ସମ୍ଭାବନା ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହିସବୁ ଜିଲା ପ୍ରତି ୟେଲୋ ୱାର୍ନିଂ ଜାରି କରାଯାଇଛି। ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ପାରଳାଖେମୁଣ୍ଡିରେ ସର୍ବାଧିକ ୨୦.୨ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ନୟାଗଡ଼ରେ ୧୨, ଖୋର୍ଦ୍ଧାରେ ୧୦, ତାଳଚେର ୧୨, ପାରାଦୀପ ୬.୭, ଦାରିଙ୍ଗବାଡ଼ି ୬, ଭଦ୍ରକ ୩.୫, କୋରାପୁଟ ୨, ଗୋପାଳପୁର ୬.୩, ପୁରୀ ୬, କେନ୍ଦୁଝର ୩, ଭଦ୍ରକ ୩.୫, ଭୁବନେଶ୍ୱର ୨.୬, କଟକ ୨.୪ ଏବଂ ବାଲେଶ୍ୱରରେ ୨.୪ମିମି ବର୍ଷା ହୋଇଛି। ଏହାଛଡ଼ା ଅନୁଗୋଳ, ଝାରସୁଗୁଡ଼ା, ଭବାନୀପାଟଣା, ଯାଜପୁରରେ ମଧ୍ୟ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।



ଅପରପକ୍ଷେ ଗତ ୧ ତାରିଖରୁ ୯ ତାରିଖ ମଧ୍ୟରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଏହି ସମୟ ମଧ୍ୟରେ ସ୍ୱାଭାବିକ ବର୍ଷା ୪୮.୧ମିମି ଥିବା ବେଳେ ୭୯.୪ମିମି ବର୍ଷା ରେକର୍ଡ କରାଯାଇଛି। ତଥାପି ଝାରସୁଗୁଡ଼ା, ନୂଆପଡ଼ା, ନବରଙ୍ଗପୁର ଏବଂ ମାଲକାନଗିରିରେ ଅଭାବୀ ବର୍ଷା ଦେଖାଯାଇଛି। କେନ୍ଦୁଝର, ସୋନପୁର, ବଲାଙ୍ଗୀର ଓ କଳାହାଣ୍ଡିରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ କୋରାପୁଟ, ରାୟଗଡ଼ା, କନ୍ଧମାଳ, ବୌଦ୍ଧ, ସୁନ୍ଦରଗଡ଼, ଢେଙ୍କାନାଳ ଓ ଯାଜପୁରରେ ଅଧିକ ବର୍ଷା ହୋଇଛି। ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ଜିଲାଗୁଡ଼ିକରେ ଅଧିକରୁ ଅଧିକ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଓଡ଼ିଆ ଛାତ୍ରଙ୍କୁ ରୌପ୍ୟ



ପ୍ରବୀଣ କୁମାର ଗିରି

ଭୁବନେଶ୍ୱର, ୯।୧୦(ବ୍ୟୁରୋ)

ବିଶ୍ୱ ଦରବାରରେ ଓଡ଼ିଆ ଛାତ୍ର ସଫଳତା ହାସଲ କରିଛନ୍ତି। ଜର୍ମାନୀ ଷ୍ଟୁଟଗାର୍ଟରେ ଅନୁଷ୍ଠିତ ହେଉଥିବା ବିଶ୍ୱ ଦକ୍ଷତା ପ୍ରତିଯୋଗିତା (ୱାର୍ଲ୍ଡ ସ୍କିଲ୍ କମ୍ପିଟିଶନ)ରେ ଓଡ଼ିଶାର ଛାତ୍ର ପ୍ରବୀଣ କୁମାର ଗିରି ନିଜର ଦକ୍ଷତା ପ୍ରଦର୍ଶନ କରି ସଫଳତା ଆଣିଛନ୍ତି। ୱାଟର ଟେକ୍ନୋଲୋଜି ବର୍ଗରେ ଭାରତ ପାଇଁ ସେ ରୌପ୍ୟ ପଦକ ଜିତିଛନ୍ତି। ଏ ନେଇ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ପକ୍ଷରୁ ସୂଚନା ଦିଆଯିବା ସହିତ ପ୍ରବୀଣଙ୍କୁ ଶୁଭେଚ୍ଛା ଜଣାଯାଇଛି। ପ୍ରବୀଣଙ୍କ ଏହି ସଫଳତା କେବଳ ଓଡ଼ିଶା ନୁହେଁ, ଦେଶ ପାଇଁ ଗୌରବ ଆଣିଛି। ଭୁବନେଶ୍ୱରସ୍ଥିତ ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ଛାତ୍ର ହେଉଛନ୍ତି ପ୍ରବୀଣ କୁମାର ଗିରି। ୱାର୍ଲ୍ଡ ସ୍କିଲ୍ ପ୍ରତିଯୋଗିତାରେ ଓଡ଼ିଶାରୁ ୧୨ଜଣ ଛାତ୍ରୀଛାତ୍ର ବିଭିନ୍ନ ବର୍ଗରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ। ପ୍ରବୀଣଙ୍କ ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନିଜ ଜୀବନରେ ଏହିଭଳି ଉତ୍କର୍ଷ ଜାରି ରଖନ୍ତୁ ଏବଂ ଓଡ଼ିଶା ତଥା ସମଗ୍ର ଦେଶକୁ ଗୌରବାନ୍ୱିତ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ପିଜି ସ୍ପଟ୍ ନାମଲେଖା ପାଇଁ ଆଜି ମେଧା ତାଲିକା

ଭୁବନେଶ୍ୱର,୯।୧୦(ବ୍ୟୁରୋ)

ରାଜ୍ୟର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ପିଜି ସ୍ପଟ୍ ନାମଲେଖା ପାଇଁ ସୋମବାର ଅପରାହ୍ନ ୪ଟାରେ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ରଙ୍କୁ ୧୧ରୁ ୧୨ ତାରିଖ ଅପରାହ୍ନ ୫ଟା ମଧ୍ୟରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମ ପଞ୍ଜୀକରଣ କରିବାକୁ ପଡ଼ିବ। ୧୮ ତାରିଖ ଅପରାହ୍ନ ୪ଟାରେ ସ୍ପଟ ନାମଲେଖା ପାଇଁ ସିଟ୍ ଆବଣ୍ଟନ ତାଲିକା ବାହାରିବ। ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୧୯ ଓ ୨୦ ତାରିଖରେ ନାମ ଲେଖାଇବେ। ୨୧ ତାରିଖ ଅପରାହ୍ନ ୫ଟା ସୁଦ୍ଧା ସ୍ପଟ୍ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ତଥ୍ୟ ସମ୍ପୃକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ଇ-ସ୍ପେସ୍‌ରେ ଅପଲୋଡ୍ କରିବେ।

ସୂଚନାଯୋଗ୍ୟ, ଦୁଇଟି ପର୍ଯ୍ୟାୟରେ ପିଜି ନାମଲେଖା ଶେଷ ହୋଇଥିବାବେଳେ ବଳକା ସିଟ୍ ପାଇଁ ସ୍ପଟ୍ ନାମଲେଖା ଅନୁଷ୍ଠିତ ହେବ। ସେପଟେ ବହୁ ବିଳମ୍ବ ହୋଇଯାଇଥିବାରୁ ଆସନ୍ତା ୧୭ ତାରିଖରୁ ପିଜି ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହେବ। ଏହି ତାରିଖ ସୁଦ୍ଧା ନୂଆ ଛାତ୍ରୀଛାତ୍ରଙ୍କୁ ହଷ୍ଟେଲ ଯୋଗାଇ ଦିଆଯିବ।

# ଲଲିପପ୍ ଖାଇ ନାବାଳକ ମୃତ୍ୟୁ ଅଭିଯୋଗ

ପାରଳାଖେମୁଣ୍ଡି, ୯।୧୦(ଡି.ଏନ୍.ଏ.)

ଗଜପତି ଜିଲା ମୋହନା ଥାନା ଡିମ୍ବିରିଝୁଲି ଗାଁରେ ଦୋକାନରୁ ଲଲିପପ୍ ଖାଇ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଡିମ୍ବିରିଝୁଲି ଗାଁର ବାସୁଦେବ ଶବରଙ୍କ ପୁଅ ବୈକୁଣ୍ଠ (୧୦)। ପୋଲିସ ନଂ.୧୨/୨୨ ଅନୁଯାୟୀ ମାମଲା ରୁଜୁ କରି ଦୋକାନୀଙ୍କୁ ଅଟକ ରଖି ପଚରାଉଚରା କରିବା ସହ ଲଲିପପ୍ ଜବତ କରିଛି। ବୈକୁଣ୍ଠ ଶୁକ୍ରବାର ସନ୍ଧ୍ୟାରେ ଗାଁର ଏକ ଦୋକାନକୁ ଯାଇ ଲଲିପପ୍ ମାଗିଥିଲେ। ଦୋକାନୀ ନାବାଳକଙ୍କୁ ଦୋକାନରୁ ଲଲିପପ୍ ନ ଦେଇ ନିଜ ଘରକୁ ନେଇ ଲଲିପପ୍ ଖାଇବାକୁ ଦେଇଥିଲେ। ଶନିବାର ହଠାତ୍ ନାବାଳକଙ୍କ ନାକ ଓ ପାଟିରୁ ଫେଣ ବାହାରି ପରେ ତାଙ୍କର ମୃତ୍ୟୁ ଘଟିଥିଲା।




**ସାଙ୍କେତିକ ବିଜ୍ଞପ୍ତି**

**ବର୍ଷ ୨୦୨୨-୨୩ ଲାଗି ସ୍କାଉଟ୍ସ ଓ ଗାଇଡ୍ସ କୋଟାରେ ନିଯୁକ୍ତି**

କର୍ମନିଯୁକ୍ତି ବିଜ୍ଞପ୍ତି ନଂ. ଏସ୍‌ଇଆର୍/ପର୍ସ/ଏସ୍ ଆଣ୍ଡ ଜି କୋଟା/୨୦୨୨-୨୩
ଖୋଲିବା ତାରିଖ: ୧୫।୧୦।୨୦୨୨, ବନ୍ଦ ହେବା ତାରିଖ: ୧୪।୧୧।୨୦୨୨, ୧୮.୦୦ ଘଟିକାରେ (ମୁଖ୍ୟ ଅଧିସୂଚନାରେ ଦର୍ଶାଯାଇଥିବା ବିଶେଷ ଅଞ୍ଚଳର ପ୍ରାର୍ଥୀମାନଙ୍କ ପାଇଁ ୨୪।୧୧।୨୦୨୨)

ଦକ୍ଷିଣ ପୂର୍ବ ରେଳପଥ ବର୍ଷ ୨୦୨୨-୨୩ ନିମନ୍ତେ ସ୍କାଉଟ୍ସ ଓ ଗାଇଡ୍ସ କୋଟାରେ ୧୦ ଗୋଟି ପଦବୀ (୨- ଗ୍ରେଡ୍ ସି ଏବଂ ୮-ପୂର୍ବତନ ଗ୍ରେଡ୍ ଡି) ପୂରଣ କରିବା ପାଇଁ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ସଭ୍ୟମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି।

ସମ୍ପୂର୍ଣ୍ଣ ବିବରଣୀ ସହିତ ଅଧିସୂଚନା ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ପ୍ରକାଶିତ ହେବ। ପ୍ରାର୍ଥୀମାନେ ରେଳପଥ ନିଯୁକ୍ତି କୋଷର ଆନୁଷ୍ଠାନିକ ୱେବ୍‌ସାଇଟ୍, www.rrcser.co.inରେ ସମ୍ପୂର୍ଣ୍ଣ ଅଧିସୂଚନା ଏବଂ ଦରଖାସ୍ତ ଫର୍ମ ସମେତ ପରିଶିଷ୍ଟଗୁଡ଼ିକୁ ଦେଖିପାରିବେ।

ପୂରଣ ହୋଇଥିବା ଦରଖାସ୍ତ ସହିତ ସମସ୍ତ ଆବଶ୍ୟକ ଦସ୍ତାବିଜ ଏବଂ ଅଂଶଗ୍ରହଣ ପ୍ରମାଣପତ୍ର ରେଳପଥ ନିଯୁକ୍ତି କୋଷ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ରେ, ଡାକ କିମ୍ବା ହାତରେ ଉପରଦର୍ଶିତ ବନ୍ଦ ହେବା ତାରିଖ କିମ୍ବା ତାହା ପୂର୍ବ ସୁଦ୍ଧା ପହଞ୍ଚିବା ଆବଶ୍ୟକ।

(PR-623) ଅଧ୍ୟକ୍ଷ/ଆର୍‌ଆର୍‌ସି

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ

**Government of Odisha**
**Sports & Youth Services Department**

No____________/SYS. Dt.
SYS-FE-FE-0008-2015

**Dateline for e-Admission in Govt. College of Physical Education for the session 2022-24**

**No.TT-17:** Dateline for e-Admission in Govt. College of Physical Education, Bhubaneswar/ Sambalpur of the State for B. P. Ed. & M .P. Ed. Courses under project Student Academic Management System (SAMS). For details please contact to Govt. College of Physical Education (GCPE), Bhubaneswar/ Sambalpur or call Sanjog helpline Toll Free (155335/18003456770) Number.

| SN# | Activities | Date Lines* |
|---|---|---|
| 01 | Availability of Online Common Application Form (CAF) for B. P. Ed / M. P. Ed. Course in the Sports and Youth Services Department website www.samsodisha.gov.in & www.sportsodisha.gov.in | 20.10.2022 |
| 02 | Last date of applying online CAF | 27.10.2022 (11.59 PM) |
| 03 | Availability for downloading of Index Card for Physical Fitness Test | 30.10.2022 |
| 04 | Date of Validation & Physical Fitness Test (Conducted at Bhubaneswar) (Detail of Test Schedule & venue will be mentioned on the index card) | 03.11.2022 to 06.11.2022 |
| 05 | i.Publication of General Merit List & Disqualified List<br>ii.Publication 1st Selection List (College-wise) | 10.11.2022 |
| 06 | Admission of selected candidates for both colleges at **Central Admission Centre at Kalinga Stadium, Bhubaneswar (10.00AM to 05.00PM)** | 15.11.2022 to 16.11.2022 |
| 07 | Publication of 2nd Selection List | 18.11.2022 |
| 08 | Admission of selected candidates for both colleges at **Central Admission Centre at Kalinga Stadium, Bhubaneswar (10.00AM to 05.00PM)** | 21.11.2022 |
| 09 | Publication of 3rd Selection List if vacancy arises | 22.11.2022 |
| 10 | Admission of selected candidates for both colleges at **Central Admission Centre at Kalinga Stadium, Bhubaneswar (10.00AM to 05.00PM)** | 24.11.2022 |
| 11 | Classes will start | 25.11.2022 |

**For more detail please Contact**
**e-Admission Helpline (Toll free) Number 155335-18003456770 or e-Admission Helpdesk @ Govt. College of Physical Education (GCPE) Bhubaneswar/ Sambalpur- 0674-2476694/06681-284658**

*Change to the dateline (if occurs) will be notified in the website.

OIPR-29001/11/0016/2223 Sd./- PRINCIPAL, GCPE, BHUBANESWAR

# ମୁହଁ ଖୋଲିଲେ, ତଥାପି ଲୁଚାଇଲେ

## ରହସ୍ୟମୟୀ ବ୍ଲାକ୍‌ମେଲର ଅର୍ଚ୍ଚନାଙ୍କ ଗୁମର ଖୋଲୁଛି

- ଯୁବତୀଙ୍କୁ ମୋହରା ବନାଇ ପ୍ରଯୋଜକଙ୍କୁ ଫସାଇଥିଲେ
- ସବୁ ଦିଗରୁ ତଦନ୍ତ ହେଉଛି: ଭୁବନେଶ୍ୱର ଡିସିପି

ଭୁବନେଶ୍ୱର,୯।୧୦(ବ୍ୟୁରୋ)

ଟଙ୍କା ପାଇଁ ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ଅଭିନେତା, ବ୍ୟବସାୟୀ, ପ୍ରଶାସନିକ ତଥା ପୋଲିସ ଅଧିକାରୀଙ୍କୁ ମାୟା ଜାଲରେ ଫସାଇ ବ୍ଲାକ୍‌ମେଲିଂ କରି ଟଙ୍କା ଲୁଟୁଥିବା ରହସ୍ୟମୟୀ ମହିଳା ଅର୍ଚ୍ଚନା ନାଗଙ୍କ କଳାକାରନାମା ଧୀରେ ଧୀରେ ପଦାକୁ ଆସୁଛି। ଗତ ଗୁରୁବାର ରାତିରୁ ସେ ଗିରଫ ହୋଇ ଜେଲ ଯାଇଥିଲେ ମଧ୍ୟ ତାଙ୍କ ବିଷୟରେ ଥାନା ଅଧିକାରୀଙ୍କଠାରୁ ଆରମ୍ଭ କରି ପୋଲିସ କମିଶନରଙ୍କ ପର୍ଯ୍ୟନ୍ତ କେହି ବି ସୂଚନା ଦେଉ ନ ଥିଲେ। ଗଣମାଧ୍ୟମ ଗୋଟିକ ପରେ ଗୋଟିଏ ଘଟଣା ପଦାକୁ ଆଣିବା ପରେ ବଦନାମ ଭୟରେ ଶେଷରେ କମିଶନରେଟ ପୋଲିସ୍ ମୁହଁ ଖୋଲିଛି। ହେଲେ ପୂର୍ବରୁ ଗଣମାଧ୍ୟମରେ ଚର୍ଚ୍ଚାକୁ ଆସିଥିବା ମାମଲା ସଂକ୍ରାନ୍ତ ସୂଚନା ଦେଇ ଅନେକ ପ୍ରସଙ୍ଗକୁ ଲୁଚାଇବାକୁ ଚେଷ୍ଟା କରାଯାଇଥିବାରୁ କମିଶନରେଟ ପୋଲିସର କାର୍ଯ୍ୟଧାରାକୁ ନେଇ ବଡ଼ ପ୍ରଶ୍ନ ଉଠିଛି।

ରବିବାର ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି, ଖଣ୍ଡଗିରି ଥାନାରେ ଅକ୍ଟୋବର ୨ରେ ଅର୍ଚ୍ଚନାଙ୍କ ନାଁରେ ଜଣେ ଯୁବତୀ ଅଭିଯୋଗ କରିଥିଲେ। ଉକ୍ତ ଯୁବତୀଙ୍କ ସହ ପ୍ରଥମେ ଅର୍ଚ୍ଚନା ବନ୍ଧୁତା ସ୍ଥାପନ କରିଥିଲେ। ତାଙ୍କୁ ଅପବ୍ୟବହାର କରି ଅର୍ଚ୍ଚନା ଅଶ୍ଳୀଳ ଫଟୋ ରଖି ଏକାଧିକଙ୍କୁ ବ୍ଲାକମେଲ୍ କରିଥିଲେ। ଜଣେ ଚଳଚ୍ଚିତ୍ର ପ୍ରଯୋଜକଙ୍କ ସହ ବନ୍ଧୁତା କରି ତାଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇବାକୁ ଯୁବତୀଙ୍କୁ ବାଧ୍ୟ କରିଥିଲେ। ଏହାପରେ ଟଙ୍କା ମାଗିବାକୁ ମଧ୍ୟ କହିଥିଲେ। ଯୁବତୀ ଜଣକ ମନା କରିବାରୁ ଅର୍ଚ୍ଚନା ଧମକ ଦେବା ସହ ଡରାଇଥିଲେ। ଏନେଇ ଯୁବତୀ ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ। ଆଇପିସି ଦଫା ୩୮୫, ୩୮୬, ୩୮୭, ୪୨୦, ୫୦୬ ସହ ଆଇଟି ଆକ୍ଟରେ ଏକ ମାମଲା (ନଂ. ୪୯୬/୨୦୨୨) ରୁଜୁ କରାଯାଇ ତୁରନ୍ତ ତଦନ୍ତ ଆରମ୍ଭ ହୋଇଥିଲା। ଏଥିସହ ଅର୍ଚ୍ଚନାଙ୍କ ଘରୁ ୪ଟି ମୋବାଇଲ, ୨ଟି ଟାବ୍‌ଲେଟ୍, ଗୋଟିଏ ପେନ୍ ଡ୍ରାଇଭ୍, ବ୍ୟାଙ୍କ ପାସବୁକ୍, ଲାପଟପ୍ ଜବତ ହୋଇଛି। ତାଙ୍କ ନାମରେ ଥିବା ଜମିଜମା ସମ୍ପତ୍ତି ବିଷୟରେ ତଥ୍ୟ ଯୋଗାଡ଼ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଛି। ଆବଶ୍ୟକ ସମୟରେ ତାଙ୍କୁ ରିମାଣ୍ଡରେ ଅଣାଯିବାକୁ ଯୋଜନା କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଯୁବତୀଙ୍କୁ ମୋହରା ବନାଇ ଯେଉଁ ପ୍ରଯୋଜକଙ୍କୁ ସେ ଟଙ୍କା ମାଗିଥିଲେ ତାଙ୍କ ନାଁ ପୋଲିସ କହିନାହିଁ। ଏପରି କି ଯେଉଁ ପ୍ରଭାବଶାଳୀ ରାଜନେତାଙ୍କ ସହ ତାଙ୍କର ସମ୍ପର୍କ ରହିଛି ଓ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଫଟୋ ସମ୍ପର୍କରେ ମଧ୍ୟ ଡିସିପି ମୁହଁ ଖୋଲିନାହାନ୍ତି। ତେବେ ବ୍ଲାକ୍‌ମେଲ୍ ନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିବା ବ୍ୟକ୍ତିଜଣକ ପ୍ରଯୋଜକ ଅକ୍ଷୟ ପରିଜା ବୋଲି ସୂଚନା ମିଳିଛି।



ଅଭିଯୁକ୍ତ ଅର୍ଚ୍ଚନା ନାଗ



ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ

### ଫୋରେନ୍‌ସିକ୍ ଲାବ୍‌ରେ ମୋବାଇଲ, ପେନ୍‌ଡ୍ରାଇଭ୍, ଲାପଟପ୍ ଯାଞ୍ଚ

ଅର୍ଚ୍ଚନାଙ୍କ ଘରୁ ଜବତ ହୋଇଥିବା ମୋବାଇଲ, ପେନ୍‌ଡ୍ରାଇଭ୍, ଲାପଟପ୍ ଆଦିକୁ ଷ୍ଟେଟ୍ ଫୋରେନ୍‌ସିକ୍ ଲାବ୍‌କୁ ପଠାଯାଇଛି। ସେଠାରେ ଏସବୁର ଯାଞ୍ଚ କରାଯାଉଛି ବୋଲି ଡିସିପି ସିଂ କହିଛନ୍ତି। ହେଲେ ଏସବୁଥିରେ ଅର୍ଚ୍ଚନାଙ୍କ କଳା କାର୍‌ନାମାର ଗୁମର ରହିଥିବା ଅନୁମାନ କରାଯାଉଛି। ଏକାଧିକ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଗୁପ୍ତ ଭିଡିଓ ସହ ବ୍ଲାକ୍‌ମେଲ୍‌ର ଶିକାର ହୋଇଥିବା ନେତା, ପ୍ରଯୋଜକ, ବ୍ୟବସାୟୀଙ୍କ ଅଶ୍ଳୀଳ ଭିଡିଓ ରହିଥିବା ସନ୍ଦେହ କରାଯାଉଛି। କିନ୍ତୁ ଏଥିରେ ଅର୍ଚ୍ଚନାଙ୍କ କଳାକାରନାମାର ବଡ଼ ପ୍ରମାଣ ରହିଥିଲେ ମଧ୍ୟ ପୋଲିସ ଏଗୁଡ଼ିକୁ ପଦାକୁ ଆଣିବ ନା ଲୁଚାଇବାକୁ ଚେଷ୍ଟା କରିବ ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି।



ଡିସିପି ପ୍ରତୀକ ସିଂ

### ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁଙ୍କୁ ନୋଟିସ୍

ଅର୍ଚ୍ଚନା ଗିରଫ ହେବା ପରେ ତାଙ୍କ କଳା ସାମ୍ରାଜ୍ୟର ପ୍ରମୁଖ ଭାଗୀଦାରି ତଥା ସ୍ୱାମୀ ଜଗବନ୍ଧୁଙ୍କ ବିଷୟରେ ଜୋର୍‌ସୋର ଚର୍ଚ୍ଚା ଲାଗି ଚାଲିଛି। ଜଗବନ୍ଧୁ ହିଁ ଅର୍ଚ୍ଚନାଙ୍କୁ ଏସବୁ କରିବାକୁ ଉତ୍ସାହିତ କରିବା ସହ ପ୍ରତି ମୁହୂର୍ତ୍ତରେ ଛିଡ଼ା ହେଉଥିଲେ। ଅର୍ଚ୍ଚନାଙ୍କୁ ଗିରଫ କରାଯାଇଥିଲେ ମଧ୍ୟ ଜଗବନ୍ଧୁଙ୍କ ପାଖରେ ଏଯାଏ କାହିଁକି ପୋଲିସ ପହଞ୍ଚିପାରୁନାହିଁ ବୋଲି ପ୍ରଶ୍ନ ଉଠୁଥିଲା। ଏନେଇ ଡିସିପି କହିଛନ୍ତି, ଅର୍ଚ୍ଚନାଙ୍କ ସ୍ୱାମୀଙ୍କୁ ଆମେ ନୋଟିସ୍ କରିଛୁ। ଅସ୍ତ୍ରୋପଚାର ହୋଇଥିବାରୁ ଜଗବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତେଣୁ ତାଙ୍କୁ ସିଧାସଳଖ ପଚରାଉଚରା କରାଯାଇନାହିଁ ବୋଲି ସେ କହିଛନ୍ତି।

### ମେସେଞ୍ଜର ପରେ ହ୍ୱାଟ୍‌ସଆପ୍ ଚାଟ୍ ଭାଇରାଲ୍

ରହସ୍ୟମୟୀ ଅର୍ଚ୍ଚନା କିଭଳି ଉପାୟରେ ଧନୀ ବ୍ୟକ୍ତିଙ୍କୁ ଫସାଇ ଟଙ୍କା ଲୁଟୁଥିଲେ ତାହାର ଅନେକ ପ୍ରମାଣ ଏବେ ପଦାକୁ ଆସିବାରେ ଲାଗିଛି। ମେସେଞ୍ଜର ଚାଟ୍ ପରେ ରବିବାର ହ୍ୱାଟ୍‌ସ ଆପ୍ ଚାଟ୍ ଭାଇରାଲ ହେବାରେ ଲାଗିଛି। ଅର୍ଚ୍ଚନା ଜଣେ ଯୁବତୀଙ୍କ ସହ ଉକ୍ତ ଚାଟ୍ କରିଥିବା ଦେଖିବାକୁ ମିଳିଛି। ଏପରିକି ଉକ୍ତ ଯୁବତୀଙ୍କୁ ଅର୍ଚ୍ଚନା କିପରି ମନାଇବା ସହ ବ୍ଲାକ୍‌ମେଲ୍ ପାଇଁ ଯୋଜନା କରୁଛନ୍ତି ତାହା ସେଥିରୁ ସ୍ପଷ୍ଟ ଜଣାପଡୁଛି। ଯୁବତୀ କହୁଛନ୍ତି, ବହୁତ ଟଙ୍କା ଦେବା କଥା କହିବାରୁ ସେମାନଙ୍କ କଥାରେ ମୁଁ ରାଜି ହୋଇଥିଲି। ଏବେ ନ ମାନିଲେ ଜୀବନ ପ୍ରତି ବିପଦ ଅଛି। ଏପଟେ ଅର୍ଚ୍ଚନା କହୁଛନ୍ତି, ଯାହା ବି ମାଗିବ ଆମେ ତମକୁ ଦେବୁ। ହେଲେ କାହା କଥାରେ ଯୁବତୀ ଜଣକ ରାଜି ହୋଇଥିଲେ, ଜୀବନ ପ୍ରତି ବିପଦ ଆଶଙ୍କା ସୃଷ୍ଟି କରୁଥିବା ବ୍ୟକ୍ତିଜଣକ କିଏ ଓ ଉକ୍ତ ବ୍ୟକ୍ତିଜଣକ କେହିଜଣେ ପ୍ରଭାବଶାଳୀ ରାଜନେତା ହୋଇଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି।

**Government of Odisha**
**Higher Education Department**

**Timeline for Phase-II Admission into U.G. Courses under SAMS in the Higher Education Institutions for the Academic Year 2022-23**

No.N-47:- Timeline for e-Admission in all (+3) Degree Colleges including Self Financing (Degree) / Sanskrit (Shastri) Colleges of the State under Student Academic Management System (SAMS) is given below. Any changes in the timelines will be published in the newspapers as well as in the website www.samsodisha.gov.in. Kindly refer the Common Prospectus (CP) before filling up the CAF.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the website www.samsodisha.gov.in | 13th Oct. 2022 (11:00 A.M.) |
| 2 | Last date of applying online CAF through www.samsodisha.gov.in | 19th Oct. 2022 (11:45 P.M.) |
| 3 | Publication of First Merit List in SAMS Portal | 27th Oct. 2022 (02:00 P.M.) |
| 4 | Reporting of Applicants at allotted institutions for taking admission | 28th Oct. 2022, 29th Oct. 2022 & 31st Oct. 2022 (5:00 P.M.) |
| 5 | Error Correction and Data updation of applicants selected in Phase-II Selection | 28th Oct. 2022, 29th Oct. 2022 & 31st Oct 2022 (7.00 P.M.) |
| 6 | Filling up of Slide-up Option Form online by admitted students | 28th Oct. 2022 to 1st Nov. 2022 (11:45 P.M.) |
| 7 | Publication of Second Merit List in SAMS Portal | 7th Nov. 2022 (02:00 P.M.) |
| 8 | Reporting of Applicants at allotted institutions for taking admission | 9th Nov.-2022 to 11th No. 2022 (5:00 P.M.) |
| 9 | Data updation of applicants selected in Phase-II Selection | 9th Nov. 2022 to 12th Nov. 2022 (5:00 P.M.) |
| 10 | Collection of Admission Fees at the respective HEIs (After completion of all phases of e-Admission Process for the session 2022-23) | Dates will be notified by the Higher Education Department later |

**For more details please contact: e-Admission Helpline (Toll Free) Number 155335 / 1800-345-6770**

N.B.: Please go through the detailed U.G. Phase-II Guidelines available in U.G. SAMS website (https://samsodisha.gov.in/ DegreeNew/index.aspx)

OIPR-11001/11/0035/2223 Sd./- Deputy Director, PTC Section

"ସମାଜର ପ୍ରଧାନ ଆବଶ୍ୟକତା ହେଉଛି- ବର୍ତ୍ତମାନ ମଣିଷ ଏକ ଆଧ୍ୟାତ୍ମିକ ମଣିଷରେ ବିବର୍ତ୍ତିତ ଅଥବା ପରିବର୍ତ୍ତିତ ହେବ। ଯେପରି କ୍ରମବିବର୍ତ୍ତନରେ ପଶୁ ମଣିଷ ବହୁ ପରିମାଣରେ ବର୍ତ୍ତମାନ ଏକ ଉଚ୍ଚମନଯୁକ୍ତ ମଣିଷରେ ପରିଣତ ହୋଇଛି। -ଶ୍ରୀମା

# ତେଲଙ୍ଗାନାରୁ ଭାରତ

ଆସନ୍ତା ୨୦୨୪ ଲୋକ ସଭା ନିର୍ବାଚନ ଲାଗି ଏବେଠାରୁ ବିଭିନ୍ନ ରାଜନୈତିକ ଦଳ ଭିନ୍ନ ଭିନ୍ନ ରଣନୀତି ଅପଣାଇବାରେ ବ୍ୟସ୍ତ। ଭାରତୀୟ ଜନତା ପାର୍ଟି(ଭାଜପା) କେନ୍ଦ୍ରରେ ଦୀର୍ଘ ସମୟ ଶାସନରେ ଥିବାରୁ ତାହାର ଗତିରୋଧ କରିବା ଲାଗି ଆଞ୍ଚଳିକ ଦଳଗୁଡ଼ିକ ଏକାଠି ହେବାକୁ ଏକାଧିକ ପ୍ରୟାସ କରୁଛନ୍ତି। ଏଭଳି ସମୟରେ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଜାତୀୟ ଦଳ ହେବାର ଆଶା ରଖି ପାର୍ଟିର ନାମକୁ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)ରେ ପରିଣତ କରିଛି। ଏହି ପାର୍ଟିର ମୁଖ୍ୟ କେ. ଚନ୍ଦ୍ରଶେଖର ରାଓ (କେସିଆର୍) କହିଛନ୍ତି ଯେ, ଦେଶରେ ଜାତୀୟ ଦଳର ଅଭାବ ଥିବାରୁ ତାହାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି। କିନ୍ତୁ ରାଜନୈତିକ ସମୀକ୍ଷକଙ୍କ ମତରେ କେସିଆର୍ ଦେଶର ନେତୃତ୍ୱ ନେବାକୁ ଅଣ୍ଟା ଭିଡ଼ିଛନ୍ତି। ଇତିମଧ୍ୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସମେତ ଅନ୍ୟ ନେତାମାନଙ୍କୁ ସେ ଭେଟି ଭାଜପାକୁ ଗାଦିଚ୍ୟୁତ କରିବା ଲାଗି ଆଲୋଚନା କଲାଭଳି ଲାଗୁଛି।

ଭାଜପାର ବିଗତ ୮ ବର୍ଷର ଶାସନ ଏବେ ଦେଶବାସୀଙ୍କୁ ଅତିଷ୍ଠ କଲାଣି। ବିଶେଷକରି ଆର୍ଥିକ ଓ ବୈଦେଶିକ ନୀତି ଦୁର୍ବଳ ରହିଥିବାରୁ ଭାରତ ବହୁବିଧ ସମସ୍ୟା ଦେଇ ଗତି କରୁଛି। ତେଣୁ ୨୦୨୪ ଲୋକ ସଭା ନିର୍ବାଚନରେ ପରିବର୍ତ୍ତନ ଆସିବା ଦରକାର ବୋଲି ସମସ୍ତେ ଅନୁଭବ କଲେଣି। ଏଭଳି ପରିପ୍ରେକ୍ଷୀରେ କେସିଆର୍‌ଙ୍କ ନେତୃତ୍ୱାଧୀନ ପାର୍ଟି ଭାଜପାକୁ ଏକାକୀ ପ୍ରତିରୋଧ କରିବ ବୋଲି କେହି ଭାବୁନାହାନ୍ତି। ତେଲଙ୍ଗାନାରେ ଲୋକ ସଭା ସିଟ୍ ସଂଖ୍ୟା ମାତ୍ର ୧୭। ଅର୍ଥାତ୍ ତେଲଙ୍ଗାନାର ନେତା ପ୍ରଧାନମନ୍ତ୍ରୀ ଆସନ ଅକ୍ତିଆର କରିପାରିବେ ବୋଲି କେସିଆର୍ କେବେ ହିସାବ କରୁ ନ ଥିବେ। ଅପରପକ୍ଷରେ ଆନ୍ଧ୍ରପ୍ରଦେଶକୁ ବିଭାଜନ କରିବାର ଦୀର୍ଘକାଳର ସଂଗ୍ରାମକୁ ମୁଣ୍ଡିମାରିବାରେ ଏକାକୀ କେସିଆର୍ ସଫଳ ହୋଇଥିଲେ। ସେହି ରାଜ୍ୟରେ ତାଙ୍କୁ ବିରୋଧ କରି ତାଙ୍କ ଭଳି ଭାବମୂର୍ତ୍ତି ରଖିଥିବା ନେତା ଅନ୍ୟ କୌଣସି ଦଳରେ ଥିବା ପରି ଦିଶୁନାହିଁ। ଅର୍ଥାତ୍ ଆଜି ପର୍ଯ୍ୟନ୍ତ କେସିଆର୍ ଅପ୍ରତିଦ୍ୱନ୍ଦ୍ୱୀ ନେତା ଭାବେ ନିଜକୁ ରଖିପାରିଛନ୍ତି। ଏଥିସହିତ ୨୦୨୪ରେ ହେବାକୁ ଥିବା ଲୋକ ସଭା ନିର୍ବାଚନର ଅଳ୍ପ କେତେକ ମାସ ପୂର୍ବରୁ ତେଲଙ୍ଗାନା ବିଧାନସଭା ନିର୍ବାଚନ ହେବ। ସେଥିରେ ଯଦି ତାଙ୍କ ଦଳ ସଫଳତା ଲାଭ କରେ, ତେବେ ଲୋକ ସଭା ନିର୍ବାଚନ ବେଳକୁ କେସିଆର୍ ଅତି ସହଜରେ ଦେଶବ୍ୟାପୀ ବୁଲି ବିଭିନ୍ନ ସହଯୋଗୀ ଦଳ ସକାଶେ ପ୍ରଚାର କରିପାରିବେ। ସମସ୍ତେ ବୁଝିଗଲେଣି ଯେ, ମୋଦିଙ୍କ ପାଖରେ ବିପୁଳ ଅର୍ଥ ଅଛି। ତେଣୁ ସେଭଳି ଅର୍ଥକୁ ନିର୍ବାଚନୀ ପ୍ରକ୍ରିୟାରେ ସାମ୍ନା କରିବା ପାଇଁ ସମସ୍ତେ କୌଶଳ ପ୍ରସ୍ତୁତ କରିସାରିବେଣି। ରଣନୀତି ପ୍ରସ୍ତୁତିର ପ୍ରୟାସ ଆରମ୍ଭ ହୋଇଗଲାଣି ବୋଲି ଟିଆର୍‌ଏସ୍ ଦଳର ନାମ ପରିବର୍ତ୍ତନ ସୂଚାଉଛି। ତାହା ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ହେବାର ଅର୍ଥ ହେଉଛି କୌଣସି ଗୋଟିଏ ରାଜ୍ୟରେ ଆବଦ୍ଧ ହୋଇ ରହିବା ପରିବର୍ତ୍ତେ ପଡ଼ୋଶୀ ଆନ୍ଧ୍ରଠାରୁ ଆରମ୍ଭକରି ଦକ୍ଷିଣ ଓଡ଼ିଶାରେ ମଧ୍ୟ ପ୍ରାର୍ଥୀ ଦେବା ସହଜ ହୋଇଯିବ। କାରଣ ସମସ୍ତେ ବୁଝିଲେଣି ଯେ, ୨୦୨୪ ଲୋକ ସଭା ନିର୍ବାଚନ କୌଣସି ଦଳ ପାଇଁ ସହଜ ହେବ ନାହିଁ। ୨୦୧୪ ଓ ୨୦୧୯ର ହିନ୍ଦୁତ୍ୱ ଧ୍ୱନିକୁ ଧ୍ୱସ୍ତବିଧ୍ୱସ୍ତ ଭାରତୀୟ ଅର୍ଥନୀତି ଅତି ସହଜରେ ମୁକାବିଲା କରିଦେଇପାରେ। ସାଧାରଣ ନାଗରିକର ପେଟରେ ଭୋକ ଓ ବର୍ଦ୍ଧିତ ଋଣ କିନ୍ତୁ ପଇଠ ତାଙ୍କର ଧାର୍ମିକ ଚିନ୍ତାଧାରାକୁ ବାଉଳା କରିଦେଇପାରେ। ସେଥିପାଇଁ କେଜ୍‌ରିୱାଲ, ନୀତୀଶ ଓ କେସିଆର୍‌ଙ୍କ ଭଳି ରାଜନେତା ଏବେ ନିଜ ନିଜ ଢଙ୍ଗରେ ଅଣ୍ଟା ଭିଡ଼ିଲେଣି। ରାହୁଲଙ୍କୁ ଯେତେ ଥଟ୍ଟା କରି ପପୁ କହିଲେ ମଧ୍ୟ 'ଭାରତ ଯୋଡ଼ୋ' ପଦଯାତ୍ରାର କିଛିଟା ସକାରାତ୍ମକ ପ୍ରଭାବ ପଡ଼ିପାରେ। କାରଣ ପ୍ରତ୍ୟେକ ପ୍ରୟାସର ଏକ ପ୍ରତିକ୍ରିୟା ଦେଖାଦେଇଥାଏ। ହୁଏତ ବିଭାଜିତ ହିନ୍ଦୁ ସମାଜରୁ ଯଥେଷ୍ଟ ଭୋଟ ମିଳିବାର ସନ୍ଦେହ କରି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ଏବେ ଜାତି ଓ ବର୍ଣ୍ଣକୁ ଭୁଲିଯିବାକୁ ଆହ୍ୱାନ ଦେବାକୁ ଆରମ୍ଭ କଲେଣି। ଏହିଭଳି ମନ୍ତବ୍ୟକୁ ତାଙ୍କ ସଙ୍ଗଠନ ବିଭିନ୍ନ ସମୟରେ ବିଫଳ କରିଦେବାର ଇତିହାସ ଜଣାପଡ଼େ। ତେବେ ଏହି ଡାକରା ମାଧ୍ୟମରେ ସଂଘ ସଂରକ୍ଷଣକୁ ବିରୋଧ କରୁଥାଇପାରେ ବୋଲି କେତେକେ ମତ ଦେଉଛନ୍ତି। ଆସନ୍ତା କିଛି ମାସ ମଧ୍ୟରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବା ସହିତ ଛବି କ୍ରମଶଃ ସ୍ପଷ୍ଟ ହେବାକୁ ଆରମ୍ଭ କରିବ।

> ରଣନୀତି ପ୍ରସ୍ତୁତିର ପ୍ରୟାସ ଆରମ୍ଭ ହୋଇଗଲାଣି ବୋଲି ଟିଆର୍‌ଏସ୍ ଦଳର ନାମ ପରିବର୍ତ୍ତନ ସୂଚାଉଛି। ତାହା ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ହେବାର ଅର୍ଥ ହେଉଛି କୌଣସି ଗୋଟିଏ ରାଜ୍ୟରେ ଆବଦ୍ଧ ହୋଇ ରହିବା ପରିବର୍ତ୍ତେ ପଡ଼ୋଶୀ ଆନ୍ଧ୍ରଠାରୁ ଆରମ୍ଭକରି ଦକ୍ଷିଣ ଓଡ଼ିଶାରେ ମଧ୍ୟ ପ୍ରାର୍ଥୀ ଦେବା ସହଜ ହୋଇଯିବ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | | | | 8 | 1 |
| 7 | | | | | 6 | | | |
| | | | 7 | 8 | 4 | | | |
| | | | 9 | | 8 | | | |
| | 1 | | 5 | | | 9 | | |
| | 5 | | | 1 | | | | 3 |
| | | | | 9 | | | | |
| 3 | 6 | | | | | 5 | | |
| 4 | | | | 6 | 3 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 9 | 7 | 1 | 3 | 2 | 4 | 6 |
| 2 | 4 | 3 | 8 | 9 | 6 | 5 | 1 | 7 |
| 7 | 1 | 6 | 5 | 4 | 2 | 8 | 3 | 9 |
| 1 | 9 | 7 | 3 | 2 | 4 | 6 | 8 | 5 |
| 4 | 2 | 5 | 6 | 8 | 1 | 9 | 7 | 3 |
| 6 | 3 | 8 | 9 | 5 | 7 | 1 | 2 | 4 |
| 5 | 7 | 1 | 4 | 6 | 8 | 3 | 9 | 2 |
| 3 | 6 | 2 | 1 | 7 | 9 | 4 | 5 | 8 |
| 9 | 8 | 4 | 2 | 3 | 5 | 7 | 6 | 1 |

ଗତକାଲିର ଉତ୍ତର

# ହୀରାକୁଦ ବନ୍ୟା ରୋକିବ ନା ବଢ଼ାଇବ



ତତ୍ତ୍ୱ ଓ ତର୍କ

ବିମଳ ପାଣ୍ଡିଆ

ହୀରାକୁଦ ଜଳଭଣ୍ଡାରର ପ୍ରାୟ ୬୮ ବର୍ଷର ଇତିହାସରେ ବନ୍ୟା ମୁକାବିଲାରେ ତାହାର ଯୋଗଦାନ ପାଇଁ କିଛି ବାହାବା ଅବଶ୍ୟ ପାଇଛି। କିନ୍ତୁ ବନ୍ୟାକୁ ରୋକିପାରି ନ ଥିବା କାରଣରୁ ବା ବନ୍ୟାର କାରଣ ହୋଇଥିବାରୁ ଢେର୍ ଅଧିକ ଗାଳି ବି ଖାଇଛି। ୧୯୮୨ ମସିହାରେ ହୀରାକୁଦ ତଳମୁଣ୍ଡରେ ପ୍ରବଳ ବର୍ଷା କାରଣରୁ ମହାନଦୀରେ ଆସିଥିବା ପ୍ରଳୟଙ୍କରୀ ବନ୍ୟାକୁ ଜଳଭଣ୍ଡାରରୁ ଅଧିକ ପାଣି ନ ଛାଡ଼ି ଆହୁରି ବଡ ବିପତ୍ତି ହେବାକୁ ଦେଇ ନ ଥିବାରୁ ଅନେକ ବାହାବା ପାଇଥିଲା। କିନ୍ତୁ ୨୦୦୮, ୨୦୧୧ ଭଳି ଅନେକ ବର୍ଷରେ ହୀରାକୁଦ ଜଳଭଣ୍ଡାର ସାଧାରଣ ବନ୍ୟାକୁ ବଡ଼ ବନ୍ୟାରେ ପରିଣତ କରିଥିବାର ଅନେକ ଅଭିଯୋଗ ଉଠିଥିଲା। ଚଳିତ ବର୍ଷ ମଧ୍ୟ ହୀରାକୁଦ ମହାନଦୀର ତଳମୁଣ୍ଡରେ ବନ୍ୟା ରୋକି ନ ଥିବାର ରଡ଼ି ଅନେକ ଦିନ ଧରି ଗର୍ଜିଥିଲା। ସେହି ସମୟରେ ଆଉ ଗୋଟେ ବର୍ଗ ଅଭିଯୋଗ କରୁଥିଲେ ଯେ ତ୍ରିକୋଣଭୂମିରେ ବନ୍ୟାକୁ ରୋକିବା ପାଇଁ ସରକାର ହୀରାକୁଦ ବନ୍ଧର ସୁରକ୍ଷା ସହିତ ଖେଳ ଖେଳୁଛନ୍ତି। ମହାନଦୀ ଓ ହୀରାକୁଦ ନଦୀବନ୍ଧ ଯୋଜନାକୁ ବୁଝିବାର ଟିକେ ଚେଷ୍ଟାକଲେ ଆମେ ଜାଣିଯିବା ଯେ ମହାନଦୀ ବ୍ୟବସ୍ଥାରେ ବଡ଼ ବନ୍ୟା ରୋକିବାରେ ହୀରାକୁଦ ଜଳଭଣ୍ଡାରର ସାମର୍ଥ୍ୟ ନିହାତି ମାମୁଲି। କିନ୍ତୁ ମହାନଦୀ ବ୍ୟବସ୍ଥାରେ ମାରାତ୍ମକ ବନ୍ୟା ସୃଷ୍ଟିକରିବାରେ ସେ ଏକ ବଡ଼ କାରଣ ହେବାର ଆଶଙ୍କା ଖୁବ୍ ବଢ଼ିଚାଲିଛି।

ହୀରାକୁଦ ଜଳଭଣ୍ଡାର ପୃଥିବୀର ବିଶାଳ କୃତ୍ରିମ ଜଳଭଣ୍ଡାରଗୁଡ଼ିକ ମଧ୍ୟରୁ ଗୋଟିଏ । କିନ୍ତୁ ପୂର୍ଣ୍ଣ ଥିବା ବେଳେ ପ୍ରାୟ ୭୫୦ ବର୍ଗ କିଲୋମିଟରର ବିସ୍ତୀର୍ଣ୍ଣ ଅଞ୍ଚଳରେ ଜଳ ପ୍ଲାବିତ ହୋଇ ରହୁଥିବା ହୀରାକୁଦ ଜଳଭଣ୍ଡାରଟି ତାହାର ଜଳ ଗ୍ରହଣ କ୍ଷେତ୍ରକୁ ଦେଖିଲେ ନିହାତି ଛୋଟ। ଜଳଭଣ୍ଡାରଟି ପୂର୍ଣ୍ଣ ଥିବା ବେଳେ ଯେତିକି ଅଞ୍ଚଳରେ ପାଣି ମାଡ଼ି ରହେ ତାହାର ୧୧୧ ଗୁଣ ଅଧିକ ଅଞ୍ଚଳରୁ ଜଳଭଣ୍ଡାରକୁ ଜଳ ଆସିଥାଏ। ହୀରାକୁଦ ନଦୀବନ୍ଧ ନିର୍ମାଣ ବେଳେ ୧୯୨୬ରୁ ୧୯୪୬ ବର୍ଷର ଜଳପ୍ରବାହକୁ ନେଇ ଆକଳନ ହୋଇଥିଲା ଯେ ହୀରାକୁଦ ଦେଇ ବର୍ଷରେ ହାରାହାରି ୫୦୦ ଲକ୍ଷ ଏକର ଫୁଟ ଜଳ ପ୍ରବାହିତ ହୋଇଥାଏ। ଯଦି ପୂରା ଓଡ଼ିଶା ଏକ ସମତଳ ଅଞ୍ଚଳ ହୁଏ ଓ ଏହାର ସମଗ୍ର ଅଞ୍ଚଳରେ ୫୦୦ ଲକ୍ଷ ଏକର ଫୁଟ ଜଳ ଯଦି ମାଡ଼ି ରହେ ତେବେ ସାରା ଓଡ଼ିଶା ୧ ମିଟରରୁ ଅଧିକ ଉଚ୍ଚତାର ଜଳରେ ବୁଡ଼ିଯିବ। ବନ୍ଧ ତିଆରି ବେଳେ ମୋଟ ୪୭.୨ ଲକ୍ଷ ଏକର ଫୁଟ ଜଳ ଧରି ରଖିବା ପାଇଁ ଭଣ୍ଡାର ତିଆରି ହୋଇଥିଲା। ଅର୍ଥାତ୍, ହୀରାକୁଦ ଦେଇ ହାରାହାରି ଯେତେ ଜଳ ପ୍ରବାହିତ ହୁଏ, ତିଆରି ବେଳେ ବି ତାହାର ମୋଟେ ୧୧ ଭାଗର ଭାଗେ ଜଳ ହିଁ ଧରି ରଖିବାର ସାମର୍ଥ୍ୟ ଥିଲା। ଏବେ ହୀରାକୁଦର ସେହି କ୍ଷମତା ନାହିଁ। ପୋତି ହେବା ଯୋଗୁ ଏବେ ଜଳଭଣ୍ଡାରର ବ୍ୟବହାରଯୋଗ୍ୟ ଜଳଧାରଣ କ୍ଷମତା ପ୍ରାୟ ୩୬ ଲକ୍ଷ ଏକର ଫୁଟ ହିଁ ଅଛି। ଅନେକ ବର୍ଷରେ ହାରାହାରିଠାରୁ ଢେର୍ ଅଧିକ ଜଳ ପ୍ରବାହିତ ହେବାର ନଜିର ଅଛି। ହୀରାକୁଦ ବନ୍ଧ ତିଆରି ହେବା ଆଗରୁ ୧୯୧୯ରେ ସର୍ବାଧିକ ୬୭୯ ଲକ୍ଷ ଏକର ଫୁଟ ଜଳ ପ୍ରବାହିତ ହୋଇଥିଲା। ହୀରାକୁଦ ବନ୍ଧ ନିର୍ମାଣ ହେବାର ୪ବର୍ଷ ପରେ ୧୯୬୧ରେ ୭୩୬.୨୯ ଲକ୍ଷ ଏକର ଫୁଟ ଜଳ ହୀରାକୁଦ ଦେଇ ପ୍ରବାହିତ ହୋଇଥିଲା। ଅର୍ଥାତ୍, ହୀରାକୁଦ ଯେତିକି ଜଳ ରୋକିପାରିଥିଲା ତାହାର ପ୍ରାୟ ୨୦ ଗୁଣ ଅଧିକ ଜଳ ଜଳଭଣ୍ଡାର ଦେଇ ପ୍ରବାହିତ ହୋଇଥିଲା। ଏଥିରୁ ଅନୁମାନ କରନ୍ତୁ ହୀରାକୁଦଟି କେତେ ଛୋଟ।



ହୀରାକୁଦଠାରେ ସମ୍ଭାବ୍ୟ ସର୍ବାଧିକ ବନ୍ୟା ପ୍ରବାହର ଭୁଲ୍ ଆକଳନ କାରଣରୁ ଓ ନଦୀବନ୍ଧର ଢାଞ୍ଚାଗତ ଦୁର୍ବଳତା ବା ସୀମିତତା କାରଣରୁ ହୀରାକୁଦ ନଦୀବନ୍ଧ ଏକ ବଡ ବିପଦ ହେବାକୁ ଯାଉଛି। ଆକଳନ ହୋଇଥିବା ସମ୍ଭାବ୍ୟ ପ୍ରବାହର କଥା ଛାଡ଼ି ଦିଆଯାଉ, ଯଦି ୨୦ ଲକ୍ଷ କ୍ୟୁସେକ ଜଳ ହୀରାକୁଦକୁ ଆସିବ ତେବେ ହୀରାକୁଦ ବନ୍ୟା ସମ୍ଭାଳିବ କ'ଣ ଓଲଟି ନଦୀବନ୍ଧକୁ ହିଁ ସମ୍ଭାଳିବା ଦୁରୂହ ହୋଇଯିବ। ହୀରାକୁଦ ନଦୀବନ୍ଧରେ ଥିବା ମୋଟ ୬୪ ସ୍ଲୁଇସ ଓ ୩୪ କ୍ରେଷ୍ଟ ଗେଟ୍ ମାଧ୍ୟମରେ ସର୍ବାଧିକ ୧୫ ଲକ୍ଷ କ୍ୟୁସେକ ଜଳ ହିଁ ଛଡ଼ା ଯାଇପାରିବ। ତା'ଠାରୁ ଅଧିକ ଜଳ ଛାଡ଼ିବା ସାମର୍ଥ୍ୟ ହୀରାକୁଦର ନାହିଁ। ବନ୍ଧ ନିର୍ମାଣ ସମୟର ସର୍ବୋଚ୍ଚ ବନ୍ୟାଜଳ ପ୍ରବାହ ସମ୍ଭାବନା ଆକଳନ ଅନୁସାରେ ସେତିକି ନିଷ୍କାସନ ସାମର୍ଥ୍ୟ ରଖିଲେ ଚଳିଯିବ ବୋଲି ବିଚାର କରାଯାଇଥିଲା। ୧୯୪୮ର ହୀରାକୁଦ ବନ୍ଧ ପ୍ରକଳ୍ପ ରିପୋର୍ଟରେ କୁହାଯାଇଥିଲା ଯେ ହୀରାକୁଦ ଦେଇ ଗୋଟିଏ ସେକେଣ୍ଡରେ ସର୍ବାଧିକ ୯.୪୨ ଲକ୍ଷ ଘନ ଫୁଟ (କ୍ୟୁସେକ) ବନ୍ୟା ଜଳ ପ୍ରବାହିତ ହେବାର ଇତିହାସ ରହିଛି। ବନ୍ଧ ନିର୍ମାଣକୁ ୪ ବର୍ଷ ବି ଯାଇ ନ ଥିଲା। ୧୯୬୧ରେ ହୀରାକୁଦକୁ ୧୬ ଲକ୍ଷ କ୍ୟୁସେକ ବନ୍ୟାଜଳ ପ୍ରବେଶ କରୁଥିଲା। ଭାଗ୍ୟ ଭଲ ସେତେବେଳେ ଜଳଭଣ୍ଡାରକୁ ଅଗଷ୍ଟ, ସେପ୍ଟେମ୍ବରରେ ପ୍ରାୟ ଖାଲି ରଖାଯାଉଥିଲା। ସମ୍ଭାଳି ହୋଇଗଲା। ଅନେକ ଥର ୯.୪୨ ଲକ୍ଷ କ୍ୟୁସେକରୁ ଅଧିକ ଜଳ ହୀରାକୁଦ ଜଳଭଣ୍ଡାରକୁ ପଶିଛି। ନରାଜଠାରେ ୯ ଲକ୍ଷ କ୍ୟୁସେକରୁ ଅଧିକ ଜଳ ପ୍ରବାହିତ ହେଲେ ମହାନଦୀ ତ୍ରିକୋଣ ଭୂମି ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୁଏ। ୨୦୧୧ ସେପ୍ଟେମ୍ବର ୧୦ରେ ହୀରାକୁଦ ଜଳଭଣ୍ଡାରକୁ ୧୧.୦୬ କ୍ୟୁସେକ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ୫୫ ସ୍ଲୁଇସ୍ ଓ ୪ କ୍ରେଷ୍ଟ ଗେଟ୍, ମୋଟ ୫୯ଟି ଗେଟ୍ ମାଧ୍ୟମରେ ୯.୮୧ ଲକ୍ଷ କ୍ୟୁସେକ ଜଳ ଛଡ଼ାଯାଇଥିଲା। ୧୯୮୦ରେ ୮୪ ଗେଟ୍ ଓ ୧୯୮୨ରେ ୭୬ ଗେଟ୍ ଖୋଲିବାକୁ ପଡିଥିଲା। ଏତିକି ପାଣି ପ୍ରବାହିତ ହେଲେ ଜଳଭଣ୍ଡାର ପାଇଁ ତାହା କେତେ ଅଧିକ ବା କମ୍ ଜାଣିବା ପାଇଁ ହୁଏତ ଜିଜ୍ଞାସା ହେଉଥିବ। ଧରନ୍ତୁ ହୀରାକୁଦ ଜଳଭଣ୍ଡାରଟି ପୂରା ଖାଲି ଅଛି। ସେହିଭଳି ସ୍ଥିତିରେ ଯଦି ୧୦ ଲକ୍ଷ କ୍ୟୁସେକ ହାରରେ ଜଳ ଆସେ ଓ ଯଦି ହୀରାକୁଦ ଜଳଭଣ୍ଡାରର ସବୁ ଗେଟ୍ ବନ୍ଦ ଥାଏ ତେବେ ହୀରାକୁଦ ଜଳଭଣ୍ଡାରକୁ ସମ୍ପୂର୍ଣ୍ଣ ଭରିଯିବା ପାଇଁ ମୋଟେ ୪୪ ଘଣ୍ଟା ହିଁ ଲାଗିବ। କୌଣସି ସମୟରେ ବି ଜଳଭଣ୍ଡାରର ସମ୍ପୂର୍ଣ୍ଣ ପେଟ ବନ୍ୟାଜଳକୁ ରଖିବା ପାଇଁ ପୂରା ଖାଲି ନ ଥାଏ। ହୀରାକୁଦର ଅନ୍ୟ ଆବଶ୍ୟକତା ପାଇଁ ଜଳଭଣ୍ଡାରରେ ଜଳ ଭରି ରଖିବା ଦରକାର। ସେପ୍ଟେମ୍ବର ଶେଷ ସୁଦ୍ଧା ଜଳଭଣ୍ଡାରକୁ ପୂରା ଭରିବା ପାଇଁ 'ରୁଲ୍ କର୍ଭ' ସୁପାରିସ କରିଛି।

୧୯୭୬ରେ ଏକ ବିଶେଷଜ୍ଞ ଦଳ ଆକଳନ କଲେ ଯେ ହୀରାକୁଦ ଠାରେ ସର୍ବାଧିକ ୨୮.୭୪ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବା ଆଶଙ୍କା ଅଛି। ଅର୍ଥାତ୍, ହୀରାକୁଦର ବର୍ତ୍ତମାନ ଯେତିକି ଜଳ ନିଷ୍କାସନ କ୍ଷମତା ଅଛି ତାହାର ପାଖାପାଖି ଦୁଇଗୁଣ ଅଧିକ ଜଳ ପ୍ରବାହର ଆଶଙ୍କା ଅଛି। ୧୯୯୭ରେ କେନ୍ଦ୍ରୀୟ ଜଳ ଆୟୋଗ ଆକଳନ କଲେ ଯେ ହୀରାକୁଦଠାରେ ସର୍ବାଧିକ ୨୪.୫ ଲକ୍ଷ କ୍ୟୁସେକ ଜଳ ବହିବାର ଆଶଙ୍କା ଅଛି। ଓଡ଼ିଶା ସରକାର ୧୯୭୬ର ବିଶେଷଜ୍ଞ ଦଳର ରିପୋର୍ଟକୁ ଗ୍ରହଣ କରିଥିଲେ। ତାହାକୁ ୪୬ ବର୍ଷ ହୋଇସାରିଲାଣି। କେନ୍ଦ୍ରୀୟ ଜଳ ଆୟୋଗର ଅକଳନକୁ ବି ୨୫ ବର୍ଷ ହେଲାଣି। ଅଧିକ ଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ କମିଟି କରିଥିବା ସୁପାରିସ ଏଯାଏ କାର୍ଯ୍ୟକାରୀ ହୋଇ ନାହିଁ। ହୀରାକୁଦର ସ୍ଥିତି ଏବେ ଆହୁରି ବିକଟ। କାରଣ ହୀରାକୁଦର ସମସ୍ତ ଗେଟ୍ ଠିକ ଭାବରେ ଖୋଲୁ ନାହିଁ। ଅତିରିକ୍ତ ବନ୍ୟାଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ଓଡ଼ିଶା ସରକାର ପ୍ରସ୍ତୁତ କରିଥିବା ଏକ ନୋଟ୍‌ରେ କୁହାଯାଇଛି ଯେ କିଛି ଗେଟ୍ ଅଚଳ ହୋଇଯାଇଥିବା କାରଣରୁ ଏବେ ନଦୀବନ୍ଧର ସର୍ବୋଚ୍ଚ ବନ୍ୟାଜଳ କ୍ଷମତା ୧୩ ଲକ୍ଷ କ୍ୟୁସେକକୁ ଖସି ଆସିଛି।

୧୯୭୯ରେ ଗୁଜରାଟର ମଚ୍ଛୁ ନଦୀବନ୍ଧର ଏକ ଅଂଶ ଭୁଶୁଡ଼ିଯାଇଥିଲା। ହୀରାକୁଦକୁ ମଚ୍ଛୁର ୪୩ଗୁଣରୁ ଅଧିକ ଅଞ୍ଚଳରୁ ଜଳ ଆସିଥାଏ। ମାମୁଲି ମଚ୍ଛୁ ନଦୀବନ୍ଧ ଭୁଶୁଡ଼ିବାରୁ ୨୫,୦୦୦ ଜୀବନ ଯାଇଥିଲା ବୋଲି ରିପୋର୍ଟ ଅଛି। ୧୯୭୫ରେ ହୀରାକୁଦରୁ ଆକାରରେ ଅନେକ ଛୋଟ ଚାଇନାର ବେନ୍‌କ୍ୟୁଓ ନଦୀବନ୍ଧ ଭୁଶୁଡ଼ି ୨ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା ବୋଲି କୁହାଯାଏ। ସେହି ଜଳଭଣ୍ଡାରର ମୋଟ ଜଳଧାରଣ କ୍ଷମତା ହୀରାକୁଦର ୧୦ ଭାଗରୁ ଭାଗେ ବି ନ ଥିଲା। ଏଥିରୁ ହୀରାକୁଦ ନଦୀବନ୍ଧର ବିପଦ କେତେ ବିରାଟ ଭାବିଦେଲେ ଦେହ ଶୀତେଇଯିବ।

# କୋଣ-ଅନୁକୋଣରେ ଭାରତୀୟ ଡାକ



ଡ. ବିଭୁଦତ୍ତ ମିଶ୍ର

ଭାରତର ବ୍ରିଟିଶ ରାଜତ୍ୱ ସମୟରୁ ୧ ଅକ୍ଟୋବର ୧୮୫୪ ମସିହା ଲର୍ଡ ଡେଲହାଉସିଙ୍କ ଦ୍ୱାରା ପ୍ରତିଷ୍ଠିତ 'ଡାକ ବିଭାଗ' ସ୍ଥାପନାକୁ ଆଧୁନିକ ଯୁଗରେ ମଧ୍ୟ ପ୍ରତିଷ୍ଠା ଦିବସ ଭାବେ ଗ୍ରହଣ କରାଯାଇଥାଏ। ପ୍ରତ୍ୟେକ ବର୍ଷ ଅକ୍ଟୋବର ୯ (ୟୁନିଭର୍ସାଲ ପୋଷ୍ଟାଲ ୟୁନିୟନର ପ୍ରତିଷ୍ଠା ଦିବସ)କୁ ବିଶ୍ୱ ଡାକ ଦିବସ ଭାବେ ଗ୍ରହଣପୂର୍ବକ ବିଶ୍ୱବ୍ୟାପୀ 'ଡାକ ସପ୍ତାହ' ୧୬ ଅକ୍ଟୋବର ଯାଏ ପାଳନ ପରମ୍ପରା ଶୁଭାରମ୍ଭ ହୋଇଥାଏ। ଡାକ ଟିକେଟ ସାମଗ୍ରୀ ତଥା ଡାକ ଇତିହାସକୁ ସମ୍ମିଳିତ କରି ସାଧାରଣ ଜନତା ଓ ସଂଗ୍ରାହକମାନଙ୍କ ସଚେତନତା ଉଦ୍ଦେଶ୍ୟରେ ଅକ୍ଟୋବର ୧୦କୁ 'ରାଷ୍ଟ୍ରୀୟ ଡାକ ଦିବସ' ଭାବେ ପାଳନ କରାଯାଏ।

ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତୀ ସମୟରେ ଭାରତର କୋଣ-ଅନୁକୋଣରେ ଡାକ ସରବରାହ ବ୍ୟବସ୍ଥାକୁ ମଜଭୁତ କରି ଆମ ଦେଶ ଡାକ ବିଭାଗ ବିଶ୍ୱର ସର୍ବାଧିକ ପୋଷ୍ଟ ଅଫିସ ଥିବା ଦେଶର ମାନ୍ୟତା ହାସଲ କରିଛି। ଡାକବିଭାଗ ଦ୍ୱାରା ବ୍ୟବହୃତ ଡାକବାକ୍ସର ସ୍ୱତନ୍ତ୍ର ପରିଚୟ, ଡାକ ପ୍ରଦାନକାରୀ ଡାକିଆ ବା ଡାକବାଲା ଏକ ସମୟରେ ସାଧାରଣ ଜନତା ଓ ପରିଜନଙ୍କ ମଧ୍ୟରେ ଏକମାତ୍ର ସମ୍ପର୍କର ସୂତ୍ର ଥିଲା। ଆଜି ମଧ୍ୟ ଅପହଞ୍ଚ ଇଲାକା, ଯେପରି ବିଶ୍ୱର ସର୍ବ ଉଚ୍ଚସ୍ଥାନ ଡାକ ଅଫିସ୍ ହିମାଚଳ ପ୍ରଦେଶର ସିକିମ୍ ବା କଶ୍ମୀର ଡାଲ ହ୍ରଦରେ ଥିବା ଭାସମାନ ଡାକଘର ଦେଶ ବିଦେଶ ପର୍ଯ୍ୟଟକମାନଙ୍କ ଆକର୍ଷଣ କେନ୍ଦ୍ର ପାଲଟିଛି। ଆଧୁନିକ ଯୁଗରେ ପ୍ରଯୁକ୍ତିବିଦ୍ୟା ଅଭିବୃଦ୍ଧି, ଇଣ୍ଟରନେଟ୍ ଓ ମୋବାଇଲ୍ ହେତୁ ନୂତନ ପିଢ଼ିରେ ଡାକଟିକେଟ ସଂଗ୍ରହରେ ଆସକ୍ତ କମିଥିଲେ ମଧ୍ୟ ଶିକ୍ଷା, ଜନସଚେତନତା, ପର୍ଯ୍ୟଟନ, ଐତିହାସିକ ପ୍ରାସାଦ, ମନ୍ଦିର, କାରୁକାର୍ଯ୍ୟ, କ୍ରୀଡ଼ା, ମହାନ୍ ବ୍ୟକ୍ତିବିଶେଷ, ଅନୁଷ୍ଠାନଗୁଡ଼ିକୁ ଡାକଟିକେଟ ସ୍ଥାନିତ କରି ଡାକବିଭାଗ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

ଡାକ ସାମଗ୍ରୀ ନେବା-ଆଣିବା ପୁରାତନ ସମୟର ବ୍ୟବହୃତ ପ୍ରଣାଳୀ ପଦଦୌଡ଼ାଳି, ସାଇକେଲ୍, ମୋଟର ସାଇକେଲ୍, ପଶୁପକ୍ଷୀମାନଙ୍କ ବ୍ୟବହାର (ପାରା, ହାତୀ, ଘୋଡ଼ା, ଓଟ, ଶଗଡ଼, କୁକୁର, ପାଲିଙ୍କି) ଏବେ କେବଳ କିମ୍ବଦନ୍ତୀ ହେବା ସହ ସଡ଼କଯାନ (ଡାକ ମାଲବାହୀ ଗାଡ଼ି), ରେଳ ଡାକ ମାଲବାହୀ ଡବା, ଉଡାଜାହାଜ ପ୍ରେରିତ ମାଲବାହୀ ବିମାନ, ରକେଟ ଓ ହେଲିକପ୍ଟର ଡାକ, ନଦୀ ଓ ସମୁଦ୍ର ରାସ୍ତାରେ ନୌକା, ଜାହାଜ ପ୍ରେରିତ ଡାକ ଉପଯୋଗ ସଂଗ୍ରାହକମାନଙ୍କ ପ୍ରଥମ ପସନ୍ଦ ହୋଇ ରହିଛି। ବିମାନ ପ୍ରେରିତ ଚିଠିପତ୍ର ନେଣଦେଣର ଶ୍ରେୟ ବିଶ୍ୱରେ ପ୍ରଥମ ଥର ପାଇଁ ଫେବୃୟାରୀ ୧୮, ୧୯୧୧ରେ ଭାରତର ଆଲ୍ଲାହାବାଦଠାରୁ ନୈନୀ ପର୍ଯ୍ୟନ୍ତ କୁମ୍ଭମେଳା ସମୟରେ ପ୍ରଚଳନ ହୋଇଥିଲା।

ଡାକବିଭାଗ ଦ୍ୱାରା ଅନ୍ୟ ଏକ ଯୁଗାନ୍ତକାରୀ ଖବର ସରବରାହ ମାଧ୍ୟମ ହେଉଛି 'ମିଲିଟାରୀ ଡାକ ବ୍ୟବସ୍ଥା'। ପ୍ରତିରକ୍ଷା ବିଭାଗରେ କାର୍ଯ୍ୟରତ ସୈନିକ, ଦୁର୍ଗମ ମରୁ ବା ବରଫାବୃତ ହିମସ୍ରୋତ ଇଲାକା, ସୀମାର ଜାଗ୍ରତ ପ୍ରହରୀ, ସ୍ଥଳଭାଗରେ କାର୍ଯ୍ୟରତ ସୈନ୍ୟବାହିନୀ ସଦୃଶ ସଂଗଠନମାନଙ୍କ ପରିବାର ଓ ସ୍ୱଜନ ସହ ସମ୍ପର୍କ ରକ୍ଷା ଉଦ୍ଦେଶ୍ୟରେ ଡାକ ବିଭାଗ ସ୍ୱତନ୍ତ୍ର ବିଭାଗ ୧୮୫୬ ରୁ ଦିଲ୍ଲୀ ଓ କଲିକତାଠାରେ ଥିବା 'ଆର୍ମି ପୋଷ୍ଟାଲ ସର୍ଭିସ୍' ଦ୍ୱାରା ସେବା ଯୋଗାଇ ଆସୁଛି। ୨୦୦୨ ସାମଗ୍ରୀ ପ୍ରଚଳନ ଦ୍ୱାରା କର୍ତ୍ତବ୍ୟପରାୟଣତାକୁ ଦର୍ଶାଉଛି।




ସଂଗ୍ରାହକମାନଙ୍କ ଦେଶ-ବିଦେଶରେ ପତ୍ର ବନ୍ଧୁତାର ମୁଖ୍ୟ ଆକର୍ଷଣ 'ଡାକ ଟିକେଟ' ସଂଗ୍ରହ ହେଲା ଇତିହାସକୁ ସାଉଁଟି ଧରିବାର ଇଚ୍ଛା ତଥା ନିଜସ୍ୱ ଆନନ୍ଦ ପାଇଁ ଉଦ୍ଦିଷ୍ଟ। ଡାକ ସାମଗ୍ରୀ ସମୟ ଅନୁସାରେ ପରିବର୍ତ୍ତିତ ହୋଇଛି ଭାରତରେ ସ୍ୱଳ୍ପ ମୂଲ୍ୟର ବିଭିନ୍ନ କିସମର ଜନସଚେତନତା ବହନ କରୁଥିବା ପୋଷ୍ଟ କାର୍ଡ଼, ଅନ୍ତର୍ଦ୍ଦେଶୀୟ ପତ୍ର, ଲଫାଫା, ମେଘଦୂତ କାର୍ଡ଼, ସୁନ୍ଦର ଚିତ୍ର ସମ୍ମିଳିତ ପୋଷ୍ଟକାର୍ଡ଼, ମାକ୍ସିମ କାର୍ଡ଼, ମିନିଏଚର ସିଟ୍, ବୁକଲେଟ୍ ପ୍ରଭୃତିର ଆକର୍ଷଣ ଜଣେ ସଂଗ୍ରାହକଙ୍କୁ ଭାବ-ଆଦାନ-ପ୍ରଦାନ ଜରିଆ ଦେଇଥାଏ। ବିଶେଷ ଭାବେ ଅନ୍ୟ ଦେଶରୁ ପତ୍ରାଳାପ ଦ୍ୱାରା ସଂଗୃହୀତ ବିଭିନ୍ନ ବିଷୟ ଭିତ୍ତିକ ଲଫାଫା ବା ସ୍ମୃତିଭିତ୍ତିକ ପ୍ରଥମ ଦିବସ, ନିରାପତ୍ତା ସହ ଡାକରେ ପ୍ରେରିତ ଚିଠି (ରେଜିଷ୍ଟ୍ରି ଚିଠି), ଏକ ବିଷୟରେ ବହୁ ଦେଶରୁ ପ୍ରଚଳିତ ଟିକେଟ ସ୍ୱତନ୍ତ୍ର ମୋହର ସଂଗ୍ରାହକଙ୍କୁ ପ୍ରୋତ୍ସାହିତ କରିଥାଏ। ଡାକ ସାମଗ୍ରୀ ସଂଗ୍ରହସ୍ଥଳ ଭାବେ 'ଫିଲାଟେଲିକ ବ୍ୟୁରୋ' ପ୍ରତିଷ୍ଠା ବମ୍ବେ ସାଧାରଣ ପୋଷ୍ଟ ଅଫିସ୍‌ଠାରେ ୨୧ ଜୁନ୍ ୧୯୪୧ରେ ଆରମ୍ଭ ହୋଇଥିଲା। ସ୍ୱାଧୀନତା ପରେ ୧୫ ଅଗଷ୍ଟ ୧୯୪୮ରେ ୯ ରାଜ୍ୟ ରାଜଧାନୀରେ ଉଦ୍‌ଘାଟିତ ହୋଇ ପରବର୍ତ୍ତୀ ସମୟରେ ୮୪ଟି ସହର ଓ ୨ଟି ଆର୍ମି ପୋଷ୍ଟ ଅଫିସ୍ (କଲିକତା ଓ ଦିଲ୍ଲୀ) ଠାରେ ଡାକ ସାମଗ୍ରୀ ସଂଗ୍ରାହକମାନଙ୍କୁ ସେବା ପ୍ରଦାନ କରୁଅଛି। ଖୁସିର ବିଷୟ ଯେ, ଓଡ଼ିଶାର ସର୍ବପୁରାତନ ଫିଲାଟେଲିକ ବ୍ୟୁରୋ କଟକରେ ୧୯୪୮ରୁ କାର୍ଯ୍ୟକ୍ଷମ ହୋଇ ଚଳିତ ବର୍ଷ ୭୫ ବର୍ଷ ପୂର୍ତ୍ତି ପାଳନ କରୁଛି। ଏତଦ୍‌ବ୍ୟତୀତ ଭୁବନେଶ୍ୱର ଓ ସମ୍ବଲପୁର ବ୍ୟୁରୋ ଓଡ଼ିଶାର ସଂଗ୍ରାହକମାନଙ୍କ ରୁଚି ଓ ପସନ୍ଦ ଅନୁସାରେ ପ୍ରକାଶିତ ଓ ପ୍ରଚଳିତ ଡାକଟିକେଟ ସାମଗ୍ରୀ ଯୋଗାଇ ଦେବାରେ ଅଗ୍ରଣୀ ଭୂମିକା ନିଭାଉଛି।

'ଉଡ଼ାଜାହାଜର ପ୍ରଥମ ଦିବସ ଯାତ୍ରା' ସମୟର ସ୍ମୃତିଭିତ୍ତିକ ସ୍ମରଣକାରୀ ଲଫାଫା ସଂଗ୍ରହ ଏକ ସ୍ୱତନ୍ତ୍ର ସ୍ଥାନ ସହ ସଂଗ୍ରାହକ ପସନ୍ଦ କରିଥାନ୍ତି। ବିଶାଳ ଭାରତବର୍ଷରେ ଡାକ ଦ୍ୱାରା ପ୍ରେରିତ ସାମଗ୍ରୀ ଠିକ୍ ଭାବେ ଠିକ୍ ଠିକଣାରେ ପହଞ୍ଚାଇବା ପାଇଁ ପିନ୍ ବା ପୋଷ୍ଟାଲ ଇଣ୍ଡେକ୍ସ ନମ୍ବର ଦିଆଯାଉଥାଏ। ଏହି ଛଅ ଅଙ୍କ ବିଶିଷ୍ଟ ସ୍ୱତନ୍ତ୍ର ସଂଖ୍ୟା ଚିହ୍ନ ୧୯୭୨ରୁ ଆରମ୍ଭ ହୋଇ ଚଳିତ ବର୍ଷ ଅଗଷ୍ଟ ୧୫ରେ ୫୦ ଭାରତୀୟ ଡାକବିଭାଗ କେବଳ ଡାକ ଟିକେଟ ପ୍ରଚଳନ, ଡାକ ସରବରାହରେ ସୀମିତ ନ ରହି ଜମା ଗ୍ରହଣ ଓ ଋଣ ପ୍ରଦାନକାରୀ, ଅବସରକାଳୀନ, ବୟସ୍କ, ଅକର୍ମଣ୍ୟ ବ୍ୟକ୍ତିଙ୍କ ଭତ୍ତା, ବୀମା ପ୍ରଭୃତି ସେବା ପ୍ରଦାନପୂର୍ବକ 'ଅହର୍ନିଶଂ ସେବା ମହେ' ମନ୍ତ୍ରରେ ଅନୁପ୍ରାଣିତ ହୋଇ ଦିନରାତି ସେବା ଯୋଗାଇବାରେ ସକ୍ଷମ ହୋଇଛନ୍ତି।

**ଡାକ ଟିକେଟ ସଂଗ୍ରାହକ**
**ଏ/ଇ ୬୯, ଭୀମଟାଙ୍ଗୀ ହାଉସିଂ ବୋର୍ଡ**
**କପିଳପ୍ରସାଦ, ଭୁବନେଶ୍ୱର**
**ମୋ-୭୯୭୮୫୫୧୦୮୦**

## ଏଇ ଭାରତରେ

ନିଷ୍ଠା ଓ କଠୋର ପରିଶ୍ରମ ସଫଳତାର ଚାବିକାଠି, ଯାହା ପ୍ରତିପାଦିତ କରିଛନ୍ତି ମହାରାଷ୍ଟ୍ରର ସବିତା ଡାକଲେ। ସବିତାଙ୍କ ବୟସ ୩୮। ରହୁଛନ୍ତି ଫୁଲାମ୍ବରୀ ଜିଲାରେ। ମାତ୍ର ୧୦ମ ଶ୍ରେଣୀ ଯାଏ ପଢ଼ି ପାଠ ଛାଡ଼ି ପରିବାର ପ୍ରତିପୋଷଣ ଦାୟିତ୍ୱ ମୁଣ୍ଡକୁ ନେବା ପରେ ତାଙ୍କୁ ବାଲ୍ୟବିବାହ କରିବାକୁ ପଡ଼ିଥିଲା। ସେ ଔରଙ୍ଗାବାଦରେ ବଢ଼ିଥିଲେ ବି ଫୁଲାମ୍ବରୀ ଜିଲାର ଏକ ଗାଁକୁ ବୋହୂ ହୋଇ ଆସିବା ପରେ କୃଷିକର୍ଯ୍ୟରେ ଲାଗିଥିଲେ। ତାଙ୍କ ଶାଶୁଘର କୃଷକ ପରିବାର ହୋଇଥିବାରୁ ସବିତା ଶୀଘ୍ର କୃଷିକାର୍ଯ୍ୟ ଶିକ୍ଷା କରିନେଲେ। ପରେ ଜୈବିକ ଚାଷ କରିବା ସହ ତାଙ୍କ ଗାଁ ଓ ନିକଟବର୍ତ୍ତୀ ଅଞ୍ଚଳର ପ୍ରାୟ ୯୦୦ ମହିଳାଙ୍କୁ ଉକ୍ତ ଚାଷ କରିବାକୁ ପ୍ରେରିତ କରିଛନ୍ତି। କେବଳ ଏତିକି ନୁହେଁ, ୨୦୧୭ରେ ସେ ଫେସବୁକ୍ କମ୍ୟୁନିଟି 'ଓମେନ୍ ଇନ୍ ଏଗ୍ରିକଲ୍‌ଚର' ଆରମ୍ଭ କରି ଦେଶର ବିଭିନ୍ନ ସ୍ଥାନରୁ ୭ ଲକ୍ଷ ସଦସ୍ୟଙ୍କୁ ଯୋଡ଼ି ଜୈବିକ କୃଷି ସମ୍ପର୍କରେ ଶିକ୍ଷା ଦେଇଛନ୍ତି। ପ୍ରଥମରୁ ସେ ୧୭ ବର୍ଷ ବୟସରେ ଜୈବିକ କୃଷି ଉପରେ ପ୍ରଶିକ୍ଷଣ ନେଇ ନିଜ ଜମିରେ ଚାଷ ଆରମ୍ଭ କରିଥିଲେ ଓ ଏବେ ସେ ତାଙ୍କ ଅଭିଜ୍ଞତାକୁ ଅନ୍ୟମାନଙ୍କ ସହ ଶେୟାର କରୁଛନ୍ତି। ସବିତା ସକାଳୁ ଉଠି ଘରକାମ ଶେଷ କରି ୧୦ଟାରେ କ୍ଷେତକୁ ଯାଇ ସନ୍ଧ୍ୟାରେ ଫେରନ୍ତି। ରାତିରେ ଖାଇବା ପରେ ଜୈବିକ କୃଷି ନେଟ୍‌ୱର୍କରେ ଲାଗିପଡ଼ନ୍ତି। ଏଥିରେ ସେ ମହିଳାମାନେ ସମ୍ମୁଖୀନ ହେଉଥିବା କୃଷି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରନ୍ତି। ନିଜେ ଜୈବିକ କୃଷିରେ ସଫଳତା ପାଇବା ସହ ମହିଳାମାନଙ୍କୁ ଏଥିରେ ସାମିଲ କରିବାର ଦକ୍ଷତା ଲାଗି ତାଙ୍କୁ ଜିଲା ତଥା ରାଜ୍ୟରେ ଅନେକ ପୁରସ୍କାର ମିଳିଛି। ସେ ଏବେ ମହିଳା ଚାଷୀମାନଙ୍କ ମଧ୍ୟରେ 'ସବିତା ଦିଦି' ଭାବେ ବେଶ୍ ଜଣାଶୁଣା।

## ଚିରନ୍ତନୀ

ଅସମୟେ ବନକୋଳେ
ଜାଗି ଉଠେ କୁହୁ
ଭୁବନର ଚେତନାରେ
ଛୁଇଁ ମୁହୁ ମୁହୁ।

-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭାଷଣରେ ନାରୀ ସୁରକ୍ଷା

ମହାଶୟ,

ଯେଉଁ ଦେଶରେ ନେତାମାନେ ଅପରାଧପ୍ରବଣ, ସେ ଦେଶରେ ଅପରାଧକୁ ମୁକ୍ତ କରିବ କିଏ ? ବିଲ୍‌କିସ୍‌ଙ୍କ ପ୍ରତି ଯେପରି ନ୍ୟାୟ ମିଳିଲା ବା ଉପହାସ କରାଗଲା, ତାକୁ ଦେଖିଲେ କେବଳ ଦେଶରେ ଅପରାଧର କାୟା ବିସ୍ତାର ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ପଞ୍ଚସ୍ତରି ବର୍ଷରେ ଆମ ଦେଶରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ହର୍‌ଘର ତ୍ରିରଙ୍ଗାର ଉତ୍ତୋଳନ ପରିପ୍ରେକ୍ଷୀରେ ଗୁଜୁରାଟରେ ବଳାତ୍କାରୀ ଓ ହତ୍ୟାକାରୀମାନଙ୍କୁ ଯେଉଁ ଭଳି ନିର୍ଦ୍ଦୋଷରେ ଖଲାସ କରାଗଲା ତାହା ନାରୀର କେଉଁ ସୁରକ୍ଷା ? ହତ୍ୟାକାରୀ ବା ବଳାତ୍କାରୀଙ୍କୁ ମୁକ୍ତିଦେବା ବେଳେ ଦେଶର ଶାସନକର୍ତ୍ତାଙ୍କର କର୍ତ୍ତବ୍ୟ ବିଷୟରେ ଜନତା ଭାବିବା ଉଚିତ। ଏମାନଙ୍କୁ ମୁକ୍ତ କରି ଶାସନକର୍ତ୍ତାମାନେ ଦେଖାଇଦେଲେ ଯେ, ନାରୀମାନଙ୍କର ସୁରକ୍ଷା କେବଳ ଭାଷଣରେ ସୀମିତ।

**– ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ତ୍ରିଶୂଳ, ଉଦିତ ସୂର୍ଯ୍ୟ କିମ୍ବା ମଶାଲ

## ୩ ଚିହ୍ନ ପ୍ରସ୍ତାବ ଦେଲେ ଉଦ୍ଧବ ଠାକ୍‌ରେ


ଉଦ୍ଧବ ଠାକ୍‌ରେ

ନୂଆଦିଲ୍ଲୀ,୯।୧୦

ନଭେମ୍ବର ୩ରେ ହେବାକୁ ଥିବା ଉପନିର୍ବାଚନରେ ଉଦ୍ଧବ ଠାକ୍‌ରେ ଏବଂ ଏକନାଥ ଶିନ୍ଦେ ଗୋଷ୍ଠୀ ଶିବସେନା ନାଁ ଏବଂ ଧନୁତୀର ଚିହ୍ନ ବ୍ୟବହାର କରିପାରିବେ ନାହିଁ ବୋଲି ନିର୍ବାଚନ କମିଶନ ଶନିବାର କହିବା ସହ ଉଭୟ ଗୋଷ୍ଠୀ ସେମାନଙ୍କ ଦଳ ପାଇଁ ନୂଆ ନାଁ ଓ ଚିହ୍ନ ପ୍ରସ୍ତାବ ଦେବାକୁ କହିଥିଲେ। ତ୍ରିଶୂଳ, ମଶାଲ କିମ୍ବା ଉଦିତ ସୂର୍ଯ୍ୟ ଚିହ୍ନ ନେବା ପାଇଁ ଉଦ୍ଧବ ଗୋଷ୍ଠୀ ରବିବାର ନିର୍ବାଚନ କମିଶନଙ୍କୁ ପ୍ରସ୍ତାବ ଦେଇଥିବା ଦଳୀୟ ଏମ୍‌ପି ଅରବିନ୍ଦ ସାୱନ୍ତ କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ସେମାନଙ୍କ ଦଳର ନାମ ଶିବସେନାକୁ ଯଦି ନିର୍ବାଚନ କମିଶନ ବଦଳାଇବାକୁ ଚାହାନ୍ତି ତେବେ ଏହାକୁ ଶିବସେନା(ବାଲାସାହେବ ଠାକ୍‌ରେ), ଶିବସେନା (ପ୍ରବୋଧଙ୍କର ଠାକ୍‌ରେ) କିମ୍ବା ଶିବସେନା (ଉଦ୍ଧବ ବାଲାସାହେବ ଠାକ୍‌ରେ) ଦିଆଗଲେ ତାହାକୁ ଦଳ ଗ୍ରହଣ କରିବ। ଶିବସେନା (ବାଲାସାହେବ ଠାକ୍‌ରେ) ସେମାନଙ୍କର ପ୍ରଥମ ପସନ୍ଦ ହୋଇଥିବାବେଳେ ଶିବସେନା (ଉଦ୍ଧବ ବାଲାସାହେବ ଠାକ୍‌ରେ) ଦ୍ୱିତୀୟ ପସନ୍ଦ ବୋଲି ଦଳ ସୂତ୍ରରୁ କୁହାଯାଇଛି। ସେହିପରି ତ୍ରିଶୂଳ ପ୍ରଥମ ଏବଂ ଉଦିତ ସୂର୍ଯ୍ୟ ଦ୍ୱିତୀୟ ପସନ୍ଦ ଥିବାବେଳେ ମଶାଲ ତୃତୀୟ ପସନ୍ଦ ବୋଲି ଉଦ୍ଧବ ଗୋଷ୍ଠୀର ଜଣେ ନେତା କହିଛନ୍ତି।

ସୂଚନାଯୋଗ୍ୟ, ଶିବସେନାକୁ ନେଇ ଉଦ୍ଧବ ଏବଂ ଏକନାଥ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଯୋଗୁ ନିର୍ବାଚନ କମିଶନ ଶନିବାର ଦଳର ନାମ ଏବଂ ଧନୁତୀର ଚିହ୍ନକୁ ସାମୟିକ ଭାବେ ରଦ୍ଦ କରିଦେଇଥିଲେ।

# ସୂର୍ଯ୍ୟବଂଶୀ ସୂରଜଙ୍କୁ ପ୍ରାର୍ଥୀ କଲା ଭାଜପା

## ଧାମନଗର ଉପନିର୍ବାଚନ


ସୂର୍ଯ୍ୟବଂଶୀ ସୂରଜ

ଭଦ୍ରକ ଅଫିସ,୯।୧୦

ଭଦ୍ରକ ଜିଲା ଧାମନଗର ଉପ ନିର୍ବାଚନକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି। ନିର୍ବାଚନ ତାରିଖ ଘୋଷଣା ପରଠାରୁ ପ୍ରମୁଖ ରାଜନୈତିକ ଦଳ ପ୍ରାର୍ଥୀ ଚୟନ ନେଇ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ତେବେ ପ୍ରାର୍ଥୀ ଚୟନରେ ଭାଜପା ଆଗରେ ରହିଛି। ରବିବାର ଭାଜପା କେନ୍ଦ୍ରୀୟ ନିର୍ବାଚନ କମିଟି ଦିବଂଗତ ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କ ପୁଅ ସୂର୍ଯ୍ୟବଂଶୀ ସୂରଜଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ଅନୁକମ୍ପା ଭୋଟ ହାତେଇବା ସହିତ ଧାମନଗର ଆସନ ଦଖଲ ପାଇଁ ଭାଜପା ସୂରଜଙ୍କୁ ପ୍ରାର୍ଥୀ କରିଥିବା ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ସୂରଜ ଛାତ୍ର ଜୀବନରୁ ରାଜନୀତିରେ ଜଡିତ ଥିବା ସହିତ ରାଜ୍ୟ ଯୁବମୋର୍ଚ୍ଚାର ସଂଯୋଜକ ରହିଥିଲେ। ଗତ ୨୦୧୯ ସାଧାରଣ ନିର୍ବାଚନରେ ବାପାଙ୍କ ପାଇଁ ପ୍ରଚାରରେ ନିଜକୁ ସାମିଲ କରି ଧାମନଗର ଭୋଟରଙ୍କ ନିକଟତର ହୋଇ ପାରିଥିଲେ। ବିଷ୍ଣୁ ରୋଗ ଶଯ୍ୟାରେ ଥିବା ବେଳେ ତାଙ୍କ ପ୍ରତିନିଧି ଭାବେ ଲୋକଙ୍କ ସହିତ କାମ କରିଛନ୍ତି, ଯାହା ତାଙ୍କୁ ଉପନିର୍ବାଚନରେ ସହାୟ ହେବ ବୋଲି ଚର୍ଚ୍ଚା ହେଉଛି। ଦଳ ତାଙ୍କୁ ଭରସା କରି ଉପନିର୍ବାଚନରେ ପ୍ରାର୍ଥୀ କରିଥିବାରୁ ସେ ସମସ୍ତ ଦଳୀୟ ନେତୃତ୍ୱକୁ ଧନ୍ୟବାଦ ଜଣାଇଛନ୍ତି। ବାପାଙ୍କ ଆଦର୍ଶକୁ ପାଥେୟ କରି ଲୋକଙ୍କ ପାଖକୁ ଯିବେ ବୋଲି କହିଛନ୍ତି। ଅପରପକ୍ଷେ ଶାସକ ବିଜେଡିରେ ଆଶାୟୀଙ୍କ ସଂଖ୍ୟା ଅଧିକ ଥିବାରୁ ପ୍ରାର୍ଥୀ ଘୋଷଣାରେ ବିଳମ୍ବ ହେଉଛି। ନୂଆ ପୁରୁଣା ମୁହଁକୁ ନେଇ ଅଡୁଆରେ ପଡ଼ି ଯାଇଛି ବିଜେଡି। କଂଗ୍ରେସ ମଧ୍ୟ ପ୍ରାର୍ଥୀ ଘୋଷଣା ନେଇ ନେତା ଓ କର୍ମୀଙ୍କ ମଧ୍ୟରେ ଘନ ଘନ ବୈଠକ କରୁଥିବା ଦେଖିବାକୁ ମିଳୁଛି। ପର୍ଯ୍ୟବେକ୍ଷକ ଟିମ୍ ଆସି ସ୍ଥାନୀୟ ନେତୃତ୍ୱ ଓ କର୍ମୀଙ୍କ ସହିତ ଆଲୋଚନା କରି ଫେରିଯାଇଛନ୍ତି।

## ୨୦୨୪ରୁ ଭାଜପାର ଅଧୋଗତି ଆରମ୍ଭ: ଆର୍‌ଜେଡି

**ନୂଆଦିଲ୍ଲୀ,୯।୧୦:** ଭାଜପା ଆସନ ସଂଖ୍ୟା ୨ରୁ ବଢ଼ି ୩୦୩ରେ ପହଞ୍ଚିଛି। ଏବେ ଦେଶର ବିଭିନ୍ନ ଭାଗରେ ବିରୋଧୀ ଦଳଗୁଡ଼ିକ ଗୈରିକ ଦଳ ବିରୋଧରେ ଏକାଠି ହେବା ଆରମ୍ଭ କରିଛନ୍ତି। ସାମୂହିକ ବିକଳ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ନେତୃତ୍ୱାଧୀନ ସରକାରକୁ କ୍ଷମତାରୁ ହଟାଇବାକୁ ଯାଉଛି। ୨୦୨୪ରୁ ଭାଜପାର ଅଧୋଗତି ଆରମ୍ଭ ହେବାକୁ ଯାଉଛି ବୋଲି ରବିବାର ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ପକ୍ଷରୁ କୁହାଯାଇଛି। ଏଠାରେ ଅନୁଷ୍ଠିତ ଆର୍‌ଜେଡିର ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଦଳ ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ, ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ, ଶରଦ ଯାଦବ ପ୍ରମୁଖ ବହୁ ନେତା ଯୋଗ ଦେଇଥିଲେ। ମନ୍ତ୍ରିମଣ୍ଡଳରୁ ବିଦା ହୋଇଥିବା ଆର୍‌ଜେଡି ନେତା ସୁଧାକର ସିଂ ବୈଠକରେ ଯୋଗଦେଇଥିବାବେଳେ ତାଙ୍କ ବାପା ତଥା ଦଳର ବିହାର ସଭାପତି ଜଗଦାନନ୍ଦ ସିଂ ଉପସ୍ଥିତ ନ ଥିଲେ। ଅନ୍ୟପକ୍ଷରେ ଲାଲୁଙ୍କ ବଡ଼ପୁଅ ତେଜପ୍ରତାପ ଯାଦବ ବୈଠକ ଅଧାରୁ ଉଠି ଚାଲିଯାଇଥିଲେ। ବୈଠକରେ ୩ଟି ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା।

# ଭାଜପା ବିରୋଧରେ ଲଢ଼େଇ ପାଇଁ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନରେ ପ୍ରାର୍ଥୀ ହୋଇଛି: ଖାର୍ଗେ




ନୂଆଦିଲ୍ଲୀ,୯।୧୦

ଭାଜପା ଏବଂ ଆର୍‌ଏସ୍‌ଏସ୍ ବିରୋଧରେ ଲଢ଼େଇ ପାଇଁ ଏଆଇସିସି ଅଧ୍ୟକ୍ଷ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବରିଷ୍ଠ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ରବିବାର କହିଛନ୍ତି। ଦେଶର ବର୍ତ୍ତମାନର ସ୍ଥିତି ଚିନ୍ତାଜନକ। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), ଆୟକର ବିଭାଗ ଭଳି ସ୍ୱୟଂକ୍ରିୟ ସଂସ୍ଥାଗୁଡ଼ିକ ଶାସକ ଭାଜପା ଦୁର୍ବଳ କରିସାରିଲାଣି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଯେଉଁଭଳି ରାଜନୀତି କରୁଛନ୍ତି, ସେଠାରେ ଗଣତନ୍ତ୍ରର ସ୍ଥାନ ନାହିଁ। ଦେଶର ସ୍ଥିତିକୁ ନଜରରେ ରଖି ଦଳୀୟ ନେତାମାନଙ୍କ ସୁପାରିସକ୍ରମେ ସେ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଲଢୁଥିବା ଖାର୍ଗେ କହିଛନ୍ତି। ଏଥିପାଇଁ ସେ ଦଳର 'ଜଣେ ବ୍ୟକ୍ତି ଗୋଟିଏ ପଦବୀ' ନୀତିକୁ ସମ୍ମାନ ଦେଇ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ପଦରୁ ଇସ୍ତଫା ଦେଇଛନ୍ତି। ଅକ୍ଟୋବର ୧୭ରେ ହେବାକୁ ଥିବା କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନରେ ଖାର୍ଗେଙ୍କ ସହ ଅନ୍ୟତମ ବରିଷ୍ଠ ନେତା ଶଶୀ ଥରୁରଙ୍କ ପ୍ରତିଦ୍ୱନ୍ଦ୍ୱିତା ହେବ। ସମର୍ଥନ ଯୋଗାଡ଼ ଲାଗି ଖାର୍ଗେ ରବିବାର ଦିଲ୍ଲୀ କଂଗ୍ରେସ ପ୍ରତିନିଧିମାନଙ୍କୁ ଭେଟିଥିଲେ।

# ସବୁ ଶିକ୍ଷାନୁଷ୍ଠାନରେ ହିନ୍ଦୀ ବାଧ୍ୟତାମୂଳକ ହେଉ

## ଅମିତ୍ ଶାହାଙ୍କ ନେତୃତ୍ୱାଧୀନ କମିଟିର ସୁପାରିସ



ନୂଆଦିଲ୍ଲୀ,୯।୧୦

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସମେତ ସମସ୍ତ ବୈଷୟିକ ଓ ଅଣବୈଷୟିକ ଶିକ୍ଷାନୁଷ୍ଠାନରେ ହିନ୍ଦୀକୁ ବାଧ୍ୟତାମୂଳକ ଭାବେ ପାଠପଢ଼ାର ମାଧ୍ୟମ କରାଯାଉ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ନେତୃତ୍ୱରେ ଗଠିତ ଭାଷା ସମ୍ପର୍କିତ ସଂସଦୀୟ କମିଟି ଉପରୋକ୍ତ ସୁପାରିସ୍ କରିଛି। ଗତ ମାସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଦିଆଯାଇଥିବା ରିପୋର୍ଟରେ କମିଟି କହିଛି, ଯେଉଁଠି ଅତି ଜରୁରୀ କେବଳ ସେହିଠାରେ ଇଂଲିଶକୁ ପଢ଼ା ମାଧ୍ୟମ କରାଯାଉ ଓ ଧୀରେ ଧୀରେ ଏହାକୁ ହିନ୍ଦୀରେ ପରିବର୍ତ୍ତନ କରାଯାଉ। ପାଠପଢ଼ା ସମେତ ଅନ୍ୟାନ୍ୟ କାର୍ଯ୍ୟରେ ମଧ୍ୟ ହିନ୍ଦୀ ବ୍ୟବହାର ବାଧ୍ୟତାମୂଳକ ହେଉ। ଇଂଲିଶକୁ କେବଳ ଇଚ୍ଛାକୃତ ବ୍ୟବହାର ପାଇଁ ରଖାଯିବାକୁ କମିଟି ସୁପାରିସ କରିଛି। କେନ୍ଦ୍ର ସରକାରଙ୍କ ଅଧୀନରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି(ଆଇଆଇଟି), ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ(ଆଇଆଇଏମ୍), ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ)ଗୁଡ଼ିକ ବୈଷୟିକ ଶିକ୍ଷାନୁଷ୍ଠାନ ଥିବାବେଳେ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଏବଂ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ଅଣବୈଷୟିକ ଶିକ୍ଷାନୁଷ୍ଠାନ। କମିଟି କହିବା ଅନୁଯାୟୀ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ହିନ୍ଦୀକୁ ପାଠପଢ଼ାର ମାଧ୍ୟମ କରା ନ ଗଲେ, ଏହା ସର୍ବସାଧାରଣ ଭାଷା ହୋଇପାରିବ ନାହିଁ। ଆନୁଷ୍ଠାନିକ ଭାଷା ଆଇନ, ୧୯୬୩ ଅନୁଯାୟୀ ୧୯୭୬ରେ ଭାଷା ସମ୍ପର୍କିତ ସଂସଦୀୟ କମିଟି ଗଠନ କରାଯାଇଥିଲା। ଏଥିରେ ଲୋକ ସଭାରୁ ୨୦ ଏବଂ ରାଜ୍ୟ ସଭାରୁ ୧୦ ସଦସ୍ୟ ଅଛନ୍ତି।

## ଷ୍ଟାଲିନ୍ ଦ୍ୱିତୀୟ ଥର ପାଇଁ ଡିଏମ୍‌କେ ଅଧ୍ୟକ୍ଷ ନିର୍ବାଚିତ



**ଚେନ୍ନାଇ,୯।୧୦:** ଡିଏମ୍‌କେ ନେତା ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କ୍ରମାଗତ ଦ୍ୱିତୀୟ ଥର ପାଇଁ ନିର୍ଦ୍ୱନ୍ଦ୍ୱରେ ଦଳର ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ରବିବାର ଚେନ୍ନାଇରେ ଅନୁଷ୍ଠିତ ଦଳର ସାଧାରଣ ପରିଷଦ ବୈଠକରେ ଷ୍ଟାଲିନ୍‌ଙ୍କୁ ସର୍ବସମ୍ମତ ସମର୍ଥନ ମିଳିଥିଲା। ସେହିପରି ବରିଷ୍ଠ ନେତା ଦୁରାଇମୁରୁଗାନ ଏବଂ ଟି.ଆର୍. ବାଲୁ ଦ୍ୱିତୀୟ ଥର ପାଇଁ ସର୍ବସମ୍ମତକ୍ରମେ ଦଳର ସାଧାରଣ ସମ୍ପାଦକ ଓ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। କରୁଣାନିଧିଙ୍କ ପରଲୋକ ପରେ ୨୦୧୮ରେ ଷ୍ଟାଲିନ ଡିଏମ୍‌କେ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ୧୯୪୯ରେ ସି.ଏନ୍. ଆନ୍ନାଦୁରାଇ ଡିଏମ୍‌କେ ପ୍ରତିଷ୍ଠା କରି ଏହାର ସାଧାରଣ ସମ୍ପାଦକ ରହିଥିଲେ। ସେତେବେଳେ ସାଧାରଣ ସମ୍ପାଦକ ଦଳର ଶୀର୍ଷ ପଦବୀ ଥିଲା। ୧୯୬୯ରେ କରୁଣାନିଧି ଡିଏମ୍‌କେର ପ୍ରଥମ ଅଧ୍ୟକ୍ଷ ହୋଇଥିଲେ।

# ପଛୁଆ ବର୍ଗଙ୍କ ପ୍ରତି ଉଦାସୀନ ନୀତୀଶ ଇସ୍ତଫା ଦିଅନ୍ତୁ

## ସୁଶୀଲ ମୋଦିଙ୍କ ଦାବି

ପାଟନା,୯।୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମର୍ଥକଭାବେ ଜଣାଶୁଣା ଅତ୍ୟନ୍ତ ପଛୁଆ ବର୍ଗ (ଇବିସି)ଙ୍କ ପ୍ରତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଅଣଦେଖା କରୁଥିବା ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦି ଅଭିଯୋଗ କରିଛନ୍ତି। ପୌର ନିର୍ବାଚନରେ ଓବିସି ଏବଂ ଇବିସିଙ୍କ ପାଇଁ ଦିଆଯାଇଥିବା କୋଟାକୁ ପାଟନା ହାଇକୋର୍ଟ ବେଆଇନ ଘୋଷଣା କରିଥିଲେ। ଏଭଳି ପ୍ରତିକୂଳ ରାୟ ପାଇଁ ସୁଶୀଲ ମୁଖ୍ୟମନ୍ତ୍ରୀ ନୀତୀଶଙ୍କୁ ଦାୟୀ କରିବା ସହ ତାଙ୍କ ଇସ୍ତଫା ଦାବି କରିଛନ୍ତି। ଏଭଳି କୋଟା ପାଇଁ ସୁପ୍ରିମକୋର୍ଟଙ୍କ ତିନୋଟି ପରୀକ୍ଷା ନିୟମ ଧାର୍ଯ୍ୟ କରିଥିଲେ। ଏଥିପାଇଁ କମିଶନ ଗଠନ ନିମନ୍ତେ ଆଡଭୋକେଟ ଜେନେରାଲ ଲଳିତ କିଶୋର ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ଏହା ଉପରେ ରାଜ୍ୟ ନିର୍ବାଚନ କମିଶନ ମାର୍ଚ୍ଚ ୨୨ ଓ ମେ' ୧୧ରେ ସରକାରଙ୍କ ପରାମର୍ଶ ଲୋଡ଼ିଥିଲେ। ଅନୁସୂଚିତ ଜାତି, ଜନଜାତି ଏବଂ ଓବିସିଙ୍କ ପାଇଁ ଆସନ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ହୋଇପାରିବ ନାହିଁ। ତେଣୁ ଓବିସିମାନଙ୍କ ପଛୁଆପଣର ତଥ୍ୟ ସଂଗ୍ରହ ଲାଗି କମିଶନ ଗଠନ କରିବାକୁ କୁହାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଅନାଗ୍ରହ ଯୋଗୁ ଆଡଭୋକେଟ ଜେନେରାଲ ମତ ବଦଳାଇଥିବାବେଳେ ରାଜ୍ୟ ନିର୍ବାଚନ କମିଶନ ୩ ପରୀକ୍ଷା ନିୟମରେ ଅଟଳ ରହିଥିଲେ। ସେମାନଙ୍କର ପରସ୍ପର ବିରୋଧୀ ଆଭିମୁଖ୍ୟ ଯୋଗୁ ଗତ ୪ ତାରିଖରେ ହାଇକୋର୍ଟ କୋଟା ଆବେଦନକୁ ଖାରଜ କରିଦେଇଥିଲେ ବୋଲି ସୁଶୀଲ କହିଛନ୍ତି। ଇବିସିମାନେ ପ୍ରଧାନମନ୍ତ୍ରୀଙ୍କ ସମର୍ଥକ ହୋଇଥିବାରୁ ନୀତୀଶ ଜାଣିଶୁଣି ଏଭଳି କରିଥିବା ସେ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ବିହାରରେ ଜନ ସୁରାଜ ପଦଯାତ୍ରା ଚଳାଇଥିବା ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ମୁଖ୍ୟମନ୍ତ୍ରୀ ନୀତୀଶଙ୍କୁ ସମାଲୋଚନା କରିଛନ୍ତି। ଜେଡିୟୁ ନେତା ଭ୍ରମର ଶିକାର ହେବା ସହ ରାଜନୈତିକ କ୍ଷେତ୍ରରେ ଏକଘରିକିଆ ହୋଇଗଲେଣି। ବୟସାଧିକ୍ୟ ଯୋଗୁ ନୀତୀଶ କହିବାବେଳେ ହଡ଼ବଡ଼େଇ ଯାଉଛନ୍ତି ଓ ତାଙ୍କ କଥାବାର୍ତ୍ତାରୁ ଭୟ ବାରିହେଉଛି ବୋଲି ପ୍ରଶାନ୍ତ କହିଛନ୍ତି।

# ମୁସଲମାନ ଜନସଂଖ୍ୟା କମୁଛି: ଓୱାଇସି


ଅସାଦୁଦ୍ଦିନ ଓୱାଇସି

ହାଇଦ୍ରାବାଦ,୯।୧୦

ଦେଶରେ ମୁସଲମାନ ଜନସଂଖ୍ୟା ବଢୁନାହିଁ ବରଂ ଏହା ହ୍ରାସ ପାଉଛି। ସେମାନଙ୍କର ସନ୍ତାନ ଜନ୍ମ ବ୍ୟବଧାନ ମଧ୍ୟ ବଢ଼ିଛି। ମୁସଲମାନମାନେ ସର୍ବାଧିକ ଗର୍ଭନିରୋଧକ ବ୍ୟବହାର କରୁଥିବା ଏଆଇଏମ୍‌ଆଇଏମ୍ ନେତା ଅସାଦୁଦ୍ଦିନ ଓୱାଇସି କହିଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ନିକଟରେ ଜନସଂଖ୍ୟା ନିୟନ୍ତ୍ରଣ ଉପରେ ଦେଇଥିବା ମନ୍ତବ୍ୟକୁ ଟାର୍ଗେଟ କରି ଓୱାଇସି ଏହା କହିଛନ୍ତି। ଆର୍‌ଏସ୍‌ଏସ୍‌ର ଦଶହରା ରାଲିରେ ଯୋଗଦେଇ ଭାଗବତ କହିଥିଲେ, ସମସ୍ତଙ୍କ ପାଇଁ ସମାନ ଭାବେ ଲାଗୁ ହେବା ଭଳି ଜନସଂଖ୍ୟା ନିୟନ୍ତ୍ରଣ ନୀତି ଆବଶ୍ୟକ। ଜନସଂଖ୍ୟାରେ ଧର୍ମଭିତ୍ତିକ ଅସନ୍ତୁଳନତା ଏବଂ ବଳପୂର୍ବକ ଧର୍ମାନ୍ତରୀକରଣ କଥା ମଧ୍ୟ ଉଠାଇଥିଲେ। ଏହାର ଜବାବରେ ଓୱାଇସି ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୫ର ରିପୋର୍ଟକୁ ଦେଖାଇ ମୁସଲମାନଙ୍କ ମୋଟ ପ୍ରଜନନ ହାରରେ ସର୍ବାଧିକ ହ୍ରାସ ଘଟିଥିବା କହିଛନ୍ତି।

## ଧର୍ମାନ୍ତରୀକରଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଦିଲ୍ଲୀ ମନ୍ତ୍ରୀଙ୍କ ଇସ୍ତଫା

**ନୂଆଦିଲ୍ଲୀ,୯।୧୦:** ଦିଲ୍ଲୀରେ ଏକ ଧର୍ମାନ୍ତରୀକରଣ ଉତ୍ସବରେ ଯୋଗଦେଇ ବିବାଦ ଘେରକୁ ଆସିଥିବା ଅରବିନ୍ଦ କେଜ୍‌ରିୱାଲ ସରକାରଙ୍କ ସାମାଜିକ କଲ୍ୟାଣ ମନ୍ତ୍ରୀ ରାଜେନ୍ଦ୍ର ପାଲ୍ ଗୌତମ ରବିବାର ଇସ୍ତଫା ଦେଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ଧର୍ମାନ୍ତରୀକରଣ ଉତ୍ସବରେ



ହିନ୍ଦୁ ଦେବଦେବୀଙ୍କୁ ଅପମାନିତ କରାଯାଉଥିବାବେଳେ ଆମ୍ ଆଦ୍‌ମୀ ପାର୍ଟି ମନ୍ତ୍ରୀ ମଞ୍ଚରେ ଉପସ୍ଥିତ ଥିଲେ। ଉକ୍ତ ଉତ୍ସବରେ ଶହ ଶହ ଲୋକ ଯୋଗଦେଇ ବୌଦ୍ଧ ଧର୍ମ ଗ୍ରହଣ କରିବାକୁ ଶପଥ ନେବା ସହ ସେମାନେ ହିନ୍ଦୁ ଦେବଦେବୀଙ୍କୁ ଈଶ୍ୱର ମାନନ୍ତି ନାହିଁ ବୋଲି କହିଥିଲେ। ଉକ୍ତ ଉତ୍ସବର ଭିଡିଓ ଭାଇରାଲ ହେବା ପରେ ଭାଜପା ପକ୍ଷରୁ ଜୋର୍‌ଦାର ପ୍ରତିବାଦ କରାଯାଇଥିଲା। ଭାଜପା ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲଙ୍କୁ ସମାଲୋଚନା କରିବା ସହ ତୁରନ୍ତ ମନ୍ତ୍ରୀ ଗୌତମଙ୍କୁ ବହିଷ୍କାର କରିବାକୁ ଦାବି କରିଥିଲା। କେଜ୍‌ରିୱାଲ ହିନ୍ଦୁ ବିରୋଧୀ ବୋଲି ଶନିବାର ଗୁଜରାଟର ବଡୋଦରା ରାଲି ସ୍ଥଳରେ ପୋଷ୍ଟର ଲଗାଯାଇଥିଲା।

# କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ଉଦିତରାଜଙ୍କ ଗାଡ଼ିକୁ ଅଣ୍ଡାମାଡ଼

## ରାଷ୍ଟ୍ରପତିଙ୍କ ପ୍ରତି କଟୂକ୍ତିର ପ୍ରତିବାଦ

ରାଉରକେଲା ଅଫିସ,୯।୧୦

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ଅପମାନଜନକ ଶବ୍ଦ ପ୍ରୟୋଗ କରିଥିବାରୁ କଂଗ୍ରେସର ରାଷ୍ଟ୍ରୀୟ ପ୍ରବକ୍ତା ଡ. ଉଦିତରାଜଙ୍କୁ ବିରୋଧ ବଢିବାରେ ଲାଗିଛି। ଏହି କ୍ରମରେ ଅଣସଙ୍ଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ ପକ୍ଷରୁ ରାଜ୍ୟସ୍ତରୀୟ କନ୍‌ଭେନଶନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଡ. ଉଦିତରାଜ ରବିବାର ରାଉରକେଲା ଗସ୍ତରେ ଆସିଥିବା ବେଳେ ଭାଜପା ପକ୍ଷରୁ ତାଙ୍କୁ ବିରୋଧ କରାଯାଇଥିଲା। ଭାଜପା କର୍ମୀମାନେ ସେକ୍ଟର-୨୦ ରିଂରୋଡ୍ ଛକରେ ଉଦିତରାଜଙ୍କ ଗାଡ଼ିକୁ ଅଣ୍ଡାମାଡ କରିବା ସହ କଳାପତାକା ଦେଖାଇଥିଲେ। ଉଦିତରାଜଙ୍କ କନ୍‌ଭେନଶନ କାର୍ଯ୍ୟକ୍ରମ ହେବାକୁ ଥିବା ରାଉରକେଲାର ଏକ ହୋଟେଲ ସମ୍ମୁଖରେ ଶତାଧିକ ଭାଜପା କର୍ମୀ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଉଦିତରାଜଙ୍କ କୁଶପୁତ୍ତଳିକା ଦାହ କରିବା ସହ ତାଙ୍କ ଗସ୍ତ ବାତିଲ ଦାବି କରିଥିଲେ। ସ୍ଥିତି ଅଣାୟତ୍ତ ହେବାରୁ ପ୍ଲାଣ୍ଟସାଇଟ୍ ପୋଲିସ ଭାଜପା କର୍ମୀଙ୍କୁ ଗିରଫ କରିନେଇଥିଲା ଏବଂ ସନ୍ଧ୍ୟାରେ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦେଇଥିଲା। କାର୍ଯ୍ୟକ୍ରମରେ ଭାଜପା ନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, ରାଜ୍ୟ ଉପସଭାପତି ନେତ୍ରୀ ସୁକେଶୀ ଓରାମ, ନିହାର ରାୟ, ହରବିନ୍ଦର ସିଂ, ସୂର୍ଯ୍ୟକାନ୍ତ ମହାନ୍ତି, ମନୋଜ ମାହେଶ୍ୱରୀ ପ୍ରମୁଖ ସାମିଲ ହୋଇଥିଲେ।


ବିକ୍ଷୋଭ କରୁଥିବା ଭାଜପା କର୍ମୀଙ୍କୁ ପୋଲିସ ଗିରଫ କରୁଛି।

ODISHA

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)

No. CAD-1831 ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର – ୭୫୧୦୧୨

### ପ୍ରଦୂଷଣମୁକ୍ତ ଦୁର୍ଗାପୂଜା, ଲକ୍ଷ୍ମୀପୂଜା ତଥା କାଳୀପୂଜା ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିବେଦନ

**ପୂଜା କମିଟି କର୍ମକର୍ତ୍ତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**

- ମୂର୍ତ୍ତି ନିର୍ମାଣରେ ପୋତା ମାଟି ତଥା Plaster of Paris ପରିବର୍ତ୍ତେ ପ୍ରାକୃତିକ ମୃତ୍ତିକା ବ୍ୟବହାର କରନ୍ତୁ।
- ମୂର୍ତ୍ତିରେ ବିଷାକ୍ତ ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗ ବ୍ୟବହାର କରନ୍ତୁ।
- ମୂର୍ତ୍ତିର ଉଚ୍ଚତାକୁ ୨୦ଫୁଟ ଏବଂ ମଣ୍ଡପ ଉଚ୍ଚତାକୁ ୪୦ ଫୁଟ ମଧ୍ୟରେ ସୀମିତ ରଖନ୍ତୁ।
- ପୂଜା ପରେ ମୂର୍ତ୍ତିକୁ ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରନ୍ତୁ।
- ବିସର୍ଜନ ପୂର୍ବରୁ ମୂର୍ତ୍ତି ଓ ମେଢ଼ରୁ ଫୁଲ ତଥା ଅନ୍ୟ ସାଜସଜ୍ଜା ପଦାର୍ଥକୁ ମୂର୍ତ୍ତିରୁ କାଢ଼ି ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ। ଏହାକୁ ବିସର୍ଜନ ସ୍ଥଳରେ ପୋତନ୍ତୁ ନାହିଁ।
- ସାଜସଜ୍ଜା ତଥା ପ୍ରସାଦ ବିତରଣ ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ।

**ଜିଲ୍ଲା ପ୍ରଶାସନ ତଥା ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**

- ଜନ ସାଧାରଣଙ୍କୁ ମୂର୍ତ୍ତି ବିସର୍ଜନ ଜନିତ ଜଳ ପ୍ରଦୂଷଣ ସମ୍ବନ୍ଧରେ ସଚେତନ କରନ୍ତୁ।
- ଜନ ସାଧାରଣଙ୍କୁ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣିବାକୁ ସଚେତନ କରନ୍ତୁ।
- ସମ୍ପୃକ୍ତ ସହରରେ ଅନୁଷ୍ଠିତ ପୂଜାର ସଂଖ୍ୟା ଅନୁପାତରେ ଆବଶ୍ୟକ ଅସ୍ଥାୟୀ ପୋଖରୀ ଖୋଳାଯାଇ ଏଠାରେ ବିସର୍ଜନ ନିମନ୍ତେ ପୂଜା କମିଟିକୁ ଅବଗତ କରାନ୍ତୁ।
- ନଦୀ ତଟବର୍ତ୍ତୀ ଅଞ୍ଚଳରେ ମୂର୍ତ୍ତି ବିସର୍ଜନ ନିମନ୍ତେ ମାଟିବନ୍ଧ ଓ Synthetic Liner ଥାଇ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇ ସମସ୍ତ ପୂଜା କମିଟିମାନଙ୍କୁ ଏହି ପୋଖରୀରେ ମୂର୍ତ୍ତି ବିସର୍ଜନ କରିବା ନିମନ୍ତେ ଅନୁରୋଧ କରନ୍ତୁ।
- ମୂର୍ତ୍ତି ବିସର୍ଜନ ହେବାର ୨୪ ଘଣ୍ଟା ମଧ୍ୟରେ ଅସ୍ଥାୟୀ ପୋଖରୀ ମଧ୍ୟରୁ ବିସର୍ଜିତ ସାମଗ୍ରୀକୁ ବାହାର କରି ନିର୍ଦ୍ଦିଷ୍ଟ Municipal Dumpsiteକୁ ସ୍ଥାନାନ୍ତର କରିବା ସଙ୍ଗେ ସଙ୍ଗେ ଅସ୍ଥାୟୀ ପୋଖରୀ ଜଳକୁ ଚୂନ ପକାଇ ବିଶୋଧନ ପରେ ନଦୀ ବା ନାଳକୁ ନିଷ୍କାସିତ କରାଯାଇପାରେ।

**ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**

- ପୂଜା ନିମନ୍ତେ କେବଳ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣନ୍ତୁ। ସାଜସଜ୍ଜା ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ।
- ପୂଜା ପରେ ମୂର୍ତ୍ତି ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀକୁ ନିଜ ଘରେ ବିସର୍ଜନ କରନ୍ତୁ କିମ୍ବା ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ କିମ୍ବା ଚିହ୍ନିତ କୃତ୍ରିମ ଭ୍ରାମ୍ୟମାଣ କୁଣ୍ଡରେ ବିସର୍ଜନ କରନ୍ତୁ।

**ଫାଇନ ଓ ଦଣ୍ଡ ବ୍ୟବସ୍ଥା:** Odisha Prevention and Control of Water Pollution (Procedure for Immersion of Idol after Pijas) Rules, 2021 ଅନୁଯାୟୀ, ମୂର୍ତ୍ତି କାରିଗରମାନେ ରୁଲ୍ ୩ର ଅବମାନନା କଲେ, ସମ୍ପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ସେମାନେ ଦୁଇ ବର୍ଷ ପାଇଁ ମୂର୍ତ୍ତି ତିଆରିରୁ ବାସନ୍ଦ ହେବେ। ଏହା ବ୍ୟତୀତ ମୂର୍ତ୍ତି ନିର୍ମାତାମାନଙ୍କର ରେଜିଷ୍ଟ୍ରେସନ ଫି ମଧ୍ୟ ଜବତ କରାଯିବ।

ପୂଜା କମିଟି କର୍ମକର୍ତ୍ତାମାନଙ୍କ ଦ୍ୱାରା ରୁଲ୍ ୫ ଏବଂ ୬ର ଅବମାନନା ହେଲେ, ସମ୍ପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ନିମ୍ନଲିଖିତ ଜୋରିମାନା ଆଦାୟ କରାଯିବ।

- ପଞ୍ଚାୟତ ସୀମା ମଧ୍ୟରେ ଥିଲେ ୩୦୦୦ ଟଙ୍କା।
- ମ୍ୟୁନିସିପାଲିଟି କିମ୍ବା NAC ସୀମା ମଧ୍ୟରେ ଥିଲେ ୫୦୦୦ ଟଙ୍କା।
- ମ୍ୟୁନିସିପାଲିଟି କର୍ପୋରେସନ ସୀମା ମଧ୍ୟରେ ଥିଲେ ୭୦୦୦ ଟଙ୍କା।

**ଆସନ୍ତୁ, ମିଳିମିଶି ପ୍ରଦୂଷଣମୁକ୍ତ ପୂଜା ପାଳନ ନିମନ୍ତେ ଯତ୍ନବାନ ହେବା ।**

- ବି.ଦ୍ର.: ଏ ସମ୍ବନ୍ଧୀୟ ବିଶଦ ବିବରଣୀ "The Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021ରେ ମିଳିପାରିବ। **(Weblink: http://ospcboard/org/wp-content/uploads/2022/02/1741-F-E-Idol-immersion-Rule-by-Odisha.pdf)**

OIPR-08012/11/0259/2223 ସ୍ୱା./– ସଦସ୍ୟ ସଚିବ

# ୭ ହାଇୱେ ଲୁଟେରା ଗିରଫ

**ଖୋର୍ଦ୍ଧା ଅଫିସ,୯।୧୦:**

■ କାର୍, ମାରଣାସ୍ତ୍ର, ୮୦ ହଜାର ଟଙ୍କା ଜବତ

■ ଲୁଟ୍ ଯୋଜନା ବେଳେ କାବୁ କଲା ପୋଲିସ

ଦୀର୍ଘଦିନ ଧରି ପୋଲିସ ଆଖିରେ ଧୂଳି ଦେଇ ୧୬ନମ୍ବର ଜାତୀୟ ରାଜପଥରେ ଲୁଟପାଟ ଓ ଡକାୟତି କରୁଥିବା ଏକ ହାଇୱେ ଲୁଟେରା ଗ୍ୟାଙ୍ଗ ଖୋର୍ଦ୍ଧା ପୋଲିସ ହାତରେ ଧରାପଡ଼ିଛି। ଶନିବାର ବିଳମ୍ବିତ ରାତିରେ ତୋଟାପଡ଼ା ଖୋର୍ଦ୍ଧା ଟାଉନ ଷ୍ଟେଶନ ନିକଟରେ ଏକ ଗ୍ୟାଙ୍ଗ ରାଜପଥରେ ମାଲବାହୀ ଟ୍ରକ ସମେତ ଡ୍ରାଇଭରଙ୍କୁ ଅପହରଣ ଲାଗି ଯୋଜନା କରୁଥିବା ଖବରପାଇ ପାଟ୍ରୋଲିଂ କରୁଥିବା ପୋଲିସ ଟିମ୍ ପହଞ୍ଚି ଘଟଣାସ୍ଥଳରୁ ୭ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଏକ ନମ୍ବର ବିହୀନ କାର୍, ନଗଦ ୮୦ହଜାର ଟଙ୍କା, ୨ଟି ଚାପଡ଼, ଲୁହାରଡ, ପ୍ଲାଷ୍ଟିକ ପାଇପ, ୩ଟି କାଠବାଡି ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବେଗୁନିଆ ଥାନା ଅନ୍ତର୍ଗତ କୁଶପଲ୍ଲାର ଏସ୍.କେ. ଜାଫର ଓରଫ ରାଜା (୨୭), ଡ୍ରାଇଭର ଶୁଭମ ମହାପାତ୍ର (୨୧), ପ୍ରତାପ କୁମାର ସାହୁ(୨୨), ଖୋର୍ଦ୍ଧା ଥାନା ଅଧୀନ ତରତୁଆର ଅଲିମ ଖାନ(୨୧) ଓ ଚନ୍ଦନ କୁମାର ବେହେରା (୪୧), ଭୁବନେଶ୍ୱର ଖଣ୍ଡଗିରି ଥାନା ଅଧୀନ ଯଦୁପୁରର ଅବଦୁଲ୍ ଜାହିର ଖାନ (୨୫) ଏବଂ ଏମ୍.ଡି. ସାଜିଦ୍(୨୬)। ଏମାନଙ୍କ ସହ ଆଉ କେଉଁମାନେ ସମ୍ପୃକ୍ତ ସେ ନେଇ ପୋଲିସ ଖୋଳତାଡ଼ କରୁଛି।

ସୂଚନା ଅନୁଯାୟୀ, ଅନ୍ଧାର ରାତିର ସୁଯୋଗ ନେଇ ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥରେ ଏକ ଲୁଟେରା ଗ୍ୟାଙ୍ଗ ମାରଣାସ୍ତ୍ର ଦେଖାଇ ଗତ କିଛି ଦିନ ଧରି ମାଲବାହୀ ଟ୍ରକ, ଯାନବାହନ ପ୍ରଭୃତି ଅଟକାଇ ଲୁଟ୍‌ପାଟ୍ କରୁଥିଲେ। ଏହି ଖବର ପୋଲିସ ନିକଟରେ ପହଞ୍ଚିଥିଲା। ଏହାପରେ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ପକ୍ଷରୁ ହାଇୱେ ପାଟ୍ରୋଲିଂ ଏବଂ ରାତ୍ରକାଳୀନ ପାଟ୍ରୋଲିଂକୁ କଡ଼ାକଡି କରାଯାଇଥିଲା। ଶନିବାର ରାତିରେ ଟାଉନ ଥାନା ଏସ୍‌ଆଇ ସୁକାନ୍ତ କୁମାର ଦଳାଇ ପାଟ୍ରୋଲିଂ କରୁଥିବା ବେଳେ ଜାତୀୟ ରାଜପଥରେ ଲୁଟ୍‌ପାଟ୍ ଲାଗି ଏକ ଗ୍ୟାଙ୍ଗ ଯୋଜନା କରୁଥିବା ଖବର ପାଇଥିଲେ। ତାଙ୍କ ସହିତ ଏସ୍‌ଆଇ ସସ୍ମିତା ବେହେରା, ଏଏସ୍‌ଆଇ ପି.କେ. ପ୍ରଧାନ, ହାବିଲଦାର ବି.କେ. ପାତାଳସିଂ, କନଷ୍ଟେବଲ ପ୍ରଦୀପ ହରିଚନ୍ଦନ ଏବଂ ଏମ୍.ଖାନ ପ୍ରମୁଖ ସାମିଲ ହୋଇଥିଲେ। ଲୁଟେରାମାନେ ଏକ ନମ୍ବର ବିହୀନ କାର୍‌ରେ ମାରଣାସ୍ତ୍ର ସହ ଲୁଟ୍ ଯୋଜନା କରୁଥିବେଳେ ପୋଲିସ ସେମାନଙ୍କୁ ଘେରିଯାଇ କାବୁ କରିଥିଲା। ସେମାନଙ୍କୁ ପଚରାଉଚରା ବେଳେ ରାଜପଥରେ ଲୁଟ୍ ଯୋଜନା ସମ୍ପର୍କରେ ପୋଲିସ ଆଗରେ ସ୍ୱୀକାର କରିଥିବା ଏସ୍‌ଆଇ ଦଲାଇ କହିଛନ୍ତି। ଏହି ଗ୍ୟାଙ୍ଗର ଚେର କେତେବାଟ ପର୍ଯ୍ୟନ୍ତ ଲମ୍ବିଛି, ତାହାର ଖୋଳତାଡ଼ ଚାଲିଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଗୋପବନ୍ଧୁଙ୍କ ସତ୍ୟନିଷ୍ଠ ସାଧନା ଅବିସ୍ମରଣୀୟ

#### ଜନ୍ମପୀଠରେ ଜୟନ୍ତୀ ପାଳିତ

ସାକ୍ଷୀଗୋପାଳ, ୯।୧୦ (ଡି.ଏନ.ଏ/ସ୍ୱ.ପ୍ର): ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୫ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ସତ୍ୟବାଦୀରୁ ଜନ୍ମପୀଠ ସୁଆଣ୍ଡୋ ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନଙ୍କ ସଭା, ସମାବେଶ, ଶୋଭାଯାତ୍ରାକୁ ନେଇ ଚଳଚଞ୍ଚଳ ହୋଇଉଠିଥିଲା। ସୁଆଣ୍ଡୋ ସ୍ଥିତ ଗୋପବନ୍ଧୁଙ୍କ ଷଠିଘରେ, ସ୍ମୃତି ମଣ୍ଡପ, ସଂକଳ୍ପ ପୀଠ, କାଦୁଆ ଆଶ୍ରମ, ବସଷ୍ଟାଣ୍ଡ ପଞ୍ଚସଖା, ସାକ୍ଷୀଗୋପାଳ ମନ୍ଦିର, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ସାକ୍ଷୀଗୋପାଳ କଲେଜ, ବିଭିନ୍ନ ବିଦ୍ୟାଳୟ, ସାରଙ୍ଗଯୋଡିରେ ପୁଣ୍ୟାତ୍ମାଙ୍କ ପ୍ରତିମୂର୍ତ୍ତି, ସମାଧିପୀଠ ଓ ଶେଷନିଶ୍ୱାସ ତ୍ୟାଗ ପୀଠରେ ମାଲ୍ୟାର୍ପଣ କରି ଲୋକେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଓଡ଼ିଶାର ଶିକ୍ଷା, ସଂସ୍କାର, ଜାତୀୟତା ଆନ୍ଦୋଳନ ଓ ମାନବିକ ମୂଲ୍ୟବୋଧ ଦିଗରେ ଗୋପବନ୍ଧୁଙ୍କ ସତ୍ୟନିଷ୍ଠ ସାଧନା ଅବିସ୍ମରଣୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗୋପବନ୍ଧୁ ଜୟନ୍ତୀ ଉପଲକ୍ଷେ ସତ୍ୟବାଦୀ ବିଜୁ ଜନତା ଦଳ ପକ୍ଷରୁ ବକୁଳବନଠାରୁ ସୁଆଣ୍ଡୋ ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା କରାଯାଇଥିଲା। ସେହିପରି ଭାଜପା ପକ୍ଷରୁ ଏକ ବାଇକ ରାଲି ସୁଆଣ୍ଡୋ ଯାତ୍ରା କରିଥିଲା। ଓମ ପ୍ରକାଶ ମିଶ୍ର, ଜିଲା ପରିଷଦ ସଭ୍ୟା, ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଓ ପାର୍ଟିର କର୍ମକର୍ତ୍ତା ଯୋଗଦେଇଥିଲେ। ସେହିପରି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କ ଅଧକ୍ଷତାରେ ସମାଧିପୀଠରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ, ସମ୍ମାନିତ ଅତିଥି ଭାବରେ ସାମାଜିକ କର୍ମୀ ଜୟଶ୍ରୀ ମହାପାତ୍ର, ବଦ୍ରି ମିଶ୍ର ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ।

### ଛାତ୍ରଙ୍କୁ ମାଡ଼ ମାରି ସୁନା ଚେନ ଛଡାଇ ନେଇ ୨ ଗିରଫ

ଭୁବନେଶ୍ୱର,୯।୧୦(ବ୍ୟୁରୋ): ହୋଟେଲରେ ଖାଉଥିବାବେଳେ ଜଣେ ଛାତ୍ରଙ୍କୁ ମାଡ ମାରି ତାଙ୍କଠାରୁ ଜୋର ଜବରଦସ୍ତି ସୁନା ଚେନ, ପର୍ସ ଲୁଟିନେବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୟାପଲ୍ଲୀ ଅଞ୍ଚଳରେ ରହୁଥିବା ନିଆଳିର ରାଜା ଓରଫ ବିକାଶ କୁମାର ବାରିକ ଓ ଧଉଳି ଅଞ୍ଚଳର ମୋହନ କୁମାର ମଲ୍ଲିକ। ପୋଲିସ ସୂଚନାନୁଯାୟୀ, ବାଣୀବିହାର ହଷ୍ଟେଲ ନମ୍ବର-୪ ରେ ରହୁଥିବା ସନ୍ତୋଷ ନାୟକ ବିଶ୍ୱବିଦ୍ୟାଳୟ ବାହାରେ ଥିବା ଏକ ହୋଟେଲକୁ ଖାଇବାକୁ ଯାଇଥିଲେ। ଏହି ସମୟରେ ସେଠାରେ ଥିବା ୨ଜଣ ଯୁବକଙ୍କ ସହ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା । ପରେ ସେମାନଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଏହାପରେ ଅଭିଯୁକ୍ତଦ୍ୱୟ ଉତ୍ତ୍ୟକ୍ତ ହୋଇ ସନ୍ତୋଷଙ୍କୁ ନିସ୍ତୁକ ମାଡ ମାରି ତାଙ୍କଠାରୁ ଲୁଟ୍‌ପାଟ କରି ଫେରାର ହୋଇଯାଇଥିଲେ। ଏନେଇ ସନ୍ତୋଷ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ମାମଲା ରୁଜୁ କରିବା ସହ ଅଭିଯୋଗର ତଦନ୍ତ କରି ଅଭିଯୁକ୍ତ ୨ ଜଣଙ୍କୁ କାବୁ କରିଥିଲା।

## କେଦାରଗୌରୀ ବିହାର ନୂତନ ରାସ୍ତା ଉଦ୍‌ଘାଟିତ

**ଭୁବନେଶ୍ୱର,୯।୧୦(ବ୍ୟୁରୋ)**



ନୂତନ ରାସ୍ତାକୁ କର୍ପୋରେଟର ନମିତା ମହାପାତ୍ର ଓ ଅନ୍ୟମାନେ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର କେଦାରଗୌରୀ ବିହାରକୁ ଯାତାୟାତ ଲାଗି ଏକ ନୂତନ ରାସ୍ତାକୁ ରବିବାର ୫୮ନଂ. ୱାର୍ଡ କର୍ପୋରେଟର ନମିତା ମହାପାତ୍ର ଉଦ୍‌ଘାଟନ କରିଥିଲେ। ପରେ କର୍ପୋରେଟର ଓ ଅନ୍ୟମାନେ କଲୋନୀ ଭିତରେ ଥିବା ଡ୍ରେନ୍, ବିଦ୍ୟୁତ୍ ଖୁଣ୍ଟ ଓ ରାସ୍ତା ସମସ୍ୟା ବୁଲି ଦେଖିବା ସହ ତୁରନ୍ତ ଏହାର ସମାଧାନ କରିବାକୁ କର୍ପୋରେଟର ପ୍ରତିଶ୍ରୁତି ଦେଇଥିଲେ। ସୁରକ୍ଷା ପରିଷଦ ସଭାଗୃହରେ ସଭାପତି ପୂର୍ଣ୍ଣାନନ୍ଦ ପତିଙ୍କ ସହ ଉପସଭାପତି ପ୍ରତାପ ଲେଙ୍କା, ସମ୍ପାଦକ ଶରତ ମହାନ୍ତି, ଡାକ୍ତର ଅକ୍ଷୟ କୁମାର ମହାନ୍ତି, ପ୍ରଯୁକ୍ତ କୁମାର ସାହୁ, ଇଂ. ରାମଚନ୍ଦ୍ର ନାୟକ, ବସନ୍ତ କୁମାର ସାହୁ, ଡାକ୍ତର ହରିହର ପଣ୍ଡା, ପର୍ଶୁରାମ ଦାସ, ପ୍ରଫେସର ଯୋଗେନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ବିଶ୍ୱଜିତ ମହାନ୍ତି, ମଳୟ କୁମାର ମହାପାତ୍ର ଓ ପୂର୍ଣ୍ଣଚନ୍ଦ୍ର ରାଉତ ପ୍ରମୁଖ କଲୋନୀର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ଆଦର୍ଶ ଦିନଚର୍ଯ୍ୟାର ଶିକ୍ଷା ଦେଲା ଯୁବା ଚରିତ୍ର ନିର୍ମାଣ ଶିବିର

**ଭୁବନେଶ୍ୱର, ୯।୧୦(ବ୍ୟୁରୋ)**

ଆର୍ଯ୍ୟସମାଜ ଭୁବନେଶ୍ୱର ପକ୍ଷରୁ ଶହୀଦନଗରଠାରେ ଗତ ୬ରୁ ଆରମ୍ଭ ହୋଇଥିବା ଯୁବା ଚିତ୍ର ନିର୍ମାଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୬୦ରୁ ଅଧିକ ଯୁବକ ସାମିଲ ହୋଇଥିଲେ। ଶିବାରାର୍ଥୀମାନଙ୍କୁ ଏକ ଆଦର୍ଶ ଦିନଚର୍ଯ୍ୟା ସହ ଭାରତୀୟ କ୍ରୀଡ଼ା, କୁଣ୍ଡୁ, କରାଟେ, ସର୍ବାଙ୍ଗ ସୁନ୍ଦର ଆସନ, ସୂର୍ଯ୍ୟ ନମସ୍କାର, ବ୍ୟାୟାମ ସହ ଢ଼ାଲ, ଛୁରୀ, ଦଣ୍ଡ ଚାଳନା ଆଦି କୌଶଳ ଶିକ୍ଷା ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ଆଦୃତ ଅନୁଷ୍ଠାନର ପ୍ରଫେସର ଆଦିତ୍ୟ ମହାନ୍ତି ଉପସ୍ଥିତ ଥିଲେ। ସୁସ୍ଥ ଜୀବନ ପାଇଁ ଅତିଥିମାନେ ଉପସ୍ଥିତ ଯୁବବର୍ଗଙ୍କୁ ବହୁ ପରାମର୍ଶ ଦେଇଥିଲେ। ଆର୍ଯ୍ୟସମାଜ ଉପସଭାପତି ଆଚାର୍ଯ୍ୟ ଡ. ସୁଦର୍ଶନ ଦେବ, ସଦସ୍ୟ ବୀରେନ୍ଦ୍ର କର, ଇଂ. ସୁଧାକର ପତୀ, ଇଂ. ବ୍ରଜବନ୍ଧୁ ପଣ୍ଡା, ପ୍ରଫେସର ବିକାଶ ପଣ୍ଡା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା।



ଆର୍ଯ୍ୟ ସମାଜ ପକ୍ଷରୁ ଶହୀଦନଗରସ୍ଥିତ ଅନୁଷ୍ଠାନ ପରିସରରେ ଚାଲିଥିବା ଯୁବା ଚରିତ୍ର ନିର୍ମାଣ ଶିବିରର ରବିବାର ଉଦ୍‌ଯାପନୀ ଦିବସରେ ଯୁବକମାନେ ବିଭିନ୍ନ କୌଶଳ ପ୍ରଦର୍ଶନ କରୁଛନ୍ତି।




ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟସେଣ୍ଟରସ୍ଥିତ ଦି ଆକୋ ସଭାକକ୍ଷଠାରେ ରମେଶ ପଟ୍ଟନାୟକଙ୍କ ପୁସ୍ତକ '୨୦୦୯ ଭାରତ ବର୍ଷ', କୃପାସାଗର ସାହୁଙ୍କ 'ଦି ଆକ୍ସିଡେଣ୍ଟାଲ ନକ୍ସଲ', କଳ୍ପଲତା ପାତ୍ରଙ୍କ 'ସୁମନାର ସଂସାର'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## କାର୍ ଧକ୍କାରେ କଦଳୀ ଟ୍ରଲି ଚୂର୍‌ମାର୍, ବେପାରୀ ମୃତ

**ଭୁବନେଶ୍ୱର,୯।୧୦(ବ୍ୟୁରୋ)**

### ଏମିତି ବି ଆସେ ମୃତ୍ୟୁ...

#### ଜଣେ ଗ୍ରାହକ ଆହତ, ଚାଳକ ଗିରଫ

କୁମାର ପୂର୍ଣ୍ଣିମାରେ ଭଲ ବେପାର ହେବ ବୋଲି ଭୋର୍‌ରୁ ଘରୁ ଟ୍ରଲି ଧରି ବାହାରିଥିଲେ କଦଳି ବେପାରି ଭଜମନ ସାହୁ। ହେଲେ ଛକରେ ଛକିଥିଲା ମୃତ୍ୟୁ। ଗ୍ରାହକଙ୍କୁ ଅପେକ୍ଷା କରିଥିବାବେଳେ ହଠାତ୍ ଯମ ରୂପରେ ଦ୍ରୁତଗତିରେ ମାଡ଼ି ଆସିଥିଲା କାର୍। କିଛି ବୁଝିବା ପୂର୍ବରୁ କାର୍ ଧକ୍କାରେ କଦଳି ଭର୍ତ୍ତି ଟ୍ରଲି ଚୁରମାର୍ ହୋଇଯାଇଥିବାବେଳେ ଭଜମନ ରାସ୍ତାରେ ଛିଟିକି ପଡିଥିଲେ। ଆଉ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ସକାଳ ପ୍ରାୟ ୬ଟାରେ ଭୁବନେଶ୍ୱର କଳ୍ପନା ଛକରେ ଘଟିଥିଲା ଏହି ମର୍ମନ୍ତୁଦ ଦୁର୍ଘଟଣା। ଏଥିରେ କୁଳମଣି ରାଉତ ନାମକ ଜଣେ ଗ୍ରାହକ ମଧ୍ୟ ଆହତ ହୋଇଛନ୍ତି। ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲକ୍ଷ୍ମୀସାଗର ଥାନା ପୋଲିସ ପହଞ୍ଚି ମୃତ ଭଜବନ ଓ ଆହତ କୁଳମଣିଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଏନେଇ ପୋଲିସ ମାମଲା ନଂ.୩୫୯/୨୨ ରୁଜୁ କରି ଅଭିଯୁକ୍ତ କାର୍ ଚାଳକ ଶହୀଦନଗର ଅଞ୍ଚଳର ଶାଶ୍ୱତ ମହାପାତ୍ରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଦ୍ରୁତଗତି ଓ ଚାଳକଙ୍କ ଆଖି ପଡିଯିବାରୁ ଏହି ଦୁର୍ଘଟଣା ଘଟିଥିବା ପୋଲିସ ଅନୁମାନ କରି ତଦନ୍ତ ଚଳାଇଛି।



କାର୍ ଧକ୍କାରେ କଦଳୀ ଟ୍ରଲି ଚୂର୍‌ମାର ହୋଇଯାଇଛି।

ମୃତ ବ୍ୟବସାୟୀ ଭଜମନଙ୍କ ଘର ଢେଙ୍କାନାଳ ଜିଲା ବାଙ୍ଗୁର ସିଂ ଅଞ୍ଚଳରେ ବୋଲି ଜଣାପଡିଛି। ସେ ଏଠାରେ ରହି ଟ୍ରଲିରେ ବୁଲି ବୁଲି କଦଳି ବେପାର କରନ୍ତି। ସୂଚନାନୁସାରେ ଭଜମନ କଳ୍ପନା ତାରିଣୀ ବସ୍ତ୍ରାଳୟ ସମ୍ମୁଖ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଛିଡା ହୋଇ ଟ୍ରଲିରେ କଦଳି ବେପାର କରୁଥିଲେ। ଏହି ସମୟରେ କୁଳମଣି ବାଇକରେ ଛିଡା ହୋଇ କଦଳି କିଣିବା ପାଇଁ ମୂଲଚାଲ କରୁଥିଲେ। ହଠାତ ରାଜମହଲ ପଟୁ ଏକ ଦ୍ରୁତ ଗତିରେ ଉକ୍ତ କାରଟି ଆସି ଭଜମନଙ୍କ ଟ୍ରଲିକୁ ହଠାତ୍ ଧକ୍କା ଦେଇଥିଲା। ଫଳରେ ଟ୍ରଲି ଚୁର୍‌ମାର ହେବା ସହ ରାସ୍ତା ସାରା କଦଳି ଛିଟିକି ପଡିଥିଲା। ଭଜମନଙ୍କ ମୁଣ୍ଡ ଓ ଛାତିରେ ଶକ୍ତ ଆଘାତ ଲାଗିଥିଲା। ତାଙ୍କ ନାକ ଓ ପାଟିରୁ ରକ୍ତ ବାହାରି ପଡିଥିବାବେଳେ ଶରୀର ସାରା କ୍ଷତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା।

## ଜାଗା ମହାବୀରଙ୍କ ଭସାଣି ଶୋଭାଯାତ୍ରା

**ପୁରୁଣା ଭୁବନେଶ୍ୱର, ୯।୧୦(ଡି.ଏନ୍.ଏ.):**

କେଦାରଗୌରୀ ମନ୍ଦିର ସମ୍ମୁଖରେ ଥିବା ଜାଗାମହାବୀରଙ୍କ ଭସାଣି ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ପାର୍ବଣରେ ବିଭିନ୍ନ ପୂଜାମଣ୍ଡପରେ ମା'ଦୁର୍ଗା ପୂଜା ପାଉଥିବାବେଳେ ଏଠାର ୪୩ବର୍ଷ ଧରି ମହାବୀରଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ପାଲା ପରିବେଷଣ ସହ ରାମାୟଣର ସୁନ୍ଦରାକାଣ୍ଡ, ରାମଚରିତ କଥା ପରିବେଷଣ କରାଯାଇଥିଲା। କେଦାରଗୌରୀ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ବିବେକାନନ୍ଦ ମାର୍ଗ, ବାରିକସାହି ଦେଇ ରଥରୋଡ, ବଡେଇବାଙ୍କ, ଲିଙ୍ଗରାଜ ମନ୍ଦିର, ଇଲେକଟ୍ରି ଅଫିସ କାର୍ଯ୍ୟାଳୟଠାରେ ବନ୍ଦ ହୋଇଥିଲା। ଆୟୋଜକ ସମିତିର ବାବୁ ମିଶ୍ର, ଇଶ୍ୱର ମହାପାତ୍ର, ଗୌରୀ ଶଙ୍କର, ବାବୁନା ମହାପାତ୍ର ଶତପଥୀ, ଅଶୁଂମାନ ମିଶ୍ର,କୁମୁଦ ଦାସ,ବାସୁ ସମର୍ଥା, ବାଦଲ ପତି, ଭାଗୀରଥି ପଣ୍ଡା ପ୍ରମୁଖ ଯୋଗଦେଇ ଶୋଭାଯାତ୍ରା ପରିଚାଳନା କରିଥିଲେ।



### ଶ୍ରମିକ ବେଶରେ ଚୋରି, ୨ ଗିରଫ

**ଭୁବନେଶ୍ୱର,୯।୧୦(ବ୍ୟୁରୋ)**

ଦୁର୍ଗାପୂଜା ସମୟରେ ଶ୍ରମିକ ବେଶରେ ଚୋରି କରୁଥିବା ୨ ଅଭିଯୁକ୍ତଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ଗଞ୍ଜାମର ସୁଧାକର ପ୍ରଧାନ ଓ କଟକର ପ୍ରଶାନ୍ତ ସ୍ୱାଇଁ। ତାଙ୍କଠାରୁ ଗୋଟିଏ ମୋବାଇଲ ଫୋନ୍ ଓ ୨ଟି ସାଇକେଲ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ମନୋଜ ବେହେରା ପରିବାର ବର୍ଗଙ୍କ ସହ ନୟାପଲ୍ଲୀ ଦୁର୍ଗାପୂଜା ବୁଲି ଘରକୁ ଫେରିବା ପରେ କେହି ତାଙ୍କ ସାଇକେଲକୁ ଚୋରି କରି ନେଇଥିବା ଜାଣିବାକୁ ପାଇଲେ। ବହୁତ ଖୋଜା ଖୋଜି ପରେ ନ ପାଇବାରୁ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ସେମାନଙ୍କୁ ନୟାପଲ୍ଲୀ ଦୁର୍ଗାମଣ୍ଡପ ନିକଟରୁ କାବୁ କରିଥିଲା। ତଦନ୍ତ ସମୟରେ ସେମାନେ ଦିନମଜୁରିଆ ପରିଚୟ ଦେଇ ଚୋରି କରିଥିବା ସ୍ୱୀକାର କରିଥିଲେ।





ମହାପୁରୁଷ ମହମ୍ମଦଙ୍କ ଜନ୍ମତିଥିରେ ରବିବାର ଭୁବନେଶ୍ୱର ସତ୍ୟନଗର ମସ୍‌ଜିଦ୍‌ରୁ ପିଏମ୍‌ଜି ଛକ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଚତୁର୍ଥ ଗୁରୁ ଗୋପିକୃଷ୍ଣ ଉତ୍ସବ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟା ୩୦।
- ୟୁଥ୍ ପକ୍ଷରୁ ୨୨ ତମ ରାଜ୍ୟସ୍ତରୀୟ କୁମାରଉତ୍ସବ ପାଳନ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- କିକ୍ ଅଫ୍ ସଲ୍ୟୁଶନ୍ସ ପକ୍ଷରୁ ୟୁନିଫାଏ-୨୦୨୨ କାର୍ଯ୍ୟକ୍ରମ, ସିୱାଇଏସ୍‌ଡି, ଇ-୧, ଇନଷ୍ଟିଚ୍ୟୁଶନାଲ ଏରିଆ, ଗଙ୍ଗାଧର ମେହେର ମାର୍ଗ, ଅପରାହ୍ନ ୩ଟା।

**କଟକ**

- ୱାର୍ଲ୍ଡ ସ୍ପେସ୍ ଉଇକ୍ ପାଳନ,ସେଭେନ ପିଲାର୍ସ ଅଫ୍ ଉଇଜଡମ୍, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
- ବିଶ୍ୱନାଥ ପଶାୟତ ମେମୋରିଆଲ କମିଟି ପକ୍ଷରୁ ବାର୍ଷିକ ଉତ୍ସବ, ଶହୀଦ ଭବନ, ସନ୍ଧ୍ୟା ୫ଟା ୪୫।
- ଜାତିପ୍ରଥା, ଧର୍ମାନ୍ଧତା ଓ ଧର୍ମନିରପେକ୍ଷତା ଶୀର୍ଷକ ଆଲୋଚନା ସଭା, ଗାନ୍ଧୀଭବନ, ସନ୍ଧ୍ୟା ୬ଟା।
- କୁମାର ଉତ୍ସବ ସମିତି ପକ୍ଷରୁ ୩୯ତମ କୁମାର ଉତ୍ସବ, କେଳୁଚରଣ କୁମାର ସେବ ମଣ୍ଡପ, ସାଆନ୍ତ ସାହି, ସନ୍ଧ୍ୟା ୭ଟା।

# ରହିବାକୁ ଜାଗା ମିଳୁନି, ହବିଷିଆଳି ହନ୍ତସନ୍ତ

## ଆଜିଠୁ କାର୍ତ୍ତିକ ବ୍ରତ: ପୁରୀରେ ପହଞ୍ଚିଲେଣି ୨୯୩୫



ପୁରୀ ଅଫିସ,୯।୧୦

କାର୍ତ୍ତିକ ବ୍ରତ ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର। ସୋମବାରଠାରୁ ନଭେମ୍ବର ୮ତାରିଖ ପର୍ଯ୍ୟନ୍ତ ଦୀର୍ଘ ଏକମାସ ଧରି ପବିତ୍ର କାର୍ତ୍ତିକ ମାସ ଚାଲିବ। ତେଣୁ କାର୍ତ୍ତିକ ବ୍ରତ ପାଇଁ ରବିବାରଠାରୁ ଶ୍ରୀକ୍ଷେତ୍ରରେ ହବିଷିଆଳିଙ୍କ ସମାଗମ ହେଲାଣି। ପ୍ରଶାସନ ପକ୍ଷରୁ ହୋଇଥିବା ହବିଷିଆଳି କେନ୍ଦ୍ରରେ ହବିଷିଆଳିମାନେ ପହଞ୍ଚିଛନ୍ତି। ସୋମବାର ସକାଳେ ସଂକଳ୍ପ ପରେ ହବିଷିଆଳିମାନେ ରାଧାଦାମୋଦର ପୂଜା ଓ ବ୍ରତ ପାଳନ କରିବେ। ରବିବାର ସ୍ୱାସ୍ଥ୍ୟ ପରୀକ୍ଷା ପରେ ହବିଷିଆଳିମାନେ ନିଜ ନିଜ କେନ୍ଦ୍ରରେ ରହିଛନ୍ତି। ପ୍ରତ୍ୟେକ କୋଠରୀରେ ୭ଜଣ ରହିବା ପାଇଁ ବ୍ୟବସ୍ଥା ହୋଇଛି। ଅନ୍ୟପକ୍ଷରେ ପଞ୍ଜୀକରଣ ସତ୍ତ୍ୱେ ଅନେକ ହବିଷିଆଳିଙ୍କ ନାମ ତାଲିକାରେ ନ ଥିବା ଅଭିଯୋଗ ସାମ୍ନାକୁ ଆସିଛି। ପ୍ରଶାସନ ନିର୍ଦ୍ଦେଶନାମା ଅନୁଯାୟୀ ଯଥା ପୂର୍ବରୁ ପଞ୍ଜୀକରଣ କରିଥିଲେ ମଧ୍ୟ ତାଲିକାରେ ଯେଉଁମାନଙ୍କ ନାମ ନାହିଁ ସେମାନଙ୍କୁ ହବିଷିଆଳି କେନ୍ଦ୍ରରେ ରଖାଯାଉ ନାହିଁ। ତେବେ ପୁରୀ ଆସି ସାରିଥିବାରୁ ଶହ ଶହ ହବିଷିଆଳି ଏବେ କେଉଁଠି ରହିବେ ଓ କିଭଳି ବ୍ରତ ପାଳିବେ ତାହାକୁ ନେଇ ସମସ୍ୟା ଦେଖାଦେଇଛି। ସେହିଭଳି ଅନେକ ହବିଷିଆଳି ପୁରୀ ଆସି କେନ୍ଦ୍ର ନିକଟକୁ ଯାଇଥିଲେ ମଧ୍ୟ ସେମାନଙ୍କ ନାମ ପଞ୍ଜୀକରଣ କରାଯାଉନାହିଁ। ଫଳରେ ସେମାନେ ଏଣେତେଣେ ଘୁରୁ ବୁଲୁଛନ୍ତି। ଅନ୍ୟପକ୍ଷରେ ଏ ନେଇ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ପଞ୍ଜୀକୃତ ହବିଷିଆମାନଙ୍କୁ ପ୍ରଥମେ ରହିବାକୁ ସୁଯୋଗ ଦିଆଯିବ। ସେହିଭଳି ଅନେକ ହବିଷିଆଳି ଆଗୁଆ ପୁରୀରେ ପହଞ୍ଚିଥିଲେ ମଧ୍ୟ ପଞ୍ଜୀକରଣ କରିନାହାନ୍ତି। ସେମାନଙ୍କ ସମସ୍ୟା ସମ୍ପର୍କରେ ପ୍ରଶାସନ ଅବଗତ ଅଛି ଓ ସମାଧାନର ରାସ୍ତା ଖୋଜାଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ହବିଷିଆଳି ଯୋଜନାରେ ପ୍ରଶାସନ ପକ୍ଷରୁ ହୋଇଥିବା ୫ଟି କେନ୍ଦ୍ରରେ ୨୯୩୫ ଜଣ ପହଞ୍ଚିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ନବନିର୍ମିତ ବୃନ୍ଦାବତୀ ନିବାସ ମୁଖ୍ୟ ଆକର୍ଷଣ ପାଲଟିଛି। ଏଠାରେ ପୁରୀ, ଗଞ୍ଜାମ ଓ ନୟାଗଡ଼ ଜିଲାର ୧୬୦୪, ଅକ୍ଷୟପାତ୍ର ଫାଉଣ୍ଡେଶନ, ବଗଲା ଧର୍ମଶାଳା ଓ ବାଗେଡ଼ିଆ ଧର୍ମଶାଳାରେ ଖୋର୍ଦ୍ଧା ଜିଲାର ୭୩୦, ମୋଚିସାହି କଲ୍ୟାଣ ମଣ୍ଡପରେ ରାଜ୍ୟର ୬୦୧ ଜଣ ହବିଷିଆଳି ରହିଛନ୍ତି। ଏମାନଙ୍କ ସେବା ପାଇଁ ପ୍ରତ୍ୟେକ କେନ୍ଦ୍ରରେ ସ୍ୱେଚ୍ଛାସେବୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ପୋଲିସ ଓ ପ୍ରଶାସନିକ କର୍ମଚାରୀ ନିୟୋଜିତ ହୋଇଛନ୍ତି। ହବିଷିଆଳିଙ୍କ ସୁରକ୍ଷିତ ରହଣି, ମହାପ୍ରସାଦ ସେବନ, ଶ୍ରୀଜୀଉଙ୍କୁ ଦର୍ଶନ କରିବା, ପ୍ରବଚନ ଓ ଆଧ୍ୟାତ୍ମିକ ଆଲୋଚନା ଶୁଣିବା ଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ହବିଷିଆଳିଙ୍କର ଯେପରି କୌଣସି ସମସ୍ୟା ନ ହୁଏ ସେଥିପ୍ରତି ଯତ୍ନବାନ ହେବାକୁ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦିଆଯାଇଛି। ହବିଷିଆଳିଙ୍କ ଭଲ ସେବା ପାଇଁ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ରହିଛି।

## ଆବର୍ଜନା ଭିତରେ ଖାଦ୍ୟ ପସରା



କଟକ ଦୋଳମୁଣ୍ଡାଇ ଚନ୍ଦନ ପଡ଼ିଆ ପରିସରରେ ଦହିବରା ଆଳୁଦମ୍, ଫାଷ୍ଟଫୁଡ୍ ବିକ୍ରି ହେଉଥିବା ସ୍ଥାନରେ ଆବର୍ଜନା ଗଦା କରାଯାଉଛି।

# ଚୁକ୍ତିଭିତ୍ତିକ ନିଯୁକ୍ତି ବନ୍ଦ ଦାବିକଲା ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀ ସଂଘ

ଭୁବନେଶ୍ୱର,୯।୧୦(ବ୍ୟୁରୋ)

ଭୁବନେଶ୍ୱର ଖାରପଡ଼ାସ୍ଥିତ ସତ୍ୟଭାମା ଦେବୀ ଟ୍ରଷ୍ଟ ପକ୍ଷରୁ ନିଖିଳ ଉତ୍କଳ ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀ ସଂଘ(ଏଓଏସ୍ଏସ୍ଇଏ)ର ପ୍ରଥମ ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଇନିସିଆଲ୍ ଆପଏଣ୍ଟିଙ୍କ ୫୦ ପ୍ରତିଶତ ଦରମା ବୃଦ୍ଧି କରିବା, ଇପିଏଫ୍ ବ୍ୟବସ୍ଥା ଲାଗୁ, ଚୁକ୍ତିଭିତ୍ତିକ ନିଯୁକ୍ତି ବନ୍ଦ କରି କର୍ମଚାରୀଙ୍କୁ ସରକାରୀ ମାନ୍ୟତା ଦେବା, ଫାଇଲ୍ ନମ୍ବର ୨୬/୨୦୧୭ରେ ଅର୍ଥ ବିଭାଗକୁ ଦିଆଯାଇଥିବା ନିଯୁକ୍ତି ଓ ଚାକିରି ସର୍ତ୍ତାବଳୀ, ଛୁଟି ନିୟମ, କ୍ୟାଡର ରୁଲ୍ ଓ ପେନ୍‌ଶନ ନିୟମ ଆଦି ପୁନଃ କାର୍ଯ୍ୟକାରୀ କରାଇବା ଆଦି ଦାବି ରଖାଯିବା ସହ ଏନେଇ ଆଲୋଚନା କରାଯାଇଥିଲା।

ସଂଘ ଉପଦେଷ୍ଟା ପ୍ରଦ୍ୟୁମ୍ନ କୁମାର ଦାଶ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସତ୍ୟଭାମା ଦେବୀ ଟ୍ରଷ୍ଟର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ନିରୋଜାଲକ୍ଷ୍ମୀ ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜନ୍ ମିଲ୍‌ଟନ୍ ମୂକ ଓ ବଧିର ସ୍କୁଲ୍‌ର ବାନାମ୍ବର ନାୟକ ଯୋଗ ଦେଇଥିଲେ। ସଂଘ ସଭାପତି ସୁଶାନ୍ତ କୁମାର ମଲ୍ଲିକ, ଉପସଭାପତି ଜଗନ୍ନାଥ ବେହେରା, କମିଟି ସଦସ୍ୟ ରାଜେଶ୍ୱରୀ ସାମନ୍ତ ପ୍ରମୁଖ ଦାବି ସଂକ୍ରାନ୍ତରେ କହିଥିଲେ। ସଂଘ ସମ୍ପାଦକ ସୁଧୀର କୁମାର ସେଠୀ ପରିଚାଳନା କରିଥିଲେ। ସଂଘ ସମ୍ପାଦକ ସେଠୀ ୧୦୪ଟି ସ୍ୱତନ୍ତ୍ର ବିଦ୍ୟାଳୟର ସମସ୍ୟା ସମାଧାନ ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ।

# ଦେବୀ ନଦୀରୁ ଅଚିହ୍ନା ଯୁବତୀଙ୍କ ମୃତଦେହ ଜବତ

ନିଆଳି, ୯।୧୦(ଡି.ଏନ୍.ଏ.)- ନିଆଳି ଥାନା ଅନ୍ତର୍ଗତ ଦେବୀ ନଦୀର ଡିହୁଡି ଆଠମାଣିଆ ଘାଇ ନିକଟରୁ ଜଣେ ଅଚିହ୍ନା ଯୁବତୀଙ୍କ ଗଳିତ ମୃତଦେହ ପୋଲିସ ଜବତ କରି ସ୍ଥାନୀୟ ଶ୍ମଶାନରେ ପୋତି ଦେଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା (ନଂ.୬/୨୨) ରୁଜୁ କରି ତଦନ୍ତ ଚଳାଇଛି। ଦେବୀ ନଦୀରେ ମୃତଦେହ ଭାସୁଥିବା ଗ୍ରାମବାସୀ ଶନିବାର ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ମୃତ ଯୁବତୀଙ୍କ ବୟସ ପ୍ରାୟ ୨୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସୂଚନାଯୋଗ୍ୟ, ଗତମାସ ୧୨ ତାରିଖରୁ ଏହି ଥାନା ଅନ୍ତର୍ଗତ ପୋଖରୀଗାଁ ଗଣ୍ଡକୂଳ ଗ୍ରାମର ସନ୍ତୋଷ ରାଉତଙ୍କ ଝିଅ ପ୍ରମୋଦିନୀ ରାଉତ(୨୪) ନିଖୋଜ ହୋଇଯାଇଛନ୍ତି। ଏ ନେଇ ୧୩ ତାରିଖରେ ନିଆଳି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୫୯/୨୨) ରୁଜୁକରି ତଦନ୍ତ ଚଳାଇଛି। ରବିବାର ଉକ୍ତ ମୃତଦେହ ଚିହ୍ନଟ କରିବା ପାଇଁ ତାଙ୍କ ପରିବାର ଓ ବନ୍ଧୁବାନ୍ଧବ ଆସିଥିଲେ। ହେଲେ ମୃତଦେହ ପଚିଯାଇଥିବାରୁ ଚିହ୍ନଟ କରିପାରି ନ ଥିଲେ। ଏହାର ଡିଏନ୍ଏ ଟେଷ୍ଟ କରିବା ପାଇଁ ସେମାନେ ଦାବି କରିଥିଲେ। ପରେ ପୋଲିସ ସ୍ଥାନୀୟ ମାଜିଷ୍ଟ୍ରେଟ୍ ବିଦ୍ୟାଧର ପତିଙ୍କ ଉପସ୍ଥିତିରେ ନିଆଳି ଶ୍ମଶାନରେ ମୃତଦେହ ପୋତି ଦେଇଥିଲା। ଏ ସମ୍ପର୍କରେ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ କହିଛନ୍ତି, ନିଖୋଜ ଯୁବତୀଙ୍କ ପରିବାର ଲୋକଙ୍କ ଦାବି ମୁତାବକ ଡିଏନ୍ଏ ଟେଷ୍ଟ ପାଇଁ ନମୁନା ପଠାଯାଇ ତଦନ୍ତ ଜାରି ରହିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିକାଶ



@ ସୁଜିତ୍



@ ଆଲୋକ



@ ସୌନ୍ଦର୍ଯ୍ୟ



@ ମନୋରଞ୍ଜନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ସେବା, ସାହିତ୍ୟ ପାଇଁ ଗୋପବନ୍ଧୁ ନମସ୍ୟ

## ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

ଭୁବନେଶ୍ୱର, ୯।୧୦(ବ୍ୟୁରୋ)

ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ରବିବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋପବନ୍ଧୁ ଦାସଙ୍କୁ ଏକାଧାରାରେ ଜଣେ ଦେଶପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍, ସାମ୍ବାଦିକ, ଜନସେବକ, ସଙ୍ଗଠକ ଓ ସାରସ୍ୱତ ସାଧକ ଭାବେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନର ଭଗୀରଥ ଥିଲେ। ଜାତୀୟପ୍ରୀତି, ଶିକ୍ଷା ପ୍ରସାର, ସମାଜସେବା, ସାହିତ୍ୟ ଓ ସମାଜ ସଂସ୍କାର କ୍ଷେତ୍ରରେ ଗୋପବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେବା ଓ ସାହିତ୍ୟ ପାଇଁ ଗୋପବନ୍ଧୁ ଦାସ ନମସ୍ୟ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦକ ଲେଲିନ ମହାନ୍ତି କହିଲେ, ଆଧ୍ୟାତ୍ମିକତା ଏବଂ ବୌଦ୍ଧିକତା ଗୋପବନ୍ଧୁଙ୍କ ଜୀବନାଦର୍ଶ ଥିଲା। ଶିକ୍ଷାବିତ୍ ତଥା ପ୍ରାବନ୍ଧିକ ପ୍ରଫେସର ଶରତ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ସାରସ୍ୱତ ସାଧନା ସମ୍ପର୍କରେ କହିଥିଲେ। ଏହି ଅବସରରେ ଉତ୍କଳମଣୀ ଗୋପବନ୍ଧୁଙ୍କ ରଚିତ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏଥିସହ ମୁଖ୍ୟବକ୍ତା ଶରତ ରଥଙ୍କ ଲିଖିତ ତଥା କାବ୍ୟାଲୋକ ପ୍ରକାଶନୀ ଦ୍ୱାରା ପ୍ରକାଶିତ ପୁସ୍ତକ 'ଚିତ୍ର ଓ କଥାରେ ଉତ୍କଳମଣି' ଲୋକାର୍ପିତ ହୋଇଥିଲା। ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶନୀ ସଂଯୋଜନା କରିଥିବାବେଳେ ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀମନ୍ଦିରରେ କୁମାରପୂର୍ଣ୍ଣିମା ନୀତି

ପୁରୀ ଅଫିସ,୯।୧୦

ଶ୍ରୀମନ୍ଦିରରେ ରବିବାର କୁମାର ପୂର୍ଣ୍ଣିମା ନୀତି ସମ୍ପନ୍ନ ହୋଇଛି। ଏହି ଅବସରରେ ସକାଳେ ଦ୍ୱାରଫିଟା ହୋଇ ଶ୍ରୀବିଗ୍ରହମାନଙ୍କ ମଙ୍ଗଳ ଆଳତି କରାଯାଇଥିଲା। ଅବକାଶ ଓ ଦୈନନ୍ଦିନ ନୀତି ପରେ ମହାପ୍ରଭୁ ରାଧାଦାମୋଦର ବେଶରେ ସଜ୍ଜିତ ହୋଇଥିଲେ। ଏହାପରେ ଗୋପାଳବଲ୍ଲଭ, ସକାଳଧୂପ, ବାଲଧୂପ, ଭୋଗମଣ୍ଡପ ଓ ଅନ୍ୟାନ୍ୟ ନୀତି ସମାପନ ପରେ ଦ୍ୱିପ୍ରହର ଧୂପ ଅନୁଷ୍ଠିତ ହୋଇଥିଲା। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ନେଇ ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ପ୍ରଦାନ କରିଥିଲେ। ଦଇତାପତି ସେବକମାନେ



ରତ୍ନସିଂହାସନରୁ ଶ୍ରୀସୁଦର୍ଶନଙ୍କୁ ଜଗମୋହନସ୍ଥିତ ବିମାନକୁ ବିଜେ କରାଇବା ପରେ ରୁନ୍ଧାକାର୍ଯ୍ୟ ସହ ବିଭିନ୍ନ ନୀତି ସମ୍ପନ୍ନ ହୋଇଥିଲା। ବିମାନ ବଡୁ ସେବକମାନେ ଶ୍ରୀସୁଦର୍ଶନଙ୍କୁ ବଡ଼ଦାଣ୍ଡ ଦେଇ ଲବଣିଖିଆ ପଣ୍ଡିଘର ନିକଟକୁ ନେଇଥିଲେ। ସେଠାରେ ପନ୍ତି ସରିବା ପରେ କରତି ସାହି ଦେଇ ଅଙ୍ଗିରା ଆଶ୍ରମକୁ ବିଜେ କରିଥିଲେ। ପାରମ୍ପରିକ ନୀତି ସାରି ଶ୍ରୀସୁଦର୍ଶନ ଉଆଁସ ଦାଣ୍ଡରେ ଭୃଗୁ ଆଶ୍ରମ ଓ ହରଚଣ୍ଡୀ ସାହି ଯମେଶ୍ୱର ମନ୍ଦିର ନିକଟ ପଣ୍ଡୁ ଆଶ୍ରମରେ ବିଜେ କରିଥିଲେ। ସେଠାରେ ପନ୍ତି ସରିବା ପରେ ହରଚଣ୍ଡୀ ସାହି ବାରବାଟୀ ଜାଗା ଦେଇ ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାରରେ ପହଞ୍ଚିବେ। ଦ୍ୱାର ନିକଟରେ ପଡିମହାପାତ୍ର ବନ୍ଦାପନା କଲା ପରେ ବାହୁଡ଼ା ବିଜେ କରି ରତ୍ନ ସିଂହାସନରେ ବିଜେ କରାଇଥିଲେ। ଏହାପରେ ରତ୍ନସିଂହାସନ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମହାସ୍ନାନ କରାଯାଇଥିଲା। ବେଶ ବଢ଼ିବା ପରେ ସନ୍ଧ୍ୟା ଆଳତି ବଢି ଶ୍ରୀବଳଭଦ୍ର, ମା' ସୁଭଦ୍ରା, ଶ୍ରୀଜଗନ୍ନାଥ ଏବଂ ଶ୍ରୀସୁଦର୍ଶନଙ୍କୁ ଚାରିବାଡ଼ରେ ୪ ପୂଜାପଣ୍ଡା ସନ୍ଧ୍ୟାଧୂପ ମଣୋହି କରାଇଥିଲେ। ଏହାପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା।



ଭୁବନେଶ୍ୱର ସୂଚନା ଭବନଠାରେ ରବିବାର ଅନୁଷ୍ଠିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟ ଅତିଥିମାନେ ପୁସ୍ତକ 'ଚିତ୍ର ଓ କଥାରେ ଉତ୍କଳମଣି' ଉନ୍ମୋଚନ କରୁଛନ୍ତି।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ନାଟ୍ୟଧାରାରେ ପରିବେଷିତ ନାଟକ 'ହାଟ'ର ଏକ ଦୃଶ୍ୟ।



ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀକୁ ସେବା ଦିବସ ପାଳନ ଅବସରରେ ରବିବାର ଉତ୍କଳ ବିପନ୍ନ ସହାୟତା ସମିତି ମଞ୍ଚେଶ୍ୱର ପକ୍ଷରୁ ସମିତି ପରିସରରେ ଅନୁଷ୍ଠିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର।

**ଦିନକରେ ୮୫ହଜାର କୋଟି ହରାଇଲେ ଶ୍ରେଷ୍ଠ ଧନୀ**

**ନୂଆଦିଲ୍ଲୀ:** ଦିନକ ମଧରେ ବିଶ୍ୱର ଶ୍ରେଷ୍ଠ ଧନୀ ବ୍ୟକ୍ତିଙ୍କର ପ୍ରାୟ ୮୫ ହଜାର କୋଟି ଟଙ୍କାର ନିବେଶ ହ୍ରାସ ଘଟିଛି। ଏପରିକି ୧ନମ୍ବର ସ୍ଥାନରେ ଥିବା ଟେସ୍‌ଲା ସିଇଓ ଏଲନ୍ ମସ୍କ ୧୦ବିଲିୟନ ଡଲାରରୁ ଅଧିକ କ୍ଷତି ସହିଥିବା ବେଳେ ଭାରତୀୟ ଶିଳ୍ପପତି ଗୌତମ ଆଦାନୀ, ମୁକେଶ ଅମ୍ବାନୀ ଓ ଅନ୍ୟ ଧନୀଙ୍କ ସମ୍ପତ୍ତି ମଧ ହ୍ରାସ ପାଇଛି। ଉଲ୍ଲେଖଯୋଗ୍ୟ ଯେ ବ୍ଲୁମବର୍ଗ ବିଲିୟନେୟାର ଇଣ୍ଡେକ୍ସ ଅନୁଯାୟୀ ଟପ୍-୧୦ରେ ଥିବା ସମସ୍ତ ଧନୀ ବ୍ୟକ୍ତି କୋଟି କୋଟି ଟଙ୍କାର କ୍ଷତି ସହିଛନ୍ତି। ସେହିଭଳି ଆମାଜନର ଜେଫ୍ ବେଜୋସ୍ ମଧ ପ୍ରାୟ ୬ ବିଲିୟନ ଡଲାର୍ ନିବେଶ ହରାଇଛନ୍ତି। ସେହିପରି ବର୍ଣ୍ଣାଡ ଆର୍ନାଲ୍ଟ ମଧ ପ୍ରାୟ ୫ ବିଲିୟନ ଡଲାର କ୍ଷତି ସହିଛନ୍ତି।

# ପ୍ରତ୍ୟକ୍ଷ ଟିକସ ଆଦାୟ ୨୪% ବୃଦ୍ଧି

**ନୂଆଦିଲ୍ଲୀ,୯।୧୦**




- ଅକ୍ଟୋବର ୮ପର୍ଯ୍ୟନ୍ତ ୯ ଟ୍ରିଲିୟନ ଟଙ୍କାର ଟିକସ ସଂଗ୍ରହ
- ଏପ୍ରିଲ ୧ରୁ ଅକ୍ଟୋବର ୮ ମଧରେ ୧.୫୩ ଲକ୍ଷ କୋଟି ଟଙ୍କାର ଫେରସ୍ତ
- ଗତ ବର୍ଷ ତୁଳନାରେ ୮୧% ବୃଦ୍ଧି ଘଟିଛି
- ସେପ୍ଟେମ୍ବରରେ ସାମଗ୍ରୀ ଏବଂ ସେବା ଟିକସ ଆୟ ୨୬% ବୃଦ୍ଧି ସହ ୧.୪୭ ଟ୍ରିଲିୟନ ଟଙ୍କାର ଜିଏସଟି ଆଦାୟ

ଚଳିତ ଆର୍ଥିକ ବର୍ଷ (୨୦୨୨-୨୩)ର ପ୍ରତ୍ୟକ୍ଷ ଟିକସ ସଂଗ୍ରହ ଅକ୍ଟୋବର ୮ ପର୍ଯ୍ୟନ୍ତ ପ୍ରାୟ ୯ (୮.୯୮) ଟ୍ରିଲିୟନ ଟଙ୍କା ରହିଛି ବୋଲି ରବିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏପରିକି ଗତ ବର୍ଷ ଏହି ସମାନ ଅବଧି ମଧରେ ମୋପ ଅପ୍ ଠାରୁ ୨୩.୮% ଅଧିକ ବୋଲି ଜଣାପଡିଛି। ସେହିଭଳି ନେଟ୍ ଟିକସ ସଂଗ୍ରହ (ଫେରସ୍ତ ପରେ) ୭.୪୫ ଟ୍ରିଲିୟନ ଟଙ୍କା ରହିଛି। ଯାହା ୨୦୨୨-୨୩ ବଜେଟ୍ ଆକଳନର ୫୨% ଅଟେ ବୋଲି କୁହାଯାଇଛି। ୨୦୨୨-୨୩ ପାଇଁ କେନ୍ଦ୍ର ସରକାର ବଜେଟରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୧୪.୨୦ ଟ୍ରିଲିୟନ ଟଙ୍କା ହୋଇଛି, ଯାହା ୨୦୨୧-୨୨ରେ ସଂଗୃହୀତ ୧୪.୧୦ ଟ୍ରିଲିୟନ ଟଙ୍କା ରହିଛି। ସେହପରି ଚଳିତ ଆର୍ଥିକ ବର୍ଷର ୧ ଏପ୍ରିଲ୍‌ରୁ ୮ ଅକ୍ଟୋବର ମଧରେ ମୋଟ ଆକଳନ ବ୍ୟକ୍ତିଗତ ଆୟକର (ସିକ୍ୟୁରିଟି କାରବାର ଟ୍ୟାକ୍ସ ଅନ୍ତର୍ଭୁକ୍ତ କରି) ଆୟରେ ୩୨% ଅଭିବୃଦ୍ଧି ଏବଂ ଗତବର୍ଷ ସମାନ ଅବଧି ମଧରେ କର୍ପୋରେଟ୍ ଟିକସ ରାଜସ୍ୱରେ ୧୬.୭୩% ବୃଦ୍ଧି ଅନ୍ତର୍ଭୁକ୍ତ କରିଛି। ଚଳିତ ବର୍ଷ ୮ ଅକ୍ଟୋବର ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ମୋଟ ସଂଗ୍ରହ ୮.୯୮ ଟ୍ରିଲିୟନ ଟଙ୍କା ରହିଛି, ଯାହା ଗତ ବର୍ଷର ସମାନ ସମୟ ପାଇଁ ମୋଟ ସଂଗ୍ରହଠାରୁ ୨୩.୮% ଅଧିକ ବୋଲି ଅର୍ଥ ମନ୍ତ୍ରଣାଳୟ ମତବ୍ୟକ୍ତ କରିଛି। ଏପରିକି ଗତ ଏପ୍ରିଲରୁ ଅକ୍ଟୋବର ୮ ମଧରେ ୧.୫୩ ଟ୍ରିଲିୟନ ଟଙ୍କା ଫେରସ୍ତ ପ୍ରଦାନ କରାଯାଇଛି, ଯାହା ଗତ ବର୍ଷ ତୁଳନାରେ ୮୧% ବୃଦ୍ଧି ଘଟିଛି। ଅପରପକ୍ଷରେ ମୁଦ୍ରାସ୍ଫୀତି ୬ ରୁ ୭% ମଧରେ ଚାଲିଥିବା ବେଳେ ଟିକସ ସଂଗ୍ରହ ମୁଦ୍ରାସ୍ଫୀତି ହାରଠାରୁ ସୁସ୍ଥ ଅଭିବୃଦ୍ଧି ଦେଖାଇବା ଜରୁରୀ ରହିଛି। ଶକ୍ତିଶାଳୀ ଅର୍ଥନୈତିକ ଅଭିବୃଦ୍ଧି, ଉନ୍ନତ ରିପୋର୍ଟ ସହ ମିଶି ଟିକସ ସଂଗ୍ରହ ଆକଳନକୁ ସମର୍ଥନ କରୁଥିବା ପରି ମନେ ହୁଏ। ସଂଗ୍ରହ ଦୃଢ ଥିବାବେଳେ କୋଭିଡ ପରେ ଏହା ପୁନର୍ଜୀବିତ କର୍ପୋରେଟ ନିବେଶ ଚକ୍ର ଦ୍ୱାରା ମଧ ସମାନ ସମର୍ଥନ ହେବା ଆବଶ୍ୟକ ବୋଲି ଡେଲୋଏଟ ଇଣ୍ଡିଆର ସହଭାଗୀ ରୋହିଣ୍ଟନ ସିଦ୍ଧୱା କହିଛନ୍ତି। ଟିକସ ସଂଗ୍ରହ ନୀତି ନିର୍ଣ୍ଣୟକାରୀଙ୍କ ପାଇଁ ଏକ ଉଜ୍ଜ୍ୱଳ ସ୍ଥାନ ହୋଇପାରିଛି। ପରୋକ୍ଷ ଟିକସ ସଂଗ୍ରହ ମଧ ଦୃଢ ଅଭିବୃଦ୍ଧି ଦେଖାଉଛି। ଚାହିଦା ବୃଦ୍ଧି, ଅଧିକ ହାର ଏବଂ ଅଧିକ ଟିକସ ଅନୁପାଳନ ହେତୁ ସେପ୍ଟେମ୍ବର ପାଇଁ ଦ୍ରବ୍ୟ ଏବଂ ସେବା ଟିକସ ଆୟ ୨୬% ବୃଦ୍ଧି ହୋଇ ୧.୪୭ ଟ୍ରିଲିୟନ ଟଙ୍କାରେ ରହିଛି। ଦେଶବ୍ୟାପୀ ଟିକସରୁ ସଂଗ୍ରହ ୭ମ ମାସ ପାଇଁ ୧.୪ ଟ୍ରିଲିୟନରୁ ଅଧିକ ରହିଛି।

## 'ଆକ୍ସିସ ନାସଦାକ୍ ୧୦୦ଫଣ୍ଡ୍ ଅଫ୍ ଫଣ୍ଡ୍'ର ଶୁଭାରମ୍ଭ

**ନୂଆଦିଲ୍ଲୀ,୯।୧୦**

ଭାରତର ଅଗ୍ରଣୀ ସମ୍ପତ୍ତି ପରିଚାଳନା କମ୍ପାନୀ ଆକ୍ସିସ ମ୍ୟୁଚୁଆଲ୍ ଫଣ୍ଡ ପକ୍ଷରୁ 'ଆକ୍ସିସ୍ ନାସଦାକ୍ ୧୦୦ ଫଣ୍ଡ ଅଫ୍ ଫଣ୍ଡ'ର ଶୁଭାରମ୍ଭ କରାଯାଇଛି । ଏହା ହେଉଛି ଏକ ଓପନ୍ ଏଣ୍ଡେଡ୍ ଫଣ୍ଡ ଅଫ୍ ଫଣ୍ଡ ସ୍କିମ୍, ଯେଉଁଥିରେ ପାଣ୍ଠିକୁ ନାସଦାକ୍ ୧୦୦ ଟିଆର୍‌ଆଇରେ ନିବେଶ କରିବା ଉପରେ ଗୁରୁତ୍ୱ ଦିଆଯିବ। ଏଥିରେ ସର୍ବନିମ୍ନ ଆବେଦନ ରାଶି ୫୦୦ ଟଙ୍କା ଏବଂ ଏହା ପରେ ୧ ଟଙ୍କାର ଗୁଣିତକ ହିସାବରେ ନିବେଶ ବଢ଼ାଇବାକୁ ହେବ। ଏହି ଏନ୍‌ଏଫ୍‌ଓ ୨୦୨୨ ଅକ୍ଟୋବର ୨୧ରେ ବନ୍ଦ ହେବ। ଏ ସମ୍ପର୍କରେ ଆକ୍ସିସ୍ ଏଏମ୍‌ସିର ଏମ୍‌ଡି ଓ ସିଇଓ ଚନ୍ଦ୍ରେଶ ନିଗମ କହିଛନ୍ତି, ନିବେଶକମାନେ ପରିପକ୍ୱ ହେବା ସହ ନିଜ ସମ୍ପତ୍ତି ସୃଷ୍ଟି ଯାତ୍ରାରେ ପ୍ରତ୍ୟକ୍ଷ ଆଗ୍ରହ ରଖୁଥିବାବେଳେ ସମ୍ପତ୍ତି ଆବଣ୍ଟନରେ ମଧ୍ୟ ଚମତ୍କାର ପରିବର୍ତ୍ତନ ଘଟିଛି। ଆକ୍ସିସ୍ ନାସଦାକ୍ ୧୦୦ ଫଣ୍ଡ ଅଫ୍ ଫଣ୍ଡ ସହ ଆମେ ନିବେଶକମାନଙ୍କୁ ବିଶ୍ୱସ୍ତରୀୟ ଅନୁଭବ ହାସଲ କରିବାର ସୁଯୋଗ ପ୍ରଦାନ କରୁଛୁ। ଆମର ବିଶ୍ୱାସ ରହିଛି ଯେ ଫଣ୍ଡର ଦର୍ଶନ ଓ ତାଙ୍କ ନିବେଶକମାନଙ୍କ ପାଇଁ ମୂଲ୍ୟ ଯୋଗ କରିବ।

## ରିଲାଏନ୍ସ ଜୁଏଲ୍ସର ନୂତନ କଲେକ୍ସନ 'ମହାଳୟା'



**ନୂଆଦିଲ୍ଲୀ,୯।୧୦**

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ନୂତନ କଲେକ୍ସନ 'ମହାଳୟା'ର ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷ କରି ଏହି ନୂତନ କଲେକ୍ସନ ମହାରାଷ୍ଟ୍ରର କଳା, ସଂସ୍କୃତି ଓ ଗୌରବ ଦ୍ୱାରା ଅନୁପ୍ରେରିତ ହୋଇଛି। ମହାଳୟା ନାମଟି ସମୃଦ୍ଧି ଓ ସୌନ୍ଦର୍ଯ୍ୟର ପ୍ରତୀକ ଅଟେ। ଚଳିତ ପାର୍ବଣ ଅବସରରେ ସୁନା ଓ ହୀରା ଜୁଏଲେରିର ଆକର୍ଷଣୀୟ ସମ୍ଭାର ଉପଲବ୍ଧ କରାଇଛି। ଏପରିକି ଆଗାମୀ ଦୀପାବଳି ପାଇଁ ସ୍ୱତନ୍ତ୍ର ଭାବେ ଏହାର ପ୍ରସ୍ତୁତ କରାଯାଇଛି।

ଏ ସମ୍ପର୍କରେ ରିଲାଏନ୍‌ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ଭାରତର ଏକ ବ୍ୟାପକ ଓ ସମ୍ମାନଜନକ ଐତିହ୍ୟ ଓ ବିଭିନ୍ନତାରେ ଭରପୂର ସଂସ୍କୃତି ରହିଛି, ଯାହାକି ଦେଶର ଏକ ଅବିଚ୍ଛେଦ୍ୟ ଅଂଶ ଓ ଏହି କାରଣରୁ ଆମେ ସଭିଏଁ ଭାରତୀୟ ଭାବେ ଗର୍ବ କରିଥାଉ। ଆମେ ଆମର ଏହି ସମୃଦ୍ଧ ଐତିହ୍ୟ, କଳା ଓ କାରିଗରିରୁ ସର୍ବଦା ପ୍ରେରଣା ଗ୍ରହଣ କରିଥାଉ। ବିଗତ ୩ବର୍ଷ ଧରି ଅନେକ ଆକର୍ଷଣୀୟ କଲେକ୍‌ସନ ପ୍ରସ୍ତୁତ କରି ଆସୁଛୁ, ଯାହାକୁ ଆମର ଗ୍ରାହକମାନେ ବହୁଳ ମାତ୍ରାରେ ପସନ୍ଦ କରିଛନ୍ତି। ସେହିଭଳି ନୂତନ ଜୁଏଲେରି ପିସ୍ ସହ ପାଟ୍ରନ ମାନେ ମଧ ସୁନା ଗହଣାର ଗଢ଼ା ମଜୁରି ଉପରେ ଓ ହୀରା ଗହଣାର ମୂଲ୍ୟ ଉପରେ ୨୫% ରିହାତି ପାଇପାରିବେ। ଏହି ଅଫର ସୀମିତ ଅବଧି ପାଇଁ ଉପଲବ୍ଧ ରହିଛି। ଏହି ଆକର୍ଷଣୀୟ କଲେକ୍‌ସନ ସ୍ୱତନ୍ତ୍ର ଭାବେ ସମସ୍ତ ରିଲାଏନ୍‌ସ ଜୁଏଲ୍ସର ଫ୍ଲାଗଶିପ୍ ଶୋ'ରୁମରେ ଉପଲବ୍ଧ ଓ ସିଲେକ୍ଟ ରେଞ୍ଜ ରିଲାଏନ୍‌ସ ଜୁଏଲ୍ସର ୱେବସାଇଟ୍‌ରେ ମଧ ମିଳିପାରିବ।

## ହାଭେଲ-ଫିନ୍‌ଲେକ୍ସର ରିଟେଲ୍ ପଏଣ୍ଟ

**ଭୁବନେଶ୍ୱର,୯।୧୦**

ଦେଶର ପ୍ରମୁଖ ବୈଦ୍ୟୁତିକ ଉତ୍ପାଦକ କମ୍ପାନୀ ହାଭେଲ,ଫିନ୍‌ଲେକ୍ସ ଭଳି ପ୍ରମୁଖ ଇଲେକ୍ଟ୍ରିକାଲ କମ୍ପାନୀର ରିଟେଲ ଏବଂ ହୋଲସେଲର ଆଉଟଲେଟ ସ୍ଥାନୀୟ ଡମଣା ନିକଟସ୍ଥ ଅରବିନ୍ଦ ନଗର ମାର୍କେଟ କମ୍ପ୍ଲେକ୍ସଠାରେ ଶୁଭାରମ୍ଭ ହୋଇଯାଇଛି। ଜେନ ଇଲେକ୍ଟ୍ରିକାଲସ ଆନୁକୂଲ୍ୟରେ ଉପରୋକ୍ତ କମ୍ପାନୀଗୁଡିକର ଷ୍ଟୋର ଉଦଘାଟିତ ହୋଇଯାଇଛି। ଏ ସମ୍ପର୍କରେ ଜେନ ଇଲେକ୍ଟ୍ରିକାଲସର ମୁଖ୍ୟ ଇଂ ଜ୍ୟୋତିର୍ମୟ ପଣ୍ଡା କହିଛନ୍ତି, ସ୍ମାର୍ଟସିଟିର କାୟା ଦିନକୁ ଦିନ ବୃଦ୍ଧି ପାଉଛି। ହେଲେ ସହରବାସୀଙ୍କ ଆବଶ୍ୟକତା ପୂରଣ ସାଙ୍ଗକୁ ଗୁଣାତ୍ମକ ସାମଗ୍ରୀ ଯୋଗାଇବାର ଉପଯୁକ୍ତ ବ୍ୟବସ୍ଥା କୌଣସି ସଂସ୍ଥା ପାଖରେ ନଥିବାରୁ ଉପଭୋକ୍ତା ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି କିଛି ସମସ୍ୟାର ସମାଧାନ ସାଙ୍ଗକୁ ସୁଲଭ ମୂଲ୍ୟ ଓ ହୋମ ଡେଲିଭରି ଜରିଆରେ ଠିକ୍ ସାମଗ୍ରୀ ଓ ଠିକ୍ ସମୟରେ ପହଞ୍ଚାଇବା ନେଇ ଏଭଳି ଏକ ବୃହତ ଶୋ'ରୁମର ଶୁଭାରମ୍ଭ କରାଯାଇଛି। ଏଠାରେ ଦେଶର ପ୍ରମୁଖ କମ୍ପାନୀଗୁଡ଼ିକର ଇଲେକ୍ଟ୍ରିକାଲ ଉତ୍ପାଦ ସବୁ ବର୍ଗର ଗ୍ରାହକଙ୍କୁ ମିଳିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।




## ଅନୁଭା-ବାଲ୍‌କୋ ମଧରେ ବୁଝାମଣାପତ୍ର ସ୍ୱାକ୍ଷର




ବେଦାନ୍ତର ବାଲକୋ ମେଡିକାଲ୍ ସେଣ୍ଟର ଏବଂ ଅନୁଭା ମଧରେ ଦ୍ୱିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ ଅବସରରେ ଉପସ୍ଥିତ ବରିଷ୍ଠ ଅଧିକାରୀ।

**ନୂଆଦିଲ୍ଲୀ,୯।୧୦**

**'କର୍କଟ ଜେନୋମିକ୍ସରେ ରଣନୀତିକ ସହଯୋଗ'**

ଦେଶର ପ୍ରମୁଖ କର୍କଟ ଚିକିତ୍ସାଳୟ ବେଦାନ୍ତର ବାଲକୋ ମେଡିକାଲ୍ ସେଣ୍ଟର (ବିଏମ୍‌ସି) ଏବଂ ଅନୁସନ୍ଧାନ ସଂସ୍ଥା ଅନୁଭା ମଧରେ ଏକ ଦ୍ୱିପାକ୍ଷିକ ବୁଝାମଣା ପତ୍ର ନିକଟରେ ସ୍ୱାକ୍ଷରିତ ହୋଇଛି। ସେହି ଅନୁଯାୟୀ ବାଲକୋରେ କର୍କଟ ଜେନୋମିକ୍ସ ବାୟୋ ବ୍ୟାଙ୍କ ପାଇଁ ମିଳିତ ଭାବେ ରଣନୀତିକ ସହଯୋଗ ଘୋଷଣା କରାଯାଇଛି। ବିଶେଷ କରି ଭାରତରେ କର୍କଟ ରୋଗ ଉପରେ ଗବେଷଣାକୁ ଆହୁରି ତ୍ୱରାନ୍ୱିତ କରାଇବା ପାଇଁ ଏହି ବୁଝାମଣା ହୋଇଥିବା ଉଭୟ ପକ୍ଷରୁ କୁହାଯାଇଛି। ଛତିଶଗଡ଼ର ନ୍ୟୁ ରାୟପୁର ବିଏମସି ପରିସରରେ ଅନୁଭାର ସିଇଓ ଡା. ଜୋନାଥନ୍ ପିକର ଏବଂ ବିଏମସି ମେଡିକାଲ ନିର୍ଦ୍ଦେଶକ ଭବନା ସିରୋହିଙ୍କ ଉପସ୍ଥିତିରେ ରାଜିନାମା ସ୍ୱାକ୍ଷର କରିଥିଲେ। ଏ ସମ୍ପର୍କରେ ବିଏମସିର ଅଧକ୍ଷ ଜ୍ୟୋତି ଅଗ୍ରୱାଲ କହିଛନ୍ତି, ଭାରତର କର୍କଟ ଯତ୍ନ କେନ୍ଦ୍ର ହେବାରେ ଏହା ଅନ୍ୟତମ ମାଇଲଖୁଣ୍ଟ ସ୍ଥାପନ କରିଛି। ଅନୁଭା ସହ ଆମର ସହଯୋଗ ସର୍ବୋତ୍ତମ ଜ୍ଞାନ, ଟେକ୍ନୋଲୋଜି ଏବଂ ଅନୁସନ୍ଧାନ ଜରିଆରେ ଭାରତୀୟଙ୍କୁ ଠିକ୍ ଔଷଧ ଓ ଚିକିତ୍ସା ଯୋଗାଇବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟର ୨ୟ ସମାବର୍ତ୍ତନ ଉତ୍ସବ

**ନୂଆଦିଲ୍ଲୀ,୯।୧୦**

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ ଏପି'ର ୨ୟ ସମାବର୍ତ୍ତନ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଏପିଜେ ଅବଦୁଲ କଲାମ ଅଡିଟୋରିୟମ୍ ପରିସରରେ ଉକ୍ତ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଇସ୍ରୋର ପୂର୍ବତନ ଅଧକ୍ଷ ଡ. କେ.ରାଧାକ୍ରିଷ୍ଣନ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି ଭିଜନ୍ ଇଣ୍ଡିଆ-୨୦୪୭ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳପତି ତଥା ଏମ୍‌ପି ଡ. ଟି.ଆର.ପ୍ୟାରୀଭେନ୍ଦର କୃତୀ ସ୍ନାତକ ଏବଂ ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିଭଳି ବିଶ୍ୱବିଦ୍ୟାଳୟର ପ୍ରୋ-କୁଳପତି ଡ. ପି. ସତ୍ୟନାରାୟଣନ୍ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ କୁଳପତି ପ୍ରଫେସର ମନୋଜ କେ ଆରୋରା ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ୨ୟ ସମାବର୍ତ୍ତନ ଉତ୍ସବରେ ମୋଟ ୧,୧୫୩ ଛାତ୍ର ଯଥା ବିବିଏ, ବିଏ, ବିଏସ୍‌ସି, ଏମ୍‌ବିଏ ଏବଂ ପିଏଚ୍‌ଡି ପ୍ରୋଗ୍ରାମଧାରୀଙ୍କୁ ପୁରସ୍କାର, ଡିଗ୍ରୀ ଏବଂ ପଦକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଡ.ଏସ. ଚନ୍ଦ୍ରଶେଖରଙ୍କୁ ସମ୍ମାନଜନକ ଡକ୍ଟରେଟ ଉପାଧି ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା ଏବଂ ଏକାଡେମିକ୍ ବୋର୍ଡର ସଦସ୍ୟ ପରିଷଦଙ୍କ ସମେତ ପ୍ରୋ ଚାନସେଲର ପ୍ରଫେସର ଡି ନାରାୟଣ ରାଓ, ରେଜିଷ୍ଟ୍ରାର୍ ଡ. ଆର. ପ୍ରେମକୁମାର, ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ଉପଦେଷ୍ଟା ପ୍ରଫେସର ଭି ଏସ୍ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

**ଫୁର୍‌ସତ୍**



## ମାଲଦ୍ୱୀପରେ ରଶ୍ମିକା

**ମାଲେ:** ନ୍ୟାଶନାଲ କ୍ରସ୍ ତଥା ସାଉଥ୍ ବ୍ୟୁଟି ରଶ୍ମିକା ମନ୍ଦାନ୍ନା ଏବେ ମାଲ୍‌ଦ୍ୱୀପରେ ଛୁଟିକାଟୁଛନ୍ତି। ତେବେ ତାଙ୍କ ମାଲଦ୍ୱୀପ୍ ଭିଜିଟ୍‌କୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ରଶ୍ମିକା ଏକା ନୁହେଁ ତାଙ୍କ ସହ ବିଜୟ ଦେବରକୋଣ୍ଡା ମଧ ମାଲଦ୍ୱୀପ ଯାଇଥିବା ଏବେ ଚର୍ଚ୍ଚା ହେଉଛି। ଶୁକ୍ରବାର ଦୁହେଁ ଏୟାରପୋର୍ଟରେ ଦେଖାଯାଇଥିଲେ। ଉଭୟ ଅଲଗା ଗାଡ଼ିରେ ଆସିଥିଲେ ହେଁ ଏକାଠି ହଲିଡେ ମନାଉଥିବା କୁହାଯାଉଛି। ସନ୍‌ଗ୍ଲାସ୍ ଲଗାଇ ସୁଇମିଂ ପୁଲ୍ ନିକଟରେ ବସିଥିବାର ଫଟୋ ରଶ୍ମିକା ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ତେବେ ରଶ୍ମିକା ଯେଉଁ ସନ୍‌ଗ୍ଲାସ୍ ଲଗାଇଛନ୍ତି ସେହି ଗ୍ଲାସ୍ ବିଜୟ ଦେବରକୋଣ୍ଡା ଏୟାରପୋର୍ଟରେ ଲଗାଇଥିବା ଜଣେ ଫ୍ୟାନ୍ ଫଟୋ ଦେଖି କହିଛନ୍ତି। ସାଉଥ୍ ଫିଲ୍ମ ଗୀତା ଗୋବିନ୍ଦମରେ ରଶ୍ମିକା ଓ ବିଜୟ ଏକାଠି ଅଭିନୟ କରିଥିଲେ। ଫିଲ୍ମଟି ସୁପର ହିଟ୍ ହେବା ସହ ଏମାନଙ୍କ ଯୋଡ଼ିକୁ ମଧ ସିନେପ୍ରେମୀ ଖୁବ୍ ପସନ୍ଦ କରିଥିଲେ। ଦୁହିଁଙ୍କ ମଧରେ ପ୍ରେମ ସମ୍ପର୍କ ଥିବା ନେଇ ଆଲୋଚନା ହେଉଥିଲେ ହେଁ ସେମାନେ ଭଲ ସାଙ୍ଗ ବୋଲି କହି ଆସୁଛନ୍ତି। ଫିଲ୍ମ 'ଲାଇଗର' ବିଜୟଙ୍କ ବଲିଉଡ୍ ଡେବ୍ୟୁ ହୋଇଥିବାବେଳେ 'ଗୁଡ୍‌ବାଏ' ଜରିଆରେ ରଶ୍ମିକା ବଲିଉଡ୍‌ରେ ଏଣ୍ଟ୍ରି କରିଛନ୍ତି।

## ଅଦୃଶ୍ୟ ହୋଇଯିବ ପ୍ରଶାନ୍ତ ମହାସାଗର



**ୱାଶିଂଟନ୍:** ଆଗାମୀ ୨ଶହରୁ ୩ଶହ ବର୍ଷପରେ ଆର୍କଟିକ୍ ମହାସାଗର ଓ କାରିବିନ୍ ସମୁଦ୍ର ଅଦୃଶ୍ୟ ହୋଇଯିବେ। ଫଳରେ ଏସିଆ ମହାଦେଶ, ଆମେରିକା ସହ ମିଶି ଏକ ସୁପର ମହାଦେଶ ଗଠନ କରିବ, ଯାହାର ନାମ 'ଆମାସିଆ' ରଖାଯିବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଅଷ୍ଟ୍ରେଲିଆର କରଟିନ୍ ଏବଂ ଚାଇନାର ପେକିଂ ୟୁନିଭର୍ସିଟି ପକ୍ଷରୁ ମିଳିତ ଭାବେ କରାଯାଇଥିବା ଅଧ୍ୟୟନ ରିପୋର୍ଟରେ ଏହା ପ୍ରକାଶ ପାଇଛି। ୨୦୦ ବର୍ଷ ପରେ ପୃଥିବୀର ଭୂଭାଗ ଏକାଠି ହୋଇଯିବ, ଫଳରେ ଆମେରିକାକୁ ଏସିଆ ସଂଯୋଗ କରିବ। ପ୍ରତି ୬ଶହ ନିୟୁତ ବର୍ଷ ମଧରେ ପୃଥିବୀର ମହାଦେଶ ସବୁ ଏକାଠି ହୋଇ ସୁପର ମହାଦେଶ ତିଆରି କରିଥାନ୍ତି, ଯାହାକୁ ସୁପର କଣ୍ଟିନେଣ୍ଟ ବା ମହାଦେଶ ସାଇକେଲ କୁହାଯାଏ। ଶତାଧିକ ବର୍ଷ ପରେ ଦେଶଗୁଡ଼ିକ ମହାଦେଶରେ ପରିଣତ ହେବେ ବୋଲି ଅଧ୍ୟୟନର ମୁଖ୍ୟ ଡା. ଚୁଆନ୍ ହୁଆଙ୍ଗ କହିଛନ୍ତି।

ବିଶେଷଜ୍ଞଙ୍କ ମତରେ ଦୁଇଟି ଭିନ୍ନ ପ୍ରଣାଳୀରେ ସୁପର ମହାଦେଶ ଗଠନ ହୋଇପାରିବ। ତାହା ହେଉଛି, ଇନ୍‌ଟ୍ରୋଭର୍ସନ୍ ଓ ଏକ୍ସଟ୍ରୋଭର୍ସନ୍। ସୁପର କମ୍ପ୍ୟୁଟର ପ୍ରୟୋଗ କରି ଭୂପୃଷ୍ଠରେ ଥିବା ଟେକ୍ଟୋନିକ୍ ପ୍ଲେଟ୍‌ର ପରିବର୍ତ୍ତିତ ବ୍ୟବହାର ଉପରେ ନଜର ରଖାଯାଇଥିବା କୁହାଯାଇଛି। ୩୦୦ ନିୟୁତରୁ କମ୍ ବର୍ଷ ମଧରେ ଆମାସିଆ ନାମରେ ସୁପର ମହାଦେଶ ତିଆରି ହେବ। ଆମେରିକା ଓ ଏସିଆ ମହାଦେଶର ଭୂଭାଗ ମିଶିଯିବା କଥା ବିଶେଷଜ୍ଞମାନେ ବିଶ୍ୱାସ କରୁଥିବାବେଳେ ଏଥିରୁ ସୃଷ୍ଟି ହେବାକୁ ଥିବା ସୁପର ମହାଦେଶର ନାମକରଣ ଆଗୁଆ କରାଯାଇଛି। ଏହି ସୁପରକଣ୍ଟିନେଣ୍ଟ ପୃଥିବୀର ଉପରି ଭାଗରେ ସୃଷ୍ଟି ହେବ। ଏହା ଦକ୍ଷିଣ ଭୂମଧ୍ୟ ରେଖାକୁ ଢଳି ରହିବା ଭଳି ସ୍ଥିତିରେ ରହିବ ବୋଲି କୁହାଯାଉଛି। ଯଦି ଭବିଷ୍ୟତରେ ଏ ପ୍ରକାର ସ୍ଥିତି ଉପୁଜେ ତେବେ ଆଣ୍ଟାର୍କଟିକା ମହାସାଗର ବିଶ୍ୱର ନିମ୍ନରେ ଆଇସୋଲେଟେଡ୍ ହୋଇ ରହିଯିବ। ଅଧ୍ୟୟନ ରିପୋର୍ଟ ମୁତାବକ ଅଷ୍ଟ୍ରେଲିଆ ଏସିଆ ଆଡ଼କୁ ପ୍ରତିବର୍ଷ ୭ ସେଣ୍ଟିମିଟର ଦୂର ପାଖେଇ ଆସିବାରେ ଲାଗିଛି। ସେହିପରି ୟୁରେସିଆ ଏବଂ ଆମେରିକା ପ୍ରଶାନ୍ତ ମହାସାଗରର ନିକଟତର ହେବାକୁ ଲାଗିଛନ୍ତି। ସୁପର ମହାଦେଶ ସୃଷ୍ଟି ହେବାପରେ ପୃଥିବୀରେ ଅନେକ ପ୍ରକାର ପରିବର୍ତ୍ତନ ଦେଖାଯିବ। ବର୍ତ୍ତମାନ ସମୟରେ ବିଶ୍ୱରେ ମୋଟ ୭ଟି ମହାଦେଶ ରହିଛି, ଯେଉଁଠାରେ ବିଭିନ୍ନ ପ୍ରକାର ଜୀବଜନ୍ତୁ ରହିବା ସହ ଭିନ୍ନ ସଂସ୍କୃତିର ଲୋକେ ବସବାସ କରନ୍ତି।

## ବିପଦରେ କିସ୍‌କା

**ୱାଶିଂଟନ୍:** ବିଶ୍ୱର ଏକମାତ୍ର ଓର୍‌କା ତଥା କିଲର୍ ହ୍ୱେଲ୍ 'କିସ୍‌କା'ର ଜୀବନ ଏବେ ବିପଦରେ ଥିବା ଏକ ରିପୋର୍ଟ ପ୍ରକାଶ ପାଇଛି। ନାଇଜେରିଆର ଆଣ୍ଟାରିଓରେ ଥିବା ଆମ୍ୟୁଜ୍ ପାର୍କର ମେରାଇନ୍ ଲ୍ୟାଣ୍ଡରେ କିସ୍‌କାକୁ ରଖାଯାଇଛି। ୪୩ ବର୍ଷ ଧରି ଏହି କିଲର ହ୍ୱେଲ୍ ସ୍ୱତନ୍ତ୍ର ଯନ୍ତାରେ ରହିଆସୁଥିବାବେଳେ ୧୧ ବର୍ଷ ହେବ ଏହା ଏକୁଟିଆ ବାସ କରୁଛି। କାରଣ ସେ ଜନ୍ମ ଦେଇଥିବା ୫ଟି ଯାକ ଛୁଆଙ୍କ ମୃତ୍ୟୁ ହୋଇସାରିଥିବା ଷ୍ଟଡିର ଅଥର୍ ଲୋରି ମାରିନୋ କହିଛନ୍ତି। ଡଲଫିନ୍ ଶ୍ରେଣୀର ଏହି ହ୍ୱେଲ୍‌ର ଦାନ୍ତ ପାଇଁ ଏହାକୁ ଓଡୋଣ୍ଟୋସେଟ୍ସ ବୋଲିକୁହାଯାଏ। ଏହିପ୍ରଜାତିର ଜୀବନକାଳ ୩୦ରୁ ୫୦ ବର୍ଷ ହୋଇଥାଏ। କିନ୍ତୁ ବନ୍ଦୀ ଜୀବନ କାଟିବା କାରଣରୁ ବୟସ ପୂର୍ବରୁ ସେମାନଙ୍କ ମୃତ୍ୟୁ ହେଉଥିବା ରିପୋର୍ଟରେ ପ୍ରକାଶ ପାଇଛି। ଶରୀରର କଳା, ଧଳା ରଙ୍ଗ ପାଇଁ ଏହା ସ୍ୱତନ୍ତ୍ର ଅଟେ। କିନ୍ତୁ ବୟସ ବଢ଼ିବା ସହ ସେମାନଙ୍କ ବ୍ୟବହାର, ରୂପ ଆଦିରେ ପରିବର୍ତ୍ତନ ଦେଖିବାକୁ ମିଳେ। ଜୀବଜଗତ ମଧରେ ଏହି କଲର୍ ହ୍ୱେଲ୍‌ର ମସ୍ତିଷ୍କ ଖୁବ୍ ଉନ୍ନତ।



## କବାଡ଼ି ମଇଦାନରେ ମହିଳା



**ରାୟପୁର:** ପୁରୁଷ ହୁଅନ୍ତୁ ଅବା ମହିଳା ଖେଳକୁଦ ପାଇଁ ପ୍ରାୟ ସମସ୍ତଙ୍କ ରୁଚି ରହିଛି। ନିକଟରେ ଛତିଶଗଡ଼ରେ ଆରମ୍ଭ ହୋଇଯାଇଛି ଛତିଶଗଡ଼ ଅଲିମ୍ପିକ୍ସ, ଯେଉଁଥିରେ ମହିଳାମାନେ ଶାଢ଼ି ପିନ୍ଧି କବାଡ଼ି ଖେଳୁଥିବାର ଦେଖିବାକୁ ମିଳିଛି। ଏହାର ଭିଡିଓ ମଧ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ଆଇଏଏସ୍ ଅୱନିଶ ଶରନ ଟୁଇଟରରେ ଏହାର ଭିଡ଼ିଓ ପୋଷ୍ଟ କରିଛନ୍ତି। ମହିଳାମାନେ ଜଣେ ଜଣେ ଦକ୍ଷ ଖେଳାଳିଙ୍କ ପରି କବାଡ଼ି ଖେଳୁଥିବା ଭିଡିଓରେ ଦେଖାଯାଇଛି।

ଗତ ଗୁରୁବାର ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ଦ୍ୱାରା ରାଜ୍ୟରେ ଛତିଶଗଡ଼ ଅଲିମ୍ପିକ୍ସ ଆରମ୍ଭ ହୋଇଯାଇଛି। ଏହି ସମାରୋହ ଅକ୍ଟୋବର ୬ରୁ ଆସନ୍ତାବର୍ଷ ଜାନୁୟାରୀ ୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଛତିଶଗଡ଼ରେ ଯେଉଁସବୁ ପାରମ୍ପରିକ ଖେଳ, ଗିଲ୍ଲି ଦଣ୍ଡା, ପିଟ୍ଟୁଲ, ଲଙ୍ଗଡି ରନ୍, ବାଟି କେଳ ଆଦି ଏହି ଅଲିମ୍ପିକ୍ସରେ ଖେଳାଯିବ। ଯୁବପିଢ଼ିଙ୍କୁ ଏ ସବୁ କ୍ରୀଡ଼ା ବିଷୟରେ ଅବଗତ କରାଇବା ପାଇଁ ଏହି ନିଆରା ପ୍ରୟାସ କରାଯାଇଥିବା କୁହାଯାଉଛି। ପ୍ରତ୍ୟେକ ଖେଳ ୬ଟି ପର୍ଯ୍ୟାୟରେ ଖେଳାଯିବାକୁ ଥିବାବେଳେ ପିଲାଠାରୁ ବୃଦ୍ଧ ଏବଂ ଯେ କୌଣସି ବୟସର ମହିଳା ଏଥିରେ ନିଜକୁ ସାମିଲ କରିପାରିବେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୦ ଅକ୍ଟୋବର, ୨୦୨୨

# ମା' ଧନଦାତ୍ରୀଙ୍କୁ ଆରାଧନା




ୟୁନିଟ୍-୪ ଏମ୍ଏଲ୍ଏ କଲୋନୀ ବ୍ୟବସାୟୀ ସଂଘ।


କୁମାର ପୂର୍ଣ୍ଣିମା ଅବସରରେ ରବିବାର ଶହୀଦନଗରସ୍ଥିତ ପୂଜାମଣ୍ଡପରେ ଚାନ୍ଦିମେଢ଼ରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ।


ଝାରପଡା ଦୁର୍ଗାପୂଜା ସମିତି ପକ୍ଷରୁ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜା।


ବମିଖାଲ ଦୁର୍ଗା ମଣ୍ଡପରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ।


ଓଁ ମା' ଗଜଲକ୍ଷ୍ମୀ ପୂଜା ସମିତି, ଲକ୍ଷ୍ମୀସାଗର।


ବାପୁଜୀନଗର।


ବାଣୀବିହାର ଟ୍ରାଫିକ ଛକ ଦୁର୍ଗା ପୂଜା ସମିତି ପକ୍ଷରୁ ମା' ଗଜଲକ୍ଷ୍ମୀଙ୍କ ପୂଜା।


ଓଁ ମା' ଗଜଲକ୍ଷ୍ମୀ ପୂଜା ସମିତି, ଲକ୍ଷ୍ମୀସାଗର ପକ୍ଷରୁ ନିର୍ମିତ ତୋରଣ।


ବାପୁଜୀ ନଗର ଗଜଲକ୍ଷ୍ମୀ ପୂଜା ଅବସରରେ ନିର୍ମିତ ତୋରଣ।

# ଓଡ଼ିଆ ଜାତିର ଆଦର୍ଶ ଥିଲେ ଗୋପବନ୍ଧୁ



ଉତ୍କଳ ସମ୍ମିଳନୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ବିଭିନ୍ନ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୮ ଗୋପବନ୍ଧୁ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ଅବସରରେ ଉପସ୍ଥିତ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

ଭୁବନେଶ୍ୱର, ୯।୧୦(ବ୍ୟୁରୋ)

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଏକାଧାରରେ ଜଣେ ଦେଶପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ, ସାମ୍ବାଦିକ, ଶିକ୍ଷାବିତ୍, ଚିନ୍ତାନାୟକ, ଜନସେବକ, ସାରସ୍ୱତ ସାଧକ, ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଅନ୍ୟତମ ମହାନାୟକ ଥିଲେ। ସେ ଥିଲେ ମାନବବାଦୀ ଭାବଧାରାର ପ୍ରତୀକ, ଓଡିଆ ଜାତିର ଆଦର୍ଶ। ରବିବାର ଗୋପବନ୍ଧୁଙ୍କ ୧୪୫ତମ ଜୟନ୍ତୀ ପାଳନ ଅବସରରେ ୟୁନିଟ୍-୮ ଗୋପବନ୍ଧୁ ଛକଠାରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ଅବସରରେ ଅତିଥିମାନେ ଏହା କହିଛନ୍ତି। ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜ୍ଞାନ ଓ କାରିଗରି, ସରକାରୀ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଗୋପବନ୍ଧୁଙ୍କ ତ୍ୟାଗ ଓ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥା ପୂର୍ବତନ ଏମ୍‌ପି ତଥାଗତ ସତପଥୀ, ବିଧାୟକ ଅନନ୍ତନାରାୟଣ ଜେନା, ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ସ୍ଥାନୀୟ କର୍ପୋରେଟରଙ୍କ ସମେତ ବିଭିନ୍ନ ରାଜନୈତିକ ନେତୃବୃନ୍ଦ, ଉତ୍କଳ ସମ୍ମିଳନୀ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ରନାଥ ପରିଡା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ସ୍ୱତନ୍ତ୍ର ଅଧିକାରୀ ମାନସ ରଞ୍ଜନ ଖୁଣ୍ଟିଆ, ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉତ୍କଳମଣିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ବାଚସ୍ପତି

ଭୁବନେଶ୍ୱର, ୯।୧୦(ବ୍ୟୁରୋ)

ବିଧାନସଭା ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୫ତମ ଜୟନ୍ତୀ ଉତ୍ସବ ରବିବାର ବିଧାନସଭା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ବିକ୍ରମ କେଶରୀ ଆରୁଖ ଉତ୍କଳମଣିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ, ମାନବସେବାକୁ ଜୀବନର ବ୍ରତ ଭାବରେ ଗ୍ରହଣ କରିଥିବା ଗୋପବନ୍ଧୁ ଥିଲେ ଦୀନ, ଦରିଦ୍ର ଓ ଦୁଃଖୀଙ୍କ ବନ୍ଧୁ। ନିରାଶ୍ରୟ ଓ ନିସଃହାୟଙ୍କ ସେବା କରିବାଠାରୁ ଆରମ୍ଭ କରି ଯୁବ ସମାଜକୁ ଆଦର୍ଶ ନାଗରିକ ଭାବେ ଗଢ଼ି ତୋଳିବା ପାଇଁ ସେ ସଦା ତତ୍ପର ଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପଣ୍ଡିତ ଗୋପବନ୍ଧୁ ନିରାଶ୍ରୟଙ୍କ ସେବା କରିବା ପାଇଁ ଆଗେଇ ଆସୁଥିଲେ। ଓଡ଼ିଶାରେ ଶିକ୍ଷାର ପ୍ରସାର ସହିତ ସାହିତ୍ୟ, ସମାଜସେବା ଓ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ଥିଲେ। ସେ ସବୁଦିନ ପାଇଁ ଓଡ଼ିଶାବାସୀଙ୍କ ଚିରସ୍ମରଣୀୟ ହୋଇରହିବେ ବୋଲି ବାଚସ୍ପତ ଆରୁଖ ପ୍ରକାଶ କରିଥିଲେ। ବିଧାୟକ ସୁଶାନ୍ତ କୁମାର ରାଉତ, ବିଧାନସଭା ସଚିବ ଦାଶରଥି ଶତପଥୀ, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ତଥା ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ରଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ବିଧାନସଭାର ଯୁଗ୍ମ ନିର୍ଦ୍ଦେଶକ ଶିବପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ, ବିଧାନସଭା ସଚିବ ଦାଶରଥି ଶତପଥୀ ଓ ବିଧାୟକ ସୁଶାନ୍ତ ରାଉତ।

# ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟ ଆଧୁନିକ ନାଟ୍ୟ ପରମ୍ପରାକୁ ବିକଶିତ କରିଥିଲା



ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ସମ୍ମୁଖ ଗଣକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ଭୁବନେଶ୍ୱର, ୯।୧୦(ବ୍ୟୁରୋ)

ଗୀତିନାଟ୍ୟ ଓ ଗୀତ ରଚନା କରି ଏହାକୁ ଅଭିନୟ ମାଧ୍ୟମରେ ରାଜ୍ୟ ତଥା ବାହାରେ ପରିବେଷଣ କରି ଓଡ଼ିଶାର ଗୀତିନାଟ୍ୟ ଓ ଲୋକନାଟ୍ୟ ଆନ୍ଦୋଳନକୁ ସମୃଦ୍ଧ କରିଥିଲେ ଗଣକବି ବୈଷ୍ଣବ ପାଣି। ତାଙ୍କ ଦ୍ୱାରା ରଚିତ ଗୀତିନାଟ୍ୟ ଓ ଜଣାଣ ସମ୍ବଳିତ ପୁସ୍ତକ ଓଡ଼ିଶାର ବାଣୀଭଣ୍ଡାରକୁ ସମୃଦ୍ଧ କରିଛି। ସମାଜର ଅସ୍ପୃଶ୍ୟତା ଦୂରୀକରଣ ପାଇଁ ନିଜେ ଜଣେ ଦଳିତ ମହିଳାଙ୍କୁ ଜୀବନସାଥୀ କରି ସାମାଜିକ ବାଛନ୍ଦ ଓ ନିର୍ଯାତନାର ଶିକାର ହୋଇଥିଲେ। ତାଙ୍କ ଲିଖିତ ଗୀତି ନାଟ୍ୟରେ ନିଶା ନିବାରଣ, ଅସ୍ପୃଶ୍ୟତା ନିରାକରଣ, ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ପ୍ରଦାନ କରୁଥିଲେ। ତାଙ୍କ ତ୍ୟାଗ ଓ ସମର୍ପଣ ଆଧୁନିକ ନାଟ୍ୟ ପରମ୍ପରାକୁ ବିକଶିତ କରିବା ସହ ନାଟ୍ୟପ୍ରେମୀଙ୍କୁ ଉତ୍ସାହିତ କରିବ ବୋଲି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗଣକବି ବୈଷ୍ଣବ ପାଣିଙ୍କ ୧୪୦ତମ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି।

ବିଭାଗୀୟ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ପ୍ରତାପ ଜେନା, ଉପଶାସନ ସଚିବ ସଞ୍ଜୟ କୁମାର ମିଶ୍ର, କର୍ପୋରେଟର ଅମରେଶ ଜେନା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ଉଇ ଫର୍ ଭୁବନେଶ୍ୱର ସଭ୍ୟବୃନ୍ଦ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ସତ୍ୟବ୍ରତ ଜେନା, ଭୁବନେଶ୍ୱରରେ ରହୁଥିବା ମାହାଙ୍ଗା ମାଟିର ଜନସାଧାରଣ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କବିଦମ୍ପତି ନାରାୟଣ ମୁଦୁଲି ଓ ସୁଜାତା ମୁଦୁଲି, ଗାୟକଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟଙ୍କୁ 'ଗଣକବି ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

# ଉତ୍ସାହ ବଢୁଛି, କଳିଙ୍ଗ ପ୍ରସ୍ତୁତ

ଭୁବନେଶ୍ୱର, ୯।୧୦
(କ୍ରୀଡ଼ା ପ୍ରତିନିଧି)

ଭାରତ ସମେତ ଓଡ଼ିଶାରେ ପ୍ରଥମଥର ପାଇଁ ହେବାକୁ ଯାଉଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ପାଇଁ ଉତ୍ସାହ ବଢ଼ିବାରେ ଲାଗିଛି। ପ୍ରତିଯୋଗିତାର ଅନ୍ୟତମ ଭେନ୍ୟୁ କଳିଙ୍ଗ ଷ୍ଟାଡିୟମ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଭୁବନେଶ୍ୱରରେ ଫିଫାର ବାସ୍ନା ସ୍ପଷ୍ଟ ବାରି ହୋଇଯାଉଛି। ସଜେଇ ହେଉଛି ସହର। କଳିଙ୍ଗ ଷ୍ଟାଡିୟମ ପାର୍ଶ୍ୱବର୍ତ୍ତୀ ରାସ୍ତା ସହ ସହରର ବିଭିନ୍ନ ସ୍ଥାନରେ ପ୍ରତିଯୋଗିତାର ଲୋଗୋ ଏବଂ ମାସ୍କଟର ହୋର୍ଡିଂମାନ ଲାଗିଛି। ପୂର୍ବରୁ ହକି ବିଶ୍ୱକପ୍ ସମେତ ଡଜନେରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ସଫଳତାର ସହ ସମ୍ପନ୍ନ କରାଇଥିବା ରାଜ୍ୟ ସରକାର ଏଥର ମଧ୍ୟ ଟୁର୍ନାମେଣ୍ଟକୁ ସ୍ମରଣୀୟ କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୧ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ସମୟରେ ଫିଫା, ସର୍ବଭାରତୀୟ ଫୁଟବଲ ଫେଡେରେଶନର ଅଧିକାରୀମାନେ ଉପସ୍ଥିତ ରହିବାର ସୂଚନା ମିଳିଛି।

ଏହା ଏକ ମେଗା ପ୍ରତିଯୋଗିତା ହୋଇଥିବାରୁ ଭେନ୍ୟୁସ୍ଥଳ କଳିଙ୍ଗ ଷ୍ଟାଡିୟମ ସମେତ ୭ମ ବାଟାଲିୟନ ମଧ୍ୟରେ ୨ଟି ଏବଂ ୟୁନିଟ-୩ ଅଭ୍ୟାସ ପଡ଼ିଆକୁ ଫିଫା ଷ୍ଟାଣ୍ଡାର୍ଡର କରାଯାଇଛି। ଭାରତୀୟ ଦଳ ପୂର୍ବରୁ ଏଠାରେ ଟ୍ରେନିଂ ଜାରି ରଖିଥିବାବେଳେ ଇତିମଧ୍ୟରେ ବ୍ରାଜିଲ, ମରକ୍କୋ ଏବଂ ଆମେରିକା ଦଳ ଭୁବନେଶ୍ୱରରେ ପହଞ୍ଚି ନିଜ ପ୍ରସ୍ତୁତିକୁ ଅନ୍ତିମ ରୂପ ଦେଉଛନ୍ତି। ଭାରତ ସମେତ ଏହି ୩ଟି ଦଳ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛନ୍ତି। ପ୍ରତି ଗ୍ରୁପ୍‌ରୁ ୨ଟି ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବାର ନିୟମ ରହିଛି। ତେଣୁ ଭାରତ ମୁଖ୍ୟତଃ ଉଚ୍ଚର୍‌ୟାଙ୍କ୍‌ପ୍ରାପ୍ତ ବ୍ରାଜିଲ ଓ ଆମେରିକାଠାରୁ କଡ଼ା ଚ୍ୟାଲେଞ୍ଜ ପାଇବ। ଭାରତ ଭଳି ପ୍ରଥମଥର ପାଇଁ ଅଂଶଗ୍ରହଣ କରୁଥିବା ମରକ୍କୋ ଦଳ ମଧ୍ୟ ପ୍ରଦର୍ଶନର ଛାପ ଛାଡ଼ିବାକୁ ନିଶ୍ଚିତ ଚେଷ୍ଟା କରିବ। ଭୁବନେଶ୍ୱର ବ୍ୟତୀତ ଗୋଆର ମାର୍ଗାଓ ଏବଂ ମହାରାଷ୍ଟ୍ରର ନଭି ମୁମ୍ବାଇରେ ପ୍ରତିଯୋଗିତାର ମ୍ୟାଚଗୁଡ଼ିକ ଆୟୋଜନ ହେବ। ଚଳିତ ମାସ ୧୧ ତାରିଖରୁ ଆରମ୍ଭ ହୋଇ ଏହି ଟୁର୍ନାମେଣ୍ଟ ୩୦ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିବସରେ କଳିଙ୍ଗ ଷ୍ଟାଡିୟମ ଏବଂ ମାର୍ଗାଓସ୍ଥିତ ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ମ୍ୟାଚ ଖେଳାଯିବ। ୧୧ ତାରିଖରେ ଭୁବନେଶ୍ୱରରେ ମରକ୍କୋ-ବ୍ରାଜିଲ, ଭାରତ-ଆମେରିକା ଏବଂ ମାର୍ଗାଓରେ ଚିଲି-ନ୍ୟୁଜିଲାଣ୍ଡ ଓ ଜର୍ମାନୀ-ନାଇଜେରିଆ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଭାରତ ଏହାର ପରବର୍ତ୍ତୀ ୨ଟି ମ୍ୟାଚ ୧୪ରେ ମରକ୍କୋ ଓ ୧୭ରେ ବ୍ରାଜିଲ ସହିତ ଖେଳିବ। ଭାରତର ସମସ୍ତ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ।



କଳିଙ୍ଗ ଷ୍ଟାଡିୟମ ପାର୍ଶ୍ୱବର୍ତ୍ତୀ ରାସ୍ତାରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ହୋର୍ଡିଂ।



**ଦିନକ ପରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍**



ଫୁଟବଲ ପ୍ରଶଂସକ ଟିକେଟ କିଣୁଛନ୍ତି।

## ଭାରତ କଡ଼ା ଚ୍ୟାଲେଞ୍ଜ ଦେବ: ଡେନର୍ବି

ଆସନ୍ତା ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ପାଇଁ ଭାରତ ଅନ୍ୟତମ ଅଣ୍ଡରଡଗ୍ ଦଳ ବିବେଚିତ ହେଉଛି। ମାତ୍ର ମୁଖ୍ୟ କୋଚ୍ ଥୋମାସ ଡେନର୍ବି ନିଜ ଦଳର ପ୍ରଦର୍ଶନକୁ ନେଇ ଆତ୍ମବିଶ୍ୱାସରେ ଅଛନ୍ତି। ବ୍ରାଜିଲ ଓ ଆମେରିକାପରି ଶକ୍ତିଶାଳୀ ଦଳ ଗୁଡ଼ିକୁ ଭାରତ କଡ଼ା ଚ୍ୟାଲେଞ୍ଜ ଦେବ ବୋଲି ସେ ପ୍ରକାଶ କରିଛନ୍ତି। ଭାରତ ଏହାର ପ୍ରଥମ ମ୍ୟାଚରେ ଆମେରିକାକୁ ଭେଟିବ। ''ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ମଧ୍ୟ ଭାରତ ପ୍ରତିଦ୍ୱନ୍ଦ୍ୱିତା କରିପାରେ ବୋଲି ଦେଖାଇବାର ସମୟ ଆସିଛି। ବର୍ତ୍ତମାନ ଆମେ ଫଳାଫଳକୁ ଦେଖୁନାହୁଁ। ଭାରତୀୟ ବାଳିକାମାନେ ଫୁଟବଲ ଖେଳିପାରନ୍ତି ବୋଲି ପ୍ରଦର୍ଶନ ମାଧ୍ୟମରେ ଦେଖାଇବାକୁ ଚାହୁଁ। ଗ୍ରୁପ୍ ମଧ୍ୟରେ ଆମର ନିଜର କିଛି ଲକ୍ଷ୍ୟ ଅଛି। ଆମେ କଡ଼ା ଚ୍ୟାଲେଞ୍ଜ ଦେବାକୁ ପ୍ରସ୍ତୁତ। ଆମେରିକା ହେଉ କି ବ୍ରାଜିଲ କିମ୍ବା ମରକ୍କୋ ଆମେ ଗୋଲ ସ୍କୋର କରି ପଏଣ୍ଟ ହାସଲ କରିବାକୁ ଚାହୁଁ। ଆମେ ଏକ ଭଲ ଦଳବୋଲି ଭାରତୀୟ ପ୍ରଶଂସକଙ୍କୁ ଦେଖାଇବାକୁ ଚାହୁଁ'' ବୋଲି ଡେନର୍ବି ପ୍ରକାଶ କରିଛନ୍ତି।

# ରୋଇଂରୁ ଓଡ଼ିଶାକୁ ରୌପ୍ୟ, ବ୍ରୋଞ୍ଜ ପଦକ




ରୋଇଂ ପ୍ରତିଯୋଗିତା ଅବସରରେ ତୋମଥିଲଙ୍ଗାନବା ନାଗାଶେପାମ ଏବଂ ସତ୍ୟମ ବାଲିଆନ ଓ ସୂରଜ ବିଜାଲେ।

**ଭୁବନେଶ୍ୱର, ୯।୧୦ (କ୍ରୀଡ଼ା ପ୍ରତିନିଧି):** ଗୁଜରାଟର ବିଭିନ୍ନ ସହରରେ ଚାଲିଥିବା ଜାତୀୟ କ୍ରୀଡ଼ାର ୩୬ତମ ସଂସ୍କରଣରେ ଓଡ଼ିଶା ରୋଇଂ ତାରକାମାନେ ରବିବାର ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶା ରୋଇଂ ଟିମ୍‌ର ଅନ୍ୟତମ ସଦସ୍ୟ ତୋମଥିଲଙ୍ଗାନବା ନାଗାଶେପାମ କେ-୧, ୧୦୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ସେହିପରି ସତ୍ୟମ ବାଲିଆନ ଓ ସୂରଜ ବିଜାଲେଙ୍କୁ ନେଇ ଗଠିତ କାନୋଇଂ ଟିମ୍ କେ-୨, ୧୦୦୦ ମିଟର ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶା ମହିଳା ଫୁଟବଲ ଦଳର ଚମତ୍କାର ପ୍ରଦର୍ଶନ ଅବ୍ୟାହତ ରହିଛି। ସେମିଫାଇନାଲରେ ତାମିଲନାଡୁକୁ ହରାଇ ଓଡ଼ିଶା ଫାଇନାଲରେ ପ୍ରବେଶ କରିଛି। ସୋମବାର ଫାଇନାଲରେ ଓଡ଼ିଶା ଦଳ ମଣିପୁରକୁ ଭେଟିବ। ପ୍ରତିଯୋଗିତାର ଅଷ୍ଟମ ଦିବସ ଶେଷସୁଦ୍ଧା ଓଡ଼ିଶାର ପଦକ ସଂଖ୍ୟା ୧୯ରେ ପହଞ୍ଚିଛି। ଏହା ମଧ୍ୟରେ ୩ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୯ ବ୍ରୋଞ୍ଜ ପଦକ ସାମିଲ।

**ଜାତୀୟ କ୍ରୀଡ଼ା**
■ ଫାଇନାଲରେ ଓଡ଼ିଶା ମହିଳା ଫୁଟବଲ ଦଳ

# ରାଜ୍ୟ ଓପନ ଚେସ୍: ହର୍ଷିତ ଚାମ୍ପିୟନ

**ଭୁବନେଶ୍ୱର, ୯।୧୦ (କ୍ରୀଡ଼ା ପ୍ରତିନିଧି):** ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୧୫ତମ ସନ୍ଦିପ ମହାନ୍ତି ମେମୋରିଆଲ ରାଜ୍ୟ ଓପନ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ କଟକର ହର୍ଷିତ ରଞ୍ଜନ ସାହୁ ୬.୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। କଟକର ରବୀନ୍ଦ୍ର କୁମାର ଓଝା ୬ ଓ ଭୁବନେଶ୍ୱରର ସୌମ୍ୟରଞ୍ଜନ ମିଶ୍ର ୫.୫ ପଏଣ୍ଟ ସହିତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବୀରେନ୍ଦ୍ର ରାଇତା, ଲଳିତ ରଞ୍ଜନ ସାହୁ, ଅବିନାଶ ବଳିୟାରସିଂ, ସଞ୍ଜୀବନ ନାୟକ, ଅମରେନ୍ଦ୍ର ଖମାରି, କମଳ ଲୋଚନ ପାଢ଼ୀ, ଅକ୍ଷୟ ଶବର ଟପ୍-୧୦ରେ ରହିଛନ୍ତି। ମୁଖ୍ୟ ପୁରସ୍କାର ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ସ୍ୱତନ୍ତ୍ର ଏବଂ ୫ ଜଣଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ୱାଗତିକା ସାମନ୍ତରାୟ ଶ୍ରେଷ୍ଠ ମହିଳା, ଭିମସେନ ପ୍ରଧାନ ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଥିଲେ। ୫ ବର୍ଷୀୟ ଲୋହିତାକ୍ଷ ପରିଡ଼ା ପ୍ରତିଯୋଗିତାର ସର୍ବକନିଷ୍ଠ ଖେଳାଳି ଥିଲେ। ବିପିଏଲ୍ ଇଣ୍ଡିଆର ପୂର୍ବତନ ରିଜିଓନାଲ ମ୍ୟାନେଜର ସୌମେନ୍ଦ୍ର ମହାନ୍ତି, ଭୁବନେଶ୍ୱର ଚେସ୍ ଆସୋସିଏଶନ ସମ୍ପାଦକ ଦେବାଶିଷ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ସୁରିନ୍ଦରନାଥ ମହାନ୍ତି, ସାଇ ବୀଣାପାଣୀ ଜ୍ଞାନ ମନ୍ଦିର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

CLASSIFIED DISPLAY
MORE SPACE • SAME PRICE
TARIFF
GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 3,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NATIONAL FINANCE
DIWALI DHAMAKA LOAN
ପର୍ସନାଲ, ମାର୍କଶିଟ୍, ଆଧାରକାର୍ଡ, ପ୍ରପର୍ଟି, ଏଜୁକେଶନ୍, ସବୁପ୍ରକାର ଋଣ।
48 hours ଲୋନ୍ ପାଇଁ Agent ଆମନ୍ତ୍ରିତ।
2% interest 40% discount
under all Government schemes
9126461403

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମହିଳା ବିଚ୍ ଭଲିବଲ ଦଳକୁ ପ୍ରଥମ ପଦକ

ଭୁବନେଶ୍ୱର, ୯।୧୦ (କ୍ରୀଡ଼ା ପ୍ରତିନିଧି)

ସୁରଟର ଡୁମାସ୍ ବିଚ୍‌ରେ ଅନୁଷ୍ଠିତ ୩୬ତମ ଜାତୀୟ କ୍ରୀଡ଼ା ବିଚ୍ ଭଲିବଲ୍ (ପୁରୁଷ ଏବଂ ମହିଳା) ଇଭେଣ୍ଟରେ ଓଡ଼ିଶା ମହିଳା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ଭଲିବଲ ଇତିହାସରେ ପ୍ରଥମଥର ପାଇଁ ମହିଳା ଦଳକୁ ଜାତୀୟ କ୍ରୀଡ଼ାରେ ପଦକ ମିଳିଛି। ଓଡ଼ିଶା ଦଳ ତେଲଙ୍ଗାନାକୁ ୨-୦ (୨୧-୧୯ ଏବଂ ୨୨-୨୦), କେରଳକୁ ୨-୦ (୨୧-୧୬ ଏବଂ ୨୧-୧୧) ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲା। କ୍ୱାର୍ଟରରେ ପୁଡୁଚେରୀ-୨କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲରେ ଏକଦା ଅଗ୍ରଣୀ ରହିଥିଲେ ହେଁ ପ୍ରତିକୂଳ ପାଗ ସହ ଖାପ ଖୁଆଇ ନ ପାରି ପୁଡୁଚେରୀ-୧ ନିକଟରୁ ହାରି ଯାଇଥିଲା। ଏହାପରେ ଏକପାଖିଆ ମ୍ୟାଚରେ ତେଲଙ୍ଗାନାକୁ ୨-୦ରେ ପରାସ୍ତ କରି ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ମହିଳା ଦଳରେ ଶିବାନୀ ପ୍ରିୟଦର୍ଶିନୀ ଏବଂ ମୋନାଲିସା ପାତ୍ର ରହିଥିବା ବେଳେ କୋଚ୍ ଅଛନ୍ତି ସୁଧାଂଶୁ ଭୂଷଣ ମିଶ୍ର। ଏହି ସଫଳତା ପାଇଁ ଓଡ଼ିଶା ଦଳକୁ ଭାରତୀୟ ଭଲିବଲ ସଂଘର ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।


କୋଚ୍‌ଙ୍କ ସହ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ମହିଳା ଭଲିବଲ ଖେଳାଳି।

## ପାଇରେଟ୍ସକୁ ହରାଇଲା ପାନ୍ଥର୍ସ

**ବେଙ୍ଗାଲୁରୁ, ୯।୧୦ (ପି.ଟି.):** ସ୍ଥାନୀୟ ଶ୍ରୀ କାନ୍ତିରାଭା ଇନ୍‌ଡୋର ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଏକ ପ୍ରୋ-କବାଡ଼ି ଲିଗ୍ ମ୍ୟାଚରେ ଅର୍ଜୁନ ଦେଶୱାଲଙ୍କ ଜବରଦସ୍ତ ପ୍ରଦର୍ଶନ ସହାୟତାରେ ଜୟପୁର ପିଙ୍କ୍ ପାନ୍ଥର୍ସ ୩୫-୩୦ରେ ପାଟଣା ପାଇରେଟ୍ସକୁ ହରାଇଛି। ଦେଶୱାଲ ଦଳ ପାଇଁ ୧୭ ପଏଣ୍ଟ ଆଣିଥିବା ବେଳେ ପାଟଣା ଦଳର ଶ୍ରେଷ୍ଠ ଖେଳାଳି ରୋହିତ ଗୁଲିଆ ୧୧ ପଏଣ୍ଟ ଅର୍ଜନ କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ପିଙ୍କ୍ ପାନ୍ଥର୍ସ ଦଳ ୧୮-୧୪ରେ ଆଗୁଆ ରହିଥିଲା। ଅନ୍ୟ ଏକ ମ୍ୟାଚରେ ବେଙ୍ଗଲ ୱାରିୟର୍ସ ବୃହତ୍ ୪୫-୨୫ରେ ତେଲୁଗୁ ଟାଇଟାନ୍ସକୁ ହରାଇ ଦେଇଛି। ରବିବାରର ତୃତୀୟ ମ୍ୟାଚ୍‌ରେ ବେଙ୍ଗାଲୁରୁ ବୁଲ୍ସ ୪୧-୩୯ରେ ପୁନେରୀ ପଲ୍ଟନକୁ ପରାସ୍ତ କରିଛି।

ମନେ ପଡ଼ନ୍ତି

**ନବମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଲକ୍ଷ୍ମୀଧର ବାଗସିଂହ
ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ଆଜିର ଏ ପୁଣ୍ୟ ତିଥିରେ ଭଗବାନଙ୍କ ନିକଟରେ ଆମ୍ଭମାନଙ୍କର ଭକ୍ତିପୂତ ପ୍ରାର୍ଥନା। ତୁମର ଚଳାପଥ କୁସୁମିତ ହେଉ ଏବଂ ଈଶ୍ୱରଙ୍କ ସାନ୍ନିଧ୍ୟ ଲାଭ କରୁ।
ଇତି: ତୁମର ପରିବାରବର୍ଗ
ଧ-୭୪୧୩୫

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



୰ ଲତିକା ଦାସ
ଏ/ଏମ୍-୨୦, ଭୀମଟାଙ୍ଗୀ ହାଉସିଂବୋର୍ଡ଼, ଭୁବନେଶ୍ୱର
ଆବିର୍ଭାବ : ୧୭.୦୩.୧୯୩୦
ତିରୋଧାନ : ୧୭.୧୦.୨୦୧୬
(ସୋମବାର, ଗର୍ଭଣା ସଂକ୍ରାନ୍ତି)
ଷଷ୍ଠ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଆତ୍ମାର ସଦ୍‌ଗତି କାମନାରେ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଆମର ପ୍ରାର୍ଥନା।
ପୁତ୍ର : ଟିଲୁ, ରଞ୍ଜନ, ଜଲୁ, ଡଲୁ, ବାବୁ ଓ ଫଲୁନା, ବୋହୂ : ବୀଣା, ବୁଲୁ, ଟିକିଲି, ବିଲୁ, ରୋଜି ଓ ଫେନୁ, ନାତି : ରାଜନ, ଲିଙ୍କନ, ନାତୁଣି : ମନିଆ, ଚାଇନା, ଶିବାନୀ, ଶାଲିନୀ, ରୂପାଳୀ, ହିମାନୀ, ସିଲ୍‌କୀ ଓ ମାନୁ, ନାତୁଣିଜ୍ୱାଇଁ : ବବ୍‌ଲୁ, ପଣା, ବାପୁ, ବିକ୍ରମ, ରାଜୀବ ଓ ଦେବୁ
ଧ-୧୭୩୬

**୧୨ଶ ଶ୍ରାଦ୍ଧବାର୍ଷିକୀ**



୰ ଅଗାଧୁ ଚନ୍ଦ୍ର ଦାଶ (ଶିକ୍ଷକ)
ପାରିବାସୁଦେଈପୁର, ଭିଙ୍ଗାରପୁର, ବାଲିଅନ୍ତା, ଖୋର୍ଦ୍ଧା
ଆବିର୍ଭାବ: ୦୨.୦୭.୧୯୩୫
ତିରୋଧାନ: ୨୩.୧୦.୨୦୧୦
(ପହିଲି କାର୍ତ୍ତିକ)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।
ଧ-୭୩୩୫୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ ଜୟନ୍ତୀ ମିଶ୍ର
କପିଳପ୍ରସାଦ, ସୁନ୍ଦରପଦା, ଭୁବନେଶ୍ୱର
ଆବିର୍ଭାବ-୦୬।୦୬।୧୯୫୨
ତିରୋଧାନ- ୨୧।୧୦।୨୦୨୧
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-ଶୋକସନ୍ତପ୍ତ- ପୁତ୍ର: ବିଜୟ, ତାରିଣୀ, ଦେବୀ, ପିନାକୀ, ପୁତ୍ରବଧୂ: ଜିନା, ଲିନା, ଇତି, ହେନା, କନ୍ୟା-ଜାମାତା: ଲିଲି-ସୁଶାନ୍ତ, ଜଲି-ବର୍ଣ୍ଣି, ନାତି-ନାତୁଣୀ: କୁମ୍‌କୁମ୍, ବାବାନି, ମାମୁଲୁ, ଇନୁ, କୁନି, ମିଶୁ, ପରିବାରବର୍ଗ, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ।
ଧ-୭୩୭୨୫

### ନୋବେଲ ପୁରସ୍କାର-୨୦୨୨ (ଭେଷଜ ବିଜ୍ଞାନ)

# ମାନବ ବିବର୍ତ୍ତନ ବୀକ୍ଷଣ


ଡା. ନିତ୍ୟାନନ୍ଦ ସ୍ୱାଇଁ

''ସୁଇଡେନ୍‌ର ଷ୍ଟକ୍‌ହୋମ୍‌ରେ ଜନ୍ମିତ ସ୍ୱାଣ୍ଟେ ପାବୋ ଚଳିତ ବର୍ଷ ଲାଗି ଶରୀର ବିଜ୍ଞାନ ବା ଭେଷଜ ବିଜ୍ଞାନରେ ସମ୍ମାନଜନକ ନୋବେଲ ପୁରସ୍କାର ପାଇବାର ଗୌରବ ଅର୍ଜନ କରିଛନ୍ତି। ସମ୍ପ୍ରତି ବିଲୁପ୍ତ ହୋଇଯାଇଥିବା ଆମ ମଣିଷଙ୍କର ପୂର୍ବଜମାନଙ୍କର ଜିନ୍ ସଂରଚନା ଏବଂ ମାନବର ବିବର୍ତ୍ତନ ସଂକ୍ରାନ୍ତ ଆବିଷ୍କାର ପାଇଁ ତାଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଛି।''




**କିଏ ପାଇଛନ୍ତି:** ସୁଇଡେନ୍‌ର ଷ୍ଟକ୍‌ହୋମ୍‌ରେ ଜନ୍ମିତ ଏବଂ ୬୭ ବର୍ଷ ବୟସ୍କ ସ୍ୱାଣ୍ଟେ ପାବୋ ଚଳିତ ବର୍ଷ ଲାଗି ଶରୀର ବିଜ୍ଞାନ ବା ଭେଷଜ ବିଜ୍ଞାନରେ ସମ୍ମାନଜନକ ନୋବେଲ ପୁରସ୍କାର ପାଇବାର ଗୌରବ ଅର୍ଜନ କରିଛନ୍ତି। ସେ ଜଣେ ଜୀବ ରସାୟନ ବିଜ୍ଞାନୀ। ୧୯୯୯ ମସିହାରେ ଜର୍ମାନୀର ଲିପଜଗ୍‌ଠାରେ ସେ ପ୍ରତିଷ୍ଠା କରିଥିଲେ ମ୍ୟାକ୍ସ ପ୍ଲାଙ୍କ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଇଭୋଲ୍ୟୁଶନାରୀ ଆନ୍ଥ୍ରୋପୋଲୋଜି (ବିବର୍ତ୍ତନୀୟ ନୃତତ୍ତ୍ୱ)। ସମ୍ପ୍ରତି ସେ ଏହି ପ୍ରତିଷ୍ଠାନର ନିର୍ଦ୍ଦେଶକ ରହିଥିବା ସହ ଜାପାନର ଓକିନାୱା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିରେ ମଧ୍ୟ ପ୍ରଫେସର ଭାବେ ଅଧିଷ୍ଠିତ। ତାଙ୍କ ପିତା ସୁନେ ବର୍ଗଷ୍ଟ୍ରମ୍ ମଧ୍ୟ ଥିଲେ ଜଣେ ଜୀବ ରସାୟନବିତ୍ ଏବଂ ୧୯୮୨ରେ ସେ ମଧ୍ୟ ଭେଷଜ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପାଇଥିଲେ।

**କାହିଁକି ପାଇଛନ୍ତି:** ସମ୍ପ୍ରତି ବିଲୁପ୍ତ ହୋଇଯାଇଥିବା ଆମ ମଣିଷଙ୍କର ପୂର୍ବଜମାନଙ୍କର ଜିନ୍ ସଂରଚନା ଏବଂ ମାନବର ବିବର୍ତ୍ତନ ସଂକ୍ରାନ୍ତ ଆବିଷ୍କାର ପାଇଁ ତାଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଛି। ପୁରସ୍କାର ବାବଦକୁ ସେ ପାଇବେ ସ୍ୱର୍ଣ୍ଣ ପଦକ, ନୋବେଲ ଡିପ୍ଲୋମା ବା ନୋବେଲ ପୁରସ୍କାର ପାଇଥିବା ପ୍ରମାଣପତ୍ର ଏବଂ ୯ ଲକ୍ଷ ଡଲାର ଅର୍ଥରାଶି। ପ୍ରତିବର୍ଷ ଡିସେମ୍ବର ୧୦ରେ ପାଳିତ ହୋଇଥାଏ 'ନୋବେଲ ଦିବସ'। ନୋବେଲ ପୁରସ୍କାରର ପ୍ରତିଷ୍ଠାତା ଆଲଫ୍ରେଡ୍ ନୋବେଲ ଏହି ତାରିଖରେ ମୃତ୍ୟୁବରଣ କରିଥିଲେ। ତେଣୁ ସେହି ଦିବସରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ।

**ଆବିଷ୍କାରର ରୂପରେଖ:** ଆମେ ମଣିଷମାନେ କିପରି ଏହି ପୃଥିବୀରେ ଆବିର୍ଭାବ ହେଲେ ? କିଏ ଥିଲେ ଆମର ପୂର୍ବଜ ? ଏମାନଙ୍କ ସହ ଆମର କ'ଣ କୌଣସି ସମ୍ପର୍କ ରହିଆସିଛି ? ଆମକୁ କୁହାଯାଉଛି 'ହୋମୋ ସାପିଏନ୍ସ ସାପିଏନ୍ସ'। ଅର୍ଥାତ୍ ଆମେ ହେଉଛୁ ବୁଦ୍ଧିଆ ଏବଂ ବିଜ୍ଞ ମଣିଷ। ତାହାହେଲେ ଆମ ପୂର୍ବରୁ ଜାତ ମାନବ ଗୋଷ୍ଠୀଠାରୁ ଆମେ କେଉଁ ପ୍ରକାରେ ଭିନ୍ନ ? ଏହିସବୁ ଜଟିଳ ପ୍ରଶ୍ନର ସମାଧାନ କରିଦେଇଛି ସ୍ୱାଣ୍ଟୋ ପାବୋଙ୍କ ଆବିଷ୍କାର।




ସ୍ୱାଣ୍ଟୋ ପାବୋ ଦୀର୍ଘ ବର୍ଷର ଗବେଷଣା ଦ୍ୱାରା ଦର୍ଶାଇଛନ୍ତି ଯେ, ମଣିଷମାନଙ୍କର ଜିନ୍ ଭଣ୍ଡାରରେ ମଧ୍ୟ ସଞ୍ଚିତ ଅଛି ପୂର୍ବଜ ମାନବଗୋଷ୍ଠୀଙ୍କ କିଛି ଜିନ୍। ସେହି ପୂର୍ବଜ ମାନବ ଗୋଷ୍ଠୀଙ୍କୁ ନୃତତ୍ତ୍ୱ ବିଜ୍ଞାନ ଭାଷାରେ 'ହୋମିନିନ୍' ବୋଲି କୁହାଯାଉଛି। ସେମାନେ ସମସ୍ତେ କିନ୍ତୁ ସମ୍ପ୍ରତି ବିଲୁପ୍ତ। ସେହି ଆଦିପୁରୁଷମାନଙ୍କ ସମ୍ବନ୍ଧରେ ଆଲୋକପାତ କରିବାକୁ ଯାଇ ପାବୋ ନିଜେ ମଧ୍ୟ ହୋଇଯାଇଛନ୍ତି ଜିନ୍ ବିଜ୍ଞାନରେ 'ପାଲିଓଜିନୋମିକ୍ସ' ବା ପ୍ରତ୍ନଜିନୋମ ବିନ୍ୟାସ ବିଜ୍ଞାନ ନାମକ ଏକ ନୂତନ ଶାଖାର ଜନକ।

ଗବେଷଣା ଆରମ୍ଭ କରିବା ସମୟରେ ପାବୋ ମଣିଷର ବିବର୍ତ୍ତନୀୟ ପୂର୍ବଜମାନଙ୍କ ଡି.ଏନ୍.ଏ. ସମ୍ପର୍କିତ ଗବେଷଣା ପ୍ରତି ଆଗ୍ରହାନ୍ୱିତ ହୋଇଉଠିଥିଲେ। ସେହି ଡି.ଏନ୍.ଏ. ଅଣୁର ଅନୁଧ୍ୟାନ ପାଇଁ ପ୍ରଚଳିତ ଆଧୁନିକ ଅନୁବଂଶୀୟ ପରୀକ୍ଷା ପଦ୍ଧତିଗୁଡ଼ିକର ସମ୍ଭାବ୍ୟ ଉପଯୋଗିତା ସମ୍ବନ୍ଧରେ ଚିନ୍ତା କରିଥିଲେ। ତେବେ ଏହି ସଂକ୍ରାନ୍ତରେ ସେ ପ୍ରାଥମିକତା ଦେଇଥିଲେ 'ନିଣ୍ଡେରଥାଲସ' ନାମକ ମାନବଗୋଷ୍ଠୀଙ୍କ ଡି.ଏନ୍.ଏ.ର ଅନୁଧ୍ୟାନକୁ। ମାତ୍ର ନିଣ୍ଡେରଥାଲସଙ୍କ ଡି.ଏନ୍.ଏ. ଅନୁଧ୍ୟାନକୁ ଅଗ୍ରାଧିକାର ଦେବାର କାରଣ କ'ଣ ? କାରଣଟି ହେଲା, ନିଣ୍ଡେରଥାଲସ୍‌ମାନେ ଥିଲେ ଆମର ନିକଟତମ ପୂର୍ବଜ ମାନବ ଗୋଷ୍ଠୀ। ହେଲେ ସମସ୍ୟାଟି ଥିଲା- କେଉଁଠୁ ମିଳିବ ନିଣ୍ଡେରଥାଲସମାନଙ୍କର ଅକ୍ଷତ ଡି.ଏନ୍.ଏ. ? ସେମାନେ ତ ସମ୍ପୂର୍ଣ୍ଣ ବିଲୁପ୍ତ ପାଖାପାଖି ୪୦,୦୦୦ ବର୍ଷ ତଳୁ!

କିନ୍ତୁ ୧୮୫୬ ମସିହାରେ ଜର୍ମାନୀର ନିଣ୍ଡେରଥାଲ୍ ନାମକ ଏକ ସ୍ଥାନରେ ପଥର ଖଣି ଖୋଳିବା ବେଳେ ସେମାନଙ୍କର କିଛି ହାଡ ମିଳିଥିଲା। ସେଥିପାଇଁ ହିଁ ସେହି ମାନବ ଗୋଷ୍ଠୀକୁ 'ନିଣ୍ଡେରଥାଲସ୍' ବୋଲି କୁହାଯାଇଥାଏ। ସବୁ ଅଙ୍ଗ ଭଳି ମଧ୍ୟ ହାଡ଼ ଜୀବକୋଷଗୁଡ଼ିକ ଦ୍ୱାରା ଗଠିତ ହୋଇଥିବାରୁ ହାଡ଼ରୁ ଡି.ଏନ୍.ଏ. ଅଣୁ ଆହରଣ କରିବାରେ କିଛି ସମସ୍ୟା ନ ହେବା କଥା। ହେଲେ ପ୍ରଶ୍ନ ଉଠେ, ନିଣ୍ଡେରଥାଲସରୁ ମିଳିଥିବା ସେହି ହାଡ଼ଖଣ୍ଡଗୁଡ଼ିକ ୪୦,୦୦୦ ବର୍ଷ ତଳର। ତାହାହେଲେ ସେଥିରେ ଥିବା ଡି.ଏନ୍.ଏ. ଅଣୁ କ'ଣ ଏଯାବତ୍ ଅକ୍ଷତ ରହିଥିବ ? ନା, କଦାପି ନୁହେଁ। କାଳର ପ୍ରଭାବରେ ଏବଂ ରାସାୟନିକ ପ୍ରକ୍ରିୟା ଯୋଗୁ ଲମ୍ବା ଡି.ଏନ୍.ଏ. ଅଣୁ କ୍ଷୁଦ୍ର କ୍ଷୁଦ୍ର ଖଣ୍ଡରେ ବିଭିକ୍ତ ହୋଇପଡ଼ିବା ସ୍ୱାଭାବିକ। ପୁଣି ସେହି ଖଣ୍ଡବିଖଣ୍ଡିତ ଡି.ଏନ୍.ଏ.ରେ ମିଶିଯାଇଥିବ ମାଟିରେ ରହିଥିବା ଜୀବାଣୁଗୁଡ଼ିକର ଡି.ଏନ୍.ଏ. ଅଣୁ ମଧ୍ୟ। ତାହା ସାଙ୍ଗକୁ ହାଡ଼ ଖଣ୍ଡରୁ ଡି.ଏନ୍.ଏ.ର ନମୁନା ସଂଗ୍ରହ ଓ ଗବେଷଣାଗାରରେ ତା'ର ଅନୁଧ୍ୟାନ କଲା ବେଳେ ସେଥିରେ ବି ମିଶିଯାଇଥିବ ଅନୁଧ୍ୟାନକାରୀ ବୈଜ୍ଞାନିକମାନଙ୍କର ଡି.ଏନ୍.ଏ.। ସୁତରାଂ ନାନା ଉତ୍ସରୁ ଆସିଥିବା ଡି.ଏନ୍.ଏ. ଖଣ୍ଡଗୁଡ଼ିକରୁ କେବଳ ନିଣ୍ଡେରାଲ୍‌ଙ୍କ ଡି.ଏନ୍.ଏ. ଖଣ୍ଡଗୁଡ଼ିକୁ ଚିହ୍ନଟ କରିବା ଓ ସେଗୁଡ଼ିକୁ ଠିକ୍ ଭାବରେ ଯୋଡି ପରୀକ୍ଷା କରିବା ତ କାଠିକର ପାଠ। ପାବୋ କିନ୍ତୁ ଏହି ଆହ୍ୱାନକୁ ଗ୍ରହଣ କରି ଗବେଷଣାରେ ବ୍ରତୀ ରହିଲେ। ତାଙ୍କର ଗବେଷଣା- ପ୍ରଚେଷ୍ଟା ଚାଲିଥିଲା କିଛି ଦଶକ ଧରି। ଶେଷରେ ତାଙ୍କୁ ସଫଳତା ମିଳିଗଲା। ନିଣ୍ଡେରଥାଲମାନଙ୍କ ଡି.ଏନ୍.ଏ. ଅଣୁର ସମ୍ପୂର୍ଣ୍ଣ ଗଠନ ବା ବିନ୍ୟାସ ଅନାବୃତ୍ତ କରିଦେଇପାରିଲେ ସେ।

ତେବେ ଜୀବକୋଷ ଭିତରେ ଡି.ଏନ୍.ଏ. ଅଣୁ ରହିଥାଏ ପ୍ରଧାନତଃ ଜୀବକୋଷର ନ୍ୟୁକ୍ଲିୟସ୍‌ରେ ଏବଂ ଖୁବ୍ କମ୍ ପରିମାଣରେ ଜୀବକୋଷର ମାଇଟୋକୋଣ୍ଡିଆରେ। ପାବୋ ଏବଂ ତାଙ୍କ ଅନୁଧ୍ୟାନ ପ୍ରଥମେ ଆରମ୍ଭ କରିଥିଲେ ସେହି ହାଡ଼ରୁ ସଂଗୃହୀତ ମାଇଟୋକୋଣ୍ଡିଆର ଡି.ଏନ୍.ଏ. ଉପରେ। ଡି.ଏନ୍.ଏ. ଅଣୁର ଗଠନ ବିନ୍ୟାସ ଅନୁଧ୍ୟାନ ପାଇଁ ପ୍ରଚଳିତ ରହିଆସିଥିବା ପରୀକ୍ଷା ପଦ୍ଧତିକୁ ପାବୋ ଅଧିକ ମାର୍ଜିତ କରିଥିଲେ ଏବଂ ମାଇଟୋକୋଣ୍ଡୀୟ ଡି.ଏନ୍.ଏ.ର କିଛି ଅଂଶର ଗଠନ ବିନ୍ୟାସ ନିର୍ଦ୍ଧାରଣ କରିବାରେ ସଫଳ ହୋଇଗଲେ। ପରେ ସେ ତାଙ୍କ ପରିବର୍ତ୍ତିତ ପଦ୍ଧତିକୁ ଆହୁରି ମାର୍ଜିତ ତଥା ନିଖୁଣ କରି ଏବଂ ସହ-ଗବେଷକମାନଙ୍କ ସାହାଯ୍ୟ ନେଇ ଅସମ୍ଭବକୁ ସମ୍ଭବ କରିଦେଲେ-ନିର୍ଦ୍ଧାରଣ କରିଦେଲେ ନିଣ୍ଡେରଥାଲ୍ ଜିନୋମ୍‌ର ସମ୍ପୂର୍ଣ୍ଣ ବିନ୍ୟାସ।

ନିଣ୍ଡେରନାଲ୍ ଜିନୋମର ବିନ୍ୟାସ ନିର୍ଦ୍ଧାରଣରେ ତାଙ୍କର ଗବେଷଣା ସୀମିତ ରହିଲାନି। ସେ ପ୍ରଥମ କରି ସନ୍ଧାନ ଦେଲେ 'ଡେନିସୋଭା' ନାମକ ଅନ୍ୟ ଏକ ପୂର୍ବଜ ମାନବ ଗୋଷ୍ଠୀଙ୍କ ସମ୍ବନ୍ଧରେ। ଏହି ପୂର୍ବଜ ମାନବଙ୍କ ସମ୍ବନ୍ଧରେ ପୂର୍ବରୁ କାହାରିକୁ କିଛି ଜଣା ନ ଥିଲା। ତେବେ ଡେନିସୋଭା ଗୋଷ୍ଠୀଙ୍କ ଡି.ଏନ.ଏ. ଅଣୁର ନମୁନାକୁ ପାବୋ ପାଇଲେ କେଉଁଠୁ ? ଦକ୍ଷିଣ ସାଇବେରିଆସ୍ଥିତ 'ଡେନିସୋଭା' ନାମକ ଗୁମ୍ଫା ଭିତରୁ ମିଳିଥିବା ୪୦,୦୦୦ ବର୍ଷ ତଳର ଏକ ଆଙ୍ଗୁଠି ହାଡ଼। ସେହି ହାଡ଼ ଖଣ୍ଡରୁ ସେ ଆହରଣ କରିଥିଲେ ଡି.ଏନ୍.ଏ. ଅଣୁର ନମୁନା। ତାକୁ ଅନୁଧ୍ୟାନ କରି ଓ ତାହାର ଜିନ୍ ବିନ୍ୟାସ ନିର୍ଦ୍ଧାରଣ କରି ସେ ଜଗତକୁ ଜଣେଇଦେଲେ ଏହି ନୂତନ ମାନବଜାତିଙ୍କ ସମ୍ବନ୍ଧରେ। 'ଡେନିସୋଭା' ଗୁମ୍ଫାରୁ ମିଳିଥିବା ହାଡ ଖଣ୍ଡ ଅନୁଧ୍ୟାନ ଫଳରେ ଏହି ଆବିଷ୍କାର ସମ୍ଭବ ହୋଇଥିବାରୁ ସେହି ଆଦିମାନବକୁ 'ଡେନିସୋଭା' ବା 'ଡେନିସୋଭାନ୍' ଭାବରେ ନାମକରଣ କରିଥିଲେ ପାବୋ। (କ୍ରମଶଃ..)

-'ଅଭୀପ୍ସା', ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡ଼ାନାସୀ, କଟକ-୧୪
ମୋ: ୮୩୨୮୯୭୫୧୧୮

## ଡାଇବେଟିସ୍ ରୋଗୀଙ୍କଠାରେ ଷ୍ଟ୍ରୋକ୍ ଆଶଙ୍କା ଅଧିକ



**ଆ**ଜିକାଲି ଡାଇବେଟିସ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଗଲାଣି। ତେବେ ଏହାଦ୍ୱାରା ଆକ୍ରାନ୍ତ ବ୍ୟକ୍ତିଙ୍କଠାରେ ଷ୍ଟ୍ରୋକ୍ ଆଶଙ୍କା ଅଧିକ ଥାଏ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ଏ ନେଇ ସତର୍କ ହେବା ଜରୁରୀ। କାରଣ ଯଦି ରକ୍ତରେ ସୁଗାର ପରିମାଣ ଦୀର୍ଘ ସମୟ ଧରି ଅସନ୍ତୁଳିତ ରହେ ତେବେ ତାହା ଅନ୍ୟ କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ତନ୍ମଧ୍ୟରୁ ଷ୍ଟ୍ରୋକ୍ ଆଶଙ୍କା ଅଧିକ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ରକ୍ତରେ ଶର୍କରାର ପରିମାଣ ଯଦି ୬.୮ରୁ ୭.୦ ମଧ୍ୟରେ ରହୁଛି, ତେବେ ଦ୍ୱିତୀୟ ଷ୍ଟ୍ରୋକ୍ ହେବାର ଆଶଙ୍କା କମ୍ ରହୁଛି ବୋଲି ଉକ୍ତ ଗବେଷଣାରୁ ସୂଚନା ମିଳିଛି। ଯଦି ଏହା ୬.୮ରୁ ଅଧିକ ହୁଏ, ତେବେ ହାର୍ଟଆଟାକ୍ ହେବାର ଆଶଙ୍କା ଅଧିକ ଥାଏ। ତେଣୁ ଡାଇବେଟିସ୍ ରୋଗୀମାନେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସେମାନଙ୍କର ସୁଗାରର ପରିମାଣକୁ ମାପିବା ଦରକାର।

## ଉପକାରୀ ଆଖୁରସ



**ଆ**ଖୁରସରେ ଭିଟାମିନ୍ ଏବଂ ନ୍ୟୁଟ୍ରିସନ୍ ଯଥା ପୋଟାସିୟମ୍, କ୍ୟାଲସିୟମ୍, ଭରି ରହିଛି। ଏଥିରେ ପୋଟାସିୟମ୍ ଓ କ୍ୟାଲ୍‌ସିୟମ୍ ଦାନ୍ତ ଓ ଦାନ୍ତର ମାଢ଼ିକୁ ରକ୍ଷା କରିଥାଏ। ଏହାର ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ଏହି କ୍ଷତ ସ୍ଥାନକୁ ପୂରଣ କରେ। ଆଖୁରସ ପିଇବା ଦ୍ୱାରା ପାଚନ କ୍ରିୟା ଦୃଢ଼ ହୋଇଥାଏ। ଅଷ୍ଟିଓପୋରେସିସ୍, ଆଣ୍ଠୁ ଗଣ୍ଠି ବାତ ହେବା ଆଦିରୁ ବି ଏହା ସୁରକ୍ଷା ପ୍ରଦାନ କରେ। ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ।

## ଡିପ୍ରେସନ୍ ଦୂର କରେ ଉତ୍ତମ ଖାଦ୍ୟ



**ଶ**ରୀରକୁ ସୁସ୍ଥ ଓ ମଜଭୁତ୍ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏବେ ଅନେକେ ଖାଇବାରେ ସନ୍ତୁଳନ ନ ରଖିବାରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି କି, ଭିଟାମିନ୍ କିମ୍ବା ନ୍ୟୁଟ୍ରିସନ୍ ନଥିବା ଖାଦ୍ୟ ଖାଇଲେ ଡିପ୍ରେସନ୍ ସ୍ତରର ମାତ୍ରା ବଢ଼ିଯାଏ। ବେଳେବେଳେ ଡିପ୍ରେସନ୍‌ରେ ରହିବା ଯୋଗୁ କେତେକେ ଅଧିକ ଖାଦ୍ୟ ଖାଇଥାନ୍ତି, ଫଳରେ ପରବର୍ତ୍ତୀ ସମୟରେ ସେମାନେ ମେଦ ବହୁଳତାର ଶିକାର ହୋଇଥାନ୍ତି। ତେଣୁ ଏହାର ମାତ୍ରାକୁ କମାଇବା ପାଇଁ ଆମକୁ ପ୍ରତିଦିନ ସନ୍ତୁଳିତ ଓ ଉତ୍ତମ ଖାଦ୍ୟ ଠିକ୍ ପରିମାଣରେ ଖାଇବା ନିହାତି ଜରୁରୀ। ଡାଏଟ୍‌କୁ ଠିକ୍ ରଖିବାକୁ ହେଲେ ଆମକୁ ପ୍ରତିଦିନ ପ୍ରୋଟିନ୍, ଓମେଗା ୩ ଫ୍ୟାଟି ଏସିଡ୍ ଏବଂ ଆଣ୍ଟି ଅକ୍ସିଡ଼ାଣ୍ଟ ଥିବା ଖାଦ୍ୟ ମଧ୍ୟ ଖାଇବାକୁ ହେବ। ଗାଜର, ମୂଳା, କଖାରୁ, ପାଳଙ୍ଗ ଶାଗ, ଚିନାବାଦାମ, ଟମାଟୋ, କମଳାକୁ ଆମେ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିବା ସ୍ୱାସ୍ଥ୍ୟ ପାଇଁ ଉପକାରୀ।

## ଶୟନରେ ଅନିୟମିତତା ଓ ଦୈନନ୍ଦିନ ଜୀବନଶୈଳୀ

**ଆ**ମେ ନିଜକୁ ସୁସ୍ଥ ତଥା ନୀରୋଗ ରଖିବା ପାଇଁ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ। ତା'ସହ ପ୍ରତିଦିନ ଅତିକମ୍‌ରେ ଜଣେ ବ୍ୟକ୍ତି ୬-୭ ଘଣ୍ଟା ଶୋଇଲେ ତାହାର ସୁପ୍ରଭାବ ଶରୀର ଉପରେ ପଡ଼ିଥାଏ। ଯଦି ଏଥିରେ ଅନିୟମିତତା ପରିଲକ୍ଷିତ ହୁଏ ତେବେ ସଂପୃକ୍ତ ବ୍ୟକ୍ତିଙ୍କର ଦୈନନ୍ଦିନ ଜୀବନଶୈଳୀ ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି। 'ଶୟନରେ ଅନିୟମିତତା ଏବଂ ଦୈନନ୍ଦିନ ଜୀବନଶୈଳୀ' ଶୀର୍ଷକ ବିଷୟକୁ ନେଇ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କଠାରେ ଶୋଇବାରେ ଅନିୟମିତତା ଦେଖିବାକୁ ମିଳୁଥିଲା ସେମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ବ୍ୟକ୍ତିଙ୍କ ଜୀବନଶୈଳୀରେ ତାରତମ୍ୟ ଲକ୍ଷ୍ୟ କରାଯାଇଥିଲା ବୋଲି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ରାତିରେ କମ୍ ଶୋଇବା ଦ୍ୱାରା ଏହାର ପ୍ରଭାବ ମସ୍ତିଷ୍କ ଉପରେ ପଡ଼ିଥାଏ। ବେଳେବେଳେ ଏହା ମଧ୍ୟ ମେଦବହୁଳତାର କାରଣ ସାଜିଥାଏ। ତେଣୁ ଜଣେ ବ୍ୟକ୍ତି ରାତିରେ ଉପଯୁକ୍ତ ସମୟ ବିଶ୍ରାମ ନେବା ଦରକାର।



## ସ୍ୱାସ୍ଥ୍ୟ ସୂଚନା

- ପ୍ରତିଦିନ ଶିଢ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଢ଼ି ଯେତେ କମ୍ ଚଢ଼ିବେ ସେତେ ଭଲ।
- ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକ ରହିଛି। ସବୁବେଳେ ସକାରାତ୍ମକ ଚିନ୍ତନ କରି ଖୁସି ରହିବା ଦ୍ୱାରା ମାନସିକ ଭାବେ ଆମେ ସନ୍ତୁଳିତ ରହିପାରିବା।
- ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ଫଳମୂଳ ସହ ଜୁସ୍ ମିଶାନ୍ତୁ, ଯାହା ଶରୀର ପାଇଁ ଲାଭଦାୟକ।
- ଖାଇବାରେ ସବୁଦିନ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇବ।
- କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ହେଲେ ସେପରି କରନ୍ତୁ ନାହିଁ। ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ ଏବଂ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ।
- ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ଏହା ଆମଠାରେ ବ୍ଲଡ୍ ପ୍ରେସର, କାର୍ଡ଼ିଓଭାସ୍କୁଲାର ଭଳି ଅନେକ ମାରାତ୍ମକ ରୋଗ ସୃଷ୍ଟି କରିପାରେ। ତେଣୁ ଏହା ଠାରୁ ଦୂରେଇ ରୁହନ୍ତୁ।
- ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। ଖାଇବାର ଘଣ୍ଟାଏ ପରେ କିମ୍ବା ଘଣ୍ଟାଏ ପୂର୍ବରୁ ପାଣି ପିଅନ୍ତୁ।



# ବୃଦ୍ଧି ପାଉଛି ମାନସିକ ରୋଗ


ଡା. ରାମଚନ୍ଦ୍ର ରାଉତ




**ଆ**ମ ଶରୀରରେ 'ମନ' ବୋଲି କୌଣସି ନିର୍ଦ୍ଦିଷ୍ଟ ଜିନିଷ ନାହିଁ। ଯାହାକୁ ମନ ବୋଲି କୁହାଯାଏ ତାହା ହେଉଛି ଭାବନା (thinking), ଅନୁଭବ (feeling) ଓ କାର୍ଯ୍ୟ ସଞ୍ଚାଳନ (volition)ର ସମାହାର। ମଣିଷ ଚିନ୍ତା କରିବା ଏବଂ ଅନୁଭବ କରିବା ସହିତ ବ୍ୟବହାର, ଚାଲିଚଳଣ ଓ କାର୍ଯ୍ୟଶୈଳୀରେ ଅସ୍ୱାଭାବିକତା ଦେଖାଦେଲେ ତା'ର ମାନସିକ ରୋଗ ପାଇଁ ପରାମର୍ଶ ଓ ସ୍ଥଳ ବିଶେଷରେ ଚିକିତ୍ସା ଓ ଥଇଥାନର ବ୍ୟବସ୍ଥା ହେବା ଜରୁରୀ ହୋଇପଡ଼େ। ଯଦିଓ ସ୍ୱାସ୍ଥ୍ୟକୁ ଶାରୀରିକ, ମାନସିକ ଓ ସାମାଜିକ ସ୍ତରରେ ସୁସ୍ଥତା ଦର୍ଶାଯାଇଛି, ତନ୍ମଧ୍ୟରୁ ମାନସିକ ରୋଗ ସର୍ବାଧିକ ଗୁରୁତ୍ୱ ବହନ କରେ, କାରଣ ମନ ହିଁ ଆମର ସବୁ କାର୍ଯ୍ୟକଳାପ ଓ ଜୀବନକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିୟନ୍ତ୍ରଣ କରିଥାଏ।

ଏଭଳି ରୋଗ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଲାଗି ୧୯୯୨ ମସିହା ଅକ୍ଟୋବର ୧୦ରେ ପାଳିତ ହୋଇଆସୁଛି 'ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ'। ଚଳିତବର୍ଷ ଏହି ଦିବସର ବାର୍ତ୍ତା ହେଉଛି-'ସମଗ୍ର ବିଶ୍ୱ ନିମନ୍ତେ ମାନସିକ ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ଗୁରୁତ୍ୱ ଦିଅନ୍ତୁ।' ଅର୍ଥାତ୍ ମାନସିକ ରୋଗ ଯେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ- ଏ କଥା ଆମ୍ଭେମାନେ ହୃଦୟଙ୍ଗମ କରିବା ଉଚିତ। ବିଶ୍ୱରେ ପ୍ରତି ଆଠ ଜଣରେ ଜଣେ ମାନସିକ ରୋଗରେ ପୀଡ଼ିତ, ଯାହାକି ସେମାନଙ୍କ ଭାବନା, ସମ୍ବେଦନା, ବ୍ୟବହାର ଓ ସାମାଜିକ ଚାଲିଚଳଣିରେ ଅନେକ ପ୍ରଭାବ ପକାଏ।

ଗତ ଦୁଇ ବର୍ଷ ମଧ୍ୟରେ କୋଭିଡ୍ ମହାମାରୀ ଯୋଗୁ ଏହି ସଂଖ୍ୟା ୨୬ ପ୍ରତିଶତରୁ ୨୮ ପ୍ରତିଶତକୁ ବୃଦ୍ଧି ପାଇ ଅବସ୍ଥାକୁ ଆହୁରି ଜଟିଳ କରିଛି। ଉଦ୍‌ବେଗ



ଓ ଆଶଙ୍କାଜନିତ ରୋଗ 'ଆଙ୍ଗଜାଇଟ୍ ଡିସ୍‌ଅର୍ଡର'ରେ ପ୍ରାୟ ୩୦କୋଟିରୁ ଅଧିକ ଲୋକ ପୀଡ଼ିତ, ଯେଉଁଥିରୁ ପାଖାପାଖି ୬ କୋଟି ହେଉଛନ୍ତି ଶିଶୁ ଓ କିଶୋର। ବିଷାଦଜନିତ ରୋଗ ବା ଡିପ୍ରେଶନ୍‌ରେ ୨୮ କୋଟି ପୀଡ଼ିତ, ଯାହାକି ଜୀବନକୁ ବଞ୍ଚିବା ପାଇଁ ଉତ୍ସାହ ଓ ଆଗ୍ରହରେ ଊଣା କରିଦିଏ। ଫଳରେ ବ୍ୟକ୍ତିବିଶେଷ ଆତ୍ମହତ୍ୟା ପରି ପନ୍ଥା ଆଦରି ନିଏ।

ବିଷାଦ ଓ ଉନ୍ମାଦନା ପରି ଦ୍ୱୈତ ମାନସିକ ରୋଗ (ବାଇ ପୋଲାର ଡିସ୍‌ଅର୍ଡର)ରେ ଚାରିକୋଟି ଲୋକ ପୀଡ଼ିତ। ଦୁର୍ଘଟଣା, ଦୈବୀ ଦୁର୍ବିପାକ ଓ ଅଘଟନର ପରବର୍ତ୍ତୀ ମାନସିକ ଚାପ ଦ୍ୱାରା ସୃଷ୍ଟି ହେଉଥିବା 'ପିପିଏସ୍‌ଡି' ମଧ୍ୟ ଏକ ଗୁରୁତର ମାନସିକ ରୋଗ। ଏହି ମାନସିକ ରୋଗର ସବୁଠାରୁ ଗୁରୁତ୍ୱ ବହନ କରୁଥିବା ରୋଗ ମାନସିକ ବିକାର ବା ସିଜୋଫ୍ରେନିଆ। ଏହା ହେଉଛି ଏପରି ଏକ ମାନସିକ ରୋଗ ଯେଉଁଥିରେ ପୀଡ଼ିତ ବ୍ୟକ୍ତିଟି ଏତେ ଅସହାୟ ହୋଇପଡ଼େ ଯେ ସେ ନିଜେ ସ୍ୱୟଂ ସମ୍ପୂର୍ଣ୍ଣ ଭାବେ ଜୀବନଧାରଣ କରିବାରେ ଅକ୍ଷମ ହୁଏ। ଅନ୍ୟମାନଙ୍କ ଉପରେ ବୋଝ ହୋଇ ରହିବାକୁ ପଡ଼େ।

ଡିଲ୍ୟୁଜନ ବା ଭ୍ରମ ହେଉଛି ଏପରି ଏକ ବଦ୍ଧମୂଳ ଧାରଣା, ଯାହା କି ଯେତେ ପ୍ରୟାସ କଲେ ମଧ୍ୟ ମନରୁ ଯାଏ ନାହିଁ ଓ ବ୍ୟକ୍ତିଟି ସେହି ଭ୍ରମାତ୍ମକ ଧାରଣାରେ ହିଁ ପରିଚାଳିତ ହୋଇଥାଏ। ହାଲୁସିନେସନ୍ ବା ଅସ୍ୱାଭାବିକ ଅନୁଭବ ଏପରି ଏକ ଅବସ୍ଥା, ଯେଉଁଥିରେ ବାହ୍ୟ ପ୍ରତିକ୍ରିୟା ନ ଥାଇ ମଧ୍ୟ ବ୍ୟକ୍ତିଟି ଏହା ଅନୁଭବ କରିଥାଏ। ଫଳରେ ତାକୁ ଶୂନ୍ୟ ବା ଅଜ୍ଞ ଶୁଭିଥାଏ। କୌଣସି ଛବି ବା ବ୍ୟକ୍ତି ନ ଥାଇ କିଏ ଥିବା ପରି ଜଣାପଡ଼େ। ପାଟିରେ କିଛି ନ ଥାଇ ସ୍ୱାଦ ମିଠା, ଖଟା ଜଣାପଡ଼େ। ନାକକୁ ଗନ୍ଧ ବା ସୁଗନ୍ଧ ଜଣାପଡ଼େ ଓ ଦେହରେ ପୋକ, କୀଟ ପତଙ୍ଗ ଚାଲିବା ପରି ଲାଗେ। ଜଣେ ବ୍ୟକ୍ତିଙ୍କ କ୍ଷେତ୍ରରେ ପରିବାରର ଲୋକେ, ସାଙ୍ଗସାଥୀ, ଶିକ୍ଷକ, କର୍ମକ୍ଷେତ୍ରର ସାଥୀମାନେ ମାନସିକ ଅସ୍ୱାଭିକତା ଲକ୍ଷ୍ୟ କଲେ ତାଙ୍କର ମାନସିକ ପରାମର୍ଶ ଓ ସ୍ଥଳ ବିଶେଷରେ ଚିକିତ୍ସା କରାଇ ନେବା ଉଚିତ। ଗୁରୁତର ମାନସିକ ରୋଗ ପାଇଁ ନିୟମିତ ଓ ଦୀର୍ଘଦିନ ଧରି ଔଷଧ ଖାଇବାକୁ ପଡ଼ିଥାଏ। ସୁଖର କଥା, ଏବେ ରାଜ୍ୟ ସରକାରଙ୍କ ଦ୍ୱାରା ସମସ୍ତ ମାନସିକ ରୋଗ ଔଷଧ ମାଗଣାରେ ପ୍ରତ୍ୟେକ ଚିକିତ୍ସାଳୟରେ ଉପଲବ୍ଧ। ମଦ୍ୟପାନ, ନିଶାଦ୍ରବ୍ୟ ସେବନ, ହତ୍ୟା, ହିଂସା ଇତ୍ୟାଦି କାର୍ଯ୍ୟକଳାପରେ ମଧ୍ୟ ମାନସିକ ରୋଗର ସମ୍ପର୍କ ଥାଏ। ନିଶା ନିବାରଣ କେନ୍ଦ୍ରଗୁଡ଼ିକ ମାନସିକ ରୋଗ ଚିକିତ୍ସା ଆଧାରରେ କାର୍ଯ୍ୟ କରିଥାଆନ୍ତି।

'ମନ'କୁ ସବୁ ସମୟରେ ଓ ସବୁ କ୍ଷେତ୍ରରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଛି। ମନଠାରୁ ବଡ଼ କେହି ନୁହେଁ ଓ ମନ ମୋହର ନିଜ ଗୁରୁ ଇତ୍ୟାଦି ଅନେକ ଆଲେଖ୍ୟ ରହିଛି।

-ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର
ମୋ: ୯୪୩୭୭୪୨୪୯୯

# ସିରିଜକୁ ଫେରିଲା ଭାରତ

## ଆୟରଙ୍କ ଶତକ

ରାଞ୍ଚି,୯।୧୦(ପି.ଟି.)

ଶ୍ରେୟସ ଆୟରଙ୍କ ଅପରାଜିତ ଶତକ ଓ ଇଶାନ କିଷନଙ୍କ ଅର୍ଦ୍ଧଶତକ ସହିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚକୁ ୭ ଉଇକେଟରେ ଜିତି ନେଇଛି ଭାରତ। ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ୭ ଉଇକେଟରେ ୨୭୮ ରନ କରିଥିବା ବେଳେ ଘରୋଇ ଦଳ ୨୫ ବଲ ପୂର୍ବରୁ ମ୍ୟାଚ ଜିତି ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୧-୧ ସ୍ଥିତିକୁ ଆଣିଛି। ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଭାରତ ପକ୍ଷରୁ ଶାହବାଜ ଅହମଦ ଏହି ମ୍ୟାଚରେ ପଦାର୍ପଣ କରିଥିଲେ। ଋତୁରାଜ ଗାଏକ୍ୱାଡଙ୍କ ସ୍ଥାନରେ ଶାହବାଜ ଓ ରବି ବିଷ୍ଣୋଇଙ୍କ ସ୍ଥାନରେ ୱାଶିଂଟନ ସୁନ୍ଦରଙ୍କୁ ଖେଳାଇଥିଲା ଭାରତ। ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ମାତ୍ର ୪୦ ରନରେ ଦୁଇ ଓପନରଙ୍କୁ ହରାଇଥିଲା। ତେବେ ତୃତୀୟ ଉଇକେଟରେ ୧୨୯ ରନ୍ ଯୋଡିଥିଲେ ରିଜା ହେଣ୍ଡ୍ରିକ୍ସ (୭୪) ଓ ଏଡେନ୍ ମାରକ୍ରମ (୭୯)। ଉଭୟ ଖେଳାଳି ୧୨୬ ବଲରେ ୧୨୯ ରନ୍ ଯୋଡିବା ସହିତ ଦକ୍ଷିଣ ଆଫ୍ରିକାକୁ ଦୃଢ ସ୍ଥିତିରେ ପହଞ୍ଚାଇଥିଲେ। ଟପ୍ ସ୍କୋରର ମାରକ୍ରମ ୮୯ ବଲରୁ ୭ ଚୌକା ଓ ୧ ଛକା ମାରିଥିଲେ। ଅପରପକ୍ଷରେ ହେଣ୍ଡ୍ରିକ୍ସ ୭୬ ବଲ ଖେଳି ୯ ଚୌକା ଓ ୬ ଛକା ମାରିଥିଲେ। ୧୬୯ ରନରେ ତୃତୀୟ ଉଇକେଟ ପତନ ଘଟିବା ପରେ ହେନରିଚ୍ କ୍ଲାସେନ୍(୩୦)ଙ୍କ ସହିତ ୪୬ ରନ୍ ଯୋଡିଥିଲେ ମାରକ୍ରମ। ତେବେ ଉଭୟ ଖେଳାଳି ମାତ୍ର ୩ ବଲ ମଧ୍ୟରେ ପ୍ୟାଭିଲିୟନ ଫେରିବା ସହିତ ଦକ୍ଷିଣ ଆଫ୍ରିକାର ରନ ସଂଗ୍ରହ ହାର କମି ଯାଇଥିଲା। ଡେଭିଡ ମିଲର ୩୫ ରନ କରିଥିଲେ ହେଁ ଅନ୍ତିମ ୮ ଓଭରରେ ମାତ୍ର ୪୧ ରନ ସଂଗ୍ରହ କରିଥିଲା ଦଳ। ଏକଦା ଦକ୍ଷିଣ ଆଫ୍ରିକା ୩୦୦ରୁ ଅଧିକ ରନ କରିବା ନେଇ ଆଶା କରାଯାଉଥିଲେ ହେଁ ଦଳ ୨୭୮/୭ରେ ସୀମିତ ରହିଥିଲା। ଭାରତ ପକ୍ଷରୁ ମହମ୍ମଦ ସିରାଜ ସର୍ବାଧିକ ୩ ଉଇକେଟ ନେଇଥିଲେ। ୱାଶିଂଟନ ସୁନ୍ଦର, ଶାହବାଜ ଅହମଦ, କୁଲଦୀପ ଯାଦବ ଓ ଶାର୍ଦ୍ଦୂଳ ଠାକୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୭୯ ରନର ପିଛା କରୁଥିବା ଭାରତ ମଧ୍ୟ ମାତ୍ର ୪୮ ରନରେ ଏହାର ଦୁଇ ଓପନରଙ୍କୁ ହରାଇଥିଲା। ଧାୱନ(୧୩) ଓ ଶୁବମନ ଗିଲ୍(୨୮) ମ୍ୟାଚର ୯ ଓଭର ମଧ୍ୟରେ ପ୍ୟାଭିଲିୟନ ଫେରିଥିଲେ। ତେବେ ଚତୁର୍ଥ ଉଇକେଟରେ ଶ୍ରେୟସ ଆୟର (୧୧୩*) ଓ ଇଶାନ କିଷନ(୯୩) ଯୋଡିଥିଲେ ୧୬୧ ରନ। ଶତକ ଆଡକୁ ଅଗ୍ରସର ହେଉଥିବା ବେଳେ ଇଶାନ କିଷନ ନର୍ଭସ ନାଇଣ୍ଟିଜର ଶିକାର ହୋଇଥିଲେ। ୮୪ ବଲ ଖେଳି ସେ ୪ ଚୌକା ଓ ୭ ଛକା ମାରିଥିଲେ। ତେବେ ଦିନିକିଆ କ୍ୟାରିୟରର ଦ୍ୱିତୀୟ ଶତକ ହାସଲ କରିଥିବା ଆୟର ଓ ସଞ୍ଜୁ ସାମସନ୍(୩୦*) ଭାରତକୁ ଫିନିଶ ଲାଇନ ପାର କରାଇଥିଲେ। ଆୟର ୧୧୧ ବଲ୍ ଖେଳି ୧୫ ଚୌକା ସହିତ ୧୧୩ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଫର୍ଚ୍ୁନ୍, ପାର୍ନେଲ ଓ ରବାଡା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଶ୍ରେୟସ ଆୟରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ଇନିଂସ : ୫୦ ଓଭରରେ ୨୭୮/୭ (ଏଡେନ୍ ମାରକ୍ରମ-୭୯, ରିଜା ହେଣ୍ଡ୍ରିକ୍ସ-୭୪, ଡେଭିଡ୍ ମିଲର-୩୫*, ହେନରିଚ୍ କ୍ଲାସେନ-୩୦ ; ମହମ୍ମଦ ସିରାଜ-୩/୩୮, ଶାର୍ଦ୍ଦୂଳ ଠାକୁର-୧/୩୬, କୁଲଦୀପ ଯାଦବ-୧/୪୯, ଶାହବାଜ ଅହମଦ-୧/୫୪, ୱାଶିଂଟନ ସୁନ୍ଦର-୧/୬୦)।
ଭାରତ ଇନିଂସ: ୪୫.୫ ଓଭରରେ-୨୮୨/୩ (ଶ୍ରେୟସ ଆୟର-୧୧୩*, ଇଶାନ କିଷନ-୯୩, ସଞ୍ଜୁ ସାମସନ-୩୦* ; ୱେନ୍ ପାର୍ନେଲ-୧/୪୪, ବିୟର୍ନ ଫର୍ଚ୍ୁନ-୧/୫୨)।



ଶତକ ହାସଲ ପରେ ଶ୍ରେୟସ ଆୟର।

# ଭର୍ଷ୍ଟାପେନ୍‌ଙ୍କୁ ଦ୍ୱିତୀୟ ଟାଇଟଲ

ସୁଜୁକା, ୯।୧୦(ଏପି)

ରେଡ୍‌ବୁଲ୍ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ୍ ସୁଜୁକାଠାରେ ରବିବାର ଅନୁଷ୍ଠିତ ଜାପାନିଜ ଫର୍ମୁଲା ୱାନ ଗ୍ରାଁପ୍ରିରେ ବିଜୟ ଲାଭ କରିଛନ୍ତି। ଏଥିସହିତ ସେ କ୍ରମାଗତ ଦ୍ୱିତୀୟ ଥର ଡ୍ରାଇଭର୍ସ ଟାଇଟଲ ହାସଲ କରିଛନ୍ତି। ଚଳିତ ସିଜନରେ ପ୍ରାଧାନ୍ୟ ବିସ୍ତାର କରି ଆସିଥିବା ଭର୍ଷ୍ଟାପେନ୍ ୪ଟି ରେସ୍ ହେବାକୁ ବାକିଥାଇ ଟାଇଟଲ ଜିତିଛନ୍ତି। ଡଚ୍ ଡ୍ରାଇଭର ପୋଲ୍‌ରୁ ରେସ୍ ଆରମ୍ଭ କରିଥିଲେ। ବର୍ଷା ଯୋଗୁ ନିୟନ୍ତ୍ରଣ ହରାଇ ଏକାଧିକ କାର୍ ଦୁର୍ଘଟଣାର ସମ୍ମୁଖୀନ ହେବାରୁ ଦୁଇ ଲାପ୍ ପରେ ରେସ୍‌କୁ ସ୍ଥଗିତ ରଖାଯାଇଥିଲା। ଦୁଇ ଘଣ୍ଟା ପରେ ରେସ୍ ଆରମ୍ଭ କରାଯାଇଥିଲା। ୫୩ଟି ଲାପ୍ ମଧ୍ୟରୁ ୨୮ଟି ଶେଷ କରାଯାଇଥିଲା। ଭର୍ଷ୍ଟାପେନ୍ ସବୁଠାରୁ ଆଗରେ ରହିଥିଲେ। ତାଙ୍କ ପଛକୁ ପଛ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ ଟିମ୍‌ମେଟ ସର୍ଗିଓ ପେରେଜ ଓ ଫେରାରି ଡ୍ରାଇଭର ଚାର୍ଲ୍ସ ଲେକ୍‌ରେକ୍। ଏହି ଦୁଇ ଡ୍ରାଇଭର ଭର୍ଷ୍ଟାପେନ୍‌ଙ୍କୁ ଅତିକ୍ରମ କରି ଟାଇଟଲ ଜିତିପାରିଥାନ୍ତେ। ମାତ୍ର ଏଠାରେ ରେସ୍ ଜିତିବା ଦ୍ୱାରା ଭର୍ଷ୍ଟାପେନ୍ ୩୬୬ ପଏଣ୍ଟ ସହ ଟେବୁଲରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଯଥେଷ୍ଟ ଅଗ୍ରଣୀ ଲାଭ କରିପାରିଛନ୍ତି। ଅବଶିଷ୍ଟ ୪ଟି ରେସ୍‌ର ଫଳାଫଳ କୌଣସି ଫରକ ଆଣିବ ନାହିଁ। ଡ୍ରାଇଭର୍ସ ଟେବୁଲରେ ଦ୍ୱିତୀୟ ସ୍ଥାନରେ ରହିଥିବା ପେରେଜଙ୍କ ପଏଣ୍ଟ ସଂଖ୍ୟା ୨୫୩ ଏବଂ ତୃତୀୟ ସ୍ଥାନରେ ଥିବା ଲେକ୍‌ରେକ୍‌ଙ୍କ ପଏଣ୍ଟ ସଂଖ୍ୟା ୨୫୨ ରହିଛି। ରେସ୍‌କୁ ସଂକ୍ଷିପ୍ତ କରାଯିବାରେ ସେ ଟାଇଟଲ ଜିତିଥିବା ବିଷୟ ଭର୍ଷ୍ଟାପେନ୍ ପ୍ରଥମେ ଜାଣିପାରି ନ ଥିଲେ। କିନ୍ତୁ କିଛି ସମୟ ପରେ ଫର୍ମୁଲା ୱାନ ପରିଚାଳନା ପରିଷଦ (ଏଫ୍‌ଆଇଏ) ତାଙ୍କୁ ପୂରା ପଏଣ୍ଟ ପ୍ରଦାନ କରିବା ସହ ବିଜୟୀ ଘୋଷଣା କରିଥିଲା। ରବିବାର ରେସ୍‌ରେ ୪ର୍ଥରୁ ୧୦ମ ସ୍ଥାନରେ ଅଛନ୍ତି ଏଷ୍ଟିବାନ ଓକନ (ଆଲପାଇନ୍), ଲୁଇସ୍ ହାମିଲଟନ (ମର୍ସିଡିଜ), ସେବାଷ୍ଟିଆନ ଭେଟେଲ(ଆଷ୍ଟନ ମାର୍ଟିନ), ଫର୍ନାଣ୍ଡୋ ଆଲୋଁସୋ (ଆଲପାଇନ୍), ଜର୍ଜ ରସେଲ (ମର୍ସିଡିଜ୍), ନିକୋଲାନ ଲାଟିଫି (ୱିଲିୟମ୍ସ) ଓ ଲାଣ୍ଡୋ ନୋରିସ (ମ୍ୟାକଲରେନ)।



ଜାପାନିଜ ଫର୍ମୁଲା ୱାନ ଗ୍ରାଁପ୍ରି ଟ୍ରଫି ସହ ମାକ୍ସ ଭର୍ଷ୍ଟାପେନ୍।



ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ।

# ଜାତୀୟ ଶକ୍ତି ଉତ୍ତୋଳନ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୯।୧୦ (ସ୍ପୋର୍ଟ୍ସ ବ୍ୟୁରୋ):** ଚଳିତ ମାସ ୧୨ରୁ ୧୬ ପର୍ଯ୍ୟନ୍ତ ନାଗପୁରରେ ହେବାକୁଥିବା ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ୧୬ ଜଣିଆ ଦଳ ଭାଗନେବ। କୋଚ୍ ସମରେନ୍ଦ୍ର ରାଉତରାୟଙ୍କ ନେତୃତ୍ୱରେ ୯ ମହିଳା ଓ ୩ଜଣ ପୁରୁଷ ସିନିୟର ଓ ବରିଷ୍ଠ ବିଭାଗରେ ଭାଗ ନେବେ। ସେମାନେ ହେଲେ ସୁଷମା ରାୟ, ଅନୁପମା ସ୍ୱାଇଁ, ପ୍ରଭାତି ସିଂ, ଦେବୀ ସିଂ, ସ୍ୱାଗତିକା ଖଟେଇ, ତନୟା ପଣ୍ଡା, ନଗ୍ମା ଆରା ବେଗମ, ଅନୀତା ବେହେରା, ପ୍ରତିମା ରଥ, ସଙ୍କେତ ମହାପାତ୍ର, ଅଭିଷେକ ମହନ୍ତ, ଦେବାଶିଷ ମହାନ୍ତି, ରାକେଶ ଶତପଥୀ, ଦୀପକ ନାୟକ, ସୁଜିତ କୁମାର ଗିରି ଓ ନାରାୟଣ ସେଠୀ। ରାଜ୍ୟ ଶକ୍ତି ଉତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଗୌରୀ ମହାନ୍ତି ଓ କୋଷାଧ୍ୟକ୍ଷ ପ୍ରଦୀପ ପାତ୍ର ପ୍ରମୁଖ ଦଳର ଶୁଭକାମନା କରିଛନ୍ତି।







E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**JYOTE MOTORS**
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190.
BALUGAON: 9798190190. ANANDPUR: 9798190190. KENDRAPARA: 9798190190.
BALASORE: 9798190190. BHADRAK: 9798190190. BARIPADA: 9798190190.
UDALA: 7064499950. RAIRANGPUR: 9853446906.
JALESWAR: 7064499950. BASUDEVPUR: 9798190190.

**NARAYANI MOTORS**
BHUBANESHWAR: RASULGARH: 9583022019, 7440019592, 9583022013.
JAGATSINGHPUR: 9583022090. PURI: 9583022035.
NIMPARA: 7381094851. PARADEEP: 9583022034/ 48.

**SKY AUTOMOBILES**
BHUBANESWAR: PATIA: 7381045356.
CUTTACK: 9776677771, 7381873818,
DHENKANAL: 8093027882. NARSINGHPUR: 8093027882.
KAMAKHYANAGAR: 8093027882. JAJPUR: 9776900777.
SALEPUR: 9583544555. CHANDIKHOL : 9583544555.
TANGI: 7381045356.

**ODYSSEY MOTORS**
ANGUL: 7752076136, 9776901481.
PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450.
PANIKOILI: 9078076450.

*Offer includes consumer offer, exchange bonus, 2 ka 4 offer and institutional offer or rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. #Gold voucher is applicable on select models/variants only.#Test Result of Rule 115 of CMVR, 1989. (CMVR is an acronym for Central Motor Vehicles Rules, 1989). Mileage mentioned is for Vxi(O) AGS & Vxi+ (O) AGS. **For details on functioning of safety features including Air Bag, kindly refer to the Owner's Manual. Creative Visualization. Terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st Oct, 2022.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୦ ଅକ୍ଟୋବର, ୨୦୨୨

## କୁମାର ପୂର୍ଣ୍ଣିମା ଉତ୍ସବ

କଟକ ଅଫିସ: କଟକ ଲିଙ୍କ୍‌ରୋଡସ୍ଥିତ ସୂର୍ଯ୍ୟବିହାର ମହିଳା କ୍ଲବ ପରିବାର ପକ୍ଷରୁ କୁମାର ପୂର୍ଣ୍ଣିମା ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ମହିଳା ଓ ଝିଅମାନଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇଥିଲେ। ସୂର୍ଯ୍ୟବିହାର ଜେନିଥ୍ କ୍ଲବ ପକ୍ଷରୁ ସଞ୍ଜୀବ କୁମାର ପ୍ରହରାଜ, ଅମିୟ କୁମାର ସାହୁ, ନରେଶ ଜେନା, ଶାଶ୍ୱତ କୁମାର ସାହୁ, ଦେବାଶିଷ ବେହେରା, ଅଭିଷେକ ମହାପାତ୍ର, ସୌମେନ୍ ବାନାର୍ଜୀ, ଲିଟୁ ସାହୁ, ଯଯାତି ରାଉତ, ଦିବାକର ରାଉତ, ମାନବେଷ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ଆରାଧନା


କଟକ ଚୌଧୁରୀ ବଜାର ପୂଜାମଣ୍ଡପରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ


ମଙ୍ଗଳାବାଗ


ଅଲିସା ବଜାର


ଚାନ୍ଦିନୀଚୌକ


କଟକ କଲେଜ ଛକ ପୂଜାମଣ୍ଡପ


ଚାଉଳିଆଗଞ୍ଜ ପୂଜାମଣ୍ଡପ


ହରିପୁର-ଦୋଳମୁଣ୍ଡାଇ ପୂଜାମଣ୍ଡପ


ବଡ଼ମ୍ବା ବ୍ଲକ ବୃନ୍ଦାବନପୁର ଖମାର ସାହି ପୂଜାମଣ୍ଡପ।

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ କାର ଜଳିଗଲା



ମଙ୍ଗୁଳି, ୯।୧୦(ଡି.ଏନ୍.ଏ.): ୧୬ ନମ୍ବର ଜାତୀୟ ରାଜପଥର ଟାଙ୍ଗୀ ଥାନା ଅଧୀନ ବଇଁଚୁଆ ଛକ ନିକଟରେ ରବିବାର ରାତିରେ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଛି। ଏଥିରେ ଥିବା ଚାଳକଙ୍କ ସମେତ ୩ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଚାଳକ ବାଦାମବାଡି ଥାନା ଅଞ୍ଚଳର ବିଶ୍ୱରଞ୍ଜନ ଦେବଙ୍କ ପରିଚୟ ମିଳିପାରିଛି। ରାତି ପ୍ରାୟ ୭ଟା ୧୫ ମିନିଟ୍‌ରେ କାର(ନଂ.ଓଡ଼ି-୦୫ଏଏଲ-୪୫୧୯)ଟି ଚଣ୍ଡିଖୋଲରୁ କଟକ ଅଭିମୁଖେ ଯାଉଥିବାବେଳେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଯାଇଥିଲା। ଏହି ସମୟରେ କାର୍‌ରେ ନିଆଁ ଲାଗି ଯାଇଥିଲା। ଖବରପାଇ ହାଇୱେ ପାଟ୍ରୋଲିଂ ପୋଲିସ ପହଞ୍ଚି କାର ଭିତରୁ ୩ ଜଣଙ୍କୁ ଉଦ୍ଧାର କରିଥିଲା। ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପ୍ରାୟ ଅଧ ଘଣ୍ଟା ବିଳମ୍ବରେ ପହଞ୍ଚିବାବେଳକୁ କାର୍‌ଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା।

### ଫଟୋ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର, ଯୁବକ ଗିରଫ

କଟକ ଅଫିସ,୯।୧୦: କଟକ ସହରରେ କାର୍ଯ୍ୟରତ ଏକ ଗଣମାଧ୍ୟମର ଫଟୋ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ବାଦାମବାଡ଼ି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଖାନ୍‌ନଗର ଅଞ୍ଚଳର ବିଜୟ କୁମାର ଶତପଥୀ। ଫଟୋ ସାମ୍ବାଦିକ ଆନନ୍ଦ ଦାସ ଗତ ୩ ତାରିଖ ସନ୍ଧ୍ୟାରେ ସ୍ତ୍ରୀଙ୍କୁ ବାଇକ୍‌ରେ ବସାଇ କାଠଯୋଡ଼ି ରିଂବନ୍ଧ ରାସ୍ତାରେ ଘରକୁ ଯାଉଥିଲେ। ଦୁର୍ଗାପୂଜାର ସପ୍ତମୀ ପୂଜା ଚାଲିଥିବାରୁ ଖାନ୍‌ନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା ମଣ୍ଡପ ନିକଟରେ ପ୍ରବଳ ଭିଡ଼ ହୋଇଥିଲା। ରାସ୍ତାରେ ଟ୍ରାଫିକ ଜାମ୍ ଥିଲା। ମଣ୍ଡପ ନିକଟରେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରୁଥିଲେ ବିଜୟ। ସେ ଆନନ୍ଦଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ ନେଇ ଆନନ୍ଦ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୯୬/୨୨) ରୁଜୁ କରିଥିଲା।

# ବାଲିଯାତ୍ରା: ଦ୍ୱିତୀୟ ଦିନରେ ୫୩ ପ୍ଲଟ୍ ପଞ୍ଜୀକରଣ

କଟକ ଅଫିସ,୯।୧୦

କଟକ ବାଲିଯାତ୍ରା ପାଇଁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ଚଳିତବର୍ଷ ପ୍ରଥମଥର ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ଲଟ୍ ନିଲାମ ନିମନ୍ତେ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ରବିବାର ଦ୍ୱିତୀୟ ଦିନରେ ୫୩ଟି ପ୍ଲଟ୍ ପଞ୍ଜୀକରଣ ପାଇଁ ଆବେଦନ ହୋଇଥିବା ଜଣାପଡିଛି। ବାରବାଟୀ ପ୍ୟାଲେସଠାରେ ଏହି ପଞ୍ଜୀକରଣ କାର୍ଯ୍ୟକ୍ରମ ଗତ ୮ରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ବାଲିଯାତ୍ରା ପଡ଼ିଆକୁ ପୂର୍ଣ୍ଣାଙ୍ଗ ରୂପ ଦେବା ନିମନ୍ତେ ବିଭିନ୍ନ ବିଭାଗର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ହୋଇଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ଶନିବାରଠାରୁ ଖୁଣ୍ଟରେ ତାର ଟଣା କାର୍ଯ୍ୟ ଆରମ୍ଭ ହୋଇଛି। ଏଥିସହ ପୂର୍ତ୍ତ ବିଭାଗ ଦ୍ୱାରା ବିଭିନ୍ନ ରାସ୍ତାଘାଟ ମରାମତି ଓ ମଞ୍ଚ ପ୍ରସ୍ତୁତି, ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଳ ଯୋଗାଣ ନିମନ୍ତେ ଆବଶ୍ୟକ ପାଇପ ଲାଇନ ବିଛାଇବା କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ରାଜ୍ୟ ସରକାର ବାଲିଯାତ୍ରା ନିମନ୍ତେ ପାଣ୍ଠି ଯୋଗାଇ ଦେବେ। ବାଲିଯାତ୍ରାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ଅଞ୍ଚଳର କଳାକାର ଓ ସାଂସ୍କୃତିକ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। କରୋନା ମହାମାରୀ ଯୋଗୁ ୨ ବର୍ଷର ବ୍ୟବଧାନ ପରେ ବାଲିଯାତ୍ରା ଅନୁଷ୍ଠିତ ହେଉଥିବାରୁ ପ୍ରବଳ ଜନସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ଆନୁଷଙ୍ଗିକ ବ୍ୟବସ୍ଥା ଚଳାଇଛି। ବିଶେଷକରି ପାର୍କିଂସ୍ଥଳ, ସ୍ୱାସ୍ଥ୍ୟ ଓ ପରିମଳ ସେବା, ଅତିଥି ଓ କଳାକାରମାନଙ୍କ ପରିବହନ ବ୍ୟବସ୍ଥା, ଖାଦ୍ୟ ପଦାର୍ଥର ସୁରକ୍ଷା, ଆଇନଶୃଙ୍ଖଳା, ଯାନବାହନ ନିୟନ୍ତ୍ରଣ ଓ ଯାତ୍ରାର ପ୍ରଚାର ପ୍ରସାର ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ପ୍ରତି ପ୍ରଶାସନ ଧ୍ୟାନ ଦେଉଥିବା ଜଣାପଡିଛି। ସର୍ବୋପରି ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ଙ୍କ ନିର୍ଦ୍ଦେଶ ପାଳନ ପୂର୍ବକ ଏଥର ବାଲିଯାତ୍ରାକୁ ସ୍ୱଚ୍ଛ, ସବୁଜ ଓ ଭିଡ଼ମୁକ୍ତ କରିବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି।


କୁମାର ପୂର୍ଣ୍ଣିମୀ ଅବସରରେ ରବିବାର କଟକ ବାଉଁଶଗଳି ଅଞ୍ଚଳରେ ତେଲୁଗୁ ସମ୍ପ୍ରଦାୟର ମହିଳାମାନଙ୍କ ଦ୍ୱାରା ଅନୁଷ୍ଠିତ ଗୌରୀ ପୂଜା।

### ଗଞ୍ଜେଇ ଜବତ, ବ୍ୟବସାୟୀ ଗିରଫ

କଟକ ଅଫିସ,୯।୧୦

କଟକ ହାଡ଼ିଆପଠାରେ ମଙ୍ଗଳାବାଗ ପୋଲିସ ଚଢ଼ାଉ କରି ୩.୬୧ କେଜି ଗଞ୍ଜେଇ ଜବତ କରିବା ସହ ଜଣେ ବ୍ୟବସାୟୀଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ମାଛୁଆବଜାରର ଜୁବୁଲା ବେହେରା(୫୨)। ଜୁବୁଲା ବେଆଇନ ଭାବେ ହାଡ଼ିଆପଠାରେ ଗଞ୍ଜେଇ ବିକ୍ରି କରୁଥିବା ଖବର ପାଇବା ପରେ ପୋଲିସ ଚଢ଼ାଉ କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୨୫୮/୨୨) ରୁଜୁ ହୋଇଛି।

# ସରକାରୀ ଉଦାସୀନତା ପାଇଁ ବେକାରି ସଂଖ୍ୟା ବଢୁଛି

### ପୂର୍ବତନ ଛାତ୍ରନେତାଙ୍କ ସମାବେଶ

କଟକ ଅଫିସ,୯।୧୦

ରାଜ୍ୟରେ ଏବେ ବେକାରି ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଲକ୍ଷାଧିକ ଉଚ୍ଚ ଡିଗ୍ରୀଧାରୀ ବେକାର ଯୁବତୀଯୁବକ ନିଜ ଦେଶରେ ଅବହେଳିତ ହୋଇ ଚାକିରି କରିବାକୁ ଅନ୍ୟ ଦେଶକୁ ଯାଉଛନ୍ତି। ଓଡ଼ିଶାର ଯୁବବର୍ଗ ଅନ୍ୟ ରାଜ୍ୟକୁ ଯାଇ ଦାଦନ ଖଟୁଛନ୍ତି। ସରକାରୀ ସଂସ୍ଥା ହେଉ କି ବେସରକାରୀ ଉଦ୍ୟୋଗ ସରକାରଙ୍କର ଉଦାସୀନତା ଯୋଗୁ ବେକାରିଙ୍କ ସଂଖ୍ୟା ବଢୁଛି ବୋଲି ମହାନଦୀ ବିହାରସ୍ଥିତ ହାରାମଣି ମଣ୍ଡପରେ ରବିବାର ଆୟୋଜିତ ପୂର୍ବତନ ଛାତ୍ରନେତା ସମାବେଶରେ ମତପ୍ରକାଶ ପାଇଛି। ପୂର୍ବତନ ଛାତ୍ରନେତା ଶୁଭେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ଆଇନଜୀବୀ ଈଶାନ ମହାନ୍ତି କହିଥିଲେ, ଏବେ ପ୍ରକୃତ ପ୍ରଶାସନିକ ବ୍ୟବସ୍ଥା ନାହିଁ। ଏହାକୁ ସଜାଡ଼ିବା ପାଇଁ ଜନ ସଚେନତନତା ଲୋଡ଼ା, ତାହା ଆମେ ହିଁ କରିବା। ସେହିପରି ନିକୁଞ୍ଜ ପଶାୟତ କହିଥିଲେ, ବର୍ତ୍ତମାନ ବିଭିନ୍ନ ସରକାରୀ ଦପ୍ତରରେ ଦୁର୍ନୀତି ହେଉଛି। ତାହାକୁ ରୋକାଯିବା ଦରକାର। ଫିରୋଜ ଖୁଣ୍ଟିଆ କହିଥିଲେ, ଉଚ୍ଚଶିକ୍ଷିତ ଯୁବତୀଯୁବକଙ୍କ କଥା ଭାବିବାକୁ ସରକାରଙ୍କ ପାଖରେ ସମୟ ନାହିଁ। ଏଣେ ସରକାର ଅବସର ବୟସ ବଢାଇବାର ଯୋଜନାରେ ଅଛନ୍ତି। ସିପିଆଇ ନେତା ଅମରେନ୍ଦୁ ମହାନ୍ତି କହିଥିଲେ, ଦରଦାମ ଆଶାତୀତ ଭାବେ ବଢୁଛି। ବିଜୁଳି ଶୁଳ୍କ କଥା କହିଲେ ନ ସରେ। କେବଳ ତେଲିଆ ମୁଣ୍ଡକୁ ତେଲ ଯୋଗାଯାଉଛି କହିଲେ ଅତ୍ୟୁକ୍ତି ହେବନାହିଁ। ଜ୍ୟୋତିରଞ୍ଜନ ରାୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏଥିରେ ବିଧାୟକ ମହମ୍ମଦ ମୋକିମ, କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପ୍ରଶାୟତ, ବଟକୃଷ୍ଣ ସାହୁ, ଜନାର୍ଦ୍ଦନ ପରିଡ଼ା, କାମେଶ୍ୱର ରାଓ, ବଦ୍ରି ମହାପାତ୍ର, ସୁବାସ ମହାନ୍ତି, ବିଜନ ଶତପଥୀ, ଇଂ. ପ୍ରଭାତ ତ୍ରିପାଠୀ ଓ ସତ୍ୟ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ମହାନଦୀ ଆଳତି

କଟକ ଅଫିସ, ୯।୧୦

କୁମାର ପୂର୍ଣ୍ଣମୀ ଅବସରରେ କଟକ ଗଡଗଡିଆ ଘାଟଠାରେ ମହାନଦୀ ପୂଜନ କମିଟି ପକ୍ଷରୁ ମହାନଦୀ ଆଳତି ରବିବାର ଅନୁଷ୍ଠିତ ହୋଇଯାଇଛି। କମିଟି ଦ୍ୱାରା ପ୍ରତ୍ୟେକ ପୂର୍ଣ୍ଣମୀ ତିଥିରେ ୧୦୮ ଆଳତି ବର୍ଷତମାମ କରାଯିବା ପାଇଁ ସ୍ଥିର ହୋଇଛି। ମହାନଦୀ ପୂଜନ କମିଟିର ସମସ୍ତ ସଭ୍ୟ ଓ କଟକର ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗଜଲକ୍ଷ୍ମୀଙ୍କ ଚାନ୍ଦିମେଢ଼ ଉଦ୍‌ଘାଟିତ

କଟକ ଅଫିସ, ୯।୧୦: କାଜିବଜାର ପୂଜା କମିଟି ପକ୍ଷରୁ ଗଜଲକ୍ଷ୍ମୀଙ୍କ ଚାନ୍ଦିମେଢ ରବିବାର ଉଦ୍‌ଘାଟିତ ହୋଇଯାଇଛି। ପୂଜା କମିଟି ପ୍ରତିଷ୍ଠାତା ସ୍ୱର୍ଗତ ନାରାୟଣ ଚନ୍ଦ୍ର ସିଂଙ୍କ ଭାଇ ରବିନାରାୟଣ ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ ଲିଗାଲ ସର୍ଭିସେସ୍‌ର ନିର୍ଦ୍ଦେଶକ ମନୋରଞ୍ଜନ ପ୍ରଧାନ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କମିଟି ସଭାପତି ସୁବାସକୃଷ୍ଣ ସରକାର ସଭାପତିତ୍ୱ କରିଥିବାବେଳେ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ସିହ୍ନା ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ରଣଜିତ୍ କୁମାର ବର୍ଦ୍ଧନ, ଶଙ୍କର ସାହୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଦିଲୀପ କୁମାର ବର୍ଦ୍ଧନ, ଚାନ୍ଦ୍ର ସାହୁ, ଅକ୍ଷୟ କୁମାର ସିଂ, ସୁଶୀଲ ସାଙ୍ଗନାରିଆ, ଶରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# 'ସଚେତନତା ଅଭାବରୁ ବୃଦ୍ଧିପାଉଛି ସ୍ତନ କର୍କଟ'

କଟକ ଅଫିସ,୯।୧୦

ଦେଶରେ ବିଭିନ୍ନ କାରଣରୁ ମହିଳାମାନେ ସ୍ତନ କର୍କଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଉପଯୁକ୍ତ ସମୟରେ ଚିକିତ୍ସା ନ କରିବା ପ୍ରମୁଖ କାରଣଗୁଡ଼ିକ ମଧ୍ୟରୁ ଅନ୍ୟତମ। ବିଶେଷକରି ସଚେତନତା ଅଭାବରୁ ଏହି ରୋଗୀଙ୍କ ସଂଖ୍ୟା ଭାରତରେ ବୃଦ୍ଧି ପାଉଛି ବୋଲି କଟକ ନୂଆପାଟଣାସ୍ଥିତ ସର୍କିଟ ହାଉସ୍‌ଠାରେ ଶୋଭା ଅନୁଷ୍ଠାନ ପକ୍ଷରୁ ରବିବାର ଆୟୋଜିତ ସଚେତନତା କର୍ମଶାଳାରେ ଅଙ୍କୋସର୍ଜନ ଡାକ୍ତର ନିତୀଶ ଆଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ୫ରୁ ୧୦ ପ୍ରତିଶତ ସ୍ତନ କର୍କଟ ରୋଗ ବଂଶାନୁକ୍ରମିକ କାରଣରୁ ହୋଇଥାଏ। ରୋଗ ଶୀଘ୍ର ଚିହ୍ନଟ କରାଯାଇ ଚିକିତ୍ସା କରାଗଲେ ରୋଗୀଟି ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥାଏ। ସେଥିପାଇଁ ଆମ ଦେଶରେ ପ୍ରତିବର୍ଷ ଅକ୍ଟୋବରରେ କର୍କଟ ରୋଗ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଲୋକମାନଙ୍କୁ ସଚେତନ କରାଯାଉଛି ବୋଲି ଡା. ଆଚାର୍ଯ୍ୟ କହିଥିଲେ।


ସଚେତନତା କର୍ମଶାଳାରେ ଉପସ୍ଥିତ ଡାକ୍ତରମାନେ।

ଏଥିରେ ମୁଖ୍ୟ ଅତିଥି ଭାବେ ମେଡିକାଲ ଅଙ୍କୋଲୋଜିଷ୍ଟ ଡା. ପ୍ରଶାନ୍ତ କୁମାର ପରିଡା ଯୋଗଦେଇ କହିଲେ, ଭାରତରେ ପ୍ରତି ୪ ମିନିଟ୍‌ରେ ଜଣେ ସ୍ତନ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି। ପ୍ରତି ୨୨ ଜଣ ମହିଳାଙ୍କ ମଧ୍ୟରୁ ଜଣଙ୍କୁ ଏହି ରୋଗ ହୋଇଥାଏ। ପ୍ରାୟତଃ ୪୦ରୁ ୫୦ ବର୍ଷ ବୟସ୍କା ମହିଳାଙ୍କ କ୍ଷେତ୍ରରେ ଏହି ରୋଗ ଦେଖାଦେଇଥାଏ। ସେହିପରି ରେଡିଏସନ୍ ଅଙ୍କୋଲୋଜି ଡା. ପ୍ରକାଶ କୁମାର ସ୍ୱାଇଁ କହିଥିଲେ, ପାଶ୍ଚାତ୍ୟ ଦେଶଗୁଡିକରେ ୮୦ରୁ ୯୦ ପ୍ରତିଶତ ରୋଗୀ ପ୍ରାଥମିକ ଅବସ୍ଥାରୁ ଚିହ୍ନଟ ହୋଇଥାନ୍ତି। କମ୍ ବୟସରେ ଋତୁସ୍ରାବ ଆରମ୍ଭ ହୋଇ ଅଧିକ ବର୍ଷ ଧରି ଚାଲୁରହିବା, ବିଳମ୍ବରେ ଗର୍ଭଧାରଣ, ଶିଶୁକୁ ସ୍ତନ୍ୟପାନ ନ କରାଇବା, ମେଦ ବହୁଳତା, କମ୍ ଶାରୀରିକ ପରିଶ୍ରମ, ଚର୍ବିଜାତୀୟ ଖାଦ୍ୟ ଖାଇବା ଆଦି ବିଭିନ୍ନ କାରଣରୁ ଏପରି ରୋଗ ହୋଇଥାଏ ବୋଲି ସେ କହିଥିଲେ। ଏହି ଅବସରରେ ସ୍ତନ କର୍କଟରୁ ଆରୋଗ୍ୟଲାଭ କରିଥିବା ମହିଳା ତାଙ୍କର ଅନୁଭୂତି କହିଥିଲେ।

# ହଜିଯାଉଛି ଶୈଶବ

ଖୋର୍ଦ୍ଧା ଅଫିସ,୯।୧୦

■ ପ୍ରହସନ ପାଲଟିଛି ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ
■ ସଚେତନତା ଆଳରେ ଅପଚୟ ହେଉଛି ଅର୍ଥ

ଶିଶୁଙ୍କ ବିକାଶରେ ଶିଶୁ ଶ୍ରମିକ ପ୍ରଥା ଏକ ବଡ ବାଧକ। ଯଦି ଶିଶୁ ଶିକ୍ଷାଲାଭ ସମୟରେ କୌଣସି କାର୍ଯ୍ୟରେ ନିଯୁକ୍ତ ରହିଥାଏ, ତାହାକୁ ଏକ ଅପରାଧ ଭାବେ ଧରି ନିଆଯିବ। ତେଣୁ ଶିଶୁ ଶ୍ରମିକ ପ୍ରଥାକୁ ବିଲୋପ ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଏକ ଆକଳନ ଅନୁସାରେ ଦେଶରେ ଶିଶୁ ଶ୍ରମକଙ୍କ ସଂଖ୍ୟା ୫ କୋଟିରୁ ଊର୍ଦ୍ଧ୍ୱ ରହିଥିବା ବେଳେ ଓଡ଼ିଶାରେ ଏହାର ସଂଖ୍ୟା ପ୍ରାୟ ୮ଲକ୍ଷ ହେବ। ସେଥିରୁ ଖୋର୍ଦ୍ଧା ଜିଲା(ବିଏମ୍‌ସିକୁ ବାଦ୍ ଦେଇ)ରେ ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ ଶିଶୁ ଶ୍ରମିକ ବିପଦସଙ୍କୁଳ ସ୍ଥିତିରେ କାର୍ଯ୍ୟ କରୁଥିବା ବିଭିନ୍ନ ସଂସ୍ଥା ପକ୍ଷରୁ ସଂଗୃହୀତ ତଥ୍ୟରୁ ଜଣାପଡ଼ିଛି। ଏମାନେ ବିଭିନ୍ନ ଘରୋଇ ବ୍ୟବସାୟିକ ପ୍ରତିଷ୍ଠାନ, କ୍ରଶର ଶିଳ୍ପ, ହୋଟେଲ, ରେଷ୍ଟୁରାଣ୍ଟ, ଢାବା ଖାଦ୍ୟ ପ୍ରସ୍ତୁତିକରଣ କମ୍ପାନୀ, ଶିଳ୍ପାନୁଷ୍ଠାନ, ଇଟାଭାଟି ଆଦି ସ୍ଥାନରେ ଶ୍ରମିକଭାବେ କାର୍ଯ୍ୟ କରୁଛନ୍ତି। ପଢିବା ଓ ଖେଳିବା ବୟସରେ ଏମାନେ ବିଭିନ୍ନ କାରଣରୁ ବାହାରେ କାମ କରିବାରେ ନିୟୋଜିତ ହେଉଥିବାରୁ ଏମାନଙ୍କ ଶୈଶବ ହଜିଯାଉଛି। ପ୍ରଶାସନ ଏବଂ ଏ ଦିଗରେ କାର୍ଯ୍ୟ କରୁଥିବା ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସମନ୍ୱୟ ଅଭାବରୁ ଶିଶୁ ଶ୍ରମିକ ଉଚ୍ଛେଦ ପ୍ରହସନ ପାଲଟିଛି।

ଖୋର୍ଦ୍ଧା ଶିଳ୍ପାଞ୍ଚଳ ସମେତ ବିଭିନ୍ନ ସ୍ଥାନରେ ଅନେକ ଶିଶୁ ପେଟ ପାଇଁ ମୂଲ ମଜୁରି ଲାଗିବା ସହ ଛୋଟ ବଡ କମ୍ପାନୀରେ କାମ କରୁଛନ୍ତି। ଦାରିଦ୍ର୍ୟତା, ମା ଓ ବାପାଙ୍କ ମୃତ୍ୟୁ ପରେ ବେସାହାରା ହୋଇଯିବା ପ୍ରଭୃତି ବିଭିନ୍ନ କାରଣରୁ ପିଲାମାନେ ପର ଦୁଆରେ କାମ କରିବାକୁ ବାଧ ହେଉଛନ୍ତି। ତେବେ ଏମାନଙ୍କ ପ୍ରତି ଜିଲା ପ୍ରଶାସନ, ଜିଲା ଶ୍ରମ ବିଭାଗ ଏବଂ ଶିଶୁଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ବିଭିନ୍ନ ଅନୁଷ୍ଠାନର ବିଶେଷ ନଜର ପଡୁନାହିଁ। ଫଳରେ ଖୋର୍ଦ୍ଧା ଜିଲାରେ ଶିଶୁ ଶ୍ରମିକ ଉଚ୍ଛେଦ ପ୍ରହସନରେ ପରିଣତ ହୋଇଛି। କୌଣସି ସ୍ଥାନରେ ଶିଶୁ ଦୟନୀୟ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ ଆସିଲେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହି ଜଣେ ଅନ୍ୟ ଜଣକଙ୍କ ଉପରେ ଦୋଷ ଲଦି ଖସି ଯାଉଛନ୍ତି ଅଧିକାରୀ। ସୂଚନା ଅନୁଯାୟୀ, ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ବିଭିନ୍ନ ରୁଟି ଫାକ୍ଟ୍ରି, ଇଟାଭାଟି ଏପରକି କ୍ରଶର ୟୁନିଟ ଏବଂ ପଥର ବାଡିଆ କାର୍ଯ୍ୟରେ ଶିଶୁ ମାନେ ନିୟୋଜିତ ହେଉଛନ୍ତି। ଶିଶୁଙ୍କ ଶୈକ୍ଷିକ ବିକାଶ, ଯତ୍ନ, ସ୍ୱାସ୍ଥ୍ୟ ପାଇଁ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଏନେଇ ରାଜ୍ୟ ଠାରୁ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ସଚେତନତା ଉଦ୍ଦେଶ୍ୟରେ ଟଙ୍କା ଖର୍ଚ୍ଚ କରାଯାଉଛି। ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ଦିଗରେ ଜିଲା ପ୍ରଶାସନର ପଦକ୍ଷେପ କେବଳ ବୈଠକ, ଆଲୋଚନା ଏବଂ ସଭାସମିତିରେ ସୀମିତ ରହିଯାଉଛି। ପ୍ରତିବର୍ଷ ପ୍ରଶାସନ ପକ୍ଷରୁ 'ଶିଶୁଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ କେବଳ ସରକାରୀ ନାଲି ଫିତା ତଳେ ଚାପି ହୋଇ ରହିଯାଉଛି। ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଜିଲାରେ ଶିଶୁ ଶ୍ରମିକ ଏବଂ ଶିଶୁ ଭିକ୍ଷାବୃତ୍ତି ବଢିଚାଲିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଶିଶୁ ସୁରକ୍ଷା କେବଳ ବୈଠକରେ ସୀମିତ ନ ରଖି ବ୍ୟାପକ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। କଂଗ୍ରେସ ନେତା ଶିଶିର ପରିଡ଼ା କହିଛନ୍ତି, ଜିଲା ପ୍ରଶାସନ ଏବଂ ଶିଶୁ ସୁରକ୍ଷା ୟୁନିଟର ଅବହେଳା ଏଥିପାଇଁ ଉତ୍ତରଦାୟୀ। ଅନ୍ୟପକ୍ଷରେ ଏସବୁ ଅଭିଯୋଗକୁ ଜିଲା ଶ୍ରମ ଅଧିକାରୀ ପ୍ରଣବ ପାତ୍ର ଖଣ୍ଡନ କରି କହିଛନ୍ତି, ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ଲାଗି ଜିଲାସ୍ତରରେ ଏକ ଟାସ୍କ ଫୋର୍ସ ରହିଛି। ଏହି ଟାସ୍କଫୋର୍ସ ନିୟମିତ ବ୍ୟବଧାନରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି। ଏତଦ୍‌ବ୍ୟତୀତ ପ୍ରତିବର୍ଷ ଜିଲା ପ୍ରଶାସନ ସହଯୋଗରେ ବିଭିନ୍ନ ଶିଳ୍ପାନୁଷ୍ଠାନ, ଘରୋଇ ଉଦ୍ୟୋଗ ସଂସ୍ଥା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ମଧ୍ୟ ସଚେତନତା କାର୍ଯ୍ୟକ୍ରମରେ ସାମିଲ କରାଯାଉଛି।

# ମହମ୍ମଦଙ୍କ ଜୟନ୍ତୀରେ ଶୋଭାଯାତ୍ରା



ମହମ୍ମଦଙ୍କ ଜୟନ୍ତୀ ଅବସରରେ ରାଉତପଡା ମସ୍‌ଜିଦ୍‌ରେ ଏକତ୍ରିତ ହୋଇଥିବା ମୁସଲିମ୍ ଭାଇମାନେ।

ଜଟଣୀ/ବେଗୁନିଆ,୯।୧୦(ଡି.ଏନ୍.ଏ.)

ଜଟଣୀରେ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସୁନି ସମ୍ପ୍ରଦାୟ ପକ୍ଷରୁ ଏକ ଶୋଭାଯାତ୍ରା (ଜୁଲୁସ ) ସହର ପରିକ୍ରମା କରିଥିଲା। ରେତଙ୍ଗ କଲୋନୀସ୍ଥିତ ମସଜିଦ ଏ ହବିବିର ଏମାମ ମୌଲାନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଜୁଲୁସ ରାଜାବଜାର, ସୀତାରାମ ଛକ, ହରିଭାଇନା ଛକ, ଥାନା ଛକ, ପୋଷ୍ଟ ଅଫିସ ଛକ ଆଦି ପ୍ରମୁଖ ମାର୍ଗ ଦେଇ ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଜୁଲୁସ ମସଜିଦରେ ପହଞ୍ଚିବା ପରେ ଜଗତ କଲ୍ୟାଣ ନିମନ୍ତେ ସାମୁହିକ ପ୍ରାର୍ଥନା (ଦୁଆ) କରାଯାଇଥିଲା। ଶୋଭାଯାତ୍ରାକାରୀଙ୍କୁ ସହରର ବିଭିନ୍ନ ସ୍ଥାନରେ ସାମାଜିକ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସେହିପରି ବାଛରା ପାଟଣାସ୍ଥିତ ମସଜିଦ ଏ ନୁର ଓ ମଦରସାତୁଲା ମଦିନା ପକ୍ଷରୁ ମୌଲାନା ଜାକିର ହୁସେନ କଦ୍ରିଙ୍କ ତତ୍ତ୍ୱାବଧାନରେ ମହମ୍ମଦଙ୍କ ଉଦ୍ଦେଶ୍ୟରେ ଏକ ଦୁଆର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ସହର ପରିକ୍ରମା ପରେ ଲଙ୍ଗରରେ ସମସ୍ତେ ଏକତ୍ରିତ ହୋଇଥିଲେ।

ବେଗୁନିଆ ବ୍ଲକ ଅନ୍ତର୍ଗତ ପଙ୍ଗାରସିଂହ, ସିକୋ, ଶର୍ଦ୍ଧାପୁର, କୁଶପଲ୍ଲୀ ଗ୍ରାମର ସୁନ୍ନି ସମ୍ପ୍ରଦାୟ ପକ୍ଷରୁ ରବିବାର ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଇସ୍‌ଲାମ ଧର୍ମର ପ୍ରବର୍ତ୍ତକ ହଜରତ୍ ମହମ୍ମଦ ସଲ୍ଲଲାହି ଓ ଆଲେହିଓସଲ୍ଲମଙ୍କ ଜନ୍ମ ଦିବସ ତଥା ଇଦ-ମିଲାଦୁନ-ନବୀ ରାଉତପଡ଼ାରେ ଧୁମ୍‌ଧାମରେ ପାଳିତ ହୋଇଥିଲା। ଗ୍ରାମରେ ଥିବା ମସଜିଦଠାରୁ ୧୦୦ ମିଟର ପର୍ଯ୍ୟନ୍ତ ସାଜସଜ୍ଜା ଦେଖିବାକୁ ମିଳିଥିଲା। ସକାଳେ ସଭିଏଁ ମସ୍‌ଜିଦ ସମ୍ମୁଖରେ ଏକତ୍ରିତ ହୋଇ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ଗ୍ରାମ ପରିକ୍ରମା କରିବା ପରେ ମସ୍‌ଜିଦରେ ଫାତିହା(ଭୋଗ)ବସାଇ କାଇପଦରସ୍ଥିତ ପୀରବାବାଙ୍କ ପୀଠକୁ ବାଇକ୍ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ବିଶ୍ୱର ମଙ୍ଗଳ ପାଇଁ ପ୍ରାର୍ଥନା କରିଥିଲେ। ସନ୍ଧ୍ୟାରେ ମସ୍‌ଜିଦ ପରିସରରେ ଆଲୋକମାଳା ସହ ରଙ୍ଗବେରଙ୍ଗର ତୋରଣ ସଜା ଯାଇଥିବା ଦେଖିବାକୁ ମିଳିଥିଲା।

# ପଢ଼ିବା ଅପେକ୍ଷା ଲେଖିବା ଅଭ୍ୟାସ ଜରୁରୀ: କଳ୍ପନା

ଟାଙ୍ଗୀ(ଖୋର୍ଦ୍ଧା),୯।୧୦(ଡି.ଏନ୍.ଏ.)



ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭଜାଗଡ଼ ଗ୍ରାମର କଳ୍ପନାରାଣୀ ଛୁଆଳସିଂ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ୍ (ଓସିଏସ୍)ପରୀକ୍ଷାରେ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଗତ ଶୁକ୍ରବାର ଓସିଏସ୍ ପରୀକ୍ଷା ଫଳ ପ୍ରକାଶିତ ହେବା ପରେ ମୋଟ୍ ୩୯୨ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ସେଥିରେ କଳ୍ପନା ୧୨୫ ର୍‍ୟାଙ୍କ୍ ପାଇଛନ୍ତି। କଳ୍ପନା ପଦ୍ମକୁମୁଦ ବିଦ୍ୟାନିକେତନରୁ ମାଟ୍ରିକ୍, +୨ ପୁରୀ ଏସ୍‌ସିଏସ୍ ମହାବିଦ୍ୟାଳୟ ଓ +୩ ନିରାକାରପୁର କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିଲେ। ୨୦୧୬ ମସିହାରେ ଏଏସ୍‌ଓ ପରୀକ୍ଷାରେ ସଫଳତା ପାଇ ଗୃହ ଓ ନଗର ଉନ୍ନୟନ ବିଭାଗରେ କାର୍ଯ୍ୟ କରିଆସୁଛନ୍ତି। ପରୀକ୍ଷା ପାଇଁ କଠିନ ପରିଶ୍ରମ, ପଢ଼ିବା ଅପେକ୍ଷା ଲେଖିବା ଅଭ୍ୟାସ ଜରୁରୀ ବୋଲି ସେ କହିଛନ୍ତି। ତାଙ୍କର ଏହି ସଫଳତା ପାଇଁ ପରିବାରବର୍ଗ, ଶିକ୍ଷୟିତ୍ରୀ ଶିକ୍ଷକ, ସାଙ୍ଗସାଥୀଙ୍କୁ ଶ୍ରେୟ ଦେଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଗ୍ରାମରେ ଖୁସିର ଲହରି ଖେଳିଯାଇଛି।

## ଧନଦାତ୍ରୀଙ୍କୁ ଆରାଧନା



ଖୋର୍ଦ୍ଧା ପୁରୁଣା ବସ୍‌ଷ୍ଟାଣ୍ଡ ଏନ୍‌ଏସି ମାର୍କେଟ କମ୍ପ୍ଲେକ୍ସ।



ହାବେଳି ପଡିଆ ଟ୍ୟାକ୍ସି ଷ୍ଟାଣ୍ଡ।



ପୌର କାର୍ଯ୍ୟାଳୟ ରୋଡ୍।



ଖୋର୍ଦ୍ଧା କୋର୍ଟ ଛକ।



ଜଟଣୀ: କୁଦିଆରୀ ମେଲଣପଡିଆରେ ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି।



ଖୋର୍ଦ୍ଧା ସମବାୟ ଛକ।



ମହାଲକ୍ଷ୍ମୀ ପରିବା ମାର୍କେଟ।



ବାପୁଜୀ ବ୍ୟବସାୟୀ ସଂଘ।



ଖୋର୍ଦ୍ଧା ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି।



ଟାଟା ଏସିଇ ଷ୍ଟାଣ୍ଡ ଛକ।



ପୁରୁଣା ମେଡିକାଲ ରୋଡ୍ ଗୋପବନ୍ଧୁ ବ୍ୟବସାୟୀ ସଂଘ।



ଜଟଣୀ ବିକାଶ ନଗର ହରିହର ଉନ୍ନୟନ ପରିଷଦ ପୂଜା କମିଟି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୦ ଅକ୍ଟୋବର, ୨୦୨୨

**ଶିଶିର ଗାଦିବ୍ରହ୍ମ ମଠର ନୂଆ ମହନ୍ତ**

ଡେଲାଙ୍ଗ,(ଡି.ଏନ୍.ଏ)- ପ୍ରସିଦ୍ଧ ବେନୁପଡ଼ା ଗାଦିବ୍ରହ୍ମ ମଠର ମହନ୍ତ ଦାଶରଥି ଦାସ ମହାରାଜଙ୍କ ଶନିବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ତାଙ୍କ ଶିଷ୍ୟ ଶିଶିର ଦାସ ନୂତନ ମହନ୍ତ ଭାବେ ଦାୟିତ୍ୱ ନେଇଛନ୍ତି । ମଠର ପାରମ୍ପରିକ ନୀତି ସମ୍ପନ୍ନ ହେବା ପରେ ମଠ ପରିସରରେ ଶେଷକୃତ୍ୟ ସମ୍ପାଦନ କରାଯାଇଥିଲା। ପୁରୀ ଜିଲାରେ ଏହି ମଠର ମାହାତ୍ମ୍ୟ ଜଗନ୍ନାଥ ମନ୍ଦିର ସହିତ ଜଡ଼ିତ ରହିଛି ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୧୦।୨୦୨୨

| | |
|---|---|
| ୫,୬୦,୧୧୫ ଟଙ୍କା | |
| ସୁନା | ୦୩ ଗ୍ରାମ |
| ରୁପା | ୮୭.୨୦୦ ଗ୍ରାମ |

# କାର୍ଯ୍ୟକାରୀ ହେଉନି ହାଇକୋର୍ଟଙ୍କ ନିର୍ଦ୍ଦେଶ

## ୧୭ ବର୍ଷ ହେଲା କ୍ରୀଡ଼ା ସଂସଦ ନିର୍ବାଚନ ହୋଇନି

- ସରୁନି ଅଡିଟ, ଅନ୍ଧାରରେ କ୍ରୀଡ଼ାବିତ୍‌ଙ୍କ ଭବିଷ୍ୟତ
- ଅଡିଟ୍, ବ୍ୟାଙ୍କ୍ ଆକାଉଣ୍ଟ ଯାଞ୍ଚ କରାଯିବ: ପ୍ରଶାସନ

**ପୁରୀ ଅଫିସ, ୯।୧୦:**

ରାଜ୍ୟ ସରକାର କ୍ରୀଡ଼ା ଭିତ୍ତିଭୂମି ଓ ଖେଳାଳିଙ୍କ ସାମଗ୍ରିକ ବିକାଶ ପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ଏହି କ୍ରମରେ ପୁରୀରେ ଅତ୍ୟାଧୁନିକ ଶ୍ରୀଜଗନ୍ନାଥ ଷ୍ଟାଡିୟମ୍ ନିର୍ମାଣ ଚାଲିଛି। ମାତ୍ର ଏପର୍ଯ୍ୟନ୍ତ ଜିଲା କ୍ରୀଡ଼ା ସଂସଦ ବ୍ୟବସ୍ଥିତ ହୋଇ ନ ଥିବାରୁ କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ୧୭ବର୍ଷ ଧରି ଜିଲା କ୍ରୀଡ଼ା ସଂସଦର ନିର୍ବାଚନ ହୋଇନାହିଁ। ଏ ସଂକ୍ରାନ୍ତ ହାଇକୋର୍ଟଙ୍କ ନିର୍ଦ୍ଦେଶ ମଧ କାର୍ଯ୍ୟକାରୀ କରାଯାଉନାହିଁ। ଫଳରେ କ୍ରୀଡ଼ାବିତମାନଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଛି। କ୍ରୀଡ଼ାବିତ୍ ଚୟନ ଓ ଭିତ୍ତିଭୂମି ପ୍ରତିଷ୍ଠା କ୍ଷେତ୍ରରେ ଅନିୟମିତତା ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଚୁପ୍ ବସିଛି।

୨୦୦୫ ମସିହା ପରଠୁ ଜିଲା କ୍ରୀଡ଼ା ସଂସଦ ନିର୍ବାଚନ ହୋଇନାହିଁ। କର୍ମକର୍ତ୍ତା ଚୟନ ହୋଇ ନ ପାରିବାରୁ ଅବ୍ୟବସ୍ଥା ଦେଖାଦେଇଛି। କେତେଜଣ ମୁଷ୍ଟିମେୟ ପୂର୍ବତନ କର୍ମକର୍ତ୍ତାଙ୍କ ଦ୍ୱାରା କ୍ରୀଡ଼ା ସଂସଦ ପରିଚାଳିତ ହେଉଛି। କ୍ରୀଡ଼ା ସଂସଦରେ ସେତେବେଳେ ୧୫୩ ଜଣ ସଦସ୍ୟ ଚୟନ ହୋଇଥିଲେ। ଇତିମଧ୍ୟରେ କୋଷାଧ୍ୟକ୍ଷଙ୍କର ମୃତ୍ୟୁ ହୋଇସାରିଲାଣି। ଏଭଳି ସ୍ଥଳେ ଆୟବ୍ୟୟ ଓ କ୍ରୀଡ଼ା ପାଣ୍ଠି କିଭଳି ପରିଚାଳିତ ହେଉଛି ତାହା ସବୁଠାରୁ ବଡ଼ ପ୍ରଶ୍ନ ପାଲଟିଛି। ସେହିଭଳି ଜିଲା କ୍ରୀଡ଼ା ସଂସଦର ସ୍ଥାୟୀ ସଭାପତି ହେଉଛନ୍ତି ଜିଲାପାଳ। ତାଙ୍କ ବ୍ୟତୀତ ଅନ୍ୟ ୨ଜଣ ସରକାରୀ ଅଧିକାରୀ ଉପସଭାପତି ଦାୟିତ୍ୱରେ ରହନ୍ତି। ଅନ୍ୟ କର୍ମକର୍ତ୍ତାମାନେ ନିର୍ବାଚିତ ହୋଇଥାନ୍ତି। ମାତ୍ର ନିର୍ବାଚନ ପାଇଁ ପ୍ରଶାସନ କାହିଁକି ପଦକ୍ଷେପ ନେଉନାହିଁ ତାହା ବୁଝାପଡୁନାହିଁ ବୋଲି କେତେଜଣ କ୍ରୀଡ଼ାବିତ କହିଛନ୍ତି। ଗତ ୧୬ବର୍ଷ ଧରି କ୍ରୀଡ଼ା ସଂସଦ ବ୍ୟାପାରର ଅଡିଟ ହୋଇ ନ ପାରିବା କାରଣରୁ ନିର୍ବାଚନ ପାଇଁ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରୁନାହିଁ ବୋଲି କୁହାଯାଉଛି। ସେହିଭଳି ସଂସଦର ଆର୍ଥିକ ପରିଚାଳନାରେ ଅନିୟମିତତା ନେଇ ବାରମ୍ବାର ଅଭିଯୋଗ ହେଉଛି। ଖେଳ ଭିତ୍ତିଭୂମି ଓ ଖେଳାଳିଙ୍କ ପାଇଁ ସରକାରୀ ଅନୁଦାନ କିଭଳି ଖର୍ଚ୍ଚ ହେଉଛି ଓ କିଏ ଏହାର ଅଡିଟ କରୁଛନ୍ତି ସେନେଇ ପାରିଦର୍ଶିତା ରହୁନାହିଁ। ଜିଲାର କ୍ରୀଡ଼ାବିତ୍‌ମାନେ ଏ ନେଇ ପ୍ରଶ୍ନ ଉଠାଇବା ସହ ସଂସଦର ନିର୍ବାଚନ କରାଯିବାକୁ ଦାବି କରୁଛନ୍ତି। ଏନେଇ ଜାତୀୟ ସ୍ତରର କୁସ୍ତିବିତ୍ ପ୍ରିୟଜିତ ମହାପାତ୍ର ୨୦୧୬ରେ ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କୁ ପକ୍ଷ କରି ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଜିଲା କ୍ରୀଡ଼ା ସଂସଦକୁ ବ୍ୟବସ୍ଥିତ କରିବା ସହ ନିର୍ବାଚନ ହେବା ପାଇଁ ଉଚ୍ଚ ନ୍ୟାୟାଳୟରେ ନିବେଦନ କରିଥିଲେ। ଏ ନେଇ ଅନେକ ଥର ଶୁଣାଣି ହୋଇଛି। ଗତ ମେ’ ମାସରେ ଶୁଣାଣି କରି ୨ମାସ ମଧ୍ୟରେ ପୁରୀ କ୍ରୀଡ଼ା ସଂସଦ ନିର୍ବାଚନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଗତ ଜୁଲାଇ ୧୧ ତାରିଖ ସୁଦ୍ଧା ସଂସଦ ସମ୍ପର୍କିତ ରିପୋର୍ଟ ଦେବାକୁ ବିଚାରପତି ଯଶୱନ୍ତ ସିଂ ଏବଂ ଏମ୍.ଏସ୍. ରମଣଙ୍କର ନିର୍ଦ୍ଦେଶ ରହିଥିଲା। ମାତ୍ର ଏହି ସମୟ ସୀମା ସରିଥିଲେ ବି କ୍ରୀଡ଼ା ସଂସଦ ନିର୍ବାଚନ ଲାଗି କ୍ଷେତ୍ର ପ୍ରସ୍ତୁତ ହୋଇପାରିନାହିଁ। ଏ ସଂକ୍ରାନ୍ତରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ କହିଛନ୍ତି, ଗତ ସପ୍ତାହରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ଅଡିଟ ପାଇଁ ତଥ୍ୟ ପ୍ରଦାନ କରାଯାଇଛି। ପ୍ରଥମେ ଅଡିଟ ହେବ ଓ ଏହାପରେ ସଦସ୍ୟତା ଯାଞ୍ଚ କରାଯିବ। ଗତ ୧୭ ବର୍ଷର ବ୍ୟାଙ୍କ୍ ରେକର୍ଡ ଯାଞ୍ଚ କରାଯିବ। ଆୟବ୍ୟୟର ହିସାବ ହେବ। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ଯାଞ୍ଚ ପ୍ରକ୍ରିୟା ସରିବା ପରେ ନିର୍ବାଚନ ଲାଗି ପ୍ରସ୍ତାବିତ ତାରିଖ ସହ ଆବଶ୍ୟକ ଦସ୍ତାବିଜ୍ ହାଇକୋର୍ଟରେ ଦାଖଲ କରାଯିବ।





ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ନେହେରୁ ଯୁବକେନ୍ଦ୍ର ଓ ସମ୍ପର୍କ ଅନୁଷ୍ଠାନର ସଦସ୍ୟମାନେ ।

## ସଂକ୍ଷେପରେ

### ନରସେବା ହିଁ ନାରାୟଣ ସେବା

ପିପିଲି,୯।୧୦(ସ୍ୱ.ପ୍ର.): ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉପଲକ୍ଷେ ପିପିଲି ଜାଗୃତି ସାଂସ୍କୃତିକ ଯୁବ ସଙ୍ଗଠନ ପକ୍ଷରୁ ଭୋଇଗୁଣ ଗ୍ରାମରେ ସେବା ଭାରତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ସେବା ସଂସ୍ଥାର ସେବା ଭାରତୀ ଆନୁକୂଲ୍ୟରେ ନରସେବା ହିଁ ନାରାୟଣ ସେବାର ବାର୍ତ୍ତା ନେଇ ସଙ୍ଗଠନର ସଦସ୍ୟମାନେ ପିଲାମାନଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସଭାପତି ପ୍ରଭାତ ମହାପାତ୍ରଙ୍କ ସଭାପତିତ୍ୱରେ ଗ୍ରାମ ପାଠାଗାରରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ସାମ୍ବାଦିକ ମନୋରଞ୍ଜନ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଗୋପବନ୍ଧୁଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ। ଅତିଥିଭାବେ ମାନସ ମହାପାତ୍ର, ଯୁବ ସଂଯୋଜକ ବାପୁ ବେହେରା, ପ୍ରଦିପ୍ତ ଘଡେଇ, ଗଦାଧର ସ୍ୱାଇଁ, ପ୍ରଭୁ ପ୍ରସାଦ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଦସ୍ୟ ରଘୁନାଥ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମାଧବ ବେହେରା ଧନ୍ୟବାଦ ଦେଇଥିଲେ।

### ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ପିପିଲି,୯।୧୦(ସ୍ୱ.ପ୍ର.): ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉପଲକ୍ଷେ ରଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ପିପିଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପୁରୀ ଜିଲା ସେବା ପ୍ରମୁଖ ବଂଶୀଧର ସାହୁଙ୍କ ନେତୃତ୍ୱରେ ହୋଇଥିବା ବେଳେ ଏଥିରେ ଡା. ଜିତେନ୍ଦ୍ର ଦାନିଶ, ତପନ କୁମାର ସାମଲ, ଐଶ୍ୱର୍ଯ୍ୟା ମିଶ୍ର, ଅଙ୍କିତା ଦାଶ, ଅଭିଜିତ ଖାଡେଙ୍ଗା, ଆକାଂକ୍ଷା ସାହୁ , ଆକାଂକ୍ଷା ସାମନ୍ତରାୟ , ଶରତ କୁମାର ବେହେରା, ପରମଜିତ କର, ସୁନିଲ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ। ଶିବିରରେ ପ୍ରାୟ ଦୁଇଶହରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଥିଲା। ରଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପିପିଲି ଶାଖାର ସେବା ପ୍ରମୁଖ ପ୍ରଦୀପ୍ତ କୁମାର ଘଡେଇ, ଗଙ୍ଗାଧର ନାୟକ, ସଞ୍ଜୀବ କୁମାର ସେଠୀ, ସୁଜିତ ବାରିକ, ଅଭିଜିତ ବେହେରା, କାର୍ତ୍ତିକେଶ୍ୱର ପ୍ରଧାନ, ଅମିତ ସାହୁ, ମାନସ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବିଭିନ୍ନ ସ୍ଥାନରେ ଗୋପବନ୍ଧୁ ଜୟନ୍ତୀ

**ପିପିଲି, ୯।୧୦(ଡି.ଏନ୍.ଏ./ସ୍ୱ.ପ୍ର.):**

ସାମାଜିକ ଅନୁଷ୍ଠାନ ଜନସ୍ୱାର୍ଥ ସୁରକ୍ଷା ସମିତି ପକ୍ଷରୁ ପିପିଲି ଦାଣ୍ଡମୁକୁନ୍ଦପୁରଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ରବିବାର ସକାଳେ ଦାଣ୍ଡମୁକୁନ୍ଦପୁରସ୍ଥିତ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସମିତିର ସଂଯୋଜକ ସନ୍ତୋଷ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ଯୋଗଗୁରୁ ବଂଶୀଧର ସାହୁ ଗୋପବନ୍ଧୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ର, ବନବିହାରୀ ପଣ୍ଡା, ଶିକ୍ଷାବିତ୍ ପ୍ରସନ୍ନ ଦାସ, ବଂଶୀଧର ଦାସ, ଚିତ୍ତରଞ୍ଜନ ସାହୁ, ରଣଜିତ ପଣ୍ଡା, ରଜନୀକାନ୍ତ ପଣ୍ଡା, ପ୍ରଭାକର ସେଠୀ, ପ୍ରଭାତ ମହାପାତ୍ର, ପ୍ରଭାତ ବେହେରା, ଅଶୋକ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଗୋପବନ୍ଧୁଙ୍କୁ ମରଣୋତ୍ତର ଭାରତ ରତ୍ନ ପ୍ରଦାନ କରାଯିବା ଏବଂ ପଟ୍ଟନାଇକିଆ ଛକଠାରୁ ସୁଆଣ୍ଡୋ ପର୍ଯ୍ୟନ୍ତ ରାସ୍ତାକୁ ଗୋପବନ୍ଧୁ ମାର୍ଗ ନାମରେ ନାମିତ କରାଯିବାକୁ ସନ୍ତୋଷ କୁମାର ମିଶ୍ର ଦାବି କରିଥିଲେ। ସେହିପରି ଅବସରପ୍ରାପ୍ତ ଯନ୍ତ୍ରୀ ଇଂ. ରମେଶ ଚନ୍ଦ୍ର ଶତପଥୀ, ଲାଲା ବ୍ରଜବିହାରୀ ପ୍ରସାଦ ରାୟ, ସଞ୍ଜୟ ଘଡେଇ ପ୍ରମୁଖ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସମୂହ ଦୀପଦାନ କରିଥିଲେ।



ପୁରୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି ।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ

**ପୁରୀ ଅଫିସ, ୯।୧୦:**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ପ୍ରଣବ ଶଙ୍କର ଦାସ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜନସେବା କରିବା ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ମଞ୍ଚର ସଭାପତି କାର୍ତ୍ତିକ ଦାସ ପରାମର୍ଶ ଦେଇଥିଲେ। ମଞ୍ଚର ସମ୍ପାଦକ ଦେବେନ୍ଦ୍ର ଦାସ, ଗୋଲକ ଚନ୍ଦ୍ର ଜେନା, ବଟକୃଷ୍ଣ ସ୍ୱାଇଁ, ସନ୍ତୋଷ ମହାନ୍ତି, ଶରତ କୁମାର ସାହୁ, ତ୍ରିବିକ୍ରମ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ପିପିଲି ଦାଣ୍ଡମୁକୁନ୍ଦପୁରଠାରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

## ୭ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ୩ ଗିରଫ

### କାର, ବାଇକ୍, ଟଙ୍କା ଓ ମୋବାଇଲ ଜବତ

**ଗୋପ, ୯।୧୦(ଡି.ଏନ୍.ଏ):**

ଗୋପ-କୋଣାର୍କ ରାସ୍ତା ବିଶରପୁର ନିକଟରୁ ପୋଲିସ ଏକ କାର୍‌ରୁ ୭ଲକ୍ଷ ୩୦ ହଜାର ଟଙ୍କାର ବ୍ରାଉନସୁଗାର ଜବତ କରିଛି। ଏଥିସହିତ ୩ଜଣ ବେପାରୀଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ୧୭ ହଜାର ଟଙ୍କା, କେତେକ ମୋବାଇଲ, ଗୋଟିଏ ମୋଟର ସାଇକେଲ ଜବତ କରାଯାଇଛି।

ପ୍ରକାଶଯୋଗ୍ୟ, କିଛିଦିନ ଧରି ଗୋପ, କୋଣାର୍କ ଥାନା ଅଞ୍ଚଳରେ ରାଜ୍ୟ ବାହାରୁ କେତେକ ବେପାରୀ ବ୍ରାଉନସୁଗାର ଆଣି ବିକ୍ରି କରୁଥିବା ଅଭିଯୋଗ ହୋଇଆସୁଥିଲା। ରବିବାର ଗୋପ ଥାନା ଅଧିକାରୀ ସୁନିଲ କୁମାର ପ୍ରଧାନ ବିଶରପୁର ନିକଟରେ ଜଗି ରହିଥିଲେ। ଭୁବନେଶ୍ୱର ରାସ୍ତାରେ ଓଆର୍‌୦୫ଏଟି-୬୦୪୪ ନମ୍ବର ବିଶିଷ୍ଟ କାର୍‌ରେ ୩ ଜଣ ବ୍ରାଉନସୁଗାର ନେଇ ଆସୁଥିବା ଖବର ପାଇ କାର୍‌କୁ ଅଟକାଇଥିଲେ। ସେମାନେ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ସେମାନଙ୍କୁ ମାଡ଼ିବସିଥିଲା। କୋଣାର୍କ ଥାନା ଅନ୍ତର୍ଗତ ମାଙ୍କଡଗୋରଡି ଗ୍ରାମର ଦିଲୀପ ପ୍ରଧାନ, ଜୁଣେଇ ଗ୍ରାମର ଦିଲୀପ କାଣ୍ଡି ଓ ଅନସରା ଗ୍ରାମର ପ୍ରଭାତ ସେଠଙ୍କୁ ଗିରଫ କରିଥିଲା। ଗୋପ ପୋଲିସ ୩୧୭/୨୨ରେ ଏକ ମାମଲା ରୁଜୁ କରିବା ସହିତ ସେମାନଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବା ପରେ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।



ପୋଲିସ ଦ୍ୱାରା ଗିରଫ ୩ ଅଭିଯୁକ୍ତ ।



ଜବତ ବାଇକ୍ ଓ କାର ।

## ମା’ ଗଜଲକ୍ଷ୍ମୀଙ୍କ ଆରାଧନା

**ପୁରୀ ଅଫିସ, ୯।୧୦:**

ଶ୍ରୀକ୍ଷେତ୍ରରେ ରବିବାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଛି। ସହରର ବିଭିନ୍ନ ସ୍ଥାନରେ ମା’ଙ୍କ ଆରାଧନା କରାଯାଉଥିବା ଦେଖିବାକୁ ମିଳିଛି। ଦୁଇବର୍ଷ ପରେ ଚଳିତ ବର୍ଷ ବିନା କୋଭିଡ କଟକଣାରେ ଧୁମ୍‌ଧାମରେ ପୂଜା ପାଳନ କରାଯାଉଛି। ପୁରୀର ବିଭିନ୍ନ ସାହି, ବିଭିନ୍ନ ଛକ ସମେତ ତ୍ରିଶକ୍ତି କ୍ଲବରେ ମା’ଙ୍କ ପୂଜାର୍ଚ୍ଚନା ଚାଲିଛି। ସହରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ସେହିପରି କୁମାର ପୂର୍ଣ୍ଣିମା ପାଇଁ ସହର ଚଳଚଞ୍ଚଳ ହୋଇପଡ଼ିଛି। କୁମାରୀମାନେ ନୂଆ ପୋଷାକ ପିନ୍ଧି ଚାନ୍ଦ ବନ୍ଦାପନା କରିଥିଲେ।

## ମହମ୍ମଦଙ୍କ ଜୟନ୍ତୀରେ ଜୁଲୁସ ଶୋଭାଯାତ୍ରା

**ପିପିଲି,୯।୧୦(ଡି.ଏନ୍.ଏ.):**

ମହମ୍ମଦଙ୍କ ଜୟନ୍ତୀ ଅବସରରେ ପିପିଲିରେ ଜୁଲୁସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପିପିଲି ଏନ୍‌ଏସି ଅନ୍ତର୍ଗତ ନରସିଂହପୁର ସାହି ମସଜିଦରେ ନମାଜ ପାଠ ସରିବା ପରେ ଜୁଲୁସ ଶୋଭଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ପ୍ରମୁଖ ଯୋଗଦେଇଥିଲେ। ଏହି ଶୋଭାଯାତ୍ରା ପିପିଲି ବଜାର ଦେଇ ଭବାନୀପୁର, ଜଟଣୀ ଛକ, କଲେଜ ଛକ ପରିକ୍ରମା କରିଥଲା। ପରେ ପିପିଲି-ଜଟଣୀ ଛକରେ ମସ୍ତ ମସ୍ତାନାବାବା ମସଜିଦର ଜୁଲୁସ ଏଥିରେ ସାମିଲ ହୋଇଥିଲେ। ମୌଲାନା ତକଲିମ, ହିସାଉଦ୍ଦିମ ପ୍ରମୁଖ ଯୋଗଦେଇ ମହମ୍ମଦଙ୍କ ଜନ୍ମଦିନ ଉପରେ ସାରଗର୍ଭକ ସୂଚନା ଦେଇଥିଲେ। ପରେ ନରସିଂହପୁର ସାହି ମସଜିଦ୍ ଠାରେ ଶୋଭାଯାତ୍ରା ଶେଷ ହୋଇଥିଲା। କରୋନା କଟକଣା ହଟିବା ପରେ ଜୁଲୁସ ଶୋଭାଯାତ୍ରା ପାଇଁ ମୁସଲମାନ ଭାଇଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା।



ଜୁଲୁସ ଶୋଭାଯାତ୍ରାରେ ସାମିଲ ଥିବା ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଏବଂ ଅନ୍ୟମାନେ ।

## ‘ଗୋପବନ୍ଧୁ ଆମ ଜାତି, ସ୍ୱାଭିମାନର ପ୍ରତୀକ’

### ଜିଲାସ୍ତରୀୟ ଜୟନ୍ତୀ ପାଳିତ

**ପୁରୀ, ୯।୧୦:**

ପୁରୀ ଜିଲା ପ୍ରଶାସନ ପକ୍ଷରୁ ରବିବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ସିଂହଦ୍ୱାରଠାରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ନେହେରୁ ଯୁବ କେନ୍ଦ୍ର ସଂଯୋଜକ ଜୟଶଙ୍କର ଜୋଶୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ବରିଷ୍ଠ ନାଗରିକ ବୃନ୍ଦ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ପ୍ରମୁଖ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଜିଲା ପ୍ରଶାସନ ପକ୍ଷରୁ ସାକ୍ଷୀଗୋପାଳ ବସଷ୍ଟାଣ୍ଡ ନିକଟ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି, ବକୁଳବନରେ ଥିବା ପ୍ରତିମୂର୍ତ୍ତି, ସ୍ମୃତିସ୍ତମ୍ଭ, ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖ ଏବଂ କାଦୁଆ ଆଶ୍ରମସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସୁଆଣ୍ଡୋସ୍ଥିତ ଗୋପବନ୍ଧୁଙ୍କ ଜନ୍ମପୀଠ ଷଠିଘର ଓ ମନ୍ଦିର ନିକଟ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଏହି ଉପଲକ୍ଷେ ସୁଆଣ୍ଡୋଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଗୋପବନ୍ଧୁ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଦିଲୀପ କୁମାର ମହାପାତ୍ର ଯୋଗ ଦେଇ ଗୋପବନ୍ଧୁ ଆମ ଜାତି, ଭାଷା ଏବଂ ସ୍ୱାଭିମାନର ପ୍ରତୀକ ବୋଲି କହିବା ସହ ତାଙ୍କ ପରୋପକାର ଓ ସେବା ସବୁଦିନ ପାଇଁ ଆମକୁ ପ୍ରେରଣା ଦେଉଥିବ ବୋଲି ପ୍ରକାଶ କରିଥିଲେ। ଗୋପବନ୍ଧୁ ସ୍ମୃତି ପରିଷଦର ସଭାପତି ଧୀରେନ୍ଦ୍ର ନାଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ତହସିଲଦାର ଜୟନ୍ତ ଜୟସିଂହ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଗୋପବନ୍ଧୁ ସ୍ମୃତି ପରିଷଦର ସଦସ୍ୟ ଦେବେନ୍ଦ୍ର ନାଥ ଦାସ, ଅନ୍ୟ ସଦସ୍ୟ, ଶିକ୍ଷାବିତ, ବୁଦ୍ଧିଜୀବୀ, ଲୋକ ପ୍ରତିନିଧି, ଛାତ୍ରୀଛାତ୍ର ଓ ଜନସାଧାରଣ ଉପସ୍ଥିତ ଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



ପ୍ରଶାସନ ପକ୍ଷରୁ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

## ଗୋପବନ୍ଧୁଙ୍କ ସତ୍ୟନିଷ୍ଠ ସାଧନା ଅବିସ୍ମରଣୀୟ





କଂଗ୍ରେସ ପକ୍ଷରୁ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭା ଓ ବିଜେଡି ପକ୍ଷରୁ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ।

**ସାକ୍ଷୀଗୋପାଳ, ୯।୧୦(ଡି.ଏନ.ଏ/ସ୍ୱ.ପ୍ର):**

ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ପୂଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୫ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ସତ୍ୟବାଦୀରୁ ଜନ୍ମପୀଠ ସୁଆଣ୍ଡୋ ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନଙ୍କ ସଭା, ସମାବେଶ, ଶୋଭାଯାତ୍ରାକୁ ନେଇ ଚଳଚଞ୍ଚଳ ହୋଇଉଠିଥିଲା। ସୁଆଣ୍ଡୋ ସ୍ଥିତ ଗୋପବନ୍ଧୁଙ୍କ ଷଠିଘରେ, ସ୍ମୃତିମଣ୍ଡପ, ସଂକଳ୍ପ ପୀଠ, କାଦୁଆ ଆଶ୍ରମ, ବସଷ୍ଟାଣ୍ଡ ପଞ୍ଚସଖା, ସାକ୍ଷୀଗୋପାଳ ମନ୍ଦିର, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ସାକ୍ଷୀଗୋପାଳ କଲେଜ, ବିଭିନ୍ନ ବିଦ୍ୟାଳୟ, ସାରଙ୍ଗଯୋଡିରେ ପୂଣ୍ୟାତ୍ମାଙ୍କ ପ୍ରତିମୂର୍ତ୍ତି, ସମାଧିପୀଠ ଓ ଶେଷନିଶ୍ୱାସ ତ୍ୟାଗ ପୀଠରେ ମାଲ୍ୟାର୍ପଣ କରି ଲୋକେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଓଡ଼ିଶାର ଶିକ୍ଷା, ସଂସ୍କାର, ଜାତୀୟତା ଆନ୍ଦୋଳନ ଓ ମାନବିକ ମୂଲ୍ୟବୋଧ ଦିଗରେ ଗୋପବନ୍ଧୁଙ୍କ ସତ୍ୟନିଷ୍ଠ ସାଧନା ଅବିସ୍ମରଣୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଗୋପବନ୍ଧୁ ଜୟନ୍ତୀ ଉପଲକ୍ଷେ ସତ୍ୟବାଦୀ ବିଜୁ ଜନତା ଦଳ ପକ୍ଷରୁ ବକୁଳବନଠାରୁ ସୁଆଣ୍ଡୋ ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା କରିଥିଲା। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପିପିଲି ବିଧାୟକ ରୁଦ୍ର ମହାରଥୀ, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଉପାଧ୍ୟକ୍ଷା ନିବେଦିତା ପାତ୍ର, ଜିଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ, ବିଜେଡି ବ୍ଲକ ସଭାପତି ପ୍ରମୋଦ କୁମାର ରାଉତରାୟ, ଯୁବ ସଭାପତି ଶରତ ରାଉତରାୟ ପ୍ରମୁଖ ସାମିଲ ହୋଇଥିଲେ। ବରାଳ ଗ୍ରାମରେ ରାଜ୍ୟ ପର୍ଯ୍ୟଟନ ବିଭାଗର ଏକ ସ୍ୱାଗତ ତୋରଣ ବିଧାୟକ ଉଦଘାଟନ କରିଥିଲେ। ସେହିପରି ଭାଜପା ପକ୍ଷରୁ ଏକ ବାଇକ ରାଲି ସୁଆଣ୍ଡୋ ଯାତ୍ରା କରିଥିଲା। ଓମ ପ୍ରକାଶ ମିଶ୍ର, ଜିଲା ପରିଷଦ ସଭ୍ୟା, ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଓ ପାର୍ଟିର କର୍ମକର୍ତ୍ତା ଯୋଗଦେଇଥିଲେ। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ସମାଧିପୀଠରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। କାଦୁଆ ଆଶ୍ରମରେ ଭାରତ ବିକାଶ ପରିଷଦ, ସତ୍ୟବାଦୀ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ, ଚିତ୍ରାଙ୍କନ, କବିତା ଆସର, ଚାରା ରୋପଣ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ, ସମ୍ମାନିତ ଅତିଥି ଭାବରେ ସାମାଜିକ କର୍ମୀ ଜୟଶ୍ରୀ ମହାପାତ୍ର, ବଦ୍ରି ମିଶ୍ର ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ଅତିରିକ୍ତ ଜିଲାପାଳ ଦିଲ୍ଲୀପ କୁମାର ମହାପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବିଡିଓ ଜୟନ୍ତ କୁମାର ଜୟସିଂ, ଏବିଡିଓ ଅରକ୍ଷିତ ପ୍ରଧାନ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ସତ୍ୟବାଦୀ ବିକାଶ ପରିଷଦ ସଭାପତି ଗୁଣ୍ଡିଚା ବରାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜୟନ୍ତ ହୋତା, ପୂର୍ବତନ ସରପଞ୍ଚ ସୁବାଷ ମହାପାତ୍ର, କାହ୍ନୁ ଚରଣ ପ୍ରଧାନ, ଆଡ଼ଭୋକେଟ ଶୁଶାନ୍ତ କୁମାର ରଥ, ବିଶ୍ୱଜିତ ଶତପଥି, ଅମର ନନ୍ଦ, ଉପେନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ନାଥ ଦାସ, ଗୋବିନ୍ଦ ମହାପାତ୍ର, କୃଷ୍ଣ ଜଗଦେବ, ମାନସ ପଟ୍ଟନାୟକ ଓ ରବୀନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ବୋଲଗଡ଼,୯।୧୦(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧୀନ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ରାଜସୁନାଖଳା ବସ୍‌ଷ୍ଟାଣ୍ଡ ନିକଟରେ ଶନିବାର ଘଟିଥିବା ଦୁର୍ଘଟଣାରେ ଆହତ ହୋଇଥିବା ଶ୍ରୀଧର ରାଉତ(ଫୁପୁ) (୨୮)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଫୁପୁ ବାଇକ୍‌ରେ ଅନ୍ୟ ଜଣଙ୍କୁ ବସାଇ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ବେଳେ ବିପରୀତ ପଟୁ ଆସୁଥିବା ଏକ ବୋଲେରୋ ସହ ଧକ୍କା ହୋଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବଢୁଛି ଚୋରି, ଦୁର୍ବୃତ୍ତଙ୍କ ଟେର୍ ପାଉନି ପୋଲିସ

ବାଲୁଗାଁ,୯।୧୦(ଡି.ଏନ୍.ଏ.): ବାଲୁଗାଁ ହାଇସ୍କୁଲ ରୋଡ୍‌ସ୍ଥିତ ଜେନା କଲୋନୀର ଦୁଇ ଘରୁ ଚୋରି ହୋଇଥିବା ନେଇ ରବିବାର ବାଲୁଗାଁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଚଳାଇଛି। ଏହି କଲୋନୀରେ ଦିନକୁ ଦିନ ଚୋରି ବଢ଼ିଚାଲିଥିବା ବେଳେ ଦୁର୍ବୃତ୍ତଙ୍କ ଟେର୍ ପାଇପାରୁନାହିଁ ପୋଲିସ। ଯାହାକୁ ନେଇ କଲୋନୀ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ଜେନା କଲୋନୀରେ ଅବସ୍ଥାପିତ ପର୍ଶୁରାମ ବରାଳ ଓ ପଡ଼ୋଶୀ ଆଦର୍ଶ ପାଇକରାୟ କିଛିଦିନ ହେବ ସପରିବାର ଘରେ ଅନୁପସ୍ଥିତ ଥିଲେ। ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଶନିବାର ରାତିରେ ମୁଖ୍ୟ ଫାଟକ ତାଲା ଭାଙ୍ଗି ଘରେ ପଶିଥିଲେ। ଆଦର୍ଶଙ୍କ ଘରୁ ମୂଲ୍ୟବାନ ସାମଗ୍ରୀ ଚୋରି କରିବାରେ ବିଫଳ ହୋଇଥିବା ବେଳେ ପର୍ଶୁରାମଙ୍କ ଆଲମିରା ଭାଙ୍ଗି ୪ ଭରିର ସୁନା ଅଳଙ୍କାର ଓ ୨ ହଜାର ଟଙ୍କା ନେଇଯାଇଛନ୍ତି। ପ୍ରକାଶ ଯେ, ଗତ ଜୁନ ମାସରେ ଏହି କଲୋନୀରୁ ଅନୁରୂପ ଭାବେ ପରିବାର ଲୋକଙ୍କ ଅନୁପସ୍ଥିତିରେ ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ଓ ଟଙ୍କା ଚୋରି ହୋଇଥିଲା। ଅଦ୍ୟାବଧି ପୋଲିସ୍ ଦୁର୍ବୃତ୍ତଙ୍କ ଟେର୍ ପାଇନଥିବା ବେଳେ ପୁଣି ଚୋରିକୁ ନେଇ କଲୋନୀ ବାସିନ୍ଦା ଭୟଭୀତ ହୋଇପଡ଼ିଛନ୍ତି।

### ସାହିତ୍ୟ ଆସର

ଜଟଣୀ,୯।୧୦ (ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବିକାଶନଗରସ୍ଥିତ ଓଡ଼ିଶା ଭାଷା ସଂରକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଗୋପବନ୍ଧୁ ଓ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିପିନ ବିହାରୀ ପାଠାଗାର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିପିନ ବିହାରୀ ମହାନ୍ତି ପୌରୋହିତ୍ୟ କରିଥିଲେ। ଏହି ଅବସରରେ କବି ଏବଂ କବୟିତ୍ରୀ ମହାପୁରୁଷମାନଙ୍କ ନୀତି ଆଦର୍ଶ, ବାଣୀ ଏବଂ ସେବା ଉପରେ ଆଲୋକପାତ କରିଥିଲେ। କୁମର ମୋହନ ମହାନ୍ତି, ରଶ୍ମିତା ନାୟକ, ସୁଦର୍ଶନ ମହାପାତ୍ର, ଗଜେନ୍ଦ୍ର ପ୍ରସାଦ ନାୟକ, ପ୍ରଭାତ କୁମାର ସାହୁ, ପଦ୍ମାଳୟା ପାଣିଗ୍ରାହୀ ପ୍ରମୁଖ ସ୍ୱରଚିତ କବିତା ଓ ପ୍ରବନ୍ଧ ପାଠ କରିଥିଲେ। ବିପିନ ବିହାରୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଫାଇଲ ଖୋଲିବାକୁ ଅଧିକାରୀ ଅନିଚ୍ଛୁକ

ଖୋର୍ଦ୍ଧା ଅଫିସ,୯।୧୦

**ସ୍ତ୍ରୀ ତଣ୍ଟି କାଟି ହତ୍ୟା ଘଟଣାକୁ ବର୍ଷେ**

- ଫେରାର ଅଭିଯୁକ୍ତ ସ୍ୱାମୀଙ୍କ ପତ୍ତା ମିଳୁନି
- ମାମଲା ସତ୍ତ୍ୱେ ତଦନ୍ତ ଢିଲା

ଖୋର୍ଦ୍ଧା ଆଦର୍ଶ (ଟାଉନ) ଥାନା ଅଧୀନ ଗୁରୁଜଙ୍ଗରେ ୨୦୨୧ ଅକ୍ଟୋବର ୯ ତାରିଖ ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଥିଲା। ଶ୍ୱଶୁର ଘରେ ସ୍ତ୍ରୀଙ୍କ ତଣ୍ଟି କାଟି ହତ୍ୟା କରିବା ପରେ ସ୍ୱାମୀ ଫେରାର ହୋଇଯାଇଥିଲେ। ଏହି ଘଟଣା ସେତେବେଳେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଦିନରାତି ଏକ କରିଦେଇଥିଲା। ସେହି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ, ସାହିପଡ଼ିଶା ଲୋକଙ୍କ ବୟାନ ରେକର୍ଡ ଓ ସାଇଣ୍ଟିଫିକ ଟିମ୍ ଦ୍ୱାରା ଅନୁସନ୍ଧାନ ସତ୍ତ୍ୱେ ପୋଲିସ ହାତରେ କୌଣସି ସୁରାକ ଲାଗି ନ ଥିଲା। ରବିବାର ଏହି ହତ୍ୟାକାଣ୍ଡକୁ ଏକବର୍ଷ ପୂରିଛି। ତେବେ ଏପର୍ଯ୍ୟନ୍ତ ପୋଲିସ ଫେରାର ଅଭିଯୁକ୍ତଙ୍କ ସନ୍ଧାନ ପାଇପାରିନାହିଁ। ସେହି ସମୟରେ କାର୍ଯ୍ୟରତ ଥିବା ଥାନାଧିକାରୀ ଓ ସଦର ଏସ୍‌ଡିପିଓଙ୍କର ଇତିମଧ୍ୟରେ ଅନ୍ୟତ୍ର ବଦଳି ହୋଇଯାଇଛି। ନୂତନ ଥାନାଧିକାରୀ ଓ ନୂତନ ଏସ୍‌ଡିପିଓ କାର୍ଯ୍ୟରେ ଯୋଗଦେଇ ସାରିଛନ୍ତି। ମାତ୍ର କେହି ଏହି ମାମଲାକୁ ଆଉ ଆଗକୁ ନେଉନାହାନ୍ତି। ଫଳରେ ମାମଲାଟି ଫାଇଲ ତଳେ ଚପିଯାଇଥିବାବେଳେ ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ୨୦୦୫ରେ ଗୁରୁଜଙ୍ଗର ବ୍ୟବସାୟୀ କାର୍ତ୍ତିକ ପ୍ରଧାନଙ୍କୁ ଇନ୍ଦିରା ପ୍ରେମ ବିବାହ କରିଥିଲେ। ଇନ୍ଦିରାଙ୍କ ପରିବାର ଗୁରୁଜଙ୍ଗ ପତିତପାବନ ଛକରେ ଭଡ଼ା ଘରେ ରହୁଥିଲେ। ଏହି ଦମ୍ପତିଙ୍କର ଏକ ପୁଅ ରହିଛି। ତେବେ ପାରବାରିକ ଅଶାନ୍ତି ଲାଗିରହିବାରୁ ପୁଅ ସହ ଇନ୍ଦିରା ବାପଘରକୁ ଚାଲିଆସିଥିଲେ। କାର୍ତ୍ତିକ ଅନ୍ୟ ସ୍ଥାନରେ ଘରଭଡ଼ା ନେଇ ରହୁଥିଲେ। ହତ୍ୟାକାଣ୍ଡର ସପ୍ତାହେ ତଳେ ସେ ଶ୍ୱଶୁର ଘରକୁ ଆସି ରହିଥିଲେ। ଇନ୍ଦିରାଙ୍କୁ ଜୀବନରୁ ମାରିଦେବା ପାଇଁ କାର୍ତ୍ତିକ ପୂର୍ବରୁ ଯୋଜନା କରିଥିଲେ। ଘଟଣା ରାତିରେ ସେ ଘର ଭିତର କାନ୍ଥକୁ ଲାଗି ଏକ ଶିଢ଼ି ଆଣି ପକାଇଥିଲେ। ରାତିରେ ଖିଆପିଆ ସରିବାପରେ ପରିବାରଲୋକେ ଶୋଇଯାଇଥିଲେ। କାର୍ତ୍ତିକ ଓ ଇନ୍ଦିରା ଏକାକୀ ଗୋଟିଏ ରୁମ୍‌ରେ ଶୋଇଥିଲେ। ରାତି ପ୍ରାୟ ସାଢେ ଗୋଟାଏ ବେଳେ କାର୍ତ୍ତିକ ଏକ ଧାରୁଆ ଅସ୍ତ୍ରରେ ଇନ୍ଦିରାଙ୍କ ବେକକୁ କାଟି ଅତି ନୃଶଂସ ଭାବେ ହତ୍ୟା କରିଥିଲେ। ପରେ ସେଠାରୁ ଶିଢି ବାଟ ଦେଇ ବାହାରକୁ ଆସି ଗୁରୁଜଙ୍ଗ ମେଲଣ ପଡ଼ିଆରେ ରହୁଥିବା ନିଜ ଘରକୁ ଯାଇ ସାନଭାଇକୁ ବାଇକ ମାଗିଥିଲେ। ବିଳମ୍ବିତ ରାତିରେ ବାଇକ କଣ ଦରକାର, କୁଆଡେ ଯିବାକୁ ବାହାରିଛ ବୋଲି ସାନଭାଇ ପଚାରିବାରୁ ସେ କିଛି ନ କହି ଦୌଡ଼ି ଚାଲିଯାଇଥିଲେ। ସାନଭାଇର ସନ୍ଦେହ ହେବାରୁ ସେ ପତିତପାବନ ଛକରେ ରହୁଥିବା ଇନ୍ଦିରାଙ୍କ ଘରକୁ ଆସି ତାଙ୍କ ଘରଲୋକଙ୍କୁ ଡାକିଥିଲେ। ସେମାନେ କବାଟ ଖୋଲିବାରୁ ଭାଉଜ କେଉଁଠି କହି ଘର ଭିତରେ ପଶି ଦେଖିବା ବେଳକୁ ବେଡ୍‌ରୁମରେ ଇନ୍ଦିରାଙ୍କ ମୃତଦେହ ପଡ଼ିରହିଥିଲା। ବେଡ୍‌ଶିଟ୍ ସାରା ରକ୍ତଛିଟା ପଡ଼ିଥିଲା। ତାଙ୍କ ବେକକୁ ଅତି ନୃଶଂସ ଭାବେ କଟାଯାଇଥିଲା। ପରିବାର ଲୋକେ ତୁରନ୍ତ ପୋଲିସକୁ ଖବର ଦେଇଥିଲେ। ଟାଉନ ଥାନା ପୋଲିସ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଇନ୍ଦିରାଙ୍କୁ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

**ରହସ୍ୟ ଘେରରେ ତଦନ୍ତ**

ତତ୍କାଳୀନ ସଦର ଏସ୍‌ଡିପିଓ ସୁଶିଲ କୁମାର ମିଶ୍ର ଓ ଟାଉନ ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ସମେତ ଏକ ସାଇଣ୍ଟିଫିକ ଟିମ୍ ଘଟଣାର ଅନୁସନ୍ଧାନ ଆରମ୍ଭ କରିଥିଲେ। ମୃତାଙ୍କ ମାମୁ କୈଳାସ ହରିଚନ୍ଦନଙ୍କ ଅଭିଯୋଗ କ୍ରମେ ପୋଲିସ ହତ୍ୟା ମାମଲା ରୁଜୁ କରି ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଥିଲା। ତେବେ ତଦନ୍ତ କେଉଁ ବାଟରେ ଗଲା, ଫେରାର ଅଭିଯୁକ୍ତ କୁଆଡ଼େ ଗଲେ, ମାମଲାକୁ ବନ୍ଦ କରି ଦିଆଯାଇଛି ନା ତଦନ୍ତ ଜାରି ରହିଛି ତାହା ଏବେ ରହସ୍ୟ ଘେରରେ।

**ପୋଲିସ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ**

ଏହି ହତ୍ୟାକାଣ୍ଡ ସମ୍ପର୍କରେ ପୋଲିସ ମୁହଁ ଖୋଲିବାକୁ ନାରାଜ। ପଚାରିଲେ କହୁଛି, ପୁରୁଣା କଥାକୁ କାହିଁକି ଉଖାରୁଛନ୍ତି? ଅଭିଯୁକ୍ତ ଫେରାର ଅଛନ୍ତି ଓ ସମୟ ଆସିଲେ ତାଙ୍କୁ ଗିରଫ କରାଯିବ ବୋଲି ପୋଲିସ କହି ପ୍ରସଙ୍ଗକୁ ଏଡ଼ାଇ ଯାଉଛି। ତେବେ ଘଟଣାର ଏକବର୍ଷ ପରେ ବି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବାରୁ ଖୋର୍ଦ୍ଧା ପୋଲିସର କାର୍ଯ୍ୟଦକ୍ଷତା ଉପରେ ଅଙ୍ଗୁଳି ଉଠୁଛି।

### କାର୍ ଧକ୍କାରେ କଦଳୀ ଟ୍ରଲି ଚୂରମାର୍, ବେପାରୀ ମୃତ

ଭୁବନେଶ୍ୱର,୯।୧୦(ବ୍ୟୁରୋ)

କୁମାର ପୂର୍ଣ୍ଣିମାରେ ଭଲ ବେପାର ହେବ ବୋଲି ଭୋର୍‌ରୁ ଘରୁ ଟ୍ରଲି ଧରି ବାହାରିଥିଲେ କଦଳି ବେପାରି ଭଜମନ ସାହୁ। ହେଲେ ଛକରେ ଛକିଥିଲା ମୃତ୍ୟୁ। ଗ୍ରାହକଙ୍କୁ ଅପେକ୍ଷା କରିଥିବାବେଳେ ହଠାତ୍ ଯମ ରୂପରେ ଦ୍ରୁତଗତିରେ ମାଡ଼ି ଆସିଥିଲା କାର୍। କିଛି ବୁଝିବା ପୂର୍ବରୁ କାର୍ ଧକ୍କାରେ କଦଳି ଭର୍ତ୍ତି ଟ୍ରଲି ଚୁରମାର୍ ହୋଇଯାଇଥିବାବେଳେ ଭଜମନ ରାସ୍ତାରେ ଛିଟିକି ପଡିଥିଲେ। ଆଉ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ସକାଳ ପ୍ରାୟ ୬ଟାରେ ଭୁବନେଶ୍ୱର କଳ୍ପନା ଛକରେ ଘଟିଥିଲା ଏହି ମର୍ମନ୍ତୁଦ ଦୁର୍ଘଟଣା। ଏଥିରେ କୁଳମଣି ରାଉତ ନାମକ ଜଣେ ଗ୍ରାହକ ମଧ୍ୟ ଆହତ ହୋଇଛନ୍ତି। ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲକ୍ଷ୍ମୀସାଗର ଥାନା ପୋଲିସ ପହଞ୍ଚି ମୃତ ଭଜବନ ଓ ଆହତ କୁଳମଣିଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ପୋଲିସ ଅଭିଯୁକ୍ତ କାର୍ ଚାଳକ ଶହୀଦନଗର ଅଞ୍ଚଳର ଶାଶ୍ୱତ ମହାପାତ୍ରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ମୃତ ବ୍ୟବସାୟୀ ଭଜମନଙ୍କ ଘର ଢେଙ୍କାନାଳ ଜିଲା ବାଙ୍ଗୁର ସିଂ ଅଞ୍ଚଳରେ ବୋଲି ଜଣାପଡିଛି।

## ଭାଇଚାରା, ସମ୍ପର୍କକୁ ନିବିଡ଼ କରେ ସାହିତ୍ୟ



ମନୁଆ ସାହିତ୍ୟ ସଂସଦର ୭ମ ବାର୍ଷିକୋତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବେଗୁନିଆ,୯।୧୦(ଡି.ଏନ୍.ଏ.)

**ମନୁଆ ସାହିତ୍ୟ ସଂସଦର ୭ମ ବାର୍ଷିକୋତ୍ସବ**

କୁମାର ଉତ୍ସବ ଅବସରରେ ବେଗୁନିଆ ବ୍ଲକର ପ୍ରମୁଖ ସାହିତ୍ୟ ଅନୁଷ୍ଠାନ ମନୁଆ ସାହିତ୍ୟ ସଂସଦର ୭ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କବି ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ସୁସାହିତ୍ୟିକା ଡ.ପ୍ରତିଭା ମହାରଥି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବକ୍ତାଭାବେ ଡ.ଗୁରୁ ପ୍ରସାଦ ମହାପାତ୍ର, ଅତିଥିଭାବେ ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଦିବଂଗତ କବିଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଓଡ଼ିଆ ଭାଷାର ସରକାରୀ ବ୍ୟବସ୍ଥା ଓ ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାମାଜିକ ଚଳଣିରେ ଭାଇଚାରାର ମନୋଭାବ ଓ ସମ୍ପର୍କକୁ ଅତି ନିବିଡ଼ କରାଏ ସାହିତ୍ୟ। ପ୍ରତ୍ୟେକ କ୍ଷେତ୍ରରେ ସାହିତ୍ୟ ଭାଷାରେ କହିବା, ଲେଖିବା ଓ କୁହାଇବା ପାଇଁ ପ୍ରତିଜ୍ଞା କରିବା ଆବଶ୍ୟକ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ସମାରୋହରେ କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଆଦି ଜଲାର ୮୦ କବୟିତ୍ରୀ ଓ କବି ଯୋଗଦେଇ କବିତା ପାଠ କରିଥିଲେ। ଉପସଭାପତି ଲମ୍ବୋଦର ଶତପଥୀଙ୍କ ଲିଖିତ ଦୁଇଟି ପୁସ୍ତକ 'ସାଉଁଟା ସନ୍ଦର୍ଭ' ଓ 'ଫୁଲାଏ ସପନ ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ସାମାଜିକ କର୍ମୀ ଅକ୍ଷୟ ପଟ୍ଟନାୟକ, ସ୍ଥପତି କଳ୍ପତରୁ ପଣ୍ଡା, ଓଡିଶୀ ନୃତ୍ୟ ଶିଳ୍ପୀ ପ୍ରିତୀ ସାହୁ, ଶିକ୍ଷାବିତ୍ ଡ. ହରି ପ୍ରସାଦ ଦାସ, ଶିଶୁ ସାହିତ୍ୟିକା ପ୍ରଭାସିନୀ ବରାଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଖିଳେଶ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂସଦ ସମ୍ପାଦକ କ୍ଷେତ୍ରବାସୀ ମଲ୍ଲିକ ବିବରଣୀ ପାଠ କରିଥିବା ବେଳେ ସୁଧାକର ସେଠି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଜମ୍ବେଶର ମଙ୍ଗରାଜ ଧନ୍ୟବାଦ ଦେଇଥିଲେ। ଗୋପୀନାଥ ସେଠି, ଦିଲୀପ ସାହୁ, ଧ୍ରୁବ ଚରଣ ମହାପାତ୍ର, ପ୍ରତିମା ଷଡ଼ଙ୍ଗୀ, ବିଭୁ ହୋତା, ବଂଶୀଧର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### କାଦୁରେ ଭର୍ତ୍ତି ଡିହଖଉରୁଣି ରାସ୍ତା: ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

ବୋଲଗଡ଼,୯।୧୦(ଡି.ଏନ୍.ଏ.)

ଜନସାଧାରଣଙ୍କ ଗମନାଗମନ ସୁବିଧା ପାଇଁ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି। ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ଅଞ୍ଚଳରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ରକ୍ଷଣାବେକ୍ଷଣ ଅଭାବରୁ ଏହି ବ୍ଲକ ଅଧୀନ ବଡ଼କୁମାରି ପଞ୍ଚାୟତ ଡିହଖଉରୁଣି ଗ୍ରାମର ପୋଖରୀ ସମ୍ମୁଖ କଂକ୍ରିଟ ରାସ୍ତା ଉପରେ ପ୍ରାୟ ୮ଇଞ୍ଚର କାଦୁଅ ଆସ୍ତରଣ ସୃଷ୍ଟି ହୋଇ ବିପଦପୂର୍ଣ୍ଣ ହୋଇପଡ଼ିଛି। ଜଳ ନିଷ୍କାସନ ନିମନ୍ତେ ହୋଇଥିବା ଡ୍ରେନେଜ ଦୀର୍ଘ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ନଷ୍ଟ ହୋଇଯାଇଛି। ଫଳରେ ବର୍ଷତମାମ ଅଦିନିଆ ବର୍ଷାରେ ଆଣ୍ଠୁଏ ପାଣି ଜମି ରହିଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଉଛି।

ବହୁ ଦିନ ଧରି ପାଣି ଜମି ରହିଥିବାରୁ କାଦୁଅ ଜମା ହୋଇ ରହୁଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ରହୁଥିବା ଲୋକେ ଘରୁ ବାହାରିବା ସମସ୍ୟା ହୋଇପଡ଼ିଛି। ଜମି ରହୁଥିବା ପାଣି ଯୋଗୁ ବିଭିନ୍ନ ସଂକ୍ରମଣ ରୋଗ ହେବା ଆଶଙ୍କା ରହିଛି। ଗ୍ରାମର ପ୍ରମୁଖ ରାସ୍ତାଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ତେଣୁ ଡ୍ରେନ ଓ ରାସ୍ତାର ପୁନରୁଦ୍ଧାର ପାଇଁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଓ ବ୍ଲକ ପ୍ରଶାସନ ନିକଟରେ ଦାବି କରିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ ନ ହେହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେନାବନୀ ଦେଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ କୁହନ୍ତି, ଡ୍ରେନ ଚୋକ ହୋଇଯିବାରୁ ରାସ୍ତାରେ ପାଣି ଚାଲି ଏଭଳି ସମସ୍ୟା ସୃଷ୍ଟି ହୋଇଛ। ଏହାର ପୁନଉଦ୍ଧାର ପାଇଁ ଚେଷ୍ଟା କରାଯାଉଛି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା




ବେଣାପଞ୍ଜରୀ ପଞ୍ଚାୟତରେ ବିଜେଡି ପକ୍ଷରୁ ବାହାରିଥିବା ପଦଯାତ୍ରା।

ଜଟଣୀ,୯।୧୦(ଡି.ଏନ୍.ଏ.)

ଜଟଣୀ ବ୍ଲକ ଅଧୀନ ବେଣାପଞ୍ଜରୀ ପଞ୍ଚାୟତରେ ରବିବାର ଜିଲା ବିଜେଡି ସଭାପତି ବିଭୁତି ଭୂଷଣ ବଳବନ୍ତରାୟଙ୍କ ନେତୃତ୍ୱରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ପଡିଆରୁ ବାହାରି ବେଣାପଞ୍ଜରୀ ବଡ଼ ମସଜିଦ ଛକ, ବିଶିଆପଡା ହୋଇ ରାଣୀପୁରରେ ଶେଷ ହୋଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ବିଷୟରେ ଲୋକଙ୍କୁ ବୁଝାଇଥିଲେ। ଜିଲା ବିଜେଡି ଉପ ସଭାପତି ବିଜୟ ଛୋଟରାୟ, କୋଷାଧ୍ୟକ୍ଷ ରାଜକିଶୋର ସ୍ୱାଇଁ, ବେଣାପଞ୍ଜରୀ ପଞ୍ଚାୟତ ବିଜେଡି ସଭାପତି ମହମ୍ମଦ କୌଶର, ସରପଞ୍ଚଙ୍କ ପ୍ରତିନିଧି ଶାହା ଜାଫର ଅଲ୍ଲୀ, ସମିତି ସଭ୍ୟ ଶରତ ପାଲଟାସିଂହ, ନାୟବ ସରପଞ୍ଚ ବିଷ୍ଣୁପ୍ରିୟା ପ୍ରଧାନ, ମନୋଜ ପାହାନ୍ତାସିଂ, ଗୋପବନ୍ଧୁ ପାହାନ୍ତାସିଂ, ଆର୍ତ୍ତବନ୍ଧୁ ଦାସ, ମୁମତାଜ ଖାଁ, ସୁଶାନ୍ତ ପ୍ରଧାନ, ଗଗନ ସୁନ୍ଦରାୟ, ପ୍ରଶାନ୍ତ କାଳିଆ, ଦଶରଥୀ ସୁବୁଦ୍ଧି, ସୟଦ ଆକ୍ରମ ଅଲ୍ଲୀ, ମହମଦ ନୁର୍ସାଦ, ମହମ୍ମଦ ସମିମଙ୍କ ସମେତ ବେଣାପଞ୍ଜରୀ ପଞ୍ଚାୟତର ୧୨ଟି ୱାର୍ଡର ଶତାଧିକ କର୍ମୀ ସାମିଲ ହୋଇଥିଲେ।



**ବୋଲଗଡ଼:** ଡିହଖଉରୁଣି ଗ୍ରାମର ରାସ୍ତା କର୍ଦ୍ଦମାକ୍ତ ହୋଇ ପଡ଼ିଛି।

## ଥାନାରେ ଗ୍ରାମରକ୍ଷୀଙ୍କ ପୁଅଙ୍କୁ ମାଡ଼

ନିରାକାରପୁର,୯।୧୦(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନାରେ ଭୋଜି ଖାଇବାକୁ ନେଇ ଜଣେ ଗ୍ରାମରକ୍ଷୀଙ୍କ ପୁଅଙ୍କୁ କେତେଜଣ ପୋଲିସ କର୍ମଚାରୀ ମାଡ଼ ମାରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ଉକ୍ତ ଥାନାରେ କାର୍ଯ୍ୟରତ ଗ୍ରାମରକ୍ଷୀ ଜଣଙ୍କ ଅସୁସ୍ଥତା ଯୋଗୁ ଆସିପାରୁ ନ ଥିବାରୁ ଦୀର୍ଘ ୩୦ବର୍ଷ ହେବ ତାଙ୍କ ପୁଅ ଗ୍ରାମରକ୍ଷୀ ଭାବେ କାର୍ଯ୍ୟ କରିଆସୁଛନ୍ତି। ହେଲେ ତାଙ୍କ ବାପା ଦରମା ପାଉଛନ୍ତି। ଦଶହରା ପାଇଁ ଗତ ଶୁକ୍ରବାର ଥାନାରେ ଭୋଜିର ଆୟୋଜନ ହୋଇଥିଲା। ରୋଷେଇ ବିଳମ୍ବ ହେବାରୁ ଗ୍ରାମରକ୍ଷୀଙ୍କ ପୁଅ ବିସ୍କୁଟ ଖାଇବା ପାଇଁ ଜଙ୍କିଆ ଛକକୁ ଯାଇଥିଲେ। କିଛି ସମୟ ପରେ ଥାନାକୁ ଆସିଥିଲେ ମଧ୍ୟ ତାଙ୍କ ପାଇଁ ଖାଦ୍ୟ ଆଉ ନ ଥିଲା। ଏନେଇ ସେ ଉପସ୍ଥିତ ପୋଲିସ କର୍ମଚାରୀଙ୍କୁ ପଚାରିବାରୁ ସେମାନେ ଗାଳିଗୁଲଜ କରିବା ସହ ତାଙ୍କୁ ମାଡ଼ ମାରିଥିଲେ। ମାଡ଼ରୁ ରକ୍ଷା ପାଇବା ପାଇଁ ବାହାରକୁ ଦୌଡି ପଳାଇଆସିଥିଲେ। ଏନେଇ ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ଫୋନରେ ଜଣାଇଥିଲେ ମଧ୍ୟ ସେ କିଛି କହି ନ ଥିଲେ। ଚାକିରି ପଳାଇଯିବା ଭୟରେ ସେ ଥାନାରେ ଅଭିଯୋଗ କରିନାହାନ୍ତି ବୋଲି ଗଣମାଧ୍ୟମ ଆଗରେ କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଥାନା ଅଧିକାରୀ ଅନିତା ସାହୁ କହିଛନ୍ତି, ସେ ଆମ ଗ୍ରାମରକ୍ଷୀ ନୁହନ୍ତି। ତାଙ୍କ ବାପା ଅସୁସ୍ଥତା ଏବଂ ଗରିବ ପରିବାର ଯୋଗୁ ତାଙ୍କୁ ରଖାଯାଇଥିଲା। ଖାଦ୍ୟକୁ ନେଇ ପୋଲିସ କର୍ମଚାରୀଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଏହା ପରେ ପୋଲିସ କର୍ମଚାରୀ ତାଙ୍କୁ ଠେଲି ବାହାରକୁ ପଠାଇ ଦେଇଥିଲେ ବୋଲି ସେ କହିଛନ୍ତି।

## ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ

ଝାଁଳା/ଟାଙ୍ଗୀ/ ବାଲୁଗାଁ : ୯।୧୦ (ଡି.ଏନ୍.ଏ.)



ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥି ଓ ଏନ୍‌ସିସି କ୍ୟାଡେଟ୍।

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍କଳ ସେବା ପକ୍ଷରୁ ରବିବାର ସ୍ଥାନୀୟ ମଙ୍ଗଳା ମନ୍ଦିର ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ନଳୀନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଆଇନଜୀବୀ ଅଶୋକ ମଙ୍ଗରାଜ ସ୍ୱାଗତ ଭାଷଣ ଦେଇଥିଲେ। ମୁରଲୀଧର ଜେନା, ବିଜୟ ସାହୁ, ପବିତ୍ର ପଟ୍ଟନାୟକ, ରମାକାନ୍ତ ଦାସ, ପ୍ରେମାନନ୍ଦ ସାମନ୍ତରାୟ, ନିରୋଜ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦକ କାମିନୀକାନ୍ତ ଦାଶ ଧନ୍ୟବାଦ ଦେଇଥିଲେ।

ସେହିପରି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ ପରିସରରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନ ଶିକ୍ଷକ ରମେଶ ବଳବନ୍ତରାୟ, ପୁରାତନ ଛାତ୍ର ସଂସଦ ସମ୍ପାଦକ ବିଜୟ ରାଉତ, ଟାଙ୍ଗୀ ସରପଞ୍ଚ କିଶୋର ବେହେରା, ଖବରଦାତା ରଘୁନାଥ ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ, ଉମେଶ ପ୍ରସାଦ ଧଳ, ପରିଚାଳନା କମିଟି ସଭାପତି ସୁନୀଲ ମହାନ୍ତି, ଆଇନଜୀବୀ ଅଜୟ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ବାଲୁଗାଁ ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଜାତୀୟ ସେବା ଯୋଜନା ପକ୍ଷରୁ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ବିନତୀ ମଞ୍ଜରୀ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନ୍‌ସିସି ଅଧିକାରୀ ଅକ୍ଷୟ କୁମାର ମିଶ୍ର ଓ ଏନ୍ଏସ୍ଏସ୍ ଅଧିକାରୀ ଲକ୍ଷ୍ମୀଧର ସୁବୁଦ୍ଧି ଉତ୍କଳମଣିଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧାପକ ଡ. କୈଳାସ ଚନ୍ଦ୍ର ମହାରଣା ଯୋଗଦେଇଥିଲେ। ଏନ୍‌ସିସି କ୍ୟାଡେଟ୍‌ମାନେ ମହାବିଦ୍ୟାଳୟ ପରିସରରେ ପରେଡ୍ ପ୍ରଦର୍ଶନ କରିଥିଲେ।

## ୭ ହାଇୱେ ଲୁଟେରା ଗିରଫ

ଖୋର୍ଦ୍ଧା ଅଫିସ,୯।୧୦

- କାର୍, ମାରଣାସ୍ତ୍ର, ୮୦ ହଜାର ଟଙ୍କା ଜବତ
- ଲୁଟ୍ ଯୋଜନା ବେଳେ କାବୁ କଲା ପୋଲିସ

ଦୀର୍ଘଦିନ ଧରି ପୋଲିସ ଆଖିରେ ଧୂଳି ଦେଇ ୧୬ନମ୍ବର ଜାତୀୟ ରାଜପଥରେ ଲୁଟପାଟ ଓ ଡକାୟତି କରୁଥିବା ଏକ ହାଇୱେ ଲୁଟେରା ଗ୍ୟାଙ୍ଗ ଖୋର୍ଦ୍ଧା ପୋଲିସ ହାତରେ ଧରାପଡ଼ିଛି। ଶନିବାର ବିଳମ୍ବିତ ରାତିରେ ତୋଟାପଡ଼ା ଖୋର୍ଦ୍ଧା ଟାଉନ ଷ୍ଟେଶନ ନିକଟରେ ଏକ ଗ୍ୟାଙ୍ଗ ରାଜପଥରେ ମାଲବାହୀ ଟ୍ରକ ସମେତ ଡ୍ରାଇଭରଙ୍କୁ ଅପହରଣ ଲାଗି ଯୋଜନା କରୁଥିବା ଖବରପାଇ ପାଟ୍ରୋଲିଂ କରୁଥିବା ପୋଲିସ ଟିମ୍ ପହଞ୍ଚି ଘଟଣାସ୍ଥଳରୁ ୭ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଏକ ନମ୍ବର ବିହୀନ କାର୍, ନଗଦ ୮୦ହଜାର ଟଙ୍କା, ୨ଟି ଚାପଡ଼, ଲୁହାରଡ, ପ୍ଲାଷ୍ଟିକ ପାଇପ, ୩ଟି କାଠବାଡି ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବେଗୁନିଆ ଥାନା ଅନ୍ତର୍ଗତ କୁଶପଲ୍ଲାର ଏସ୍.କେ. ଜାଫର ଓରଫ ରାଜା (୨୭), ଡ୍ରାଇଭର ଶୁଭମ ମହାପାତ୍ର (୨୧), ପ୍ରତାପ କୁମାର ସାହୁ(୨୨), ଖୋର୍ଦ୍ଧା ଥାନା ଅଧୀନ ତରତୁଆର ଅଲିମ ଖାନ(୨୧) ଓ ଚନ୍ଦନ କୁମାର ବେହେରା (୪୧), ଭୁବନେଶ୍ୱର ଖଣ୍ଡଗିରି ଥାନା ଅଧୀନ ଯଦୁପୁରର ଅବଦୁଲ୍ ଜାହିର ଖାନ (୨୫) ଏବଂ ଏମ୍.ଡି. ସାଜିଦ୍(୨୬)। ଏମାନଙ୍କ ସହ ଆଉ କେଉଁମାନେ ସମ୍ପୃକ୍ତ ସେ ନେଇ ପୋଲିସ ଖୋଳତାଡ଼ କରୁଛି।

ସୂଚନା ଅନୁଯାୟୀ, ଅନ୍ଧାର ରାତିର ସୁଯୋଗ ନେଇ ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥରେ ଏକ ଲୁଟେରା ଗ୍ୟାଙ୍ଗ ମାରଣାସ୍ତ୍ର ଦେଖାଇ ଗତ କିଛି ଦିନ ଧରି ମାଲବାହୀ ଟ୍ରକ୍, ଯାନବାହନ ପ୍ରଭୃତି ଅଟକାଇ ଲୁଟ୍‌ପାଟ୍ କରୁଥିଲେ। ଏହି ଖବର ପୋଲିସ ନିକଟରେ ପହଞ୍ଚିଥିଲା। ଏହାପରେ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ପକ୍ଷରୁ ହାଇୱେ ପାଟ୍ରୋଲିଂ ଏବଂ ରାତ୍ରକାଳୀନ ପାଟ୍ରୋଲିଂକୁ କଡ଼ାକଡି କରାଯାଇଥିଲା। ଶନିବାର ରାତିରେ ଟାଉନ ଥାନା ଏସ୍ଆଇ ସୁକାନ୍ତ କୁମାର ଦଳାଇ ପାଟ୍ରୋଲିଂ କରୁଥିବା ବେଳେ ଜାତୀୟ ରାଜପଥରେ ଲୁଟ୍‌ପାଟ୍ ଲାଗି ଏକ ଗ୍ୟାଙ୍ଗ ଯୋଜନା କରୁଥିବା ଖବର ପାଇଥିଲେ। ତାଙ୍କ ସହିତ ଏସ୍ଆଇ ସସ୍ମିତା ବେହେରା, ଏଏସ୍ଆଇ ପି.କେ. ପ୍ରଧାନ, ହାବିଲଦାର ବି.କେ. ପାତାଳସିଂ, କନଷ୍ଟେବଳ ପ୍ରଦୀପ ହରିଚନ୍ଦନ ଏବଂ ଏମ୍.ଖାନ ପ୍ରମୁଖ ସାମିଲ ହୋଇଥିଲେ। ଲୁଟେରାମାନେ ଏକ ନମ୍ବର ବିହୀନ କାର୍‌ରେ ମାରଣାସ୍ତ୍ର ସହ ଲୁଟ୍ ଯୋଜନା କରୁଥିବେଳେ ପୋଲିସ ସେମାନଙ୍କୁ ଘେରିଯାଇ କାବୁ କରିଥିଲା। ସେମାନଙ୍କୁ ପଚରାଉଚରା ବେଳେ ରାଜପଥରେ ଲୁଟ୍ ଯୋଜନା ସମ୍ପର୍କରେ ପୋଲିସ ଆଗରେ ସ୍ୱୀକାର କରିଥିବା ଏସ୍ଆଇ ଦଳାଇ କହିଛନ୍ତି। ଏହି ଗ୍ୟାଙ୍ଗର ଚେର କେତେବାଟ ପର୍ଯ୍ୟନ୍ତ ଲମ୍ବିଛି, ତାହାର ଖୋଳତାଡ଼ ଚାଲିଛି ବୋଲି ସେ କହିଛନ୍ତି।

## ସ୍ୱାଧୀନତା ସଂଗ୍ରାମୀ ଅଧିକାରୀ ମହାନ୍ତିଙ୍କ ସ୍ମୃତିସଭା

କଟକ ଅଫିସ: ସ୍ୱାଧୀନତା ସଂଗ୍ରାମୀ ଅଧିକାରୀ ମହାନ୍ତିଙ୍କ ସ୍ମୃତିସଭା କଟକ ପାଲିତପଡାସ୍ଥିତ ନବଯୁଗ ପ୍ରେସ୍ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଇନ୍ଦ୍ରଜିତ୍ ଘୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ଡ. ସତ୍ୟ ରାୟ ଯୋଗଦେଇ କହିଥିଲେ, ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅବଦାନ କମ୍ ନୁହେଁ। କିନ୍ତୁ ସ୍ୱାଧୀନତା ସଂଗ୍ରାମରେ ଝାସଦେଇ ଅନେକ ସଂଗ୍ରାମୀ ନିଜକୁ ବଳିଦାନ ଦେଇଥିଲେ ମଧ ତାଙ୍କର ନାମ ଲୋକଲୋଚନକୁ ଆସିପାରିନାହିଁ। ଏହା ଦୁଃଖର ବିଷୟ। ଏଥିରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚାନ୍ଦ, କୈଳାସ ଜେନା, ଅମରେନ୍ଦ୍ର ମହାନ୍ତି, କ୍ଷୀରୋଦ ବିଶ୍ୱାଳ, ନାରାୟଣ ଭୋଳ ଉପସ୍ଥିତ ଥିଲେ। ଅଭୟ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଦାଦାବଟି ମାଗି ଯୁବକ ଗିରଫ

କଟକ ଅଫିସ,୯।୧୦: ଦାଦାବଟି ମାଗିବା ଅଭିଯୋଗରେ ଜଣେ ଯୁବକଙ୍କୁ ଲାଲବାଗ ପୋଲିସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକ କନିକା ଛକରେ ରହୁଥିବା ଗଞ୍ଜାମ ଜିଲା ବିଜିପୁର କାଲୁଆସାହିର ଆଶିଷ ଭୂୟାଁ। ଏନେଇ ଥାନାରେ ଏକ ମାମଲା(ନଂ.୨୪୨/୨୨) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ କଲ୍ୟାଣପୁରର ସୁବାସ ବେହେରା ରବିବାର ସକାଳେ ନିଜ କାର୍ଯ୍ୟରେ ବାଲୁବଜାର ଆସିଥିଲେ। ସେହି ସମୟରେ ଆଶିଷ ଏକ କଳା ରଙ୍ଗର ପାଇପ ଧରି ସୁବାସଙ୍କ ନିକଟକୁ ଆସି ଗାଳିଗୁଲଜ କରିବା ସହ ଦାଦାବଟି ମାଗିଥିଲେ। ମାତ୍ର ସୁବାସ ମନା କରିବାରୁ ଜୀବନରୁ ମାରିଦେବାକୁ ସେ ଧମକ ଦେଇଥିଲେ। ଏଥିସହ ଆଶିଷ ଏକ ଧକ୍କା ମାରି ସୁବାସଙ୍କୁ ତଳେ ପକାଇଦେବା ସହ ହାତରେ ଧରିଥିବା କଳା ପାଇପରେ ପିଟିଥିଲେ। ସ୍ଥାନୀୟ ଲୋକ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସୁବାସଙ୍କୁ ଉଦ୍ଧାର କରିଥିଲେ।

### ଓସିଏସ୍ ପରୀକ୍ଷାରେ ୨ ପରୀକ୍ଷାର୍ଥୀ କୃତକାର୍ଯ୍ୟ

କଟକ ସଦର,୯।୧୦(ଡି.ଏନ୍.ଏ.): ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍) ପରୀକ୍ଷା ୨୦୨୦ ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ କଟକ ସଦର ବ୍ଲକ ଅଞ୍ଚଳର ୨ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ବାରଦା ପଞ୍ଚାୟତ ଶଗଡ଼ି ପାଟଣା ଗ୍ରାମର କୁଇନ୍ ଜେନା ୪୫ ତମ ସ୍ଥାନରେ ରହିଛନ୍ତି। ପୁଷ୍ପଲତା ଜେନା ଓ କିଶୋର କୁମାର ଜେନାଙ୍କ କନ୍ୟା କୁଇନ୍ ଉକ୍ତ ପରୀକ୍ଷା ପାଇଁ ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲେ। ଭବିଷ୍ୟତରେ ଗ୍ରାମାଞ୍ଚଳରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଯତ୍ନବାନ ହେବେ ବୋଲି କୁଇନ୍ କହିଛନ୍ତି। ସେହିପରି ଉକ୍ତ ପଞ୍ଚାୟତ ଅଧୀନ ବରିମୁଣ୍ଡା ଗ୍ରାମର ପଲ୍ଲବୀ ପ୍ରିୟଦର୍ଶିନୀ ୨୪୩ ତମ ସ୍ଥାନରେ ରହିଛନ୍ତି। ଗୀତାରାଣୀ ସାହୁ ଓ କାହ୍ନୁ ଚରଣ ବେହେରାଙ୍କ କନ୍ୟା ପଲ୍ଲବୀ ବର୍ତ୍ତମାନ ବଲାଙ୍ଗୀର ଜିଲାରେ ପ୍ରାଣୀ ଶଲ୍ୟ ଚିକିତ୍ସକ ଭାବେ କାର୍ଯ୍ୟ କରୁଛନ୍ତି। ସୁଯୋଗ ମିଳିଲେ ନାରୀ ସଶକ୍ତୀକରଣ ପାଇଁ ଉଦ୍ୟମ କରିବି ବୋଲି ସେ କହିଛନ୍ତି।

### ଆଇଏଏସ୍ ଲକ୍ଷ୍ୟ: ଐଶ୍ୱର୍ଯ୍ୟା ରାଉତରାୟ

ବଡ଼ମ୍ବା,୯।୧୦(ଡ଼ି.ଏନ.ଏ): ନିଜିଗଡ଼ ପଥୁରିଆ ସାହି ନିବାସୀ ସବିତା ରାଉତରାୟ ଓ ସ୍ୱର୍ଗତ ସଲିଳ କୁମାର ରାଉତରାୟଙ୍କ କନ୍ୟା ଐଶ୍ୱର୍ଯ୍ୟା ରାଉତରାୟ ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ୧୧୬ ସ୍ଥାନରେ ରହିଛନ୍ତି। ସେ ଭୁବନେଶ୍ୱରସ୍ଥିତ ଓୟୁଏଟିରୁ ଶିକ୍ଷା ସମାପ୍ତ କରି ବର୍ତ୍ତମାନ ଡେରାଡୁନର ପ୍ରଶିକ୍ଷଣ କେନ୍ଦ୍ରରେ ଆସିଷ୍ଟାଣ୍ଟ କଞ୍ଜରଭେଟର ଟ୍ରେନିଂ ନେଉଛନ୍ତି। ଭବିଷ୍ୟତରେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ରେ କାର୍ଯ୍ୟ କରିବାକୁ ସେ ଲକ୍ଷ୍ୟ ରଖିଥିବା କହିଛନ୍ତି।

### କାର୍-ଟ୍ରକ୍ ଧକ୍କା, ଜଣେ ମୃତ

ସାଲେପୁର,୯।୧୦(ଡି.ଏନ୍.ଏ.): କଟକ-ସାଲେପୁର ରାସ୍ତାର ନାନ୍ଦୋଳଗଡ଼ା ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ କାର ସହିତ ଟ୍ରକ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। କଟକରୁ ସାଲେପୁର ଅଭିମୁଖେ ଆସୁଥିବା ଟ୍ରକ୍ (ଓ.ଡି.୨୯ସି୫୨୭୫) ସହିତ ବିପରୀତ ଦିଗରୁ ଯାଉଥିବା (ଓଡି୦୨କ୍ୟୁ-୦୩୪୫) କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। କାର୍ ଚାଳକ ଖୋର୍ଦ୍ଧା ଅଞ୍ଚଳର ମଦନମୋହନ ଆଚାର୍ଯ୍ୟଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି।

### ନିତାଇଗୌର ସମିତିର ଶତବାର୍ଷିକ ଉତ୍ସବ ଉଦ୍ୟାପିତ

କଣ୍ଟାପଡା,୯।୧୦(ଡି.ଏନ୍.ଏ.): କଣ୍ଟାପଡା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମସ୍ଥିତ ନିତାଇଗୌର ସମିତି ଆନୁକୂଲ୍ୟରେ ଶତବାର୍ଷିକ ଉତ୍ସବ ରବିବାର ଉଦ୍ୟାପିତ ହୋଇଯାଇଛି। ୫ ଦିନ ବ୍ୟାପୀ ଆୟୋଜିତ ଏହି ଉତ୍ସବକୁ ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଅବସରପ୍ରାପ୍ତ ବିଚାରପତି ମନୋରଞ୍ଜନ ମହାନ୍ତି, ଡ. ଅସିତ୍ ମହାନ୍ତି, ବାମନ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ ଅନୁଷ୍ଠାନର ଶତବାର୍ଷିକ ସ୍ମରଣିକା 'ଶତବିଭା' ଉନ୍ମୋଚନ କରିଥିଲେ। ଗୁରୁବାର ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିବାବେଳେ ଶୁକ୍ରବାର କଳସଯାତ୍ରା ଓ ଶନିବାର ନାମ ସଂକୀର୍ତ୍ତନ କରାଯାଇଥିଲା। ରବିବାର ନଗରକୀର୍ତ୍ତନ ସହ ଉତ୍ସବ ଉଦ୍‌ଯାପିତ ହୋଇଥିଲା। ଦେବାଶିଷ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଙ୍କୀର ଐତିହ୍ୟ, ଇତିହାସ ସୁଦୂରପ୍ରସାରୀ

**ବାଙ୍କୀ ମହୋତ୍ସବ ଉଦ୍‌ଘାଟିତ**

■ ଡା. ଗଙ୍ଗାଧର ପରମଗୁରୁ, ଡା. ପଦ୍ମଲୋଚନ ପଣ୍ଡାଙ୍କୁ ଚର୍ଚ୍ଚିକା ସମ୍ମାନ

ବାଙ୍କୀ,୯।୧୦ (ସ୍ୱ.ପ୍ର)


ବାଙ୍କୀ ମହୋତ୍ସବ-୨୦୨୨ରେ ଡା. ଗଙ୍ଗାଧର ପରମଗୁରୁଙ୍କୁ ଅତିଥିମାନେ ଚର୍ଚ୍ଚିକା ସମ୍ମାନରେ ସମ୍ମାନିତ କରୁଛନ୍ତି।

କଚେରି ପଡ଼ିଆଠାରେ ଆୟୋଜିତ ବାଙ୍କୀ ମହୋତ୍ସବ-୨୦୨୨ ରବିବାର ଉଦ୍‌ଘାଟିତ ହୋଇଛି। ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଏହାକୁ ଉଦ୍‌ଘାଟନ କରି କହିଲେ ଯେ ବାଙ୍କୀର ଐତିହ୍ୟ ଓ ଇତିହାସ ସୁଦୂରପ୍ରସାରୀ। ସ୍ୱାଧୀନତା ଆନ୍ଦୋଳନଠାରୁ ସମବାୟ ଆନ୍ଦୋଳନ ଯାଏ ବାଙ୍କୀର ଅବଦାନ ଓଡ଼ିଶାରେ ଅନନ୍ୟ ଉଦାହରଣ ସୃଷ୍ଟି କରିଛି। ଗୌରବୋଜ୍ଜ୍ୱଳ ଅତୀତ ସହ ବର୍ତ୍ତମାନର ପ୍ରଗତିଶୀଳ ଓଡ଼ିଶାର ଚିତ୍ରକୁ ଯୁବପିଢିଙ୍କ ପାଖରେ ଉପସ୍ଥାପନ କରାଇବା ପାଇଁ ବାଙ୍କୀ ମହୋତ୍ସବର ଆୟୋଜନ ଏକ ପ୍ରଶଂସନୀୟ ପଦକ୍ଷେପ। କଟକ ଲୋକସଭା ସଦସ୍ୟ ଭର୍ତ୍ତୃହରି ମହତାବ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଲେ, ଓଡ଼ିଶାର ଋଦ୍ଧିମନ୍ତ ଐତିହ୍ୟ, ପରମ୍ପରା, ଇତିହାସ ଓ ଭୂଗୋଳରେ ବାଙ୍କୀ ବିଶେଷ ପରିଚିତ ରହିଛି। ବିଧାୟକ ତଥା ମହୋତ୍ସବ କାର୍ଯ୍ୟକାରୀ ସଭାପତି ଦେବୀରଞ୍ଜନ ତ୍ରିପାଠୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବାଙ୍କୀ ହେଉଛି ଜଗଜ୍ଜନନୀ ମା' ଚର୍ଚ୍ଚିକାଙ୍କ ପୁଣ୍ୟପୀଠ। ଏହି ମାଟିକୁ ଗରିୟାନ କରିବାରେ ଅତୁଳନୀୟ ଅବଦାନ ଥିବା ବୀରାରାଣୀ ଶୁକଦେଇ, ସମାଜ ସଂଗଠକ ଗୋବିନ୍ଦ ରଥ, ଓଡ଼ିଆ ସଂସ୍କୃତିର ଦିଗ୍‌ଦର୍ଶକ ନୀଳମଣି ବିଦ୍ୟାରତ୍ନ, ରାୟବାହାଦୁର ବିଦ୍ୟାଧର ପଣ୍ଡାଙ୍କ ଭଳି ପୁଣ୍ୟାତ୍ମାକୁ ଆମେ ସ୍ମରଣ କରିବା ବୋଲି ତ୍ରିପାଠୀ କହିଥିଲେ। ଗବେଷକ ଡା. କୃଷ୍ଣ କେଶବ ଷଡଙ୍ଗୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଲେ, ଏହି ମହୋତ୍ସବ ଲୋକ ଉତ୍ସବରେ ପରିଣତ ହୋଇ ସମଗ୍ର ରାଜ୍ୟକୁ ଦିଗ୍‌ଦର୍ଶନ ଦେଖାଇଛି। ସମ୍ମାନିତ ଅତିଥି ଭାବେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗ ଦେଇଥିଲେ। ସେ କହିଲେ, ଏବେ ବି ବାଙ୍କୀ ରାଣୀ ଶୁକଦେଇଙ୍କ ବୀରତ୍ୱ ଆମ ଯୁବପିଢିଙ୍କ ପ୍ରେରଣାର ଉତ୍ସ ହୋଇ ରହିଛି। ବହୁ ଯୋଗଜନ୍ମା ପ୍ରତିଭାଧାରୀଙ୍କ ଜନ୍ମ ଭୂମି ଓ କର୍ମଭୂମି ଭାବେ ବାଙ୍କୀ ଖୁବ୍ ପ୍ରସିଦ୍ଧ। ମହୋତ୍ସବ ଉପଦେଷ୍ଟା ତଥା ଉପଜିଲାପାଳ ରଞ୍ଜନ କୁମାର ଜେନା, ନଗରପାଳ ମାଣିକ ସାହୁ, ବ୍ଲକ ଅଧ୍ୟକ୍ଷ ପୁଷ୍ପଲତା ସାମନ୍ତ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ମହୋତ୍ସବ ପ୍ରତିଷ୍ଠାତା ତଥା ସଭାପତି ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଡ.ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲା ବେଳେ କୋଷାଧ୍ୟକ୍ଷ ସମରେନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଚିକିତ୍ସା ବିଜ୍ଞାନୀ ଡାକ୍ତର ଗଙ୍ଗାଧର ପରମଗୁରୁ ଓ ଡାକ୍ତର ପଦ୍ମଲୋଚନ ପଣ୍ଡାଙ୍କୁ ଯୁଗ୍ମ ଚର୍ଚ୍ଚିକା ସମ୍ମାନ ପ୍ରଦାନ କରାଯାଇଥିଲା। ଆଦର୍ଶ କୃଷକ ବେଣୁଧର ବ୍ରହ୍ମ, ଆଦର୍ଶ ଯୁବ କୃଷକ ପ୍ରସନ୍ନ କୁମାର ରାଉତରାୟ, ଶିକ୍ଷାବିତ୍ ପ୍ରଦୀପ କୁମାର ବେଉରା, ନାଟ୍ୟ ନିର୍ଦ୍ଦେଶକ କେଦାର ଚନ୍ଦ୍ର ସାମଲ, ଜ୍ୟୋତିର୍ବିଦ ବିଚିତ୍ରା ନନ୍ଦ ମହାପାତ୍ର, ସମାଜସେବୀ ନିମାଇଁ ଚରଣ ଦାସ, ଶିକ୍ଷା ସଂଗଠକ ବସନ୍ତ କୁମାର ନାୟକ, ଆଦର୍ଶ ଶିକ୍ଷକ ବନବିହାରୀ ନାଥ, ଶ୍ରେଷ୍ଠ ସରପଞ୍ଚ ମାନିନୀ ସାହୁ, ସମାଜସେବୀ ହରିହର ଖଟୁଆ ଓ ବାଉରୀବନ୍ଧୁ ସାହୁ, ସାଂସ୍କୃତିକ ସଂଗଠକ ସୁରେଶ ଚନ୍ଦ୍ର ମହାନ୍ତି, ପାଲା ଗାୟକ ଶତ୍ରୁଘ୍ନ ରଣା, ସଂକୀର୍ତ୍ତନ ଗାୟକ ଅଜୟ କୁମାର ସାହୁ, ଦଳିତ ସଂଗଠକ ହରିବନ୍ଧୁ ନାଏକ, ଦକ୍ଷ ବିଶ୍ୱକର୍ମା ରାକେଶ କୁମାର ରଣା, କ୍ରୀଡା ସଂଗଠକ ସଦାନନ୍ଦ ଦାଶ, ନାଟ୍ୟ କଳାକାର ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହୋତ୍ସବ ଉପସଭାପତି ସନ୍ତୋଷ କୁମାର ରଣା, ସନାତନ ବେହେରା, ଭାଗୀରଥି ପାଣି, ସୁବାସ ଚନ୍ଦ୍ର ପାଢୀ, ସୌମେନ୍ଦ୍ର ମିଶ୍ର, ଯାମିନୀକାନ୍ତ ମହାପାତ୍ର, କୋଷାଧ୍ୟକ୍ଷ ସମରେନ୍ଦ୍ର ମହାପାତ୍ର, ଶ୍ରୀନିବାସ ବେହେରା, ପଠାଣି ବେହେରା ପ୍ରମୁଖ ଜ୍ୟୋତି ଶୋଭାଯାତ୍ରାରେ ଯୋଗଦେଇଥିଲେ। ସଂଗଠନ ସମ୍ପାଦକ ପ୍ରକାଶ ବେଉରା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱହିନ୍ଦୁ ପରିଷଦ କର୍ମକର୍ତ୍ତା ଚୟନ

ବଡ଼ମ୍ବା,୯।୧୦(ଡ଼ି.ଏନ.ଏ)

ବଡ଼ମ୍ବା ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ କୁମାର ପୂର୍ଣ୍ଣିମା ଅବସରରେ ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ବିଭାଗ ପ୍ରମୁଖ ଉପେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଆଠଗଡ଼ ଜିଲା ଉପସଭାପତି ବିପିନ ବିହାରୀ ମହାନ୍ତିଙ୍କ ସଂଯୋଜନାରେ ବଡ଼ମ୍ବା ପ୍ରଖଣ୍ଡରେ ବିଶ ହିନ୍ଦୁ ପରିଷଦର କାର୍ଯ୍ୟକାରୀ ସମିତି ଘୋଷଣା କରାଯାଇଥିଲା। ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ କଟକ ବିଭାଗ ପ୍ରମୁଖ ଉପେନ୍ଦ୍ର ପ୍ରଧାନ କହିଥିଲେ। ପରେ ବଡ଼ମ୍ବା ପ୍ରଖଣ୍ଡ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ସନ୍ତୋଷ ପଟ୍ଟନାୟକ, ସମ୍ପାଦକ ସାମନ୍ତ ପ୍ରଦୀପ କୁମାର ଦେବ, ଉପସଭାପତି ଓ ସହ ସମ୍ପାଦକ ଭାବେ ଯଥାକ୍ରମେ ରଶ୍ମି ରଞ୍ଜନ ରଥ ଓ ବିଶ୍ୱମୋହନ ମିଶ୍ର, ରବି ନାରାୟଣ ମିଶ୍ର, କୋଷାଧ୍ୟକ୍ଷ ଭାବେ ଗୋବିନ୍ଦ ପ୍ରସାଦ ସିଂ ସାମନ୍ତ ଏବଂ ଉପଦେଷ୍ଟା ଭାବେ ରାମଚନ୍ଦ୍ର ପାତ୍ର ନିର୍ବାଚିତ ହୋଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର ଆଠଗଡ଼ ଜିଲା ସମ୍ପାଦକ ପରୀକ୍ଷିତ ବେହେରା, ବ୍ରଜବିହାରୀ ପାଳ, ରମେଶ ଚନ୍ଦ୍ର ବେହେରା, ମାନସ ରଞ୍ଜନ ଘଡେଇ, ପ୍ରମୋଦ କୁମାର ଧଳ, ସୁଧାକର ରାଉତ, ଡୁଲୁ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# 'ତ୍ୟାଗ ଇସ୍‌ଲାମ ଧର୍ମର ମୂଳମନ୍ତ୍ର'



ତିଗିରିଆରେ ଆୟୋଜିତ ଧର୍ମସଭାରେ ଯୋଗଦେଇଥିବା ଅତିଥିମାନେ।

କଟକ ଅଫିସ/ ତିଗିରିଆ/ଚୌଦ୍ୱାର (ଡି.ଏନ୍.ଏ) ୯।୧୦

ରୌପ୍ୟ ନଗରୀ କଟକରେ ପ୍ରଫେଟ ମହମ୍ମଦଙ୍କ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ରବିବାର ରୀତିନୀତି ଅନୁସାରେ ଏହି ପର୍ବକୁ ପାଳନ କରିଛନ୍ତି ମୁସଲିମ ସମ୍ପ୍ରଦାୟର ଭାଇ ଭଉଣୀ। ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଦିନଠାରୁ ଇସଲାମ ଧର୍ମର ପ୍ରତିଷ୍ଠା ହୋଇଥିବା ବିଶ୍ୱାସ କରାଯାଏ। ତେଣୁ ଏହି ଦିନକୁ ଚିରସ୍ମରଣୀୟ କରିବା ସହ ମହାପୁରୁଷ ମହମ୍ମଦଙ୍କ ବାଣୀକୁ ଅନୁସରଣ କରିବା ପାଇଁ 'ଇଦ-ମିଲାଦୁନ-ନବି' ଭାବେ ଇସଲାମ ଧର୍ମାବଲମ୍ବୀମାନେ ପାଳନ କରିଥାନ୍ତି। ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ସମୟ ଅନୁସାରେ ଶୋଭାଯାତ୍ରାଗୁଡ଼ିକ କଦମ ଏ ରସୁଲଠାରେ ପହଞ୍ଚିଥିଲା ଏବଂ ସେଠାରେ ବିଶ୍ୱଶାନ୍ତି ନିମନ୍ତେ ସମୂହ ନମାଜ ପାଠ କରାଯାଇଥିଲା। ଅନ୍ୟପଟେ ଜୁଲୁସ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବିଶେଷ କରି ଯୋବ୍ରା, ବକ୍ସି ବଜାର, କଲେଜ ଛକ, ସୂତାହାଟ ଓ ଗୌରୀଶଙ୍କର ପାର୍କ ସମେତ କଟକର ପ୍ରମୁଖ ଛକମାନଙ୍କରେ ପୋଲିସ ମୁତୟନ ହୋଇଥିଲେ। ବକ୍ସି ବଜାରରେ କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ, ମେୟର ସୁବାସ ସିଂ, କଟକ ନଗର ବିଜେଡି ସଭାପତି ମଧୁସୂଦନ ସାହୁ, ଡ. ରଞ୍ଜନ ବିଶ୍ୱାଳ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

ସେହିପରି ତିଗିରିଆ ବ୍ଲକ ଜମାତ ଅହମ୍ମଦୀୟା ପଙ୍କାଳ ଜାମା ମସଜିଦଠାରେ ହଜରତ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆୟୋଜିତ ଧର୍ମସଭା(ଜଲସା)ରେ ଗ୍ରାମ୍ୟ କମିଟି ସଭାପତି ଅବଦୁଲ ଇସମାଇଲ ଖାଁ ସଭାପତିତ୍ୱ କରିଥିଲେ। ଅଫଜଲ ଅହମ୍ମଦ ଖାଁ କୋରାନ ପାଠ କରିଥିଲେ। ଉର୍ଦ୍ଦୁ କବିତା ଅବିଦୁର ରହେମାନ ଓ ଓଡ଼ିଆ କବିତା ସାଇବୁର ରହେମାନ, ୟାମିନ ଖାଁ ଓ ଅବସରପ୍ରାପ୍ତ ଶିକ୍ଷକ ଶାବାଜ ଖାଁ ପାଠ କରିଥିଲେ। ହଜରତ ମହମ୍ମଦଙ୍କ ଜୀବନୀ ଉପରେ ଅବସରପ୍ରାପ୍ତ ଶିକ୍ଷକ ମହମ୍ମଦ ସୁବାନ, ଗ୍ରାମ୍ୟ କମିଟି ପୂର୍ବତନ ସଭାପତି ରୋଶନ ଖାଁ, ଜଇନୁଲ ଆବେଦିନ ଖାଁ, ମୌଲାନା ଗୁଲାମ ହାଇଦର ଖାଁ, ମୌଲାନା ଏସ. କେ ସମସୁଲ, ମୌଲାନା କରାମତ ଅହମ୍ମଦ, ମୌଲାନା ଏସ. କେ. ଅବଦୁଲ କ୍ୱାଦିର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ କମିଟିର ପୂର୍ବତନ ସଭାପତି ଫର୍ଜନ ଅଲ୍ଲୀ ଖାଁ, ଏଯାବୁଲ ଖାଁ, ଯୁବ ଅହମଦିୟା ସଭାପତି ଅଞ୍ଜୁମ ଖାଁ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ଚୌଦ୍ୱାରରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଛି। ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ ଅତିଥି ଭାବେ ଯୋଗଦେଇ ମାନବ ଜାତିର କଲ୍ୟାଣ ପାଇଁ ତ୍ୟାଗ ହେଉଛି ଇସଲାମ ଧର୍ମର ମୂଳମନ୍ତ୍ର ବୋଲି କହିଛନ୍ତି। ମୁସଲମାନ୍ ଯୁବକ ସଂଘର ସଭାପତି ସେକ୍ ସାଜିଦ୍ ଚାନ୍ଦ, ସମ୍ପାଦକ ରହିମ୍ ବେଗ, କାର୍ଯ୍ୟକାରୀ ସଭାପତି କରିମ ବକ୍ସ,ଖାଲିଦ ଚାନ୍ଦ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ଖବରଦାତା ସଂଘ ପକ୍ଷରୁ ସମ୍ବର୍ଦ୍ଧନା ସଭା

ସାଲେପୁର,୯।୧୦(ଡି.ଏନ୍.ଏ.)

ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ଶାରଦୀୟ ଅଭିନନ୍ଦନ ୨୦୨୨ ଓ ସମ୍ବର୍ଦ୍ଧନା ସଭା ଶନିବାର କଲେଜ ରୋଡ଼ସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ମୁଖ୍ୟଅତିଥି, ବିଶିଷ୍ଟ ଅତିଥି ଭାବେ ସାଲେପୁର ତହସିଲଦାର ଶିବ ମଲ୍ଲିକ, ମୁଖ୍ୟବକ୍ତା ଭାବେ ସାଲେପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିମଳ କୁମାର ବାରିକ, ଆମ ମାହାଙ୍ଗା ସ୍ୱେଚ୍ଛାସେବୀ ସଂଗଠନର ଅଧ୍ୟକ୍ଷ ଡଃ ଅମରେନ୍ଦ୍ର ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ସାଲେପୁର ସହରାଞ୍ଚଳର ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଓ ଓଏଏସ୍ ପରୀକ୍ଷାରେ ନବମ ସ୍ଥାନ ଅଧିକାର କରିଥିବା ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସମ୍ପାଦକ ହୃଷୀକେଶ ମଲ୍ଲିକ ଓ ମନୋଜ ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ଦୀପକ ଦାସ, କୋଷାଧ୍ୟକ୍ଷ ସୁଧୀର କୁମାର ଶତପଥୀ, ଅରବିନ୍ଦ ଭୂୟାଁ, ମନୋଜ କୁମାର ମହାନ୍ତି, ହେମନ୍ତ କୁମାର ଭୂୟାଁ, ଚିରଞ୍ଜନ ମୁଦୁଲି, ବିରଞ୍ଚି ନାରାୟଣ କର, ସୁଜିତ୍ ଭୂୟାଁ, ପ୍ରଶାନ୍ତ କୁମାର ମଲ୍ଲିକ, ପ୍ରତାପ ଚନ୍ଦ୍ର ଭୂୟାଁ, ପ୍ରତ୍ୟୁଷ ମହାନ୍ତି, ପ୍ରଦୀପ୍ତ କୁମାର କର, ଅନନ୍ତ ଚରଣ ଦାଶ, ଅଜୟ ସାହୁ, ଶିଶିର କୁମାର ଦାଶ, ସୟଦ ପରଭେଜ୍ ଅଲ୍ଲୀ ପ୍ରମୁଖ ସହଯୋଗ କରିଥିଲେ।

# 'ଦେଶସେବା ପାଇଁ ଉତ୍କଳମଣିଙ୍କ ଅବଦାନ ଉଲ୍ଲେଖନୀୟ'

କଟକ ଅଫିସ, ୯।୧୦

ସମ୍ବାଦପତ୍ର ବିକ୍ରେତା ସଂଘ କଟକ ପକ୍ଷରୁ ବକ୍ସିବଜାର ଗୋପବନ୍ଧୁବାଗଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସଂଘ ସଭାପତି ବିଜୟ କୁମାର ପଡିହାରୀ ଯୋଗଦେଇ କହିଥିଲେ, ଗୋପବନ୍ଧୁ ଦାସ ଖବରକାଗଜ 'ସମାଜ' ଓ 'ସତ୍ୟବାଦୀ' ପତ୍ରିକାର ପ୍ରତିଷ୍ଠାତା। ଦେଶସେବା ପାଇଁ ଉତ୍କଳମଣିଙ୍କ ଅବଦାନ ଉଲ୍ଲେଖନୀୟ। ଏଥିରେ ସଂଘ ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି, ପ୍ରଭାସ ପ୍ରଧାନ, କମିଟି ସଭ୍ୟ ହିମାଂଶୁ ମହାପାତ୍ର, ମନୋଜ ପାଲ, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ, ଦୁର୍ଗା ପ୍ରସାଦ ଛାଟୋଇ, ଶ୍ରୀନିବାସ ରେଡ୍ଡୀ, ହାଡ଼ିବନ୍ଧୁ ବେହେରା, ଅରକ୍ଷିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଉତ୍କଳମଣିଙ୍କ ଜୟନ୍ତୀ ପାଳିତ ହୋଇଥିଲା। ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠାନ ପରିସରରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ, ଶିକ୍ଷାବିତ୍ ଗଜେନ୍ଦ୍ର ପାଣି, କବି ତ୍ରିଲୋଚନ ମହାକୁଳ, ଅନୁଷ୍ଠାନର ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ଛାତ୍ର ସଙ୍ଗଠନ ଏଆଇଡିଏସ୍‌ଓ, ଏଆଇଏମ୍‌ଏସ୍‌ଏସ୍, ଏଆଇଡିୱାଇଓ ଓ କମ୍ସୋମୋଲ୍ ପକ୍ଷରୁ ଉତ୍କଳମଣିଙ୍କ ଜୟନ୍ତୀ ଗୋପବନ୍ଧୁବାଗଠାରେ ପାଳିତ ହୋଇଯାଇଛି। ସଙ୍ଗଠନ ପକ୍ଷରୁ କଲେଜ ଛକଠାରୁ ସାଇକେଲ ଶୋଭାଯାତ୍ରା ବାହାରି ଗୋପବନ୍ଧୁବାଗଠାରେ ପହଞ୍ଚିଥିଲା। ସେଠାରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ସେହିପରି ମହାନଗର ନାଗରିକ ମଞ୍ଚ ପକ୍ଷରୁ ଉତ୍କଳମଣିଙ୍କ ଜୟନ୍ତୀ ପାଳିତ ହୋଇଥିଲା।


ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ସମ୍ବାଦପତ୍ର ବିକ୍ରେତା ସଂଘର ସଦସ୍ୟମାନେ।

## ପଦଯାତ୍ରାରେ ଭାଗନେବେ ୪ ହଜାର ଚାଷୀ

ସାଲେପୁର,୯।୧୦(ଡି.ଏନ୍.ଏ.)

ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଅକ୍ଟୋବର ୧୪ରେ ଭୁବନେଶ୍ୱରଠାରେ ସତ୍ୟାଗ୍ରହ ଓ ପଦଯାତ୍ରା ହେବ। ଏନେଇ ରବିବାର ସାଲେପୁର ଶାଖା ପକ୍ଷରୁ ଖବରଦାତା ସମ୍ମିଳନୀ କେଶବ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କୃଷକ ନେତା ସଂଗ୍ରାମ କିଶୋର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସାଲେପୁର ମଣ୍ଡଳ ଶାଖା ସଂଯୋଜକ ବସନ୍ତ କୁମାର ବିଶ୍ୱାଳ, ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ପରିଜା, ବିଜୟ ନାୟକ, ଦିବାକର ପ୍ରଧାନ, ଗୋପବନ୍ଧୁ ମହାନ୍ତି, କୈଳାସ ଚନ୍ଦ୍ର ସିଂହ ପ୍ରମୁଖ ଯୋଗଦେଇଥିଲେ। ପଦଯାତ୍ରାରେ ସାଲେପୁର ବ୍ଲକ୍‌ରୁ ୪ହଜାରରୁ ଊର୍ଦ୍ଧ୍ୱ କୃଷକ ଯୋଗଦେବେ ବୋଲି ସେ କହିଥିଲେ।

## ବଳଦ ଚାଲାଣବେଳେ କାର୍ ଦୁର୍ଘଟଣାଗ୍ରସ୍ତ

ମଙ୍ଗୁଳି, ୯।୧୦(ଡି.ଏନ୍.ଏ.)

ବେଆଇନ ବଳଦ ଚାଲାଣ ଅଭିଯୋଗରେ ୨ ଜଣ ଅଭିଯୁକ୍ତଙ୍କୁ ଜଗତ୍‌ପୁର ପୋଲିସ ଗିରଫ କରିଛି। ସେମାନେ ହେଲେ କଟକ ଲାଲବାଗ ଥାନା ଅଧୀନ ଓଡ଼ିଆ ବଜାର ଅଞ୍ଚଳର ଚାଳକ ମନୋଜ ରାମ ଓ ନଦିମ ଖାନ୍। ଅଭିଯୁକ୍ତ ଦ୍ୱୟ ଆଠଗଡରୁ ଏକ କାରରେ ଦୁଇଟି ବଳଦ ଚୋରି କରି ଓଡ଼ିଆ ବଜାରକୁ ନେଉଥିଲେ। ହେଲେ ଶନିବାର ବିଳମ୍ବିତ ରାତିରେ ଜଗତ୍‌ପୁର ଥାନା ଅନ୍ତର୍ଗତ ଗୋଲେଇ ଛକ ନିକଟ ଫୁଟ୍‌ପାଥରେ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ସମୟରେ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଘଟଣାସ୍ଥଳରେ ପହଞ୍ଚି କାର ଭିତରେ ବଳଦ ଦୁଇଟିକୁ ବନ୍ଧା ଯାଇଥିବା ଦେଖିଥିଲେ। ସେଠାରୁ ଅଭିଯୁକ୍ତ ଦ୍ୱୟ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ଲୋକେ କାବୁ କରିଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତ ଦ୍ୱୟଙ୍କୁ ଥାନାକୁ ନେବା ସହ ବଳଦ ଦୁଇଟିକୁ ଜଗତ୍‌ପୁର ନୂତନ ଶିଳ୍ପାଞ୍ଚଳସ୍ଥିତ ଅନ୍ନପୂର୍ଣ୍ଣା ଗୋଶାଳାକୁ ପଠାଇଥିଲା। ଏ ନେଇ ଥାନାଧିକାରୀ ରବୀନ୍ଦ୍ରନାଥ ମେହେର କହିଛନ୍ତି, ଦୁର୍ଘଟଣାଗ୍ରସ୍ତ କାର ଜବତ କରାଯାଇଛି। ପୂର୍ବରୁ ଅନେକ ଥର ଉକ୍ତ ଗାଡିରେ ବେଆଇନ ଗୋ ଚାଲାଣ କରାଯାଇଥିବା ତଦନ୍ତବେଳେ ଜଣାପଡିଛି। ଏ ନେଇ ଥାନାରେ ମାମଲା(ନଂ.୪୨୫/୨୨) ରୁଜୁ ହୋଇଛି।

# ଜନମାନସକୁ ଉଦ୍‌ବୁଦ୍ଧ କରୁଛି ବୈଷ୍ଣବଙ୍କ ସୃଷ୍ଟି

କଟକ ଅଫିସ/ମାହାଙ୍ଗା,୯।୧୦(ସ୍ୱ.ପ୍ର.)

ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ କଟକ ଖାନ୍‌ନଗରସ୍ଥିତ ଗଣକବି ପାର୍କଠାରେ ରବିବାର ପାଳିତ ହୋଇଯାଇଛି। ମାହାଙ୍ଗାସ୍ଥିତ ଗଣକବି ସାଂସ୍କୃତିକ ସଂସଦ ଓ କଟକସ୍ଥିତ ଗଣକବି ଅଭ୍ୟର୍ଥନା କମିଟିର ମିଳିତ ଆନୁକୂଲ୍ୟରେ ଏବଂ ଜିଲା ପ୍ରଶାସନ ସହଯୋଗରେ ଆୟୋଜିତ ଉତ୍ସବରେ ବିଧାୟକ ପ୍ରତାପ ଜେନା ଯୋଗଦେଇ ଗଣକବି ବୈଷ୍ଣବ ପାଣିଙ୍କ କାଳଜୟୀ ସୃଷ୍ଟି ସମ୍ଭାର ଜନ ମାନସକୁ ଉଦ୍‌ବୁଦ୍ଧ କରି ଆସୁଛି ବୋଲି କହିଥିଲେ। ଏଥିରେ ସିଏମ୍‌ସି ମେୟର ସୁବାସ ସିଂ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଗଣକବିଙ୍କର ନାଟ୍ୟ ସାହିତ୍ୟ, ଲୋକ ଭାଷା ସମ୍ପର୍କରେ କହିଥିଲେ। ଡେପୁଟି ମେୟର ଦମୟନ୍ତୀ ମାଝୀ, ମୋ ପରିବାର କଟକ ଜିଲା ଅଧ୍ୟକ୍ଷ ଡ. ରଞ୍ଜନ ବିଶ୍ୱାଳ, ଡେପୁଟି କମିଶନର ଅଜୟ କୁମାର ମହାନ୍ତି, ଭାରପ୍ରାପ୍ତ ସହକାରୀ ସୂଚନା ଅଧିକାରୀ ଅଭିରାମ ଦାସ, ଡା. ରବି ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଗଣକବି ବୈଷ୍ଣବ ପାଣି ଗବେଷଣା ପରିଷଦ ପକ୍ଷରୁ


ଖାନ୍‌ନଗର ବୈଷ୍ଣବ ପାଣି ଉଦ୍ୟାନରେ ଥିବା ଗଣକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ବିଧାୟକ ପ୍ରତାପ ଜେନାଙ୍କ ସହ ଅନ୍ୟମାନେ।

**ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ**

ଗଣକବିଙ୍କ ଜୟନ୍ତୀ କଟକ ଖାନ୍‌ନଗର ପାର୍କରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ଆବାହକ ଆକାଶ ଭୂୟାଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ବୈଷ୍ଣବ ଚରଣ ସାମଲ, ସୁରେନ୍ଦ୍ର କର, ସୁରେନ୍ଦ୍ର ପତ୍ରୀ, ବିଚିତ୍ରାନନ୍ଦ ପଣ୍ଡା, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ପ୍ରହ୍ଲାଦ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମାହାଙ୍ଗାରେ ଗଣକବି ପାଣିଙ୍କ ଜନ୍ମପୀଠ କୋଠପଦାଠାରେ ଜୟନ୍ତୀ ପାଳିତ ହୋଇଯାଇଛି। ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ପକ୍ଷରୁ ଆୟୋଜିତ ଉତ୍ସବରେ ବିଧାୟକ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ଉମାଶଙ୍କର ବିଶ୍ୱାଳ, ଶରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଉତ୍କଳ ଗଣକବି ବୈଷ୍ଣବ ପାଣି ସ୍ମୃତି ସଂସଦ ପକ୍ଷରୁ କୋଠପଦାସ୍ଥିତ ରଘୁନାଥଜୀଉ ମଠ ପରିସରରେ ଥିବା ପ୍ରତିମୂର୍ତ୍ତିରେ ସଂସଦର ସମ୍ପାଦକ ଆଇନଜୀବୀ ଦୀପକ କୁମାର ମହାନ୍ତି, ସଂଗ୍ରାମ ସାମଲ, ଅରୁଣ ନାଥ, ବଳରାମ ସ୍ୱାଇଁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ୍ତ କୁମାର ଦାସ ରଘୁନାଥଜୀଉ ମଠ ଥିବା ଗଣକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

ସେହିପରି ଅନ୍ୟାନ୍ୟ ଅନୁଷ୍ଠାନ ପକ୍ଷରୁ ମଧ ଗଣକବିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।

**ଗୋପବନ୍ଧୁ ସ୍ମୃତି ସଂସଦ ଭବନ ନିର୍ମାଣ ହେଉ**

କାକଟପୁର,(ଡି.ଏନ୍.ଏ.): ଅସ୍ତରଙ୍ଗ ଗ୍ରାମର ମା' ବରାହୀ ଭଗବତୀଙ୍କ ମଣ୍ଡପରେ ରବିବାର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଓଡ଼ିଶା ସ୍ୱାଧୀନତା ସଂଗ୍ରାମୀ ଶହୀଦ ସ୍ମୃତି ସଂସଦର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ର ଯୋଗଦେଇ କହିଥିଲେ, ୧୯୨୧ ଜୁଲାଇ ୩ଠରେ ଗୋପବନ୍ଧୁ ଅସ୍ତରଙ୍ଗର ଏହି ପୀଠରେ ଉପସ୍ଥିତ ରହି ବନ୍ୟା ବିପନ୍ନଙ୍କୁ ସେବା ପ୍ରଦାନ କରିଥିଲେ। ଏଥିସହ ନୟାହାଟ ବିଶାଳ ଜନସଭାରେ ସମସ୍ତଙ୍କୁ ସତ୍ୟାଗ୍ରହରେ ସାମିଲ କରାଇଥିଲେ। ଉତ୍କଳମଣିଙ୍କ ପରେ ତାଙ୍କ ଅନନ୍ୟ ସ୍ମୃତିକୁ ମନେପକାଇ ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର ପ୍ରମୁଖ ଅସ୍ତରଙ୍ଗରେ ଲବଣ ସତ୍ୟାଗ୍ରହ କରିବାକୁ ନିଷ୍ପତ୍ତି ନେଇ ଅସ୍ତରଙ୍ଗର କୁହୁଡ଼ିଠାରେ ଲବଣ ସତ୍ୟାଗ୍ରହ କରାଯାଇଥିଲା। ଅସ୍ତରଙ୍ଗରେ ଗୋପବନ୍ଧୁ ସ୍ମୃତି ସଂସଦ ଭବନ ନିର୍ମାଣ କରାଯିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।


ଡେଲାଙ୍ଗ କଲ୍ୟାଣପୁର ଭାଗ୍ୟେଶ୍ବର ପୂଜା କମିଟି ।


ନିମାପଡ଼ା ଗଡଅଣ୍ଡିଆ ଗ୍ରାମ ମଙ୍ଗଳ ସମିତି ।


ପୁରୀ ମରୀଚେଇ ଅଟୋଚାଳକ ସଂଘ, ମରିଚିକୋଟ ଛକ।


ପୁରୀ ବଡ଼ଶଙ୍ଖ ଲକ୍ଷ୍ମୀପୂଜା ମହୋତ୍ସବ ସମିତି ।


ପୁରୀ ଗୁଣ୍ଡିଚାମନ୍ଦିର ସାଇ ଗଜଲକ୍ଷ୍ମୀ ପୂଜା କମିଟି ।


ପୁରୀ ଷ୍ଟେଶନ ବଜାର ଛକ ପୂଜା କମିଟି ।


ପୁରୀ ରେଲୱେ ଷ୍ଟେଶନ ଛକ ଅଟୋ ଚାଳକ ମହାସଂଘ ।


ପୁରୀ ମୋଚିସାହି ଛକ ପୂଜା କମିଟି ।


କୋଣାର୍କ ବଜାର ପୂଜା କମିଟି ।

# ପୁରପଲ୍ଲୀରେ ମା' ଗଜଲକ୍ଷ୍ମୀଙ୍କୁ ଆବାହନ

**ଡେଲାଙ୍ଗ/କୋଣାର୍କ, ୯।୧୦(ଡି.ଏନ୍.ଏ)**

ଡେଲାଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ଷ୍ଟେଶନ ବଜାରଠାରେ ବାବା ବିଶ୍ୱନାଥ କମିଟି ପକ୍ଷରୁ ମା' ଗଜଲକ୍ଷ୍ମୀଙ୍କୁ ଆବାହନ କରାଯାଇଛି। ୨୧ଜଣ ମାନସିକଧାରୀ କଳସ ବୁଡାଇ ପୂଜା ମଣ୍ଡପରେ ସ୍ଥାପନା କରିଥିଲେ । ପରେ ସୂର୍ଯ୍ୟପୂଜା, ଗୋପୂଜନ, ପୀଠପୂଜା ଓ ପୁଷ୍ପାଞ୍ଜଳି ଅର୍ପଣ କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା। କମିଟି ସଭାପତି ସୌଭାଗ୍ୟ ବରାଳ, ସମ୍ପାଦକ ବ୍ରହ୍ମାନନ୍ଦ ପରିଡା, କୋଷାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଦାସ, ସୁଦର୍ଶନ ବରାଳ, ରୀନା ବରାଳ କାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ପୂଜା ୩ ଦିନ ଧରି ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସଦାଶିବ ବରାଳ, ମନୋରଞ୍ଜନ ପୃଷ୍ଟି, ଜଗନ୍ନାଥ ମିଶ୍ର, କବିନ୍ଦ୍ର ଗୁରୁ, ବାଟୁ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି କଲ୍ୟାଣପୁର ଭାଗ୍ୟଶ୍ୱର କମିଟି, ବେରବୋଇ ବଜାର, ଉଦୟପୁର ଗ୍ରାମର ଲକ୍ଷ୍ମୀପୂଜା କମିଟି, ଇନ୍ଦିପୁର ବଜାରରେ ମା ଧନଦାତ୍ରୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି ।

ସେହିପରି କୋଣାର୍କସ୍ଥିତ ମାର୍କେଟ କମ୍ପ୍ଲେକ୍ସ ପରିସରରେ ମା' ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ପୂଜାର୍ଚ୍ଚନା ହୋଇଛି। କମିଟି ସଭାପତି ସୁରେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି। ସମ୍ପାଦକ ମନୋଜ କୁମାର ସେଠ, କୋଷାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଉପସଭାପତି ଗଣେଶ ପ୍ରସାଦ ଜେନା, ଶିବରାମ ରାୟ, ବିଶ୍ୱାସ ଦେବ ମହାପାତ୍ର, ଚନ୍ଦ୍ରଶେଖର ବିଶ୍ୱାଳ, ମିଳନ କୁମାର ରାଉତ, କାଳନ୍ଦୀ ଖୁଣ୍ଟିଆ, ବବୁ ପ୍ରସାଦ ବେଉରା ଓ ରାଜେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ। କର୍ତ୍ତା ଭାବେ ସୁଶାନ୍ତ କୁମାର ଚିନାରା ଓ ମିନତୀ ସାହୁ କାର୍ଯ୍ୟ ନିର୍ବାହ କରିଥିଲେ।

# ପାଣିଘେରରେ ୫୦ ପରିବାର

**କାକଟପୁର/ଅସ୍ତରଙ୍ଗ, ୯।୧୦(ଡି.ଏନ୍.ଏ.):**

ଲଘୁଚାପଜନିତ ବର୍ଷା ଯୋଗୁ କାକଟପୁର ବ୍ଲକ ଅନ୍ତର୍ଗତ କଟକଣା ପଞ୍ଚାୟତର ୫୦ ପରିବାର ପାଣିଘେରରେ ରହିଛନ୍ତି। ଘର ସମ୍ମୁଖରେ ପାଣି ଜମିଥିବାରୁ ପିଲାମାନେ ବିଦ୍ୟାଳୟକୁ ଯାଇପାରୁନାହାନ୍ତି। ବାରିପଟେ ଜମି ରହିଥିବା ପାଣି ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ଫଳରେ ଡେଙ୍ଗୁ, ଝାଡ଼ାବାନ୍ତି ଭଳି ରୋଗ ବ୍ୟାପିବା ଆଶଙ୍କା ଦେଖାଦେଇଛି । ବର୍ଷାଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ୧୩ନଂ. ୱାର୍ଡ ସଭ୍ୟ ମୁର୍ସିଦ ଅଲ୍ଲିଶାଙ୍କ କହିବା ମୁତାବକ, ବର୍ଷାଜଳ ନିଷ୍କାସନ ପାଇଁ ବାରମ୍ବାର ବ୍ଲକ ପ୍ରଶାସନକୁ ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ । ବସ୍ତି ବାସିନ୍ଦାଙ୍କ ଦୁଃଖ ପ୍ରଶାସନ ବୁଝୁନାହିଁ ବୋଲି ୧୪ ନଂ.ୱାର୍ଡସଭ୍ୟା ସଲ୍‌ମା ବେଗମ୍ କହିଛନ୍ତି। କାକଟପୁର ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ତିନିଶହ ମିଟର ଦୂରରେ ଲତାହରଣକୁ ଯାଇଥିବା ମୁଖ୍ୟରାସ୍ତାର ଅପରପାର୍ଶ୍ୱରେ ଏକ ସରକାରୀ ପୋଖରୀ ନିକଟରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କଲଭର୍ଟ ନିର୍ମାଣ କରାଗଲେ ବର୍ଷାଜଳ ନିଷ୍କାସନ ହୋଇପାରିବ ବୋଲି ସ୍ଥାନୀୟ ୱାର୍ଡସଭ୍ୟ ମୁର୍ସିଦ ଅଲ୍ଲିଶାଙ୍କ ସମେତ ଶବ୍‌ନମ ବେଗମ୍, ଜାହିଦା ଖାତୁନ, ଶେଖ୍ ମୁନା, ସଲ୍‌ମା ବେଗମ୍ ପ୍ରମୁଖ କହିଛନ୍ତି।



# ୪୩ତମ କୁମାର ଉତ୍ସବ ଉଦ୍‌ଘାଟିତ

- ମନ ମୋହିଲା କୁନି କଳାକାରଙ୍କ 'ପୂନେଇଁ ଜହ୍ନ'
- ଶଶାଙ୍କ ଶେଖରଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

**ପୁରୀ ଅଫିସ, ୯।୧୦:**

କୁମାର ପୂର୍ଣ୍ଣିମାର ଶାରଦୀୟ ସନ୍ଧ୍ୟାରେ ରବିବାର ପୁରୀ ସ୍ୱର୍ଣ୍ଣାଭ ବେଳାଭୂମିରେ ଶ୍ରୀକ୍ଷେତ୍ର ୟୁଥ କଲଚରାଲ ଆସୋସିଏଶନର ୪୩ତମ କୁମାର ଉତ୍ସବ-୨୦୨୨ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କ୍ରୀଡ଼ା ଓ ଯୁବସେବା, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ତିରୁପତି ପାଣିଗ୍ରାହୀ, ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଭକ୍ତଚରଣ ଦାସ, କାର୍ଯ୍ୟକାରୀ ସଭାପତି ସନ୍ତୋଷ ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ। ଉତ୍ସବରେ ଅନୁଷ୍ଠାନର ସଭାପତି ତଥା ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ସଦାଶିବ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନ ପକ୍ଷରୁ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର କୁନି କୁନି କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ 'ପୂନେଇଁ ଜହ୍ନ' ପରିବେଷଣ କରାଯାଇଥିଲା ଏବଂ ନାଟକ 'କାଞ୍ଚି ଅଭିଯାନ' ମଞ୍ଚସ୍ଥ ହୋଇଥିଲା। ଓଲିଉଡ୍ ଗାୟକ ଶଶାଙ୍କ ଶେଖର ଓ ତାଙ୍କ ଗ୍ରୁପ୍ ସଙ୍ଗୀତ ପରିବେଷଣ କରିଥିଲେ। ଦର୍ଶକମାନେ ମନ୍ତ୍ରମୁଗ୍ଧ ହୋଇ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ସଙ୍ଗୀତ ଉପଭୋଗ କରିଥିଲେ। ବରିଷ୍ଠ ଉପଦେଷ୍ଟା ଭକ୍ତ ଚରଣ ଦାସ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସଭ୍ୟସଭ୍ୟାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

# ଓଡ଼ିଆ ଭାଷା ଦକ୍ଷତା ପ୍ରଶିକ୍ଷଣ ଶିବିର ଉଦଯାପିତ

**ପୁରୀ ଅଫିସ, ୯।୧୦:**

ଭଗବତୀ ବିଦ୍ୟାନିକେତନ ପରିସରରେ ଚାଲିଥିବା ଶିଶୁମାନଙ୍କ ୩ଦିନିଆ ଓଡ଼ିଆ ଭାଷା ଦକ୍ଷତା ପ୍ରଶିକ୍ଷଣ ଶିବିର ରବିବାର ଉଦଯାପିତ ହୋଇଯାଇଛି। ଶିବିରରେ ଯୋଗଦେଇ ଗବେଷକ ପ୍ରଶିକ୍ଷକମାନେ ଶିଶୁମାନଙ୍କ ପାଇଁ ଲିଖିତ ସର୍ବଦା ସଂକ୍ଷିପ୍ତ, ସରଳ ଏବଂ ମଧୁର ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ପ୍ରଫେସର ଡ. ନରେନ୍ଦ୍ର ପ୍ରସାଦ ଦାସ, ଡ. ରେଖା ଦାସ, ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ବୀରେନ୍ଦ୍ର ମହାନ୍ତି, ସୁଶାନ୍ତ ସେନାପତି, ସାହିତ୍ୟିକ ପ୍ରଭାତ ଚନ୍ଦ୍ର ରଥ, କବି ଶୈଳବାଳା ମହାପାତ୍ର ଶିଶୁମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଗବେଷକମାନେ ଗଳ୍ପ, କବିତା ରଚନାର ମୌଳିକତା ଏବଂ ତା'ର ଆତ୍ମିକ, ଆଙ୍ଗିକ, ଆଲଙ୍କାରିକ ବିଷୟ ଉପରେ ବିଷଦ ଆଲୋଚନା କରିଥିଲେ। କେଳାକେଲୁଣୀ ଗୀତ, ଚକୁଳିଆପଣ୍ଡା ସଙ୍ଗୀତ, କେନ୍ଦେରା ଗୀତ ଏବଂ ଧୋ'ବାୟା ଗୀତ ଆଦିର ବିଭିନ୍ନ ଉଦାହରଣ ଦେଇ ପ୍ରଶିକ୍ଷକମାନେ ସେ ସବୁର ସାମାଜିକ ଆବଶ୍ୟକତା ଏବଂ ଶିଶୁମାନଙ୍କୁ ଗଳ୍ପ କବିତା, ବିଜ୍ଞାନସାହିତ୍ୟ ପରିଭ୍ରମଣ କାହାଣୀ, ଅନୁବାଦ ସାହିତ୍ୟ, ରମ୍ୟ ରଚନା ଲେଖାର କୌଶଳ ସମ୍ପର୍କରେ ବୁଝାଇଥିଲେ। ସଭାପତି ପ୍ରାଣକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ସାହିତ୍ୟିକ କୈଳାସ ରାୟ, ପ୍ରଶାନ୍ତ କୁମାର ମଙ୍ଗରାଜ, ଡ. ହେମନ୍ତ କୁମାର ଛୋଟରାୟ, ଶ୍ୟାମପ୍ରକାଶ ସେନାପତି, ଲକ୍ଷ୍ମୀକାନ୍ତ ଦଳେଇ, ମୀନତିକ୍ରିଷ୍ଣା ମହାପାତ୍ର, ଦୁର୍ଗାବତୀ ପ୍ରଧାନ, କବିତା ମିଶ୍ର, ଲକ୍ଷ୍ମୀଧର ମାଝୀ ଓ ରଶ୍ମିରେଖା ବେହେରା ପ୍ରମୁଖ ଉଦବୋଧନ ଦେଇଥିଲେ। ଏହି ଅବସରରେ ଶିଶୁ ଉପନ୍ୟାସ 'ଅପରାଜିତା' ଏବଂ ଶିଶୁ କବିତା ପୁସ୍ତକ 'ଅନେକ ଫୁଲର ମାଳଟିଏ' ଉନ୍ମୋଚିତ ହୋଇଥିଲା। ରମେଶ ଚନ୍ଦ୍ର ଦାଶ ଏବଂ ମହେନ୍ଦ୍ର ବିଶୋଇ ଶିବିର ପରିଚାଳନା କରିଥିଲେ।


ପିପିଲିର ଏକ ଗ୍ରାମରେ କୁମାରୀମାନେ ଚାନ୍ଦ ବନ୍ଦାପନା କରୁଛନ୍ତି ।